

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-66 ◆SUNDAY ◆30 AUGUST 2026 ◆PAGE-12+4 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୬୬ ◆ରବିବାର ◆୩୦ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


## ତେଲ ଟାଙ୍କିରେ ଇଥାନଲ୍ ମିଶ୍ରଣ: ସୁପ୍ରିମକୋର୍ଟରେ ହେବ ଶୁଣାଣି

■ ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ପେଟ୍ରୋଲ ପମ୍ପ (ତେଲ ଟାଙ୍କି) ଗୁଡ଼ିକରେ ଇଥାନଲ୍ ମିଶ୍ରଣର ମାତ୍ରା ବାଧ୍ୟତାମୂଳକ ଭାବେ ପ୍ରଦର୍ଶନ କରିବା ଲାଗି ଆଗତ ପିଟିସନ ଉପରେ ଶୁଣାଣି କରିବାକୁ ଯାଉଛନ୍ତି ସର୍ବୋଚ୍ଚ ଅଦାଲତ। ଆସନ୍ତା ଅଗଷ୍ଟ ୩୧ ତାରିଖରେ ସୁପ୍ରିମକୋର୍ଟର ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ନରେନ୍ଦ୍ର କୁମାର ଗୋସ୍ୱାମୀଙ୍କ ଦ୍ୱାରା ଦାଖଲ ଏହି ଆବେଦନରେ ଦର୍ଶାଯାଇଛି ଯେ ପ୍ରତ୍ୟେକ ପେଟ୍ରୋଲ ପମ୍ପର ଡିସପେନ୍ସିଂ ନୋଜଲ୍




ଉପରେ ଇଥାନଲ ପ୍ରତିଶତ ସ୍ପଷ୍ଟ ଭାବେ ଲେଖାଯିବା ଉଚିତ୍ ଏବଂ ରସିଦ୍‌ରେ ମଧ୍ୟ ଏହା ଉଲ୍ଲେଖ ହେବା ଜରୁରୀ। ଏହାସହ ଗାଡ଼ିର ନିର୍ମାତା, ମଡେଲ୍ ଏବଂ ତିଆରି ବର୍ଷ ଅନୁସାରେ କେଉଁ ଗାଡ଼ିରେ କେତେ ପ୍ରତିଶତ ଇଥାନଲ୍ ଯୁକ୍ତ ପେଟ୍ରୋଲ୍ ଉପଯୁକ୍ତ, ସେନେଇ ଏକ ସାର୍ବଜନୀନ ଏବଂ ସନ୍ଧାନଯୋଗ୍ୟ ତଥ୍ୟ ପ୍ରସ୍ତୁତ କରିବାକୁ ମଧ୍ୟ ଦାବି କରାଯାଇଛି। ବର୍ତ୍ତମାନର ଇ-୨୦ ଇନ୍ଧନ ବ୍ୟବହାର ଦ୍ୱାରା ପୁରୁଣା ଗାଡ଼ିର ଇଞ୍ଜିନ୍, ପରିବେଶ ଏବଂ ଖାଦ୍ୟ ▶ପୃଷ୍ଠା-୭

## ଆସିଲା ସିମ୍‌ଯୁକ୍ତ ଇୟରବଡ୍; ଅଲୋଡ଼ା ହେବ ସ୍ମାର୍ଟଫୋନ୍

■ ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା) ଯୋଗୁ ଟେକ୍ନୋଲୋଜି ଦୁନିଆରେ ଦୈନିକ କିଛି ନା କିଛି ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏଆଇ ଏବେ କମ୍ପ୍ୟୁଟର ଓ ମୋବାଇଲରୁ ବାହାରି ସିଧା ଇୟରଫୋନକୁ ପହଞ୍ଚିଯାଇଛି। ବଜାରକୁ ଆସିଛି ସିମ୍ କାର୍ଡ ସଂଯୁକ୍ତ ଇୟରବଡ୍। ଏହି 'ପ୍ଲଡ୍ ୱାନ୍ ଏଆଇ ଇୟରଫୋନ୍' କଲ୍ ଓ ମିଟିଂରେ ରେକର୍ଡ ହୋଇଥିବା ବାର୍ତ୍ତାଳାପକୁ ଟେକ୍ସଟ(ବିଷୟବସ୍ତୁର ସାରମର୍ମ)ରେ ବଦଳାଇ ଦେଉଛି।



ଏଆଇ ସହାୟତାରେ ସାରମର୍ମ ପ୍ରସ୍ତୁତ କରିବାରେ ଏହା ସକ୍ଷମ। ଏହି ଇୟରବଡ୍ ଇ-ସିମ୍ ଓ ୪ଜି ଏଲ୍‌ଟିଇ ସପୋର୍ଟରେ ଚାଲୁଛି। ଯାହାଫଳରେ କୌଣସି ଫିଚର ଲାଗି ଏହାକୁ ଆଉ ସ୍ମାର୍ଟଫୋନ୍ ସହ କନେକ୍ଟ ହେବା ଜରୁରୀ ପଡିବ ନାହିଁ। ପ୍ଲଡ୍ ୱାନ୍‌ର ଉଭୟ ଇୟରବଡ୍‌ରେ ୩ଟି ଏମଇଏମଏସ୍ ମାଇକ୍ରୋଫୋନ ଓ ଏକ ଭିପିୟୁ ମାଇକ୍ରୋଫୋନ ଦିଆଯାଇଛି। ସେହିପରି ଚାର୍ଜିଂ କେସ୍‌ରେ ୪ଟି ମାଇକ୍ରୋଫୋନ ଓ ବିମ୍‌ଫର୍ମିଂ ଟେକ୍ନୋଲୋଜି ରହିଛି। ଏହି କେସ୍ ପାଖାପାଖି ୫ ମିଟର ଦୂରରେ ▶ପୃଷ୍ଠା-୭

### ଖଣି ଆଇନ ସଂଶୋଧନ ପ୍ରସଙ୍ଗ: ବିଜେପି ସାଂସଦଙ୍କୁ ନବୀନଙ୍କ ଚିଠି

# ଓଡ଼ିଶାର ସ୍ୱାର୍ଥ ପାଇଁ ବିବେକର କଥା ଶୁଣନ୍ତୁ

■ ଭୁବନେଶ୍ୱର, ୨୯।୮ (ସମିସ): ଏମଏମଡିଆର ସଂଶୋଧନ ଆଇନ କାରଣରୁ ଓଡ଼ିଶା ଲକ୍ଷାଧିକ କୋଟି ଟଙ୍କାର କ୍ଷତି ସହିବାକୁ ଯାଉଥିବା ବେଳେ ଏହାକୁ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଲଗାତାର ଭାବେ ବିରୋଧ କରିଆସୁଛନ୍ତି। ପୂର୍ବରୁ ନବୀନ ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଉଦବେଗ ପ୍ରକାଶ କରିବା ସହ ରାଜ୍ୟ ସ୍ୱାର୍ଥ ରକ୍ଷା ଲାଗି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଇବାକୁ ଦାବି କରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀ ଏନେଇ ନିରୁତ୍ତର ରହିଥିବା ବେଳେ ଶନିବାର ନବୀନ ଓଡ଼ିଶାରୁ ନିର୍ବାଚିତ ବିଜେପି ସାଂସଦଙ୍କୁ ସମାନ ବିଷୟକୁ ନେଇ ଚିଠି ଲେଖିଛନ୍ତି। ବିଜେପି ସାଂସଦମାନଙ୍କୁ ପରାମର୍ଶ ଦେଇ ନବୀନ କହିଛନ୍ତି ଯେ ଏହି ଆଇନ ଓଡ଼ିଶାର ସ୍ୱାର୍ଥ ଉପରେ ଦୂରଗାମୀ ପ୍ରଭାବ ପକାଇବାକୁ

**ଆଇନ ପ୍ରତ୍ୟାହାର କରିବା ପାଇଁ ଦାବି ରଖିବାକୁ ଦେଲେ ଖୋଲା ଆହ୍ୱାନ**

**ଅଗଷ୍ଟ ୧୩ ତାରିଖ ଥିଲା ଓଡ଼ିଶା ପାଇଁ କଳା ଦିବସ**

**ଆପଣମାନଙ୍କ ଗୋଚରରେ ଆମ ଖଣି ଓ ଖଣି ଅଞ୍ଚଳ ଉପରୁ ଆମର ନିୟନ୍ତ୍ରଣ ଛଡ଼ାଇ ନିଆଯାଇଛି**

**ଏହି ପଦକ୍ଷେପ ସଶକ୍ତ ଓଡ଼ିଶା ଗଠନର ସ୍ୱପ୍ନ ପ୍ରତି ଆଘାତ**

**ଦଳ ଅପେକ୍ଷା ଓଡ଼ିଶାର ସ୍ୱାର୍ଥ ପାଇଁ କିଏ ଠିଆ ହୋଇଥିଲା, ତାହା ଇତିହାସ କହିବ**



ଯାଉଛି। ତେଣୁ ସାଂସଦମାନେ ନିଜ ବିବେକର କଥା ଶୁଣିବା ସହ ଓଡ଼ିଶାର ଭବିଷ୍ୟତ ପିଢ଼ି ସମ୍ପର୍କରେ ଚିନ୍ତା କରନ୍ତୁ। ରାଜ୍ୟ ସରକାରଙ୍କ କ୍ଷମତାକୁ ଛଡ଼ାଇ ନେଉଥିବା ଏମଏମଡିଆର ଆଇନର ସଂଶୋଧନକୁ ଚ୍ୟାଲେଞ୍ଜ କରି ଏହାର ପ୍ରତ୍ୟାହାର ପାଇଁ ଦାବି କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏପରିକି ଅଗଷ୍ଟ ୧୩ ତାରିଖରେ ଏମଏମଡିଆର ସଂଶୋଧନ ବିଲ୍ ପାରିତ ହୋଇଥିବା ବେଳେ ଏହାକୁ କଳା ଦିବସ ଭାବେ ଅବିହିତ କରିଛନ୍ତି ନବୀନ।

ନିଜ ଚିଠିରେ ନବୀନ ଉଲ୍ଲେଖ କରି କହିଛନ୍ତି ଯେ ସାଂସଦ ଭାବେ ଆପଣମାନେ ଏହି ଗଣତନ୍ତ୍ରର ସର୍ବୋଚ୍ଚ ମଞ୍ଚରେ ଓଡ଼ିଶାର ସ୍ୱର। ଓଡ଼ିଶାବାସୀ ନିଜର ଆସ୍ଥା ଓ ବିଶ୍ୱାସର ସହିତ ଆପଣମାନଙ୍କୁ ନିର୍ବାଚିତ କରିଛନ୍ତି, ଯାହାଦ୍ୱାରା ଆପଣମାନେ ସେମାନଙ୍କ ସ୍ୱାର୍ଥର ▶ପୃଷ୍ଠା-୭

**ନେପାଳ ଜଳ ପ୍ରଳୟ**

## ଯେତେ ଖୋଜିଲେ ସେତେ ବଢ଼ୁଛି ମୃତ୍ୟୁସଂଖ୍ୟା

■ ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ବନ୍ୟା ପ୍ରଳୟକୁ ଚାରି ଦିନ ବିତିଯାଇଥିଲେ ମଧ୍ୟ ନେପାଳ ପରିସ୍ଥିତି ଉଦ୍‌ବେଗଜନକ ରହିଛି। ଉଦ୍ଧାର କାର୍ଯ୍ୟ ଯେତେ ଆଗାଉଛି ମୃତ୍ୟୁସଂଖ୍ୟା ସେତିକି ବଢ଼ିବାରେ ଲାଗିଛି। ନଦୀ କୂଳରେ ଥିବା ଜନବସତି ଅଞ୍ଚଳ ଭାସିଯାଇଥିବାରୁ ସେହି ଅଞ୍ଚଳରୁ କେବଳ ମିଳୁଛି ମୃତଦେହ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୦୦ ମୃତଦେହ ମିଳିଥିବା ବେଳେ ଏବେ ବି ତିନି ହଜାରରୁ ଅଧିକ ନିଖୋଜ ରହିଛନ୍ତି। ପ୍ରତି ମୁହୂର୍ତ୍ତରେ ମୃତଦେହ ଉଦ୍ଧାର କରାଯାଉଥିବାରୁ ଏହି ସଂଖ୍ୟା ଅବିଶ୍ୱସନୀୟ ଭାବେ ବୃଦ୍ଧି ପାଇବ ବୋଲି ଉଦ୍ଧାରକାରୀ ଦଳ କହୁଛନ୍ତି। ସରକାରୀ ଅଧିକାରୀ କହିଛନ୍ତି ଯେ ମୃତଦେହ ରଖିବା ଲାଗି ଶବଘରର ଅଭାବ ପଡ଼ିଛି। ଏହା ମୁଖ୍ୟ ଚିନ୍ତାର କାରଣ ହୋଇଛି। ନିଖୋଜ ଥିବା ଲୋକଙ୍କୁ ଠାବ କରିବା ଲାଗି ଉଦ୍ୟମ କରାଯାଉଥିଲେ ମଧ୍ୟ ଏହି ସମ୍ଭାବନା କ୍ଷୀଣ ହେବାରେ ଲାଗିଛି। ଅନ୍ୟପକ୍ଷରେ ବର୍ଷା ସହିତ ଭୂସ୍ଖଳନ ଭୟରେ ଦୁର୍ଗମ ଇଲାକାରେ ଉଦ୍ଧାରକାରୀ ଦଳ ପହଞ୍ଚିପାରି ନଥିବାରୁ ଭୟଙ୍କର ବିନାଶର ପ୍ରକୃତ ଚିତ୍ର ମିଳିପାରି ନାହିଁ। ପ୍ରଭାବିତ ଅଞ୍ଚଳ ନିକଟରେ ▶ପୃଷ୍ଠା-୭



**୭୦୦ ମୃତଦେହ ଉଦ୍ଧାର**

**୩୦୦୦ରୁ ଅଧିକ ନିଖୋଜ**

**ସଦ୍‌ଗୁରୁଙ୍କ କ୍ୟାମ୍ପ ଧ୍ୱଂସ**

**ଶିବିରରେ ଥିଲେ ୮୦ ଜଣିଆ ଟିମ୍ ସହ ଶତାଧିକ ପର୍ଯ୍ୟଟକ**

## ପଦାରେ ପଡ଼ିଲା ଦୁଇ କେନ୍ଦ୍ରମନ୍ତ୍ରୀଙ୍କ କଳି

### ପରସ୍ପରର ଇସ୍ତଫା ଦାବି କଲେ ପାଶ୍ୱାନ ଓ ଜିତନ ମାଞ୍ଝୀ

■ ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ସଂରକ୍ଷଣ ବ୍ୟବସ୍ଥାକୁ ନେଇ ପୁଣି ବିବାଦ ମୁଣ୍ଡ ଟେକିଛି। ଆସନ୍ତା ୬ ମାସ ମଧ୍ୟରେ ଉତ୍ତର ପ୍ରଦେଶ ସମେତ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହି ବିବାଦ ରାଜନୈତିକ ରୂପ ନେବା ଆରମ୍ଭ କରିଛି। ଏହାକୁ ନେଇ କେନ୍ଦ୍ର ସରକାର ଚିନ୍ତାରେ ଥିବା ବେଳେ ଏହାର ଦୁଇ ଜଣ ମନ୍ତ୍ରୀ ସାଧାରଣରେ ମୁହାଁମୁହିଁ ହେବା ଘଟଣା ଏନ୍‌ଡିଏ ସରକାରକୁ ଅଡୁଆରେ ପକାଇ ଦେଇଛି। ଜଣେ ମନ୍ତ୍ରୀ ସଂରକ୍ଷଣ ଭିତରେ



ସଂରକ୍ଷଣ ସହିତ କ୍ରିମିଲେୟର ସପକ୍ଷରେ ଯୁକ୍ତି ବାଢୁଥିବା ବେଳେ ଅନ୍ୟ ଜଣେ ମନ୍ତ୍ରୀ ଏହାର ବିରୋଧ କରୁଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ସେମାନେ ପରସ୍ପରର ଇସ୍ତଫା ଦାବି କରିବାକୁ ପଛାଇ ନାହାନ୍ତି।

ଏହି ଦୁଇ କେନ୍ଦ୍ର ମନ୍ତ୍ରୀ ହେଲେ ଲୋକ ଜନଶକ୍ତି ପାର୍ଟିର ଚିରାଗ ପାଶ୍ୱାନ ଏବଂ ହାମ୍ ପାର୍ଟିର ଜିତନ ମାଞ୍ଝୀ। ଉଭୟ ଦଳ କେନ୍ଦ୍ରରେ ଏନ୍‌ଡିଏର ଅଂଶୀଦାର ଅଛନ୍ତି। ସଂରକ୍ଷଣ ବିରୋଧରେ ଜନ୍ତରମନ୍ତରରେ ଆନ୍ଦୋଳନ ▶ପୃଷ୍ଠା-୭

## ମୁଣ୍ଡ ନେଲା ସ୍କ୍ରବ୍ ଟାଇଫସ୍

■ ପାଲଲହଡ଼ା, ୨୯।୮ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ପବିତ୍ରପୁର ପଞ୍ଚାୟତ ସାନବାଗଦରି ଗାଁରେ ସ୍କ୍ରବ୍ ଟାଇଫସ୍ ଜ୍ୱର ଆତଙ୍କ ଦେଖାଦେଇଛି। ସ୍କ୍ରବ୍ ଟାଇଫସ୍ ଜ୍ୱରରେ ଆକ୍ରାନ୍ତ ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗାଁର ସୁମନ୍ତ ସେଠୀ। ଗାଁରେ ବର୍ତ୍ତମାନ ସୁଦ୍ଧା ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସ୍କ୍ରବ୍ ଟାଇଫସ୍‌ରେ ଆକ୍ରାନ୍ତ ଥିବା ସୂଚନା ମିଳିଛି। ଫଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଗାଁରେ ଜନସ୍ୱାସ୍ଥ୍ୟ ବିଭାଗର ଏକ ଡାକ୍ତରୀ ଟିମ ପହଞ୍ଚି ରକ୍ତ ନମୁନା ଯାଞ୍ଚ କରିଛି। ଆକ୍ରାନ୍ତଙ୍କ ଦେହ, ହାତଗୋଡ଼ ଘୋଳାବିନ୍ଧା ହେବା ସହ ମୁଣ୍ଡବ୍ୟଥା ଓ ଜ୍ୱର ଅନୁଭବ କରୁଛନ୍ତି। ଏ ନେଇ ଖବର ପ୍ରସାରଣ ପରେ ପ୍ରଶାସନ ପକ୍ଷରୁ ଆଜି ତତ୍ପରତା ▶ପୃଷ୍ଠା-୭

**ଜ୍ୱରରେ ଜଣେ ମୃତ, ୧୦ରୁ ଅଧିକ ଆକ୍ରାନ୍ତ**

## ୨୦୨୯ ସୁଦ୍ଧା ସମ୍ପୂର୍ଣ୍ଣ 'ନିଶାମୁକ୍ତ ଓଡ଼ିଶା': ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୨୯।୮ (ସମିସ): ରାଜ୍ୟ ପୁଲିସ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଡିଜିପି ଏବଂ ଆଇଜିପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଆଇନ ଶୃଙ୍ଖଳା, ଆଭ୍ୟନ୍ତରୀଣ ସୁରକ୍ଷା, ସାଇବର ସୁରକ୍ଷା ଏବଂ ଭବିଷ୍ୟତର ପୋଲିସିଂ ବ୍ୟବସ୍ଥାର ବ୍ୟାପକ ସମୀକ୍ଷା କରିଛନ୍ତି। ଅପରାଧ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ୧୦ଟି ପରାମର୍ଶ ଓ ନିର୍ଦ୍ଦେଶ ଦେଇଛନ୍ତି। ଏଗୁଡିକ ହେଲା ଜିରୋ ଟଲରେନ୍ସ ନୀତି, ଦଣ୍ଡବିଧାନ ହାର ବୃଦ୍ଧି, ନିଶାମୁକ୍ତ ଓଡ଼ିଶା, ତଟରେଖା ଓ ସାମୁଦ୍ରିକ ସୁରକ୍ଷା, ସାଇବର ସୁରକ୍ଷା ଓ ଡାର୍କ ୱେବ୍, ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ,



**ଡିଜିପି-ଆଇଜିପି ସମ୍ମିଳନୀରେ ପୁଲିସକୁ ମୁଖ୍ୟମନ୍ତ୍ରୀଙ୍କ ୧୦ ମାର୍ଗଦର୍ଶନ**

**ମହିଳାବିରୋଧୀ ହିଂସାରେ ଦଣ୍ଡବିଧାନ ହାର ୭୫%କୁ ବୃଦ୍ଧି କରିବାକୁ ଆହ୍ୱାନ**

**ଦାଦାବଟି ଓ ଜୋର୍-ଜବରଦସ୍ତି ଚାନ୍ଦା ଆଦାୟ ବନ୍ଦ ଉପରେ ଗୁରୁତ୍ୱାରୋପ**

ଥାନା ଆଧୁନିକୀକରଣ, ପୁଲିସର ଜନସାଧାରଣଙ୍କ ପ୍ରତି ନମ୍ର, ସମ୍ବେଦନଶୀଳ ଓ ଭରସାଯୋଗ୍ୟ ବ୍ୟବହାର, 'ଦାଦା ବଟି' ଓ ଚାନ୍ଦା ଆଦାୟ ଉପରେ ରୋକ୍, ଦୁର୍ନୀତିମୁକ୍ତ ଓ ସମର୍ପିତ ପୋଲିସିଂ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ସାଧାରଣ ନାଗରିକଙ୍କ ପ୍ରତି ପୁଲିସର ନମ୍ର ଓ ସମ୍ବେଦନଶୀଳ ବ୍ୟବହାର ଉପରେ ସବୁଠାରୁ ଅଧିକ ▶ପୃଷ୍ଠା-୭

## 'ସୁଭଦ୍ରା' ଟଙ୍କା ନ ଦେବାରୁ ସ୍ତ୍ରୀକୁ ପିଟିପିଟି ହତ୍ୟା

### ଘଟଣାକୁ ଚପାଇବାକୁ ପାଇଖାନା ଟାଙ୍କିରେ ପୋତିଥିଲା

■ ଢେଙ୍କାନାଳ/ଓଡ଼ାପଡ଼ା, ୨୯।୮ (ସମିସ): 'ସୁଭଦ୍ରା' ଟଙ୍କା ନ ଦେବାରୁ ଢେଙ୍କାନାଳ ସଦର ଥାନା ଇନ୍ଦିପୁର ଜୁଆଙ୍ଗ ସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ସ୍ତ୍ରୀକୁ ପିଟି ପିଟି ହତ୍ୟା କରିଛି ସ୍ୱାମୀ। ଘଟଣା ଲୁଚାଇବାକୁ ପାଇଖାନା ଟାଙ୍କିରେ ମୃତଦେହ ପୋତିଦେଇଛି। ମୃତକ ହେଲେ ଜୁଆଙ୍ଗ ସାହିର ଗିରୀଶ ପ୍ରଧାନଙ୍କ ସ୍ତ୍ରୀ କୌଶଲ୍ୟା ପ୍ରଧାନ। ଗିରୀଶ ଓ କୌଶଲ୍ୟା ଉଭୟ ଦିନ ମଜୁରିଆ ଭାବେ କାମ କରନ୍ତି। ଶୁକ୍ରବାର ସରକାରଙ୍କ ପକ୍ଷରୁ କୌଶଲ୍ୟାଙ୍କ ଜମାଖାତାକୁ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ୫ ହଜାର ଟଙ୍କା ସହାୟତା ରାଶି ଆସିଥିଲା। ଗିରୀଶ ଉକ୍ତ ଟଙ୍କା ଉଠାଇବାକୁ ଜିଦ୍ କରି କୌଶଲ୍ୟାଙ୍କୁ ଗାଁ ନିକଟ ଗ୍ରାହକ ସେବାକେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ସବୁ ଟଙ୍କା ଉଠାଇ ତାଙ୍କ ହାତକୁ ଦେବାକୁ କହିବାରୁ ଏହାକୁ କୌଶଲ୍ୟା ବାରଣ କରିଥିଲେ। ଏହି ଘଟଣାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଗିରୀଶ କୌଶଲ୍ୟାଙ୍କୁ ସେଠାରୁ ପିଟି ପିଟି ଘରକୁ ଆଣିଥିଲେ। ବିଳମ୍ବିତ ରାତ୍ରିରେ ଗିରୀଶ ନିଶାସକ୍ତ ଅବସ୍ଥାରେ କୌଶଲ୍ୟାଙ୍କୁ ଶାବଳ ଓ ବାଡ଼ି ସାହାଯ୍ୟରେ ପିଟିପିଟି ହତ୍ୟା କରିଥିଲେ। ପରେ ପ୍ରମାଣ ନଷ୍ଟ କରିବାକୁ ମୃତଦେହ ଘର ପଛପଟ ପାଇଖାନା ଟାଙ୍କି ପୋତିଦେଇଥିଲେ। ତେବେ ଶନିବାର ସକାଳେ ପାଇଖାନା ଟାଙ୍କି ଭିତରୁ କୌଶଲ୍ୟାଙ୍କ ହାତ ପାପୁଲି ଦିଶୁଥିବା ସ୍ଥାନୀୟ ଲୋକେ ଦେଖି ପୁଲିସକୁ ▶ପୃଷ୍ଠା-୭



ଅଭିଯୁକ୍ତ ସ୍ୱାମୀ ଗିରଫ




## ଜେଲ୍‌ରେ ଇମ୍ରାନଙ୍କୁ ମାନସିକ ନିର୍ଯାତନା!

ଲଣ୍ଡନ, ୨୯ ।୮ (ଏଜେନ୍ସି): ପାକିସ୍ତାନର କାରାଗାରରେ ବନ୍ଦୀ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ତାଙ୍କ ପୁଅମାନେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଇମ୍ରାନ୍ ଖାନ୍‌ଙ୍କୁ ଏକାନ୍ତରେ ରଖାଯିବା ସହ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି ଏବଂ ତାଙ୍କ ସ୍ୱାସ୍ଥ୍ୟ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି ବୋଲି ତାଙ୍କ ପୁଅ



ସୁଲେମାନ ଏବଂ କାସିମ୍ ଅଲଜାଜିରାକୁ ଦେଇଥିବା ଏକ ସାକ୍ଷାତକାରରେ ଅଭିଯୋଗ କରିଛନ୍ତି। ୭୩ ବର୍ଷୀୟ ଇମ୍ରାନ୍ ଖାନ୍ ତିନି ବର୍ଷ ହେବ ରାୱଲପିଣ୍ଡିର ଆଡିଆଲା ଜେଲରେ ବନ୍ଦୀ ଅଛନ୍ତି। ଗତ ମାର୍ଚ୍ଚ ମାସରେ ଇଦ୍ ଅବସରରେ ପୁଅମାନେ ତାଙ୍କ ସହ ଶେଷଥର ପାଇଁ ଫୋନରେ କଥା ହୋଇଥିଲେ ଏବଂ ସେତେବେଳେ ତାଙ୍କ ବାପା ଅତ୍ୟନ୍ତ ଉଦ୍‌ବିଗ୍ନ ଓ ଗମ୍ଭୀର ଚିନ୍ତାରେଥିବା ଜାଣିବାକୁ ପାଇଥିଲେ। ଜେଲରେ ତାଙ୍କୁ ଉପଯୁକ୍ତ ଚିକିତ୍ସା ଓ ସ୍ୱାଧୀନ ଡାକ୍ତରୀ ପରୀକ୍ଷା ସୁବିଧା ଦିଆଯାଉ ନାହିଁ ବୋଲି ପରିବାରବର୍ଗ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ପାକିସ୍ତାନ ସରକାର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି। ସରକାର କହିଛନ୍ତି ଯେ ଇମ୍ରାନ୍ ଖାନ୍‌ଙ୍କୁ ଜେଲରେ ସମସ୍ତ ମାନବୀୟ ସୁବିଧା ଏବଂ ନିୟମିତ ଡାକ୍ତରୀ ପରୀକ୍ଷା ଯୋଗାଇ ଦିଆଯାଉଛି। ତାଙ୍କ ସ୍ୱାସ୍ଥ୍ୟ ଭଲ ଅଛି ଏବଂ ଏହାକୁ ନେଇ ଅଯଥା ରାଜନୀତି କରାଯାଉଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତଥାପି, ଅନ୍ତର୍ଜାତୀୟ ସ୍ତରରେ କ୍ରିକେଟ୍ କିମ୍ବଦନ୍ତୀ ଏବଂ ବିଭିନ୍ନ ମାନବାଧିକାର ସଂଗଠନମାନେ ଇମ୍ରାନ୍ ଖାନ୍‌ଙ୍କ ସୁରକ୍ଷା ଓ ଉପଯୁକ୍ତ ଚିକିତ୍ସା ଦାବି କରିଛନ୍ତି।

## ରକ୍ଷାବନ୍ଧନରେ ଭଉଣୀକୁ ମେସେଜ୍ କରି ଆତ୍ମହତ୍ୟା କଲା ଭାଇ

ଜଳଗାଁଓ, ୨୯ ।୮ (ଏଜେନ୍ସି): ମହାରାଷ୍ଟ୍ରର ଜଳଗାଁଓ ଜିଲ୍ଲାରେ ରକ୍ଷାବନ୍ଧନ ପବିତ୍ର ପର୍ବ ଦିନ ଏକ ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି। ଏକାଦଶ ଶ୍ରେଣୀରେ ପଢୁଥିବା ୧୭ ବର୍ଷୀୟ ରୋହିତ ସାହେବରାଓ ଧଙ୍ଗର ନାମକ ଜଣେ କିଶୋର ଭଉଣୀକୁ ଭାବପ୍ରବଣ ମେସେଜ୍ ପଠାଇବା ପରେ ଆତ୍ମହତ୍ୟା କରିଛନ୍ତି। ରୋହିତ ରକ୍ଷାବନ୍ଧନ ଦିନ ବାପାଙ୍କ ସହିତ ଯାଇ ଭଉଣୀଠାରୁ ହାତରେ ରାଖୀ ବନ୍ଧାଇଥିଲେ ଏବଂ ଘରକୁ ଫେରିବା ପରେ ସୋସିଆଲ ମିଡିଆରେ ଭଉଣୀ ସହ ଏକ ଫଟୋ ପୋଷ୍ଟ କରି 'ମାଆ-ବାପାଙ୍କୁ ଏକା ଛାଡ଼ିବନି, ମୁଁ ଯାଉଛି' ବୋଲି ଲେଖିଥିଲେ। ପ୍ରାଥମିକ ସୂଚନା ମୁତାବକ, ଅନଲାଇନ୍ ଗେମିଂରେ ଟଙ୍କା ହରାଇଥିବାରୁ ସେ ଏପରି ଚରମ ପଦକ୍ଷେପ ନେଇଥିବା ଜଣାପଡ଼ିଛି। ସେ ଜଣେ ବନ୍ଧୁଙ୍କୁ ମଧ୍ୟ ଏନେଇ ଭିଡିଓ ମେସେଜ୍ ପଠାଇଥିଲେ। ବନ୍ଧୁ ଓ ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ତୁରନ୍ତ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ନେଇଥିଲେ, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## କଶ୍ମୀରରେ ପାକିସ୍ତାନୀ ଡ୍ରୋନ୍; ଏଲ୍‌ଓସିରେ ହାଇଆଲର୍ଟ

ଜମ୍ମୁ, ୨୯ ।୮ (ଏଜେନ୍ସି): ଜମ୍ମୁ-କଶ୍ମୀରର ରାଜୌରି ସେକ୍ଟରରେ ନିୟନ୍ତ୍ରଣ କୋଟ୍ (ଏଲ୍‌ଓସି) ନିକଟରେ ପାକିସ୍ତାନର ଏକ ଡ୍ରୋନ୍ ବା ୟୁଏଭି ଦୃଶ୍ୟମାନ ହେବା ପରେ ସୁରକ୍ଷା ବାହିନୀକୁ ହାଇ ଆଲର୍ଟରେ ରଖାଯାଇଛି। ସୀମାପାରୁ ହୋଇଥିବା ଏହି ନୂତନ ଆକାଶମାର୍ଗର ଗତିବିଧି ପରେ ସମଗ୍ର ସେକ୍ଟରରେ କଡ଼ା ନଜର ରଖାଯାଇଛି। ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଗତ ଶୁକ୍ରବାର ରାତିରେ ୨୨ ଜମ୍ମୁ-କଶ୍ମୀର ରାଇଫଲ୍ସର ଅନ୍ତର୍ଗତ ବେହରୁତି ଅଞ୍ଚଳରେ ଏହି ଡ୍ରୋନ୍‌ଟିକୁ ଦେଖିବାକୁ ମିଳିଥିଲା। ସୁରକ୍ଷା କର୍ମଚାରୀମାନେ ଡ୍ରୋନଟିର ଗତିବିଧିକୁ ଟ୍ରାକ୍ କରିଥିଲେ। ଏହି ଅନୁପ୍ରବେଶକୁ ଲକ୍ଷ୍ୟ କରି ସୁରକ୍ଷା ବାହିନୀ ତୁରନ୍ତ ସମଗ୍ର ଅଞ୍ଚଳକୁ କଡ଼ା ଆକାଶମାର୍ଗ ଏବଂ ଭୂମିଗତ ନଜରରେ ରଖିଛନ୍ତି। କୌଣସି ଅସ୍ତ୍ରଶସ୍ତ୍ର କିମ୍ବା ମାଦକଦ୍ରବ୍ୟ ପକାଯାଇଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ସୁରକ୍ଷା ବାହିନୀ ପକ୍ଷରୁ ସଂଲଗ୍ନ ଅଞ୍ଚଳଗୁଡ଼ିକରେ ସର୍ଚ୍ଚ ଅପରେସନ୍ କଡ଼ାକଡ଼ି କରାଯାଇଛି। ସୀମା ନିକଟସ୍ଥ ବିଭିନ୍ନ ଅଞ୍ଚଳରେ ଏଭଳି ଡ୍ରୋନ୍ ଗତିବିଧି ବୃଦ୍ଧି ପାଇଥିବାରୁ ସେନା ସର୍ବଦା ସତର୍କ ରହିଛି।

## ହସ୍ପିଟାଲରେ ଆଖିବୁଜିଲେ ପଞ୍ଜାବୀ ଇନଫ୍ଲୁଏନ୍ସର ମଞ୍ଜିତ କୌର୍

ଚଣ୍ଡିଗଡ଼, ୨୯ ।୮ (ଏଜେନ୍ସି): ପଞ୍ଜାବୀ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ମଞ୍ଜିତ କୌର ଚଣ୍ଡିଗଡ଼ର ଏକ ସରକାରୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ପ୍ରାୟ ଦୁଇ ମାସ ପୂର୍ବରୁ ତାଙ୍କୁ ଅପହରଣ କରାଯାଇ ନିର୍ମମ ଭାବେ ନିଆଁ ଲଗାଇ ଜାଳିଦିଆଯାଇଥିଲା, ଯାହା ପରେ ସେ ପିଜିଆଇରେ ଚିକିତ୍ସାଧୀନ ଥିଲେ। ମୃତକଙ୍କ ମାଆଙ୍କ



ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ୩ ତାରିଖରେ ଶୁଭି ଏବଂ ପିଣ୍ଟା ନାମକ ଦୁଇ ପରିଚିତ ବ୍ୟକ୍ତି ମଞ୍ଜିତଙ୍କୁ ଚଣ୍ଡିଗଡ଼ର ସେକ୍ଟର ୩୪ ରୁ ଅପହରଣ କରି ପଞ୍ଜାବର ମୋରିନ୍ଦା ନେଇଥିଲେ। ସେଠାରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ସହ ଏକ ଗଛରେ ବାନ୍ଧି ଜୀବନ୍ତ ଜାଳିଦିଆଯାଇଥିଲା। ତାଙ୍କ ଜଣେ ବନ୍ଧୁ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇ ମଞ୍ଜିତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହି ସମ୍ପୂର୍ଣ୍ଣ ଘଟଣାରେ ପୋଲିସ ବିଏନ୍‌ଏସ୍‌ର ବିଭିନ୍ନ ଧାରା ଅଧିନରେ ମାମଲା ରୁଜୁ କରିବା ସହ ଅପରାଧୀମାନଙ୍କୁ ଧରିବା ପାଇଁ ସିସିଟିଭି ଫୁଟେଜ୍ ଏବଂ ଅନ୍ୟାନ୍ୟ ପ୍ରମାଣ ଯାଞ୍ଚ କରୁଛି।

## ବନ୍ୟାରେ ଭାସିଯାଇଥିବା ବ୍ୟାଙ୍କ ଲକର ଭାଙ୍ଗି ଲୁଟ୍, ଧରାପଡ଼ିଲେ ୨୯

କାଠମାଣ୍ଡୁ, ୨୯ ।୮ (ଏଜେନ୍ସି): ଭୟଙ୍କର ବନ୍ୟାରେ ଲୋକଙ୍କ ଜୀବନ ଓ ସମ୍ପତ୍ତି ଉଜାଡ଼ି ଯାଇଥିବା ବେଳେ ନେପାଳରେ ଏକ ବ୍ୟାଙ୍କ ସିନ୍ଦୁକକୁ ନେଇ ଚାଞ୍ଚଲ୍ୟକର ଲୁଟ୍ ଘଟଣା ସାମ୍ନାକୁ ଆସିଛି। ବନ୍ୟା ପାଣିରେ ଭାସିଯାଇଥିବା ଏକ ବ୍ୟାଙ୍କ ସିନ୍ଦୁକକୁ ଭାଙ୍ଗି ଟଙ୍କା ନେଇଯିବା ଅଭିଯୋଗରେ ପୁଲିସ ୨୯ ଜଣଙ୍କୁ ଅଟକ ରଖିଛି। ରାସୁୱା ଜିଲ୍ଲାର ଭୋଟେକୋଶି ଅଞ୍ଚଳରୁ ବନ୍ୟାରେ ଭାସିଯାଇଥିବା ଏହି ସିନ୍ଦୁକ ପରେ ଧାଦିଙ୍ଗ ଜିଲ୍ଲାର ଗାଲ୍‌ଛି ଗ୍ରାମପାଳିକା ଅଞ୍ଚଳର ତ୍ରିଶୂଳୀ ନଦୀ ନିକଟରେ ମିଳିଥିଲା। ସ୍ଥାନୀୟ ଲୋକେ ସିନ୍ଦୁକ ଭାଙ୍ଗି ଭିତରେ ଥିବା ଟଙ୍କା ନେଇଯାଇଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତରେ ଅଟକ ୨୯ ଜଣଙ୍କ ନିକଟରୁ ୯୨ ଲକ୍ଷ ୬୮ ହଜାର ୫୦୫ ନେପାଳୀ ଟଙ୍କା, ଯାହାର ଭାରତୀୟ ମୁଦ୍ରାରେ ପ୍ରାୟ ୫୭ ଲକ୍ଷ ଟଙ୍କା, ଜବତ କରାଯାଇଛି। ଅଟକ ଥିବା ଅଧିକାଂଶ ବ୍ୟକ୍ତି ଗାଲ୍‌ଛି-୪ ଅଞ୍ଚଳର ମାସ୍ତାର ଗାଁର ବାସିନ୍ଦା। ଅନ୍ୟ କେତେକ ବ୍ୟକ୍ତି ଗାଲ୍‌ଛି ଓ ସିଦ୍ଧଲେଖ ଅଞ୍ଚଳର ବୋଲି ପୁଲିସ କହିଛି। ଅଟକ ବ୍ୟକ୍ତିଙ୍କ ବୟସ ୧୯ରୁ ୪୯ ବର୍ଷ ମଧ୍ୟରେ। ଉଦ୍ଧାର ହୋଇଥିବା ଟଙ୍କାର ପ୍ରକୃତ ଉତ୍ସ କ'ଣ ଏବଂ ଘଟଣାରେ ଆହୁରି କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ପୁଲିସ ତାହାର ତଦନ୍ତ କରୁଛି। ଏହାର କିଛି ସମୟ ପୂର୍ବରୁ ନେପାଳରେ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଥିଲା। ନରାୟଣୀ ନଦୀର ବନ୍ୟାରେ ଭାସିଆସିଥିବା ଜଣେ ମହିଳାଙ୍କ ମୃତଦେହରୁ ସୁନା କାନଫୁଲ ଚୋରି କରିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଘଟଣାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା



ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଏପଟେ ଭୟଙ୍କର ବନ୍ୟାରେ ନେପାଳରେ ମୃତ୍ୟୁସଂଖ୍ୟା ୬୨୬ରେ ପହଞ୍ଚିଥିବା ବେଳେ ୨, ୪୨୬ ଜଣ ନିଖୋଜ ଥିବା ଦେଶର ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଜଣାଇଛନ୍ତି। ନିଖୋଜଙ୍କ ମଧ୍ୟରେ ୫୧୭ ଜଣ ବିଦେଶୀ ନାଗରିକ ରହିଛନ୍ତି। ଉଦ୍ଧାର ଓ ତଲାସୀ ଅଭିଯାନ ଏବେ ମଧ୍ୟ ଜାରି ରହିଛି।

# ଚିନ୍ତା ବଢ଼ାଉଛି ଦୁଇ ନୂଆ ହ୍ରଦ

## ୩୨୦ ଭାରତୀୟଙ୍କ ସହ ଯୋଗାଯୋଗ ବିଛିନ୍ନ



କାଠମାଣ୍ଡୁ, ୨୯ ।୮ (ଏଜେନ୍ସି): ଭୟଙ୍କର ବନ୍ୟା ଓ ଭୂସ୍ଖଳନ ପରେ ନେପାଳରେ ବିପଦ ଏବେ ବି ଟଳିନାହିଁ। ନେପାଳ ଓ ତିବ୍ବତରେ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ମୃତ୍ୟୁସଂଖ୍ୟା ୭୦୦ରେ ପହଞ୍ଚିଛି। ପ୍ରାୟ ୩୦୦୦ ଲୋକ ନିଖୋଜ ଥିବାବେଳେ, ସେମାନଙ୍କ ମଧ୍ୟରେ ୩୨୦ ଜଣ ଭାରତୀୟ ନାଗରିକ ରହିଛନ୍ତି। ଏହା ସହ ପ୍ରାୟ ୪୦୦ ଭାରତୀୟ ତିବ୍ବତରେ ଫସି ରହିଥିବା ଜଣାପଡ଼ିଛି। ବୁଧବାର ନେପାଳ-ଚୀନ୍ ସୀମା ନିକଟରେ ହୋଇଥିବା ଭୟଙ୍କର ଭୂସ୍ଖଳନ ଓ ହଠାତ୍ ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ପାହାଡ଼ରୁ ମାଟି, ବାଲି, ଗୋଡ଼ି ଓ ବଡ଼ ବଡ଼ ପଥର ସହ ପ୍ରବଳ ଜଳପ୍ରବାହ ତଳିଆ ଅଞ୍ଚଳକୁ ମାଡ଼ି ଆସିଥିଲା। ବନ୍ୟା ଓ ଭୂସ୍ଖଳନ ପରେ ନେପାଳ-ଚୀନ୍ ସୀମା ନିକଟରେ ଦୁଇଟି ନୂଆ କୃତ୍ରିମ ଜଳାଶୟ ବା ହ୍ରଦ ସୃଷ୍ଟି ହୋଇଛି। ଏହାକୁ ନେଇ ପ୍ରଶାସନର ଚିନ୍ତା ବଢ଼ିଛି। ଗୋଟିଏ ହ୍ରଦରୁ ଲଗାତାର ପାଣି ଲିକ୍ ହେଉଥିବା ବେଳେ ଅନ୍ୟ ହ୍ରଦଟିର ଆକାର ବଢ଼ି ଚାଲିଛି। ଫଳରେ ହଠାତ୍ ଜଳପ୍ରବାହ ବଢ଼ିବା କିମ୍ବା ପୁଣି ଭୂସ୍ଖଳନ ଘଟିବା ଆଶଙ୍କା ରହିଛି। ଏହା ତଳିଆ ଅଞ୍ଚଳରେ ଆଉ ଏକ ବଡ଼ ବନ୍ୟାର କାରଣ ହୋଇପାରେ ବୋଲି କର୍ତ୍ତୃପକ୍ଷ ଆଶଙ୍କା କରୁଛନ୍ତି। ଏହି ବିପର୍ଯ୍ୟୟ ମଧ୍ୟରେ ତିବ୍ବତ ନିକଟସ୍ଥ ନେପାଳ ଅଞ୍ଚଳରେ ଘଟିଥିବା ଏକ ହିମସ୍ଖଳନର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ବୁଧବାର ସକାଳେ କିଛି ପର୍ଯ୍ୟଟକ ଓ ପର୍ବତାରୋହୀ ଏକ ଉଚ୍ଚସ୍ଥାନକୁ ଯାଇଥିଲେ। ସେଠାରୁ ନେପାଳ ସୀମାପାର ପର୍ବତ ଓ ହିମନଦୀଗୁଡ଼ିକ ସ୍ପଷ୍ଟ ଦେଖାଯାଉଥିଲା। ସେମାନେ ହିମସ୍ଖଳନ ପୂର୍ବରୁ ଓ ପରେ ଭିଡିଓ ରେକର୍ଡ କରିଥିଲେ। ଭିଡିଓରେ ହିମନଦୀର ଏକ ବଡ଼ ଅଂଶ ସହ ପଥର ଭାଙ୍ଗି ପାହାଡ଼ ତଳକୁ ଖସିପଡୁଥିବା ଦେଖାଯାଇଛି। ପରେ ପର୍ଯ୍ୟଟକମାନେ ତଳକୁ ଫେରିବା ସମୟରେ ରାସ୍ତା

**ତିବ୍ବତ ନିକଟରେ ହିମସ୍ଖଳନର ଭୟଙ୍କର ଦୃଶ୍ୟ**

ବନ୍ଦ ଥିବା ଦେଖିଥିଲେ। ହିମସ୍ଖଳନ ପରେ ଅଞ୍ଚଳରେ ହଠାତ୍ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ସେମାନେ ପରେ ଜାଣିଥିଲେ। ୬୩୩ ଜଣଙ୍କ ମୃତ୍ୟୁ, ହଜାର ହଜାର ଲୋକ ନିଖୋଜ ଓ ନୂଆ ଜଳାଶୟରୁ ବନ୍ୟା ଆଶଙ୍କା ମଧ୍ୟରେ ନେପାଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ଚ୍ୟାଲେଞ୍ଜ ଏବେ ବି ଜାରି ରହିଛି।

## ଶ୍ରଦ୍ଧାଞ୍ଜଳି ପାଇଁ ସଜ୍ଜନଙ୍କ ଘରେ ୩ ବିଜେପି ସାଂସଦ

ନୂଆଦିଲ୍ଲୀ, ୨୯ ।୮ (ଏଜେନ୍ସି): ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ଦୋଷୀ ସାବ୍ୟସ୍ତ ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କ ମୃତ୍ୟୁ ପରେ ତାଙ୍କ ଘରକୁ ଯାଇ ଶୋକ ପ୍ରକାଶ କରିବା ତିନିଜଣ ବିଜେପି ସାଂସଦଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ଦଳର ଜାତୀୟ ସଭାପତି ନିତିନ ନବୀନ ତିନି ସାଂସଦଙ୍କୁ ଡାକି ଏନେଇ ସ୍ପଷ୍ଟୀକରଣ ମାଗିଛନ୍ତି। ଯେଉଁ ତିନିଜଣ ସାଂସଦ ସଜ୍ଜନ କୁମାରଙ୍କ ଘରକୁ ଯାଇଥିଲେ, ସେମାନେ ହେଲେ ରାମବୀର ସିଂହ ବିଧୁରୀ, ଯୋଗେନ୍ଦ୍ର ଚାନ୍ଦୋଲିଆ ଓ କମଲଜୀତ ସେହରାୱତ। ଏହି ଘଟଣାକୁ ନେଇ ଦଳ ଭିତରେ ଓ ବାହାରେ ରାଜନୈତିକ ଚର୍ଚ୍ଚା ତୀବ୍ର ହୋଇଛି। ବିଜେପି ଅଧ୍ୟକ୍ଷ ନିତିନ ନବୀନ କହିଛନ୍ତି, 'ସେମାନେ ସେଠାକୁ ଯିବା ଉଚିତ ନଥିଲା।' ଏହା ପରେ ତିନି ସାଂସଦଙ୍କୁ ଡକାଯାଇଛି। ସଜ୍ଜନ କୁମାର ପୂର୍ବତନ କଂଗ୍ରେସ ସାଂସଦ ଥିଲେ। ୧୯୮୦ରେ ସେ ଦିଲ୍ଲୀର ବାହ୍ୟ ଦିଲ୍ଲୀ ଲୋକସଭା ଆସନରୁ ବିଜୟୀ



ବିବାଦ ପରେ ସମନ୍ କଲେ ବିଜେପି ସଭାପତି

ହୋଇଥିଲେ। ୧୯୮୪ ଦଙ୍ଗା ପରେ ମଧ୍ୟ ସେ ୧୯୯୧ ଓ ୨୦୦୪ରେ କଂଗ୍ରେସ ଟିକେଟ୍‌ରେ ନିର୍ବାଚିତ ହୋଇଥିଲେ। ୧୯୮୪ର ଦଙ୍ଗା ସମୟରେ ହତ୍ୟା, ଦଙ୍ଗା, ଅପରାଧିକ ଷଡ଼ଯନ୍ତ୍ର ଓ ହିଂସାକୁ ଉସକାଇବା ଭଳି ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ହୋଇଥିଲା। ୨୦୧୮ରେ ତାଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇଥିଲା। ୨୦୨୫ରେ ଜସୱନ୍ତ ସିଂହ ଓ ତାଙ୍କ ପୁଅ ତରୁଣଦୀପ ସିଂହଙ୍କ ହତ୍ୟା ମାମଲାରେ ମଧ୍ୟ ତାଙ୍କୁ ଦୋଷୀ କରାଯାଇଥିଲା। ସଜ୍ଜନ କୁମାରଙ୍କ ବୟସ ୮୦ ବର୍ଷ ଥିଲା। ଆଜୀବନ କାରାଦଣ୍ଡ ଭୋଗୁଥିବା ସମୟରେ ଏହି ମାସରେ ତାଙ୍କର ମୃତ୍ୟୁ ହୋଇଥିଲା। ତିନି ବିଜେପି ସାଂସଦଙ୍କ ଏହି ଗସ୍ତକୁ ଆମ୍ ଆଦମୀ ପାର୍ଟି ତୀବ୍ର ସମାଲୋଚନା କରିଛି। ଆପ୍ ନେତା ବଲତେଜ ପନ୍ନୁ କହିଛନ୍ତି, ସଜ୍ଜନ କୁମାରଙ୍କ ଶେଷ ଧାର୍ମିକ କାର୍ଯ୍ୟରେ ତିନି ବିଜେପି ସାଂସଦଙ୍କ ଉପସ୍ଥିତି ଦଳର ଆଭିମୁଖ୍ୟ ନେଇ ପ୍ରଶ୍ନ ଉଠାଇଛି।

## ରୁଷିଆର ଭୟଙ୍କର ଆକ୍ରମଣ; କିଭ୍‌ରେ ୨୭ ନିହତ



କିଭ୍, ୨୯ ।୮ (ଏଜେନ୍ସି): ୟୁକ୍ରେନର ରାଜଧାନୀ କିଭ୍ ନିକଟସ୍ଥ ବୁଚା ଜିଲ୍ଲାରେ ରୁଷିଆର ଭୟଙ୍କର ଆକ୍ରମଣରେ ଅତି କମରେ ୨୭ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଆକ୍ରମଣରେ ପ୍ରାୟ ୫୦ଟି ଆବାସିକ ଘର କ୍ଷତିଗ୍ରସ୍ତ ହୋଇଥିବା ୟୁକ୍ରେନର ଅଧିକାରୀମାନେ ଶନିବାର ସୂଚନା ଦେଇଛନ୍ତି। ଆକ୍ରମଣ ପରେ ଅଞ୍ଚଳରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଅନେକ ଘର ସହ ଏକ ରେଷ୍ଟୋରାଁକୁ ମଧ୍ୟ ବ୍ୟାପିଥିଲା। ଆଞ୍ଚଳିକ ସାମରିକ ପ୍ରଶାସନ ମୁଖ୍ୟ ତିମୁର ତକାଚେଙ୍କୋ କହିଛନ୍ତି, ଆକ୍ରମଣରେ ଅନେକ ଆବାସିକ କୋଠାରେ ଗୁରୁତର କ୍ଷତି ହୋଇଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କିଙ୍କ ଅନୁସାରେ, ମିଲା ଗାଁରେ ଥିବା ଏକ ଗୋଦାମକୁ ଆକ୍ରମଣ କରାଯାଇଥିଲା ଏବଂ ପରେ ସେଠାରେ ବିସ୍ଫୋରଣ ଘଟିଥିଲା। ଗୋଦାମରେ କ'ଣ ସାମଗ୍ରୀ ରହିଥିଲା, ସେନେଇ ସେ ସ୍ପଷ୍ଟ କରିନାହାନ୍ତି। ଘଟଣାକୁ ନେଇ ଅଧିକାରୀମାନେ ସମ୍ଭାବ୍ୟ ସରକାରୀ ଅବହେଳା ଦିଗରୁ ମଧ୍ୟ ତଦନ୍ତ ଆରମ୍ଭ କରିଛନ୍ତି। ଜେଲେନ୍‌ସ୍କି କହିଛନ୍ତି, ଆବାସିକ ଅଞ୍ଚଳ ନିକଟରେ ଗୋଳାବାରୁଦ କିମ୍ବା ବିସ୍ଫୋରକ ସାମଗ୍ରୀ ରଖିବା ନେଇ ନିୟମ ରହିଛି। ଏହି ଆକ୍ରମଣ ସମୟରେ କିଭ୍‌ରେ ଲଗାତାର ତୃତୀୟ ଦିନ ଧରି ବାୟୁ ଆକ୍ରମଣ ଜାରି ରହିଥିଲା। ଏହା ଫଳରେ ରାଜଧାନୀର ସାଧାରଣ ଜୀବନ ଓ ଆର୍ଥିକ କାର୍ଯ୍ୟକଳାପ ଗୁରୁତର ଭାବେ ପ୍ରଭାବିତ ହୋଇଛି। ରୁଷିଆ ୨୦୨୨ ମସିହାରେ ୟୁକ୍ରେନ ବିରୋଧରେ ବ୍ୟାପକ ଯୁଦ୍ଧ ଆରମ୍ଭ କରିଥିଲା। ଚାରି ବର୍ଷରୁ ଅଧିକ ସମୟ ପରେ ମଧ୍ୟ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଜାରି ରହିଛି।




## ନଦୀକୁ ଡେଇଁଲେ ଦମ୍ପତି, ସେତୁ ଉପରେ କାନ୍ଦୁଥିଲା ୩ ବର୍ଷର ଶିଶୁ

ପଶ୍ଚିମ ଗୋଦାବରୀ, ୨୯ ।୮ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲ୍ଲାରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଗୁରୁବାର ବିଳମ୍ବିତ ରାତିରେ ଏକ ଦମ୍ପତି ବନ୍ୟାଜଳ ପ୍ରବାହିତ ଗୋଦାବରୀ ନଦୀକୁ ଡେଇଁଥିବା ଅଭିଯୋଗ ହୋଇଛି। ଏହି ସମୟରେ ସେମାନଙ୍କ ୩ ବର୍ଷର ଶିଶୁକୁ ସେତୁ ଉପରେ ଏକା ଛାଡ଼ି ଦିଆଯାଇଥିଲା। ପୁଲିସ ଅନୁସାରେ, ଭେଲପୁରୁ ଗାଁର ୨୯ ବର୍ଷୀୟ ଦୋଣ୍ଡ୍ରା ସାଇ ଓ ତାଙ୍କ ୨୮ ବର୍ଷୀୟ ପତ୍ନୀ ଶିରୀଷା ରାତି ପ୍ରାୟ ୧୦ଟାରେ ନିଜ ୩ ବର୍ଷର ଶିଶୁ ସହ ସ୍କୁଟରରେ ଚିଞ୍ଚିନାଡା ବଶିଷ୍ଠ ସେତୁ ନିକଟରେ ପହଞ୍ଚିଥିଲେ। ପରେ ଶିଶୁକୁ ସ୍କୁଟର ନିକଟରେ ଛାଡ଼ି ଦମ୍ପତି ନଦୀକୁ ଡେଇଁଥିବା ଅଭିଯୋଗ ହୋଇଛି। ଅନ୍ଧାର ଓ ଥଣ୍ଡା ରାତିରେ ଶିଶୁଟି ସେତୁ ଉପରେ ଏକା କାନ୍ଦୁଥିଲା। ଯାତ୍ରୀମାନେ ଶିଶୁଟିକୁ ଦେଖି ପୁଲିସକୁ ଖବର ଦେଇଥିଲେ। ଶିଶୁଟି ବାରମ୍ବାର 'ଆମ୍ମା... ନାନ୍ନା' ବୋଲି ଡାକୁଥିବାରୁ ସ୍ଥାନୀୟ ଲୋକେ ତା'ର ବାପା-ମାଆଙ୍କୁ ଖୋଜିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁଟିକୁ ନିଜ ହେପାଜତକୁ ନେବା ସହ ସ୍କୁଟରକୁ ଜବତ କରିଥିଲା। ପରେ ଶିଶୁଟିକୁ ପରିବାର ଲୋକଙ୍କ ହାତରେ ଦିଆଯାଇଛି। ଏପଟେ ଦମ୍ପତିଙ୍କୁ ଖୋଜିବା ପାଇଁ ପୁଲିସ ସହ ସ୍ଥାନୀୟ ଉଦ୍ଧାରକାରୀ, ପହଁରାଳି ଓ ଡଙ୍ଗା ଦଳ ଗୋଦାବରୀ ନଦୀରେ ତଲାସି ଅଭିଯାନ ଆରମ୍ଭ କରିଛନ୍ତି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ସାଇ ଗାଡ଼ି ଚାଳକ ଭାବେ କାମ କରୁଥିଲେ ଏବଂ କିଛି ସମୟ ଉପସାଗରୀୟ ଦେଶରେ ମଧ୍ୟ ରହିଥିଲେ। ତାଙ୍କ ଉପରେ ଋଣ ଓ ଆର୍ଥିକ ଚାପ ଥିବା ପୁଲିସ ସନ୍ଦେହ କରୁଛି। ଆର୍ଥିକ ସମସ୍ୟା ଯୋଗୁଁ ଦମ୍ପତି ଘର ବିକ୍ରି କରିଥିବା ନେଇ ମଧ୍ୟ ତଦନ୍ତକାରୀମାନେ ଖୋଜଖବର ନେଉଛନ୍ତି। ତେବେ ଆର୍ଥିକ ସଙ୍କଟ ହିଁ ଘଟଣାର ଏକମାତ୍ର କାରଣ ବୋଲି ପୁଲିସ ଏପର୍ଯ୍ୟନ୍ତ ନିଶ୍ଚିତ କରିନାହିଁ। ଘଟଣାର ସମସ୍ତ ପରିସ୍ଥିତି ନେଇ ତଦନ୍ତ ଜାରି ରହିଛି।

## ସୋନିଆଙ୍କ ଆତ୍ମଜୀବନୀକୁ ନେଇ କଂଗ୍ରେସ-ବିଜେପି ମୁହାଁମୁହିଁ

ନୂଆଦିଲ୍ଲୀ, ୨୯ ।୮ (ଏଜେନ୍ସି): ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ ପକ୍ଷରୁ କଂଗ୍ରେସ ସଂସଦୀୟ ଦଳର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଆଗାମୀ ଆତ୍ମଜୀବନୀ 'ବିଲଙ୍ଗିଙ୍ଗ୍: ଏ ଜର୍ନି ଅଫ୍ ଲଭ୍' ପ୍ରକାଶନରୁ ଓହରିଯିବା ପରେ ରାଜନୈତିକ ଲଢେଇ ଆରମ୍ଭ ହୋଇଛି। ପେଙ୍ଗୁଇନ୍‌ର ଏଭଳି ପଦକ୍ଷେପ ପଛରେ ସରକାରୀ ଚାପ ରହିଥିବା ନେଇ କଂଗ୍ରେସ ପ୍ରକାଶ କରିଥିବା ବେଳେ ବିଜେପି ଏହାକୁ ଖଣ୍ଡନ କରିଛି। ପେଙ୍ଗୁଇନ୍ ଇଣ୍ଡିଆ ସ୍ପଷ୍ଟ କରିଛି ଯେ ସେମାନେ ଏହି ବହିର ପ୍ରକାଶକ ନୁହଁନ୍ତି, ଯଦିଓ ଏହାର ଅନ୍ତର୍ଜାତୀୟ ପ୍ରକାଶନ ସଂସ୍ଥା ଆଲଫ୍ରେଡ୍ ଏ କ୍ନପ୍ ନଭେମ୍ବର ୧୦ରେ ଏହାକୁ ବିଶ୍ୱବ୍ୟାପୀ ପ୍ରକାଶ କରିବାକୁ ଘୋଷଣା କରିସାରିଛି। ତଥ୍ୟ ଯାଞ୍ଚ ଏବଂ ସମ୍ପାଦନାଗତ ପରିବର୍ତ୍ତନକୁ ନେଇ ସହମତି ନ ହେବାରୁ ପ୍ରକାଶକ ଏହି ପଦକ୍ଷେପ ନେଇଥିବା ଚର୍ଚ୍ଚା ହେଉଛି।

ତେବେ କଂଗ୍ରେସ ନେତାମାନେ ପ୍ରକାଶନ ସଂସ୍ଥା ଉପରେ ବିଜେପି ସରକାର ପକ୍ଷରୁ ପ୍ରବଳ ରାଜନୈତିକ ଚାପ ପ୍ରୟୋଗ କରାଯାଥିବା ଅଭିଯୋଗ କରିଛନ୍ତି। ଲୋକସଭାରେ କଂଗ୍ରେସ ନେତା ଗୌରବ ଗୋଗୋଇ ପେଙ୍ଗୁଇନ ଇଣ୍ଡିଆର ସ୍ପଷ୍ଟୀକରଣକୁ ଅତ୍ୟନ୍ତ ଦୁର୍ବଳ ଦର୍ଶାଇଛନ୍ତି। ସେ ଏକ୍ସରେ ଲେଖିଛନ୍ତି ଯେ ପେଙ୍ଗୁଇନ ଇଣ୍ଡିଆ ପ୍ରଧାନମନ୍ତ୍ରୀଙ୍କ ଏକ୍‌ଜାମ୍ ୱାରିୟର୍ସ ଏବଂ ଆରଏସଏସ ସମ୍ବନ୍ଧୀୟ ଅନେକ ପୁସ୍ତକ ଅନାୟାସରେ ପ୍ରକାଶ କରିପାରୁଛି। କିନ୍ତୁ ବିଜେପି ସରକାର ସୋନିଆ ଗାନ୍ଧୀଙ୍କ ପୁସ୍ତକକୁ ଦେଶର ଜନସାଧାରଣ ପଢ଼ିବାକୁ ନେଇ ଭୟଭୀତ ହୋଇପଡ଼ିଛି। ସେହିପରି ଅଶୋକ ଗେହଲଟ ପ୍ରଶ୍ନ କରିଛନ୍ତି ଯେ ପେଙ୍ଗୁଇନର ବିଶ୍ୱସ୍ତରୀୟ ଶାଖା ଏହି ପୁସ୍ତକକୁ ମୂଳ ରୂପରେ ପ୍ରକାଶ କରିବାକୁ ପ୍ରସ୍ତୁତ ଥିବାବେଳେ ଭାରତୀୟ ଶାଖା କାହିଁକି ଏଥିରେ ପରିବର୍ତ୍ତନ ଚାହୁଁଛି? ଏନେଇ ସେ ଦେଶରେ ମତବ୍ୟକ୍ତ କରିବାର ସ୍ୱାଧୀନତାକୁ ହତ୍ୟା କରାଯାଉଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷରେ, ବିଜେପି କଂଗ୍ରେସର ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି। ବିଜେପିର ଜାତୀୟ ମୁଖପାତ୍ର ସିଆର. କେଶବନ କହିଛନ୍ତି ଯେ କଂଗ୍ରେସ ନେତାମାନେ ଦେଶରେ ମିଥ୍ୟା ଭୟର ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ବିଜେପି ନେତା ଅଜୟ ଆଲୋକ କହିଛନ୍ତି ଯେ ନିଜ ପୁସ୍ତକରେ ସଠିକ୍ ତଥ୍ୟ ଓ ପରିସଂଖ୍ୟାନ ଉପସ୍ଥାପନ ନ କରିବା କଂଗ୍ରେସ ପାଇଁ ଅତ୍ୟନ୍ତ ଲଜ୍ଜାଜନକ। ଅନ୍ୟପକ୍ଷେ ପୁସ୍ତକରେ ଭାରତୀୟ ସୀମାରେ ଚୀନର ଅନୁପ୍ରବେଶ ଏବଂ ବର୍ତ୍ତମାନର ସୀମା ସ୍ଥିତି ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି। ଏହାସହ ମୋଦୀଙ୍କ କାର୍ଯ୍ୟଶୈଳୀ, ନେତୃତ୍ୱ ଏବଂ କେନ୍ଦ୍ର ସରକାରଙ୍କ ନୀତିଗୁଡ଼ିକୁ ଏଥିରେ କଡ଼ା ସମାଲୋଚନା କରାଯାଇଛି। ପୁଣି ଦେଶର ସାମାଜିକ ସ୍ଥିତି ଏବଂ ଜାତୀୟ ବ୍ୟାପାରରେ ଆର୍‌ଏସ୍‌ଏସ୍‌ର ନକାରାତ୍ମକ ପ୍ରଭାବ ଉପରେ ସୋନିଆ ଗାନ୍ଧୀ ନିଜର ବ୍ୟକ୍ତିଗତ ମତ ରଖିଛନ୍ତି।



### ଜୁଏଲଙ୍କ ପାଇଁ ବଢ଼ିଲା ଅଡୁଆ

# କାହା ସୁପାରିସରେ ଖୁସ୍‌ବୁଙ୍କୁ ମିଳିଥିଲା 'ହ୍ୱାଇଟ୍ ପାସପୋର୍ଟ' !

ଭୁବନେଶ୍ୱର,୨୯।୮(ସମିସ): ପ୍ରକାଶ ପାଶ୍ୱାନଙ୍କ ପରେ ଏବେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ପାଇଁ ଅଡୁଆ ହୋଇଛନ୍ତି ତାଙ୍କର ସହଯୋଗୀ ଖୁସ୍‌ବୁ ଯାଦବ। ଏହି ମହିଳାଙ୍କୁ ନେଇ ସୁନ୍ଦରଗଡ଼ ଜିଲ୍ଲା ବିଜେପିରେ ଯେଉଁ ନିଆଁ ଲାଗିଛି, ସେଥିରେ କେବଳ ଦଳ ନୁହେଁ; ନିଜେ ଜୁଏଲ ବି ଅଡୁଆରେ ପଡ଼ିଛନ୍ତି। ଖୁସ୍‌ବୁ ଯାଦବ କିଏ, କେମିତି କେନ୍ଦ୍ରମନ୍ତ୍ରୀ ଜୁଏଲଙ୍କ ସହ ତାଙ୍କର ପରିଚୟ ହେଲା ଓ ଜୁଏଲଙ୍କ ମନ୍ତ୍ରଣାଳୟରେ କିପରି ତାଙ୍କର ଅବାଧ ପ୍ରବେଶ ଘଟିଲା; ସେ ସମ୍ପର୍କରେ ନାନାଦି କାହାଣୀ ରାଉରକେଲାରୁ ଦିଲ୍ଲୀ ଯାଏ ଚର୍ଚ୍ଚା ହେଉଛି। କେନ୍ଦ୍ରମନ୍ତ୍ରୀଙ୍କ କଥିତ ନିର୍ବାଚନମଣ୍ଡଳୀ ପ୍ରତିନିଧିଙ୍କୁ ସରକାରୀ କାର୍ଯ୍ୟକ୍ରମରେ କିପରି ଅବାଧ ପ୍ରବେଶ ମିଳୁଥିଲା ଓ ବିଭିନ୍ନ ଗସ୍ତ ସମୟରେ ତାଙ୍କୁ କାହିଁକି ସହକାରୀ ବ୍ୟକ୍ତିଗତ ସଚିବ ମାନ୍ୟତା ଦିଆଯାଇ ସରକାରୀ ଚିଠି କରାଯାଉଥିଲା ତାହା ତଦନ୍ତ ସାପେକ୍ଷ। ମାତ୍ର ସରକାରୀ କାର୍ଯ୍ୟରେ ବିଦେଶ ଯାତ୍ରା କରୁଥିବା ସରକାରୀ ଅଧିକାରୀମାନଙ୍କୁ ଦିଆଯାଉଥିବା 'ହ୍ୱାଇଟ୍ ପାସପୋର୍ଟ' ଖୁସବୁ ଯାଦବଙ୍କୁ ଦିଆଯାଇଥିବା ଅଭିଯୋଗ ଆସିବା ପରେ ଏହି ବିବାଦ ନୂଆ ମୋଡ଼ ନେଇଛି। ସୁଶ୍ରୀ ଖୁସ୍‌ବୁ ନିଜେ ଏହି ପାସପୋର୍ଟକୁ ନିଜ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ ଓ ଏହାପରେ ଏହି ଖବର ଲୋକଲୋଚନକୁ ଆସିଛି। ମାତ୍ର ଖୁସ୍‌ବୁଙ୍କୁ ହ୍ୱାଇଟ୍ ପାସପୋର୍ଟ ପ୍ରଦାନ ପାଇଁ କିଏ ଓ କାହିଁକି ସୁପାରିସ କରିଥିଲା, ସେ ସମ୍ପର୍କରେ ତଦନ୍ତ ପାଇଁ କେବଳ ବିରୋଧୀ ନୁହନ୍ତି; ତାଙ୍କରି ଦଳର କିଛି ସହଯୋଗୀ ମଧ୍ୟ ଦାବି କରିଥିବା ଅଭିଯୋଗ ହୋଇଛି।




କିଛିଦିନ ତଳେ ବିଳମ୍ବିତ ରାତିରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ନିଜ ସାମାଜିକ ଗଣମାଧ୍ୟମରେ 'ସ୍ପଷ୍ଟ ଓ କଡ଼ା ସୂଚନା' ଦେଇଥିଲେ। ଏଥିରେ ସେ ରଖିଥିବା ବୟାନରେ ଅନୁଯାୟୀ, ଖୁସବୁ ଯାଦବ ତାଙ୍କ ଜିଲ୍ଲା ପ୍ରତିନିଧି ଭାବେ କାମ କରୁଛନ୍ତି। ସେ ମନ୍ତ୍ରୀଙ୍କ ଅତିରିକ୍ତ ବ୍ୟକ୍ତିଗତ ସଚିବ (ଏପିଏସ୍) କିମ୍ବା ଅଧିକାରିକ କର୍ମଚାରୀ ନୁହନ୍ତି । ଖୁସବୁଙ୍କୁ ଏପିଏସ୍ କରିବାକୁ ତାଙ୍କ ଇଚ୍ଛା ଥିଲା, କିନ୍ତୁ କିଛି କାରଣରୁ ସେହି ନିଯୁକ୍ତି ହୋଇପାରି ନ ଥିଲା ବୋଲି ମଧ୍ୟ ସେ ଏଥିରେ ଉଲ୍ଲେଖ କରିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ଏହି ବୟାନ ଅନୁସାରେ ଯଦି ଖୁସବୁ ଯାଦବ ମନ୍ତ୍ରୀଙ୍କ ଆଧିକାରିକ କର୍ମଚାରୀ ନୁହନ୍ତି, ତେବେ ତାଙ୍କୁ ଆଧିକାରିକ ପାସପୋର୍ଟ କେଉଁ ଆଧାରରେ ମିଳିଲା ଓ କିଏ ତାଙ୍କୁ ସରକାରୀ ଅଧିକାରୀ ପଦମର୍ଯ୍ୟାଦା ଦେଇ ପାସପୋର୍ଟ ପ୍ରଦାନ ପାଇଁ ସୁପାରିସ କରିଥିଲେ ତାହା ତଦନ୍ତ ସାପେକ୍ଷ।

ଭାରତରେ ପାସପୋର୍ଟର ରଙ୍ଗ ନୀଳ ଓ ଅଧିକାରିକ ପାସପୋର୍ଟ ସାଧାରଣତଃ ଧଳା ରଙ୍ଗର ହୋଇଥାଏ। ଏହା ସରକାରୀ କାର୍ଯ୍ୟ ସମ୍ପର୍କିତ ବିଦେଶ ଯାତ୍ରା ପାଇଁ ଜାରି କରାଯାଏ। ପାସପୋର୍ଟ ନିୟମ୧୯୮୦ର ଦ୍ୱିତୀୟ ଅନୁସୂଚୀରେ ଆଧିକାରିକ ପାସପୋର୍ଟ ପାଇବାକୁ ଯୋଗ୍ୟ ବିଭିନ୍ନ ବର୍ଗ ସମ୍ପର୍କରେ ବ୍ୟବସ୍ଥା ରହିଛି। ଏଥିରେ ସରକାରୀ ଅଧିକାରୀଙ୍କ ସହ ସରକାରୀ ଖର୍ଚ୍ଚରେ ଅଧିକାରିକ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରୁଥିବା କିଛି ବିଶେଷ ବର୍ଗର ବ୍ୟକ୍ତିଙ୍କୁ ମଧ୍ୟ ସାମିଲ କରାଯାଇଛି। ତେଣୁ ଖୁସ୍‌ବୁଙ୍କ ପାସପୋର୍ଟ ଆବେଦନରେ ତାଙ୍କର ପଦବୀ କ'ଣ ଦର୍ଶାଯାଇଥିଲା, ତାହାର ତଦନ୍ତ ଏବେ ଜରୁରୀ ହୋଇ ପଡ଼ିଛି। କେଉଁ କାର୍ଯ୍ୟାଳୟ ତାଙ୍କ ଆବେଦନକୁ ସୁପାରିସ କରିଥିଲା? କେଉଁ ଅଧିକାରୀ ତାଙ୍କ ଆଧିକାରିକ ଦାୟିତ୍ୱର ପ୍ରମାଣପତ୍ର ଦେଇଥିଲେ? କେଉଁ ସରକାରୀ କାର୍ଯ୍ୟ ପାଇଁ ତାଙ୍କ ବିଦେଶ ଯାତ୍ରା ଆବଶ୍ୟକ ହୋଇଥିଲା ଓ ପାସପୋର୍ଟ ଜାରି ପାଇଁ କେଉଁ କର୍ତ୍ତୃପକ୍ଷ ଅନୁମୋଦନ ଦେଇଥିଲେ ଆଦି ପ୍ରଶ୍ନର ଉତ୍ତର ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ। ପୁନଶ୍ଚ ଆଇନରେ ବିଶେଷ ପରିସ୍ଥିତିରେ ଅଣ ସରକାରୀ ଅଧିକାରୀ ବା ବ୍ୟକ୍ତିଙ୍କୁ ମଧ୍ୟ ଅଧିକାରିକ ପାସପୋର୍ଟ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ସେଥିପାଇଁ ନିର୍ଦ୍ଦିଷ୍ଟ ଅଧିକାରିକ କାରଣ, ସୁପାରିସ ଓ ପ୍ରଶାସନିକ ଅନୁମୋଦନର ଆବଶ୍ୟକ ରହିଛି । ଏହି ପରିପ୍ରେକ୍ଷୀରେ ଖୁସ୍‌ବୁ ଯାଦବଙ୍କ ପାସପୋର୍ଟ ଆବେଦନ ରେକର୍ଡ, ସୁପାରିସ ପତ୍ର, ଅଧିକାରିକ ପଦବୀର ପ୍ରମାଣ ଓ ବିଦେଶ ଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କିତ ଦସ୍ତାବିଜ ଯାଞ୍ଚ ପାଇଁ ଦାବି ହୋଇଛି।

### ୨୦୨୩ରେ କାହିଁକି ବିଶ୍ୱର ସବୁଠାରୁ ଗରମ ସହର ହୋଇଥିଲା ବାରିପଦା

# ବାୟୁ ଅବରୋହଣ, ଆର୍ଦ୍ରତା, ଶୁଷ୍କ ପବନ ଓ ପୋଡ଼ାମାଟି ସହରକୁ କରିଥିଲା 'ନିଆଁଭାଟି'

ବାରିପଦା, ୨୯।୮(ସମିସ): ୨୦୨୩ ଏପ୍ରିଲ୍ ୧୪ ତାରିଖ। ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସହରର ତାପମାତ୍ରା ଛୁଇଁଥିଲା ୪୪ ଡିଗ୍ରୀ ସେଲସିୟସ୍। ସେଦିନ ବିଶ୍ୱର ବିଭିନ୍ନ ପାଣିପାଗ ନିରୀକ୍ଷଣ ପ୍ଲାଟଫର୍ମରେ ବାରିପଦାର ନାମ ଥିଲା ଶୀର୍ଷରେ। ଭାରତ ନୁହେଁ, ସାରା ବିଶ୍ୱରେ ସେଦିନ ସବୁଠାରୁ ଅଧିକ ତାପମାତ୍ରା ଏହି ଛୋଟ ସହରରେ ରେକର୍ଡ ହୋଇଥିଲା। ଏଭଳି ଅଭୂତପୂର୍ବ ତାପପ୍ରବାହର କାରଣ କ'ଣ? ଏହି ପ୍ରଶ୍ନର ଉତ୍ତର ଖୋଜିବାକୁ କରାଯାଇଥିବା ଏକ ନୂତନ ଗବେଷଣା "ଆଡଭାନ୍ସେସ୍ ଇନ୍ ସ୍ପେସ୍ ରିସର୍ଚ୍ଚ' ପତ୍ରିକାରେ ପ୍ରକାଶ ପାଇଛି। ଶିକ୍ଷା "ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଏନ୍‌ଭାର୍ଣ୍ଣମେଣ୍ଟ ଆଣ୍ଡ କ୍ଲାଇମେଟ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦାର ରିମୋଟ ସେନ୍ସିଂ ଆଣ୍ଡ ଜିଆଇଏସ୍ ବିଭାଗ, କିଟ୍ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ରିମୋଟ ସେନ୍ସିଂ ଆଣ୍ଡ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟର ମିଳିତ ସହଯୋଗରେ ଏହି ଅଧ୍ୟୟନ ସମ୍ପନ୍ନ ହୋଇଛି। ଗବେଷକ ରୋଶନ ବେଉରିଆ, ଡ ଦେବବ୍ରତ ନନ୍ଦୀ, ଡ ରାକେଶ ରଞ୍ଜନ ଠାକୁର ଓ ଶୁଭସ୍ମିତା ଦାସ ଏହି ଗବେଷଣା କରିଛନ୍ତି।




ସେମାନଙ୍କର ୨୮ ପୃଷ୍ଠା ବିଶିଷ୍ଟ ଗବେଷଣା ପତ୍ରରୁ ଜଣାପଡ଼ିଛି ଯେ, ଆକାଶର ଉପର ସ୍ତରରେ ସୃଷ୍ଟି ହୋଇଥିବା ଏକ ବିଶେଷ ପାଣିପାଗ ବ୍ୟବସ୍ଥା, ଅତ୍ୟନ୍ତ ଆର୍ଦ୍ରତା, ଶୁଷ୍କ ପବନ ଓ ପୋଡ଼ାମାଟି ମିଶି ବାରିପଦାରେ ଏକ ପ୍ରକାର "ନିଆଁ ଭାଟି' ପରି ପରିସ୍ଥିତି ସୃଷ୍ଟି କରିଥିଲା। ଏଥିପାଇଁ ଗବେଷକମାନେ "ୱେଦର୍ ରିସର୍ଚ୍ଚ ଆଣ୍ଡ ଫୋରକାଷ୍ଟିଂ' (ଡବ୍ଲ୍ୟୁଆରଏଫ) ମଡେଲ୍ ବ୍ୟବହାର କରି ଆକାଶର ପ୍ରାୟ ୧୦ରୁ ୧୩ କିଲୋମିଟର ଉଚ୍ଚତାରେ ଘଟିଥିବା ବାୟୁର ସଂଗମନ ଓ ତା'ପରେ ହୋଇଥିବା ଅବରୋହଣ ପ୍ରକ୍ରିୟାକୁ ଚିହ୍ନଟ କରିଥିଲେ। ବାୟୁ ତଳକୁ ଖସିବା ସମୟରେ ସଂକୁଚିତ ହୋଇ ଅଧିକ ଉଷ୍ମ ହୋଇଥାଏ ଏବଂ ୨୦୨୩ ଏପ୍ରିଲ୍ ୧୩ ଓ ୧୪ ତାରିଖରେ ବାରିପଦା ଉପରେ ଏହି ପ୍ରକ୍ରିୟା ଅତ୍ୟନ୍ତ ଶକ୍ତିଶାଳୀ ଥିଲା। ସେ ସମୟରେ ବାରିପଦାର ଆପେକ୍ଷିକ ଆର୍ଦ୍ରତା ୧୦ ପ୍ରତିଶତରୁ ମଧ୍ୟ କମ୍ ରହିଥିଲା। ୮୫୦ ଏଚପିଏ ସ୍ତରରେ ସୃଷ୍ଟି ହୋଇଥିବା ଆଣ୍ଟିସାଇକ୍ଲୋନିକ୍ ସର୍କୁଲେସନ୍ ଝାଡ଼ଖଣ୍ଡ ଓ ବିହାର ଦିଗରୁ ଶୁଷ୍କ ପବନକୁ ଓଡ଼ିଶା ଆଡ଼କୁ ବହନ କରି ଆଣିଥିଲା। ଫଳରେ ଉପର ଆକାଶରୁ ବାୟୁର ଅବରୋହଣ, ଅତ୍ୟନ୍ତ ଆର୍ଦ୍ରତା ଓ ଶୁଷ୍କ ପବନର ମିଳିତ ପ୍ରଭାବରେ ତାପପ୍ରବାହ ଅଧିକ ପ୍ରଚଣ୍ଡ ହୋଇଥିଲା। ୨୦୨୩ର ଏହି ଘଟଣାର ଆଉଏକ

**୩ ବର୍ଷ ପରେ ନୂତନ ଗବେଷଣାରେ ଉନ୍ମୋଚିତ ହେଲା ରହସ୍ୟ**

ବିଶେଷତା ହେଲା ଏପ୍ରିଲ୍ ୧୨ରୁ ୨୦ ପର୍ଯ୍ୟନ୍ତ ଲଗାତର ୯ ଦିନ ବାରିପଦାର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ଏହି ସମୟର ୬ ଦିନ ଭାରତୀୟ ପାଣିପାଗ ବିଭାଗର ତାପପ୍ରବାହ ମାନଦଣ୍ଡ ପୂରଣ କରିଥିଲା। ଏପ୍ରିଲ୍ ୧୪ରେ ତାପମାତ୍ରା ସାଧାରଣଠାରୁ ୫.୨୬ ଡିଗ୍ରୀ ସେଲସିୟସ୍ ଅଧିକ ରହିଥିଲା। ସରଳ ଭାଷାରେ କହିଲେ, ଉପର ଆକାଶରୁ ତଳକୁ ଖସୁଥିବା ବାୟୁ ତାପକୁ ଆହୁରି ବଢ଼ାଇଥିବାବେଳେ ତଳେ ଶୁଷ୍କ ଓ ତପ୍ତ ଭୂପୃଷ୍ଠ ଏହି ଉତ୍ତାପକୁ ଆହୁରି ତୀବ୍ର କରିଥିଲା। ଫଳରେ ବାରିପଦା ଏକ ପ୍ରକାର ପ୍ରାକୃତିକ "ନିଆଁ ଭାଟି'ରେ ପରିଣତ ହୋଇଥିଲା। ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗବେଷଣା ପରେ ଆସିଥିବା ତଥ୍ୟ ଭବିଷ୍ୟତର ସତର୍କତା ଭାବେ ନେଇ ସରକାରଙ୍କ ପକ୍ଷରୁ ପ୍ରତିହତ ଯୋଜନା ପ୍ରସ୍ତୁତି ଆବଶ୍ୟକ। ଏଥିପ୍ରତି ଅଗ୍ରାଧିକାର ଭିତ୍ତିରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପୌରପରିଷଦ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

# ୩ ତାରିଖ ଯାଏଁ ପ୍ରବଳ ବର୍ଷା

## ଆଜି ୧୧ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା

ଭୁବନେଶ୍ୱର,୨୯।୮(ସମିସ): ଉତ୍ତର ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଶନିବାର ସକାଳେ ଲଘୁଚାପର ରୂପ ନେଇଛି। ଏହି ଲଘୁଚାପ କାରଣରୁ ଆସନ୍ତା ୩ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ଥିବା ନେଇ ବୁଲେଟିନ୍ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

**ଲଘୁଚାପ ରୂପ ନେଲା ଘୂର୍ଣ୍ଣିବଳୟ**

କେନ୍ଦ୍ର ପ୍ରଦତ୍ତ ତଥ୍ୟ ଅନୁଯାୟୀ ରବିବାର ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଭଦ୍ରକ, ଯାଜପୁର, କଟକ, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ସତର୍କ ସୂଚନା ଜାରି କରାଯାଇଛି। ଏତଦ୍‌ବ୍ୟତୀତ କେନ୍ଦ୍ରାପଡା, ଜଗତସିଂହପୁର, ଝାରସୁଗୁଡା, ବରଗଡ, ସୋନପୁର, ବୌଦ୍ଧ, ନୂଆପଡା, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା, ନୟାଗଡରେ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ସତର୍କ ସୂଚନା ଜାରି କରିଛି ପାଣିପାଗ କେନ୍ଦ୍ର। ଏହାବ୍ୟତୀତ ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ବିଜୁଳି, ଘଡଘଡି ସହ ବର୍ଷା ସମ୍ଭାବନା ଥିବା ନେଇ ଆକଳନ କରାଯାଇଛି। ସୋମବାର ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର ଓ ନୂଆପଡାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଥିବାବେଳେ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଦେବଗଡ, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି ଓ କନ୍ଧମାଳରେ ପ୍ରବଳ ବର୍ଷା ଥିବାବେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ୩ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ଥିବାବେଳେ ଏହାପରେ ପାଗରେ ପରିବର୍ତ୍ତ ଘଟିବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର।

## ହୀରାକୁଦର ୫ ଗେଟ୍ ଖୋଲା, ଜଳସ୍ତର ୬୨୪.୮୯ ଫୁଟ୍

ସମ୍ବଲପୁର, ୨୯।୮ (ସମିସ) : ହୀରାକୁଦ ନଦୀବନ୍ଧର ୫ଟି ଗେଟ୍‌ରେ ବନ୍ୟାଜଳ ନିଷ୍କାସିତ ହେଉଛି। ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୮୯ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୩ଟି ଏବଂ ଡାହାଣ ପାର୍ଶ୍ୱର ୨ଟି ଏହିଭଳି ମୋଟ ୫ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୪୮,୩୫୭ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ପାୱାର ଚ୍ୟାନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୧୫,୨୧୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୮୦,୨୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ପାୱାର ଚ୍ୟାନାଲ ଦେଇ ୩୨୦୭୪ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୭୧୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡ ବେଲଗାଁଠାରେ ୧୯,୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ପଥର୍ଲାଠାରେ ୩୫,୯୭୬ କ୍ୟୁସେକ୍, ଖଇରମାଲଠାରେ ୧,୬୨,୦୦୦ କ୍ୟୁସେକ୍, ବାରମୁଲଠାରେ ୨,୧୬,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୩,୭୮,୫୨୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ଘର ଆଗରୁ ଯୁବକଙ୍କ ହାତଗୋଡ଼ ବନ୍ଧା ମୃତଦେହ ଉଦ୍ଧାର

ମାର୍ଶାଘାଇ, ୨୯।୮ (ସମିସ): ଘର ଆଗରୁ ହାତଗୋଡ଼ ବନ୍ଧା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମାର୍ଶାଘାଇ ଥାନା ଅନ୍ତର୍ଗତ ବେରୁହାଁ ପଞ୍ଚାୟତର ହଳଦିଆ ଗ୍ରାମର ଅଶୋକ ଦାସଙ୍କ ପୁଅ ଚନ୍ଦନ ଦାସ ଓରଫ ହାପି (୩୦)ର ହାତଗୋଡ଼ ବନ୍ଧା ଅବସ୍ଥାରେ ମୃତଦେହ ତାଙ୍କ ଘର ସମ୍ମୁଖରେ ଥିବା ଦେଖିବାକୁ ମିଳିଥିଲା। ଖବର ପାଇ ମାର୍ଶାଘାଇ ଥାନା ଆଇଆଇସି ତପନ ନାୟକଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। କେନ୍ଦ୍ରାପଡ଼ାରୁ ସାଇଣ୍ଟିଫିକ ଟିମ ଓ ଡଗ ସ୍କ୍ୱାଡ ତଦନ୍ତ କରିଛି। ପାରିପାର୍ଶିକ ଘଟଣାକୁ ଲକ୍ଷ୍ୟ କଲେ ଘଟଣା ରହସ୍ୟାବୃତ୍ତ ବୋଲି ଜଣାପଡୁଛି।

## ସୂଚନା ଓ ଲୋକସମ୍ପର୍କ ବିଭାଗର ନୂତନ ନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର,୨୯।୮(ସମିସ):ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସଞ୍ଜୟ କୁମାର ବିଶ୍ୱାଳ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଜି ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷଠାରେ ଶ୍ରୀ ବିଶ୍ୱାଳଙ୍କୁ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଯୁଗ୍ମ ଶାସନ ସଚିବ କଲାମୁଦ୍ଦିନ୍, ଅତିରିକ୍ତ ନିର୍ଦ୍ଦେଶକ ସ୍ମିତା କର, ଯୁଗ୍ମ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ପୂର୍ବତନ ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ତାଙ୍କର ନୂତନ କାର୍ଯ୍ୟଭାର ନେଇ ଶୁଭେଚ୍ଛା ଜଣାଇଥିଲେ। ବିଭାଗର ଅନ୍ୟ ଅଧିକାରୀମାନେ ମଧ୍ୟ ଶ୍ରୀ ବିଶ୍ୱାଳଙ୍କୁ ସ୍ୱାଗତ ଜଣାଇଥିଲେ। ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ବିଭାଗୀୟ କାର୍ଯ୍ୟର ସୂଚାରୁ ସମ୍ପାଦନ ନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ସହଯୋଗ ଲୋଡ଼ିଥିଲେ। ସୂଚନାଯୋଗ୍ୟ ଯେ, ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ପୂର୍ବରୁ ବାଣିଜ୍ୟ ଓ ପରିବହନ ବିଭାଗରେ ଅତିରିକ୍ତ ଶାସନ ସଚିବ ଭାବେ ଅବସ୍ଥାପିତ ଥିଲେ। ଓଡିଶା ରାଜ୍ୟ ପରିବହନ ନିଗମ, କୁଟ୍ ସମେତ ବିଭିନ୍ନ ବିଭାଗରେ ସେ ଜଣେ ପ୍ରଶାସନିକ ଅଧିକାରୀ ଭାବେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି।


ସଞ୍ଜୟ କୁମାର ବିଶ୍ୱାଳ

### ରାଉରକେଲା ସର୍କିଟ୍ ହାଉସ୍ ଅସ୍ତ୍ରଶସ୍ତ୍ର ଜବତ ମାମଲା

## ପ୍ରକାଶଙ୍କୁ ୨ ଦିନିଆ ରିମାଣ୍ଡରେ ଆଣିଲା ପୁଲିସ

ରାଉରକେଲା,୨୯।୮(ସମିସ): ରାଉରକେଲା ସର୍କିଟ୍ ହାଉସ୍‌ର ଏକ କୋଠରୀରୁ ବନ୍ଧୁକ ଓ ଗୁଳି ଜବତ ଘଟଣାରେ ଗିରଫ ନିଲମ୍ବିତ ବିଜେପି ଯୁବନେତା ପ୍ରକାଶ ପାଶ୍ୱାନ୍‌ଙ୍କୁ ୨ଦିନିଆ ରିମାଣ୍ଡରେ ନେଇଛି ରଘୁନାଥପାଲି ପୁଲଇସ। ଶନିବାର ପ୍ରକାଶଙ୍କୁ ଜେଲ୍‌ରୁ ଆଣି ସରକାରୀ ଡାକ୍ତରଖାନାକୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଅଧିକ ପଚରାଉଚରା ପାଇଁ ରଘୁନାଥପାଲ୍ଲୀ ଥାନାକୁ ନିଆଯାଇଥିଲା। ପଚରାଉଚରା ପାଇଁ ନେବାବେଳେଳ ପ୍ରକାଶ ଗଣମାଧ୍ୟମକୁ ଅଭିଯୋଗ କରି କହିଥିଲେ ଯେ, ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ବଦନାମ୍ କରିବାକୁ ଷଡ଼ଯନ୍ତ୍ର କରାଯାଇଛି। ଅସ୍ତ୍ରଶସ୍ତ୍ର ସହ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ସହ ପ୍ରକାଶଙ୍କର ସମ୍ପର୍କ, ସର୍କିଟ୍ ହାଉସ୍‌ରେ ସେମାନଙ୍କ ରହିବାର ଉଦ୍ଦେଶ୍ୟ ସମ୍ପର୍କରେ ପୁଲିସ ପଚରାଉଚରା କରିବ। ମାମଲାରେ ଆଉକିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ପୁଲିସ ଖୋଳତାଡ଼ କରୁଥିବାବେଳେ ପ୍ରକାଶଙ୍କଠାରୁ ଏହାର ଗୁମର ଖୋଲିବ ବୋଲି ପୁଲିସ ଯୋଜନା କରିଛି। ଗିରଫ ଅନ୍ୟ ୧୧ ଅପରାଧିମାନଙ୍କ ସହ ପ୍ରକାଶଙ୍କ ନେଟୱାର୍କ କିପରି ଥିଲା, ବାଲି ଚୋରାଚାଲାଣ, ବନ୍ଧୁକ ଚୋରା କାରବାର, ତଥା ଅନ୍ୟାନ୍ୟ ଅନୈତିକ କାର୍ଯ୍ୟକଳାପର ମୋଡ୍‌ସ ଅଫ୍ ଅପରେଟିଂ କିପରି ଥିଲା, ପ୍ରକାଶଙ୍କର ଭୂମିକା କ'ଣ ଥିଲା ଏବଂ ପୁରା କଳା କାରବାର ପଛରେ କୌଣସି ବଡ଼ ଷଡ଼ଯନ୍ତ୍ର ରହିଥିଲା କି ନାହିଁ ସେନେଇ ମଧ୍ୟ ପୁଲିସ ମଧ୍ୟ ପ୍ରକାଶଙ୍କୁ ପଚରାଉଚରା କରିପାରେ। ପ୍ରକାଶ ଯେ, ଗତ ଅଗଷ୍ଟ ୧୪ ଦିନ ରାଉରକେଲା ସର୍କିଟ୍ ହାଉସ୍‌ର ୧୦୬ ନମ୍ବର କୋଠରୀରୁ ପୁଲିସ ୨ଟି ପିସ୍ତଲ ଓ ଜୀବନ୍ତ ଗୁଳି ଜବତ କରି ୨ ଅପରାଧୀଙ୍କୁ ଗିରଫ କରିଥିଲା। ରୁମ୍ ଗୁଡ଼ିକ ପ୍ରକାଶ ବୁକ୍ କରିଥିବାବେଳେ ତଦନ୍ତବେଳେ ପୁଲିସ ଅଭିଯୁକ୍ତମାନଙ୍କ ମଧ୍ୟରେ ତାଙ୍କର ସମ୍ପର୍କ ଥିବା ଜାଣିବାକୁ ପାଇଥିଲା। ଏହାପରେ ପ୍ରକାଶ ଫେରାର ହୋଇଯାଇଥିବାବେଳେ ତାଙ୍କୁ ବିହାର ସମସ୍ତିପୁରରୁ ରାଉରକେଲା ପୁଲିସ ଗିରଫ କରି ଆଣିଥିଲା।

## ଦନ୍ତ ଚିକିତ୍ସକଙ୍କ ପାଇଁ ମାସିକ ୨୦ହଜାର ଟଙ୍କା ପ୍ରୋତ୍ସାହନ ଘୋଷଣା

ଭୁବନେଶ୍ୱର,୨୯।୮(ସମିସ):ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ମେଡିକାଲ ସର୍ଭିସେସ୍ (ଡେଣ୍ଟାଲ) କ୍ୟାଡରରେ କାର୍ଯ୍ୟରତ ଦନ୍ତ ଚିକିତ୍ସକମାନଙ୍କ ପାଇଁ ଏକ ବଡ଼ ପ୍ରୋତ୍ସାହନ ଘୋଷଣା କରାଯାଇଛି। ସରକାରଙ୍କ ନୂତନ ନିଷ୍ପତ୍ତି ଅନୁଯାୟୀ, ଏନଏମସି ଦ୍ୱାରା ସ୍ୱୀକୃତ ମେଡିକାଲ କଲେଜରୁ ପୋଷ୍ଟ ଗ୍ରାଜୁଏସନ୍ ଯୋଗ୍ୟତା ହାସଲ କରିଥିବା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟରତ ଦନ୍ତ ଚିକିତ୍ସକମାନଙ୍କୁ ପ୍ରତିମାସ ୨୦ ହଜାରଟଙ୍କା ପ୍ରୋତ୍ସାହନ ପ୍ରଦାନ କରାଯିବ। ସରକାରଙ୍କ ପକ୍ଷରୁ ଜାରି ନୋଟିଫିକେସନ୍‌ରେ କୁହାଯାଇଛି ଯେ, ଏହି ପ୍ରୋତ୍ସାହନ ନୋଟିଫିକେସନ୍ ଜାରି ହେବା ତାରିଖ, ଅର୍ଥାତ୍ ୨୯ ଅଗଷ୍ଟ ୨୦୨୬ ଠାରୁ କାର୍ଯ୍ୟକାରୀ ହେବ। ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ପୋଷ୍ଟଗ୍ରାଜୁଏସନ୍ ଯୋଗ୍ୟତାପ୍ରାପ୍ତ ଦନ୍ତ ଚିକିତ୍ସକମାନଙ୍କୁ ସରକାରୀ ସେବାରେ ଉତ୍ସାହିତ କରିବା ସହ ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବିଶେଷଜ୍ଞ ଦନ୍ତ ଚିକିତ୍ସା ସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଶ୍ଚିତ ରୂପେ ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବ।

## ୩ ବର୍ଷ ରହିବ +୨ ଇଣ୍ଟରନାଲ୍ ପରୀକ୍ଷାର ବୈଧତା

ଭୁବନେଶ୍ୱର, ୨୯।୮(ସମିସ): ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀଙ୍କ ଇଣ୍ଟରନାଲ୍ ପରୀକ୍ଷାକୁ ନେଇ ଲାଗି ରହିଥିବା ଦ୍ୱନ୍ଦକୁ ଦୂର କରିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବା ସିଏଚ୍‌ଏସ୍‌ଇ। ଇଣ୍ଟରନାଲ୍ ପରୀକ୍ଷା ଫଳ ୩ ବର୍ଷ ପର୍ଯ୍ୟନ୍ତ ବୈଧ ରହିବ ଏବଂ ଏହା ପରେ ପୁନଃ ଇଣ୍ଟରନାଲ୍ ପରୀକ୍ଷା ଦେବାକୁ ପଡ଼ିବ ବୋଲି ସ୍ପଷ୍ଟ କରାଯାଇଛି। ପରିଷଦର ଏକାଡେମିକ କମିଟି ବୈଠକରେ ଏନେଇ ଆଲୋଚନା ହେବା ସହ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି।

ଗତ ୧୪ ଅଗଷ୍ଟରେ ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ମୃଣାଳ କାନ୍ତି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥା ସମ୍ପର୍କିତ ବିଭିନ୍ନ ଆଲୋଚନା ହୋଇଛି। ୨୦୨୬ ବାର୍ଷିକ ପରୀକ୍ଷା ବେଳେ କିଛି ଏକ୍ସ-ରେଗୁଲାର୍ ପିଲାଙ୍କ ଇଣ୍ଟରନାଲ୍ ପରୀକ୍ଷାରେ ଅନୁପସ୍ଥିତ ଦର୍ଶାଯାଇଥିଲା। ଯାହାକୁ ନେଇ ଆଲୋଚନା ହେବା ପରେ ଇଣ୍ଟରନାଲ୍ ପରୀକ୍ଷାର ଅବଧି ୩ ବର୍ଷ ରହିବ ବୋଲି ନିଷ୍ପତ୍ତି ହୋଇଛି। ଯଦି ଜଣେ ପରୀକ୍ଷାର୍ଥୀ ପରୀକ୍ଷାରେ ଫେଲ୍ ହୁଅନ୍ତି ତାହାଲେ ତାହାର ୩ ବର୍ଷ ପର୍ଯ୍ୟନ୍ତ ଆଉ ଇଣ୍ଟରନାଲ୍ ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ଏହି ସମୟ ଅବଧି ମଧ୍ୟରେ ପରୀକ୍ଷାର୍ଥୀ ଜଣକ ଯଦି ପାସ୍ କରି ନ ପାରନ୍ତି, ତାହେଲେ ପରବର୍ତ୍ତୀ ବର୍ଷ ଏକ୍ସ-ରେଗୁଲାର ପରୀକ୍ଷା ଦେବା ପୂର୍ବରୁ ଇଣ୍ଟରନାଲ୍ ପରୀକ୍ଷା ଦେବେ। ସେହିପରି, ଥିଓରୀ ପରୀକ୍ଷା ଦେଉଥିବା କୌଣସି ପରୀକ୍ଷାର୍ଥୀ ଯଦି ଇଣ୍ଟରନାଲ ବା ପ୍ରୋଜେକ୍ଟ ପରୀକ୍ଷାରେ ଅନୁପସ୍ଥିତ ଥିବା ଜଣାପଡ଼େ, ତେବେ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକଙ୍କ ଅନୁମତି ନେଇ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କିମ୍ବା ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ପରୀକ୍ଷା ସମୟରେ ମଧ୍ୟ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ବ୍ୟବସ୍ଥା କରିପାରିବେ। ୨୦୨୭ରେ ବାର୍ଷିକ ପରୀକ୍ଷା ଦେବାକୁ ଥିବା ରେଗୁଲାର ଓ ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀଙ୍କ ପାଇଁ ଏହା ଲାଗୁ ହେବ। ବୈଠକରେ ବିଭିନ୍ନ ବାହ୍ୟ ବୋର୍ଡ ଓ ସଂସ୍ଥାକୁ ସମକକ୍ଷତା ପ୍ରଦାନ ସମ୍ପର୍କରେ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଜାମିଆ ଉର୍ଦ୍ଦୁ ବୋର୍ଡ, ଆଲିଗଡ଼ର "ଆଦିବ-ଇ-ମାହିର' ସାର୍ଟିଫିକେଟକୁ ସିଏଚ୍‌ଏସ୍‌ର ଉଚ୍ଚ ମାଧ୍ୟମିକ ପରୀକ୍ଷା ସହ ସମକକ୍ଷ ଭାବେ ବିବେଚନା କରାଯିବ। ସେହିପରି ସିକିମର ମୁକ୍ତ ବିଦ୍ୟାଳୟ ଓ ଦକ୍ଷତା ଶିକ୍ଷା ବୋର୍ଡର ମାନବିକ ଓ ବାଣିଜ୍ୟ ବିଷୟକୁ ସମକକ୍ଷ ମାନ୍ୟତା ମିଳିଥିବାବେଳେ ପ୍ରାକ୍ଟିକାଲ ଥିବା ବିଜ୍ଞାନ ବିଷୟରେ ସମକକ୍ଷ ମାନ୍ୟତା ଦିଆଯାଇନାହିଁ।

### ୧୩ ଦିନରେ ଶିକ୍ଷକ ଓ ଅଧ୍ୟାପକଙ୍କ ଆନ୍ଦୋଳନ

# ଶିକ୍ଷାଦାନ ଗୁରୁତର ପ୍ରଭାବିତ

ଭୁବନେଶ୍ୱର, ୨୯।୮(ସମିସ): ଦୀର୍ଘ ୧୩ ଦିନ ହେଲା ବିଧାନସଭା ସମ୍ମୁଖ ଗାନ୍ଧୀ ମାର୍ଗରେ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ଧାରଣା ଦେଇଛନ୍ତି। ବର୍ଷାରେ ଭିଜିବା ସହ ରାତିରେ ରାସ୍ତାରେ ଶୋଇ ପ୍ରତିବାଦ ଜାରି ରଖିଛନ୍ତି। ରାଜରାସ୍ତାରେ ରାକ୍ଷୀ ବାନ୍ଧିବା ସହ ନିଆରା ଭାବେ ଆନ୍ଦୋଳନ କରୁଛନ୍ତି। ପ୍ରାୟ ୨ ସପ୍ତାହ ଧରି ଆନ୍ଦୋଳନ ଚିଲାଥିବାରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହେଉଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଚରମବାଣୀ ଦିଆଯାଇଥିବାବେଳେ ସରକାର କୌଣସି ସମାଧାନର ବାଟ ବାହାର କରୁ ନଥିବାରୁ ପିଲାଙ୍କ ପାଠପଢ଼ା ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି।



ସଂଗଠନର ପ୍ରମୁଖ ଦାବି ହେଲା ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା ସହ ଅବସର ନେଇଥିବା ବା ନେବାକୁ ଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ପ୍ରଦାନ କରିବା। ସେହିପରି ପେନସନ୍ ସହିତ ଅବସରକାଳୀନ ସୁବିଧା, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ, ପୁରୁଣା ପେନସନ୍ ପ୍ରଦାନ, ୬ଟି ନୋସନାଲ୍ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ, ଗ୍ରେଡପେ ଅସଙ୍ଗତି ଦୂରୀକରଣ, ଅବସର ବୟସ ସୀମା ୬୨କୁ ବୃଦ୍ଧି, ବେସରାକରୀ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ, ଛାତ୍ରବୃତ୍ତି, ଶିକ୍ଷା ଉପକରଣ, ପୋଷାକ ଓ ସାଇକେଲ୍ ପରି ସମସ୍ତ ସୁବିଧା ଯୋଗାଇବାକୁ ଦାବି କରାଯାଉଛି। ମାତ୍ର ସରକାର ଦାବି ପୂରଣ କରିବା ପାଇଁ ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଛନ୍ତି। କାଳକ୍ଷେପଣ ନୀତି ସଦୃଶ ଏକ କମିଟି ଗଠନ କରି ୬ ମାସରେ ରିପୋର୍ଟ ଦେବାକୁ କହିଥିବାବେଳେ ଏହାର କାର୍ଯ୍ୟକାଳକୁ ପୁଣି ୬ ମାସ ବୃଦ୍ଧି କରିଛନ୍ତି। ଏହା ଓଡ଼ିଶାର ଶିକ୍ଷା ଓ ଶିକ୍ଷକ ସମାଜ ପାଇଁ କଳା ଇତିହାସ ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଶିକ୍ଷକ ଓ ଅଧ୍ୟାପକଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ବିରୋଧୀ ବିଜେଡି ଓ କଂଗ୍ରେସର ନେତାମାନେ ଆନ୍ଦୋଳନସ୍ଥଳରେ ଶିକ୍ଷକଙ୍କୁ ସମ୍ବୋଧିତ କରୁଛନ୍ତି। ଏହାସହ ବିଭିନ୍ନ ସଂଗଠନ ମଧ୍ୟ ଶିକ୍ଷକ ଓ ଅଧ୍ୟାପକଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଉଛନ୍ତି। ସରକାର କୌଣସି ତ୍ୱରିତ ପଦକ୍ଷେପ ନେବା ବଦଳରେ କାଳକ୍ଷେପଣ ନୀତି ଆପଣାଉ ଥିବାରୁ ସମସ୍ୟା ସମାଧାନ ହୋଇପାରୁ ନଥିବା ସମନ୍ୱୟ ସମିତି ଅଭିଯୋଗ କରିଛି।


ADMISSION OPEN ADMISSION OPEN
NIGHTINGALE SCHOOL & COLLEGE OF NURSING
GROUP OF INSTITUTIONS
B.SC.(N)/ GNM
Kataka, Bhubaneswar
B.SC. NURSING (4 Years)
Elligibility: 10+2 PCB with OJEE Entrance
General : 50%
SC/ST/SCBC - 40%
GNM (3 Years)
Elligibility: 10th, +2 (Any stream)
Free Admission for SC/ST Candidates
• Innovative Learning Programme
• Sale & Supportive Community
• Holistic Character Development
• Modern Facilities & Technology
9078970907
9437480907
9937646464
Adhalia, DPS Road, Phulnakhara, Cuttack, Pin-754001

## ତାଳଚେର ନିତ୍ୟାନନ୍ଦ ଆଶ୍ରମରେ ଝୁଲଣଯାତ୍ରା



ତାଳଚେର,୨୯ ।୮ (ସମିସ): ତାଳଚେର ଟାଉନସ୍ଥିତ ନିତ୍ୟାନନ୍ଦ ଆଶ୍ରମରେ ଝୁଲଣଯାତ୍ରା ଅନୁଷ୍ଠିତ ହୋଇଛି । ମଠ, ମନ୍ଦିର ଝୁଲଣକୁଞ୍ଜରେ ଝୁଲୁଛନ୍ତି ଦେବଦେବୀ । ଝୁଲଣରେ ବିଜେ ହୋଇଛନ୍ତି ମଦନମୋହନ, ଲକ୍ଷ୍ମୀ ଓ ସରସ୍ୱତୀ । ମଠରରେ ସୁସଜ୍ଜିତ ଝୁଲଣକୁଞ୍ଜରେ ରାଧାକୃଷ୍ଣ ଓ ଶ୍ରୀ ରଘୁନାଥଜୀଉ । କୁଞ୍ଜ କାନନର ପଶୁପକ୍ଷୀର କଳେବର ମଧ୍ୟରେ ଠାକୁର ଝୁଲୁଛନ୍ତି ଓ ପାରମ୍ପାରିକ ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ଜମୁଛି । ସନ୍ଧ୍ୟାରେ ଝୁଲଣ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗୁଛି । ଆଜିଠାରୁ ଝୁଲଣଯାତ୍ରାର ସ୍ୱତନ୍ତ୍ର ବିଧିବିଧାନ ଆରମ୍ଭ ହୋଇଛି । ଠାକୁରଙ୍କ ମଧ୍ୟାହ୍ନ ଧୂପ ପରେ ମଇଲମ କରାଯାଇ ଭୂଦେବୀ ଓ ଶ୍ରୀଦେବୀ ଦକ୍ଷିଣଘର ଖଟଶେଯ ଉପରେ ବିଜେ ହୋଇଥିଲେ । ମହାପ୍ରଭୁଙ୍କ ଆଜ୍ଞାମାଳ ପାଇଲା ପରେ ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଶ୍ରୀ ମଦନମୋହନ ରାତି ୮ ଟାରେ ମୁକ୍ତି ମଣ୍ଡପ ଝୁଲଣ କୁଞ୍ଜକୁ ବିଜେ କରିଥିଲେ । ସ୍ୱତନ୍ତ୍ର ନୀତି ସହ ଭୋଗ ଓ ବିଡ଼ିଆ ମଣୋହୀ କରାଯାଇଥିଲା । ପରେ ନିଜ ନିଜ ଆସ୍ଥାନକୁ ବାହୁଡ଼ିଥିଲେ ଠାକୁରେ । ଏହି ଯାତ୍ରାରେ ଆଶ୍ରମ ସେବକ ଗୋଲଖଚନ୍ଦ୍ର ଆଚାର୍ଯ୍ୟ, ବାବା ଆନନ୍ଦ ଗୋପାଳ ଦାସଙ୍କ ସମେତ ଜିତୁ ଶତପଥୀ, ଅକ୍ଷୟ ମହାରଣା, ଦେବେନ୍ଦ୍ର ସାହୁ, କୁମାର ରମେଶ, ଟୁଟୁ, ଅକେ, ପିଙ୍କୁ, ଶିବା ପ୍ରମୁଖ ସହଯୋଗ କରିଥିଲେ ।

## ଜରି ପାଲ ପାଇଁ ଆର୍‌ଆଇ କାର୍ଯ୍ୟାଳୟରେ ଭିଡ଼




ଛେଣ୍ଡିପଦା,୨୯ ।୮ (ସମିସ): ଜରି ପାଲ ପାଇଁ ଛେଣ୍ଡିପଦା ତହସିଲ ଅନ୍ତର୍ଗତ ଜରପଡ଼ା ଆର୍‌ଆଇ ଅଫିସରେ ଶୁକ୍ରବାର ଶତାଧିକ କ୍ଷତିଗ୍ରସ୍ତ ପ୍ରଜାଙ୍କ ଭିଡ଼ ଲାଗିଥିଲା । ଜରି ପାଲ ପାଇବା ପାଇଁ ଅଧିକାଂଶ ଲୋକ ଆବେଦନ କରିଥିଲେ । ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ହୋଇଥିବା ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଅଧିକାଂଶ ଲୋକଙ୍କ ମାଟିକାନ୍ଥ ତଥା ଚାଳ ଛପର ଘର ଭାଙ୍ଗି ଯାଇଛି । ଏଥିସହ କେତେକ ଲୋକଙ୍କ ଆଜ୍‌ବେଷ୍ଟସ, ଟାଇଲ ଛପର ଘର ଏବଂ ଗୁହାଳ, ରୋଷେଇ ଘର ଆଦି ଭାଙ୍ଗିବା ସହ ଘର ଭିତରେ ପାଣି ଗଳୁଥିବାରୁ ସେମନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ଜରପଡ଼ା, ପରା, ଓଗୀ, ତୁକୁଡ଼ା ଆଦି ଗ୍ରାମର ଲୋକମାନେ ରାଜସ୍ୱ ନିରୀକ୍ଷକଙ୍କ ଜରିଆରେ ତହସିଲଦାରଙ୍କୁ ଆବେଦନ କରିଥିଲେ । ମାତ୍ର ଲୋକ ରୁଣ୍ଡ ହେବା ପରେ ଜରି ପାଲ ପାଇଁ ନାହିଁ ନ ଥିବା ପରିସ୍ଥିତି ଉପୁଜିଥିଲା । ଖବର ପାଇ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ ପହଞ୍ଚିଥିଲେ । ଆର୍‌ଆଇଙ୍କ ଦ୍ୱାରା ସଠିକ ଭାବେ ତଦନ୍ତ ଏବଂ ଅନୁସନ୍ଧାନ ବିବରଣୀ ପ୍ରସ୍ତୁତ ପରେ କ୍ଷତିଗ୍ରସ୍ତ ହିତାଧିକାରୀ ତାଲିକା ଚୟନ କରାଯିବ । ପରେ ଜରି ପାଲ ପ୍ରଦାନ କରିବା ସହ ସରକାରୀ ସହାୟତା ମଞ୍ଜୁର କରାଯିବ ବୋଲି ସେ ଲୋକଙ୍କୁ ବୁଝାସୁଝା କରିଥିଲେ । ଏଥିସହ ରାଜସ୍ୱ ନିରୀକ୍ଷକ ଏବଂ କର୍ମଚାରୀଙ୍କୁ ତୁରନ୍ତ ତଦନ୍ତ ଏବଂ ଅନୁସନ୍ଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଦୁର୍ଗାପୁର ରାଜସ୍ୱ ସର୍କଲ ଅଧୀନ ଅଧିକାଂଶ ଗ୍ରାମବାସୀଙ୍କ ମାଟି କାନ୍ଥ, ଚାଳଛପର ଘର, ରୋଷେଇ ଘର, ଗୁହାଳ ଆଦି ଭାଙ୍ଗି ଯାଇଥିବାରୁ ଜରି ପାଲ ଏବଂ ସରକାରୀ ସହାୟତା ମଞ୍ଜୁର ପାଇଁ ଅଧିକାଂଶ ଲୋକ ଆବେଦନ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି ।

## ସୁରକ୍ଷିତ ଶିଶୁ ଅଧିକାର ସମ୍ପର୍କିତ ସଚେତନତା

ତାଳଚେର,୨୯ ।୮ (ସମିସ): ସ୍ୱେଚ୍ଛାସେବୀ ସଂଗଠନ ସୋସିଆଲ ଡେଭେଲପମେଣ୍ଟ ଫାଉଣ୍ଡେସନ୍ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍, ଏମ୍‌ସିଏଲ୍, ଅନନ୍ତ ବିହାର ତାଳଚେର ତରଫରୁ ସ୍କୁଲ ତଥା ପଠନ କ୍ଷେତ୍ରରେ ହେଉଥିବା ଶୋଷଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ସ୍କୁଲ୍ ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ଅଧ୍ୟକ୍ଷ ବୋଷ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରି ସୁରକ୍ଷିତ ଶିଶୁ ଅଧିକାର, ଶୋଷଣ



ସୁରକ୍ଷିତ ଶୈଶବ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଅନୁଷ୍ଠାନର ପ୍ରୋଗ୍ରାମ୍ ଅଫିସର ସନ୍ଦୀପ୍ତା ବୀର ବର୍ମା ସୁରକ୍ଷିତ ଶିଶୁ ଅଧିକାର ଅଧିନିୟମ-୨୦୧୨, ଶୋଷଣ, ସୁରକ୍ଷିତ ଶୈଶବ, ଭୟ, ସଙ୍କୋଚ ଆଦି ଉପରେ ସୂଚନା ପ୍ରଦାନ କରିବା ସହ ଯୌନଗତ ହିଂସା ଆଚରଣ କଲେ କିପରି ଏବଂ କାହା ପାଖରେ ଅଭିଯୋଗ କରିବାକୁ ହେବ ସେ ଉପରେ ପିଲାଙ୍କୁମାନଙ୍କୁ ବୁଝାଇଥିଲେ । ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନର ସମ୍ପାଦକ ବୁଦ୍ଧଦେବ ଦାସ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମମତାରାଣୀ ବିଶିମାଝି ଓ ମହାଦେବ ଦାସ ଯୋଗଦେଇଥିଲେ ।

### ତାଳଚେର କେନ୍ଦ୍ରୀୟ ଗଣେଶ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି

# ୧୪ରେ ପୂଜା, ୨୬ରେ ଭସାଣି; ଡିଜେକୁ ନା





ତାଳଚେର,୨୯ ।୮ (ସମିସ):

ତାଳଚେରର ପ୍ରସିଦ୍ଧ ଗଣେଶ ପୂଜା ନେଇ ପ୍ରଥମ ପ୍ରସ୍ତୁତି ବୈଠକ ଶୁକ୍ରବାର ସନ୍ଧ୍ୟାରେ ଦେଉଳବେଡ଼ାସ୍ଥିତ ଡିସିଆଇ ହଲରେ ଅନୁଷ୍ଠିତ ହୋଇଛି । କେନ୍ଦ୍ରୀୟ ଗଣେଶ ପୂଜା କମିଟି ସଭାପତି ତଥା ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ତାଳଚେର ପୌରାଧ୍ୟକ୍ଷ ପବିତ୍ର ଭୂତିଆ, କମିଟି କାର୍ଯ୍ୟକାରୀ ସଭାପତି ତଥା ଏସଡିପିଓ ଭରତ ଚନ୍ଦ୍ର ସାହୁ, ଉପସଭାପତି କେଶବ ଭୁତିଆ, ପ୍ରଭାତ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ଦାସ, ତାଳଚେର ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ଯୋଗଦେଇ ଆଗାମୀ ଗଣେଶ ପୂଜା କିପରି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ସେ ନେଇ ମତାମତ ପ୍ରଦାନ କରିଥିଲେ । ଆସନ୍ତା ସେପ୍ଟେମ୍ବର ୧୪ ତାରିଖ ପୂଜା ଆରମ୍ଭ ହୋଇ ୨୬ ତାରିଖ ଇନ୍ଦୁପୂର୍ଣ୍ଣିମା ତିଥିରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି ।

ଚଳିତବର୍ଷ ଘୋଡ଼ାଶାଳଠାରୁ ହାଣ୍ଡିଧୂଆଁ ପର୍ଯ୍ୟନ୍ତ ପ୍ରାୟ ୫କିମି ବ୍ୟାପୀ ଶତାଧିକ ମଣ୍ଡପରେ ପ୍ରଭୁ ଶ୍ରୀ ଗଜାନନ ପୂଜା ପାଇବେ । ପୂଜା ମଣ୍ଡପଗୁଡ଼ିକୁ ଅଧିକ ଆକର୍ଷଣୀୟ କରାଯିବା ନେଇ ଉପସ୍ଥିତ ବିଭିନ୍ନ ପୂଜା ମଣ୍ଡପର କର୍ମକର୍ତ୍ତା ମତ ରଖିଥିଲେ । ଏଥିସହ ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳାରେ ପୂଜା ଉପଭୋଗ କରିବା ପାଇଁ କମିଟିଗୁଡ଼ିକ ପଦକ୍ଷେପ ନେବାକୁ ସମସ୍ତ ପୂଜା କମିଟିକୁ କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଅନୁରୋଧ କରାଯାଇଛି । ସେହିପରି ଶବ୍ଦ ପ୍ରଦୂଷଣ ରୋକିବା ନେଇ ଡିଜେକୁ ସମ୍ପୂର୍ଣ୍ଣ ବାରଣ କରାଯିବାକୁ ପ୍ରସ୍ତାବ ଦିଆଯାଇଛି । ସହରର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ନେଇ ପୂଜା କମିଟିଗୁଡ଼ିକ ତତ୍ପରତା ପ୍ରକାଶ କରିଥିଲେ । ଭସାଣି ପୂର୍ବଦିନ ହେଉଥିବା ୩.୫ଟନ୍ ଓଜନର ଲଡ୍ଡୁକୁ ଚଳିତବର୍ଷ ଅଧିକ ଆକର୍ଷିତ କରିବାକୁ ମତପ୍ରକାଶ ପାଇଥିଲା । ଅତି ସତର୍କତାର ସହ ବିଶୁଦ୍ଧ ତେଲରେ ଅଭିଜ୍ଞ କାରିଗରଙ୍କ ଦ୍ୱାରା ଏହି ବିରାଟ ଲଡୁ ପ୍ରସ୍ତୁତ କରାଯିବ । ଏଥିପାଇଁ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ୩ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବେ । ସେହିପରି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରିବେ ବୋଲି ସମ୍ମତି ପ୍ରଦାନ କରିଥିବା କମିଟି ସାଧାରଣ ସମ୍ପାଦକ ଜିତେନ୍ଦ୍ର ଦାସ ପ୍ରକାଶ କରିଛନ୍ତି । ତାଳଚେର ବିଧାୟକ ପ୍ରଧାନ ମଧ୍ୟ ଲଡୁ ପ୍ରସ୍ତୁତି ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି । ସେହିପରି ଗତ ବର୍ଷ ହୋଇଥିବା ବିଶୃଙ୍ଖଳାର ପୁନରାବୃତ୍ତି ନ କରି ଶାନ୍ତିଶୃଙ୍ଖଳାରେ ଯେପରି ଲଡୁ ନିଲାମ ପ୍ରକ୍ରିୟା ସମ୍ପନ୍ନ ହେବ ସେ ନେଇ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି । ପ୍ରବେଶିକା ଦେୟ କ ବିଭାଗ ୫ହଜାର ଓ ଖ ବିଭାଗ ପୂଜା କମିଟି ୪ହଜାର ଟଙ୍କା ଆଗାମୀ ୭ତାରିଖ ସୁଦ୍ଧା କେନ୍ଦ୍ରୀୟ କମିଟି କୋଷାଧ୍ୟକ୍ଷ ରଷିକେଶ ସାହୁଙ୍କ ନିକଟରେ ପୈଠ କରିବାକୁ କୁହାଯାଇଛି । ସେହିପରି ଭସାଣିରେ ମେଢ଼ଗୁଡ଼ିକର ଉଚ୍ଚତା ଅଧିକ ନ କରି କମିଟି ନିୟମ ଅନୁଯାୟୀ କରାଯିବାକୁ ଅନୁରୋଧ କରାଯାଇଛି । ପରିମଳ ବ୍ୟବସ୍ଥା ପାଇଁ ତାଳଚେର ପୌର ପରିଷଦ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ଟିପିସିଓଡିଏଲକୁ କୁହାଯାଇଛି । କୌଣସି ଅଘଟଣ ପାଇଁ ସଜାଗ ରହିବାକୁ ଅଗ୍ନିଶମ ବିଭାଗକୁ କୁହାଯାଇଛି । ପୂଜା ପୂର୍ବରୁ ରାସ୍ତାଘାଟ ମରାମତି ଶେଷ କରିବାକୁ ପିଡବ୍ଲ୍ୟୁଡି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ପୂଜାଠାରୁ ଭସାଣି ମଧ୍ୟରେ କୋଇଲା ଗାଡ଼ି ଚଳାଚଳ ଅପରାହ୍ନ ୪ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ବନ୍ଦ ରହିବା ତଥା ନୋ ଏଣ୍ଟ୍ରି ବ୍ୟବସ୍ଥା କରାଯିବାକୁ ମତ ନିଷ୍ପତ୍ତି ହୋଇଛି । ତେବେ ଭସାଣି ଉତ୍ସବ ପାଇଁ ପରବର୍ତ୍ତୀ ସ୍ୱତନ୍ତ୍ର ବୈଠକରେ ନିଷ୍ପତ୍ତି ନିଆଯିବାକୁ ମତ ପ୍ରକାଶ ପାଇଛି । କୋଷାଧ୍ୟକ୍ଷ ରଷିକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପୂଜା କମିଟିଗୁଡ଼ିକର ସଭାପତି, ସମ୍ପାଦକ ଓ କେନ୍ଦ୍ରୀୟ ଗଣେଶ ପୂଜା କମିଟି ସହ ସମ୍ପାଦକ ଓ ଅନ୍ୟାନ୍ୟ କମିଟି ସଦସ୍ୟ, ଉପଦେଷ୍ଟା ମଣ୍ଡଳୀ ଓ ସମସ୍ତ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ● ସାଥୀ ପରିବାରର ଗ୍ରାମୀଣ ଜୈବବିବିଧତା ଯାତ୍ରା କାର୍ଯ୍ୟକ୍ରମ

## 'ସମ୍ପର୍କ ନିବିଡ଼ କରିବ ଗାଁର ଜୈବବିବିଧତା'

ଅନୁଗୋଳ,୨୯ ।୮ (ସମିସ): ଭାରତ ରାଷ୍ଟ୍ର ନିଜ ସମୃଦ୍ଧ ଜୈବବିବିଧତା ପାଇଁ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ । ବିଶେଷ କରି ଭାରତର ଗ୍ରାମାଞ୍ଚଳରେ ଥିବା ଜୈବବିବିଧତା ଓ ଜୈବ ପରିସଂସ୍ଥାର ଅପାର ବୈଚିତ୍ର, ଅଦ୍ଭୁତପୂର୍ବ ବିବିଧତା ଓ ଜୀବନଚର୍ଯ୍ୟାର ଭିନ୍ନତା ହିଁ ଗ୍ରାମୀଣ ଜୈବବିବିଧତାର ମାହାତ୍ମ୍ୟ ଓ ମାଧୁର୍ଯ୍ୟର ନିଖୁଣତାକୁ ପରିପ୍ରକାଶ କରେ । ତେବେ ମାନବଜାତିର ବିନାଶକାରୀ ନକରାତ୍ମକ ପ୍ରଭାବ ବିସ୍ତାର ଯୋଗୁଁ ଗ୍ରାମୀଣ ଜୈବବିବିଧତା ଆଜି ବିପଦରେ । ଗ୍ରାମୀଣ ଜୈବବିବିଧତାର ସଂରକ୍ଷଣ, ଏହାର ବ୍ୟବହାର ଓ ଗୁରୁତ୍ୱ ବାବଦରେ ଭବିଷ୍ୟତ ପିଢ଼ୀଂକୁ ଅବଗତ ଓ ସଚେତନ କରାଇବା ପାଇଁ ଅନୁଗୋଳର ପରିବେଶଧର୍ମୀ ଅନୁଷ୍ଠାନ ସାଥୀ ପରିବାରା ପକ୍ଷରୁ ଗ୍ରାମୀଣ ଜୈବବିବିଧତା ଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ବଅଁରପାଳ ବ୍ଲକ ଅନ୍ତର୍ଗତ ସବୁଜିମାଭରା ରାଉତାଳ ଗ୍ରାମରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପ୍ରଥମେ ଏକ ପ୍ରାରମ୍ଭିକ ସଭାରେ ରାଉତାଳ ଗ୍ରାମରେ ଥିବା ଜଙ୍ଗଲ ଜୈବବିବିଧତା, କୃଷି ଜୈବବିବିଧତା, ଜୈବ ପରିସଂସ୍ଥା, ବନ୍ୟପ୍ରାଣୀ ଜୈବବିବିଧତା, ଗୃହପ୍ରାଣୀ ସମ୍ପଦ, ସାଂସ୍କୃତିକ ଜୈବବିବିଧତା, ଗ୍ରାମ୍ୟ ଐତିହ୍ୟ ବିବରଣୀ ଏବଂ ଗ୍ରାମବାସୀଂକ ଜୀବନଜୀବିକା ପ୍ରସଂଗକୁ ସର୍ଭେ, ସଚେତନ ଓ ଦସ୍ତାବିଜକରଣ ବା ଲିପିବଦ୍ଧ ମାଧ୍ୟରେ ସଂରକ୍ଷଣ ଏବଂ ଚିରସ୍ଥାୟୀ ବ୍ୟବହାର କରାଯିବାକୁ ଆଲୋଚନା ହୋଇଥିଲା । ପରବର୍ତ୍ତୀ ସମୟରେ ଜଂଗଲ ଜୈବବିବିଧତା ପାଇଁ ତଥ୍ୟ ସଂଗ୍ରହ କରିବା ପାଇଁ ଜଂଗଲ ପରିଭ୍ରମଣ କରାଯାଇଥିଲା । ବୟଜ୍ୟୋଷ୍ଠ ଲୋକଂକ ଦ୍ୱାରା ଗ୍ରାମର ସଂରକ୍ଷିତ ଜଂଗଲରୁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ




ଜଂଗଲୀ ଉଭିଦକୁ ଚିହ୍ନଟ କରାଯାଇଥିଲା । ଯାହା ମଧ୍ୟରେ ୧୦୦ରୁ ଅଧିକ ଗଣ୍ଡିଜାତୀୟ ଗଛ, ୪୦ରୁ ଅଧିକ ଗୁଳ୍ମ, ୨୦ରୁ ଅଧିକ ଲତା ଓ ୧୫ରୁ ଅଧିକ ଘାସ ପ୍ରଜାତିର ଉଭିଦକୁ ଚିହ୍ନଟ କରାଯାଇ ଲିପିବଦ୍ଧ କରାଯାଇଥିଲା । ବୟଜ୍ୟୋଷ୍ଠ ଲୋକଂକ ପାରମ୍ପାରିକ ଜ୍ଞାନ ବାବଦରେ ଜାଣି ଗ୍ରାମର ଯୁବଗୋଷ୍ଠୀମାନେ ଅଧିକ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ପରବର୍ତ୍ତୀ ସମୟରେ ଗ୍ରାମର କୃଷି ଜୈବବିବିଧତା ସମେତ ଅନ୍ୟ ଜୈବବିବିଧତାଗୁଡ଼ିକୁ ଚିହ୍ନଟ କରାଯାଇ ଲିପିବଦ୍ଧ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ଗ୍ରାମ ସଭାପତି ନିରଞ୍ଜନ ସାହୁ, ପବିତ୍ର ସାହୁ, କନ୍ଦର୍ପ ବିଶ୍ୱାଳ, ରମେଶ ବିଶ୍ୱାଳ, କୁଶ ବିଶ୍ୱାଳ, କାଳନ୍ଦୀ ମହାଳିକ, ବୁଲୁ ବିଶ୍ୱାଳ, ଦେବାଶିଷ ସାହୁ, ଇନ୍ଦ୍ର ସାହୁ, ଆଲୋକ ବିଶ୍ୱାଳ, ସୁନୀଲ ସାହୁଂକ ସମେତ "ସାଥୀ ପରିବାର"ର ଗୁରୁଦେବ ସାହୁ, ସିପୁନ ସାହୁ ଏବଂ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ପରିଚାଳନା କରିଥିଲେ ।

## ୧୦ ଫୁଟର ଅଜଗର ଉଦ୍ଧାର



କଣିହାଁ,୨୯ ।୮ (ସମିସ): କଣିହାଁ ବ୍ଲକ ଟାକୁଆ ଗ୍ରାମରୁ ଶନିବାର ଏକ ୧୦ ଫୁଟ ଲମ୍ବ ଅଜଗର ଉଦ୍ଧାର କରାଯାଇଛି । କଣିହାଁ ସ୍ନେକ୍ ହେଲ୍ପଲାଇନ୍ କର୍ମୀ ଟୋଲକବେଡ଼ା ଗ୍ରାମର ସୌରଭ ଚନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଅତ୍ୟନ୍ତ ସାବଧାନତାର ସହ ସାପକୁ ଉଦ୍ଧାର କରିଥିଲେ । ସୂଚନା ଅନୁସାରେ, ଟାକୁଆ ଗ୍ରାମର ବିକାଶ ଦେହୁରୀଙ୍କ ତେଜରାତି ଦୋକାନ ବାରଣ୍ଡାରେ ଶନିବାର ସକାଳେ ଏହି ଅଜଗରଟି ଶୋଇଥିବା ଦେଖିବାକୁ ମିଳିଥିଲା । ସାପକୁ ଦେଖି ସ୍ଥାନୀୟ ଲୋକେ ସୌରଭଙ୍କୁ ଖବର ଦେଇଥିଲେ । ସୌରଭ ପହଞ୍ଚି ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରି କଣିହାଁ ବନବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ । ସୌରଭଙ୍କ ଏହି ସାହସିକ କାର୍ଯ୍ୟ ପାଇଁ ସ୍ଥାନୀୟ ତାଙ୍କୁ ପ୍ରଶଂସା କରିଛନ୍ତି ।

## ନଷ୍ଟ ହୋଇଯିବ ଆଠମଲ୍ଲିକର ଐତିହ୍ୟସମ୍ପନ୍ନ ଉପଜିଲ୍ଲାପାଳ କାର୍ଯ୍ୟାଳୟ



ଆଠମଲ୍ଲିକ,୨୯ ।୮ (ସମିସ): ରାଜାରାଜୁଡ଼ା ସମୟରୁ ଆଠମଲ୍ଲିକ ସହର ଉପକଣ୍ଠରେ ନିର୍ମିତ ଏକ ପୁରୁଣା କୋଠାରେ ଆଠମଲ୍ଲିକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କାର୍ଯ୍ୟ କରି ଆସୁଥିଲା । ବହୁ ପୁରାତନ କୋଠା ହୋଇଥିବାରୁ ଏହି କୋଠାକୁ ସମୟ ସମୟରେ ପୂର୍ତ୍ତ ବିଭାଗ ମରାମତି କରିଥାଏ । ତେବେ ଗତ କିଛିଦିନ ହେଲା ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ କୋଠା ନଷ୍ଟ ହେବାକୁ ବସିଲାଣି । କୋଠା ଚାରିପାଖରେ ଗଛ ଉଠି କାନ୍ଥ ଫାଟିବା ଆରମ୍ଭ ହେଲାଣି । ଏହି କୋଠା ଆଠମଲ୍ଲିକର ସୌନ୍ଦର୍ଯ୍ୟ ବୃଦ୍ଧି କରୁଛି । ଏହା ଆଠମଲ୍ଲିକର ଐତିହ୍ୟ ଓ କୀର୍ତ୍ତିରାଜୀ କହିଲେ ଅତ୍ୟୁକ୍ତି ହେବନାହିଁ । କୋଠାଟି ୨ ମହଲା ବିଶିଷ୍ଟ ହୋଇଥିବା ବେଳେ ଏହାର ଶିଡ଼ି କାଠରେ ନିର୍ମାଣ ହୋଇଛି । ସମ୍ମୁଖରେ ବିସ୍ତିର୍ଣ୍ଣ ଖୋଲା ସ୍ଥାନ । ପତାକା ଉତ୍ତୋଳନ ପିଣ୍ଡି ରହିଛି । ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ସାଧାରଣ ନିର୍ବାଚନ ସମୟରେ ନାମାଙ୍କନପତ୍ର ଦାଖଲ ସମୟରେ ହଜାର ହଜାର ଜନସାଧାରଣଙ୍କ ସମାଗମ ହୋଇଥାଏ । ବର୍ତ୍ତମାନ ତୁରନ୍ତ ପ୍ରଶାସନ ଦ୍ୱାରା କୋଠାର ପୁନରୁଦ୍ଧାର କାର୍ଯ୍ୟ କରାଯାଇ ଆଠମଲ୍ଲିକର ଏହି ଐତିହ୍ୟକୁ ବଞ୍ଚାଇ ରଖିବାକୁ ସାଧାରଣରେ ଦାବି ହେଉଛି । ସୂଚନାଯୋଗ୍ୟ, ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟ ମଧ୍ୟ ପୁରୁଣା କୋଠାରେ କାର୍ଯ୍ୟ କରୁଥିଲା । ନୂତନ କୋଠା ନିର୍ମାଣ ହେବାପରେ ପୁରୁଣା କୋଠାକୁ ପ୍ରଶାସନ ମରାମତି କରି ରଙ୍ଗ ମରାଯାଇ କୀର୍ତ୍ତିରାଜି ଭାବେ ରଖାଯାଇ କିଛି ଅଧିକାରୀଙ୍କ କାର୍ଯ୍ୟାଳୟ ହୋଇଛି ।

**ରକ୍ଷଣାବେକ୍ଷଣ ଅଭାବ, କୋଠାରେ ନାହିଁ ରଙ୍ଗ, ଉଠିଛି ଗଛ**

### ● ଜାତୀୟ କ୍ରୀଡ଼ା ଦିବସ କାର୍ଯ୍ୟକ୍ରମର ପ୍ରଥମ ଦିନ

## ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ସହ କ୍ରୀଡ଼ା ପ୍ରଦର୍ଶନୀ



ଅନୁଗୋଳ,୨୯ ।୮ (ସମିସ): କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଅନୁଗୋଳ ଇନ୍‌ଡୋର ଷ୍ଟାଡିୟମରେ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଜାତୀୟ କ୍ରୀଡ଼ା ଦିବସ ସମାରୋହ ଆୟୋଜିତ ହୋଇଛି । ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତିନିଦିନିଆ କାର୍ଯ୍ୟକ୍ରମର ଉଦଘାଟନୀ ଦିବସରେ ଭାରତୀୟ ହକିର ମହାନ୍ ତାରକା ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଜିଲ୍ଲା କ୍ରୀଡ଼ା ସଂସଦର ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିକଶିତ ଭାରତ ଗଠନରେ ଯୁବସମାଜ ଓ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସିଠ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ସହ ୨୦୩୬ ଅଲିମ୍ପିକ୍ସ ପାଇଁ ଆଜିଠାରୁ ଦୃଢ଼ ପ୍ରସ୍ତୁତି କରି ନିଜ ସ୍ଥାନ ପକ୍କା କରିବାକୁ ଆହ୍ୱାନ ଦେଇଥିଲେ । ଉତ୍ସବରେ ଜିଲ୍ଲାର ହକି, ବ୍ୟାଡ୍‌ମିଣ୍ଟନ, ଉଷୁ ଆଦି ଖେଳାଳିମାନେ ଅଂଶଗ୍ରହଣ କରି ନିଜ କ୍ରୀଡ଼ାର ସ୍ୱତନ୍ତ୍ରତା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଉଷୁ ଆସୋସିଏସନ ସମ୍ପାଦକ ତଥା ଅନ୍ତର୍ଜାତୀୟ ଜଜ୍ ସୁଶାନ୍ତ ନାଏକ, ଅନ୍ତର୍ଜାତୀୟ ଉଷୁ ଖେଳାଳି ବାବୁଲ ମୁଣ୍ଡା, ବ୍ୟାଡ୍‌ମିଣ୍ଟନ କୋଚ୍ ବିଶ୍ୱଜିତ୍ ଦାସ, ବାବୁଲ ପ୍ରସାଦ ମହାନ୍ତି, ଅରୁଣ ନାଏକ, ବିନୋଦ ନାଏକ ଏବଂ ଚିତ୍ତରଞ୍ଜନ ମହନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଶେଷରେ 'ମେରା ଯୁବ ଭାରତ' (ଅନୁଗୋଳ)ର ଅତିରିକ୍ତ ଜିଲ୍ଲା ସଂଯୋଜକ ତପନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

### ● ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ବିଜ୍ଞାନସମ୍ମତ ନିର୍ଭୁଲ ପାଠ୍ୟପୁସ୍ତକ ଯୋଗାଇବାକୁ ଦାବି

# କିଶୋରନଗର ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା

କିଶୋରନଗର,୨୯ ।୮ (ସମିସ):

ଚଳିତ ଶିକ୍ଷାବର୍ଷର ୪ ମାସ ବିତି ଯାଇଥିଲେ ମଧ୍ୟ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯାଇ ବିଜ୍ଞାନ ସମ୍ମତ ନିର୍ଭୁଲ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇ ନାହିଁ । ଫଳରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଭୁଲ୍ ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି । ଅବିଳମ୍ବେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ବିଜ୍ଞାନ ସମ୍ମତ ନିର୍ଭୁଲ ପାଠ୍ୟପୁସ୍ତକ ଯୋଗାଇଦେବା ଦାବିରେ ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି କିଶୋରନଗର ଶାଖା ପକ୍ଷରୁ ବ୍ଲକ୍ ଅଫିସ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଛି । ଏଥିରେ ଶିକ୍ଷକ, ବୁଦ୍ଧିଜୀବୀ ଓ ଅଭିଭାବକମାନେ ସାମିଲ ହୋଇଥିଲେ । ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି, କିଶୋରନଗର ବ୍ଲକ ଆବାହକ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ



ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶୁକଦେବ ସାହୁ, ତ୍ରୈଲୋକ୍ୟ ପ୍ରଧାନ, ଚିତ୍ତରଞ୍ଜନ ମେଣ୍ଡୁଲି, ଅକ୍ଷୟ କୁମାର ବାରିକ, ବସନ୍ତ କୁମାର ସ୍ୱାଇଁ, ଶଶିଭୂଷଣ ପ୍ରଧାନ, ଗୌରଚନ୍ଦ୍ର ପ୍ରଧାନ, ଅଭିଭାବକ ବିଜୟ ଲୁହା, ରମଣୀ ରଞ୍ଜନ ପ୍ରଧାନ, ବସୁମତୀ ସାହୁ, ଜିଲ୍ଲା ଆବାହକ ବ୍ରଜବନ୍ଧୁ ସାହୁ, ଅନିରୁଦ୍ଧ ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରଣୟନ କରି ସରକାର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ । ପାଠ୍ୟପୁସ୍ତକରେ ତ୍ରୁଟି ରହିଛି ବୋଲି ସରକାର ସ୍ୱୀକାର କରିଥିଲେ ମଧ୍ୟ ଏହାକୁ କାହିଁକି ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ବିଜ୍ଞାନ ସମ୍ମତ ନିର୍ଭୁଲ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉ ନାହିଁ ବୋଲି ବୋଲି ସେମାନେ ପ୍ରଶ୍ନ କରିଥିଲେ । ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଦ୍ୱାରା ପାଠପଢ଼ା ଚାଲୁ ରଖିବା ସରକାରଙ୍କ ଶିକ୍ଷାମାରଣ ନୀତିର ନିଦର୍ଶନ ବୋଲି ସେମାନେ ଅଭିଯୋଗ କରିଥିଲେ । ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ଚଳିତ ଶିକ୍ଷାବର୍ଷ ପାଇଁ ଗତବର୍ଷର ପାଠ୍ୟ ପୁସ୍ତକରେ ଶିକ୍ଷାଦାନ କରିବା, ତ୍ରୁଟି ସଂଶୋଧନ ନୁହେଁ, ବିଜ୍ଞାନ ସମ୍ମତ, ଯୁକ୍ତିସଙ୍ଗତ, ମୌଳିକ ଧାରଣା ଭିତ୍ତିକ ବିଷୟବସ୍ତୁ ଥାଇ ନିର୍ଭୁଲ ପାଠ୍ୟପୁସ୍ତକ ଯୋଗାଇଦେବା, ବିଷୟଭିତ୍ତିକ ବିଶେଷଜ୍ଞମାନଙ୍କୁ ନେଇ ବୋର୍ଡ ଗଠନ କରି ସେହି ବୋର୍ଡକୁ ପାଠ୍ୟପୁସ୍ତକ ପ୍ରସ୍ତୁତି ଦାୟିତ୍ୱ ଦେବା ଏବଂ ପୁସ୍ତକ ପ୍ରକାଶନ ପୂର୍ବରୁ ବୋର୍ଡର ସମସ୍ତ ସଦସ୍ୟଙ୍କ ନାମ ଓ ସେମାନଙ୍କ ଦ୍ୱାରା ଲିଖିତ ପୁସ୍ତକକୁ ସାର୍ବଜନୀନ କରିବା, ବିଦ୍ୟାଳୟ ସ୍ତରରେ ମାତୃଭାଷା ଓ ଇଂରାଜୀ ଭାଷା ଶିକ୍ଷାକୁ ବାଧ୍ୟତାମୂଳକ କରିବା ପ୍ରଭୃତି ୫ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ବିଡିଓଙ୍କ ଅନୁପସ୍ଥିତିରେ ସହକାରୀ ଯନ୍ତ୍ରୀ ଧାରଣାସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ । ସରକାର ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର ନ କଲେ ଜିଲ୍ଲାରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଆନ୍ଦୋଳନ ଚେତାବନୀ ଦିଆଯାଇଛି ।

## 'ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ସମସ୍ୟା ପ୍ରତି ସରକାର ଦୃଷ୍ଟି ଦିଅନ୍ତୁ'

ଗଁଦିଆ,୨୯ ।୮ (ସମିସ): ଶିକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପ୍ରତ୍ୟେକ ବର୍ଷ ପବିତ୍ର ଗୁରୁଦିବସ ଅବସରରେ ରାଷ୍ଟ୍ରପତିଙ୍କ ଦ୍ୱାରା ଜାତୀୟ ପୁରସ୍କାର ପ୍ରଦାନ କରାଯାଉଛି । ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ହେଉଛନ୍ତି ଶିକ୍ଷା କ୍ଷେତ୍ରର ମାର୍ଗଦର୍ଶକ । ସେମାନଙ୍କ ପ୍ରେରଣା ଓ ମାର୍ଗଦର୍ଶନ ଫଳରେ ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ହୋଇପାରିଛି । ବାର୍ଦ୍ଧକ୍ୟ ଅବସ୍ଥାରେ ପଦାର୍ପଣ କରିବା ସମୟରେ ସେମାନଙ୍କ ପାଇଁ ସରକାରୀ ସାହାଯ୍ୟ ନିତାନ୍ତ ଆବଶ୍ୟକ । ଭାରତର ଅନେକ ରାଜ୍ୟରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସରକାରୀ ସେବା ଅବଧି ବୃଦ୍ଧି, ପଦୋନ୍ନତିରେ ସୁଯୋଗ, ସ୍ୱତନ୍ତ୍ର ଇନକ୍ରିମେଣ୍ଟ ପ୍ରଦାନ, ସ୍ୱତନ୍ତ୍ର ପରିଚୟପତ୍ର ପ୍ରଦାନ କରାଯାଉଥିବା ବେଳେ ଓଡ଼ିଶାର ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି । ଏଣୁ ପବିତ୍ର ଗୁରୁ ଦିବସ ପାଳନ ଅବସରରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶା ତରଫରୁ ବାରମ୍ବାର ଦିଆଯାଇଥିବା ସ୍ମାରକପତ୍ରକୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଗ୍ରହଣ କରି ସେମାନଙ୍କ ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ପ୍ରେସ ବାର୍ତ୍ତାରେ ଜଣାଇଛନ୍ତି ।

## ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

- **ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ**

ଢେଙ୍କାନାଳ,୨୯ ।୮ (ସମିସ): କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା ଶ୍ରୀମୂଳା ଗ୍ରାମର ବିଜୟ ନାଏକଙ୍କ ଘରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଛି । ଘରେ ଥିବା ଧାନ, ଚାଉଳ ସହ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଛି । ତେବେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

## ପାଟରା ସମାଜ ପକ୍ଷରୁ ପାଟବସ୍ତ୍ର ଓ ରାଖି ଲାଗି

ଭୁବନ,୨୯ ।୮ (ସମିସ): ପବିତ୍ର ରକ୍ଷାବନ୍ଧନ ତଥା ବଳଭଦ୍ରଙ୍କ ଜନ୍ମ ଉତ୍ସବରେ ପୁରୀ ମନ୍ଦିରରେ ନିଖିଳ ଉତ୍କଳ ପାଟରା ସମାଜ ତରଫରୁ ପାଟବସ୍ତ୍ର ବସ୍ତ୍ର ଓ ରାଖି ଲାଗି ସେବା ଅନୁଷ୍ଠିତ ହୋଇଛି । ଓଳାଶା ଚକଲା ଅଧୀନରେ ଥିବା ଭୁବନ ଥାନ ତରଫରୁ ଉକ୍ତ ସେବା ଢେଙ୍କାନାଳ ଜିଲ୍ଲା ଭୁବନର ତୃତୀୟାଦେବଜୀୟୁ ମନ୍ଦିର ଜଗନ୍ନାଥ ମନ୍ଦିରରେ ପାଳନ କରାଯାଇଛି । ଏହି ଥାନର ବଡ଼ ଥାନପତି ତଥା ସଭାପତି ଅରୁଣ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ସୁବ୍ରତ କୁମାର ସାହୁ, ସମ୍ପାଦକ ମନୋଜ କୁମାର ସାହୁ, ଜୟରାମ ବେହେରାଙ୍କ ନେତୃତ୍ୱରେ ଅନ୍ୟ ଭାଇ ଗୋସେଇଁଙ୍କ ସହଯୋଗରେ ବଡ଼ହାଟରେ ଥିବା ପାଟରା ସମାଜ କୋଠାଘରଠାରୁ ବାହାରି ସୁସଜ୍ଜିତ ରଥରେ ଇଷ୍ଟଦେବ ପ୍ରଭୁ ବଳଭଦ୍ର ଦେବଙ୍କୁ ସାଥୀରେ ନେଇ ବିରାଟ ଶୋଭାଯାତ୍ରାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପାଟବସ୍ତ୍ର ଓ ରାଖି ସେବା କରାଇ ସାଙ୍ଗରେ ଠାକୁରଙ୍କ ଆଜ୍ଞାମାଳ ନେଇ ଆସିଥିଲେ । ପରେ ବଳଭଦ୍ରଙ୍କୁ ସଂକୀର୍ତ୍ତନ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା । ତୃତୀୟାଦେବଜୀୟୁ ମନ୍ଦିର ଟ୍ରଷ୍ଟ ସଭାପତି ତଥା ଭୁବନ ନଗରପାଳ ଶୁଭେନ୍ଦୁ ସାହୁ, ସମ୍ପାଦକ ନିରଞ୍ଜନ ଗୁରୁ ପାଟରା ଗୋସେଇଁମାନଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ । ମନ୍ଦିର ମୁଖ୍ୟ ପୂଜକ ତୁଷାରକାନ୍ତି ମିଶ୍ର ରାଖି ଓ ପାଟବସ୍ତ୍ରକୁ ପୂଜାର୍ଚ୍ଚନା କରି ନଗର ପରିକ୍ରମା ପାଇଁ ଆଜ୍ଞାମାଳ ପ୍ରଦାନ କରିଥିଲେ ।

## ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ
# ସେମିଫାଇନାଲରେ ନେତାଜୀ କ୍ଲବ୍

ଢେଙ୍କାନାଳ,୨୯ ।୮ (ସମିସ)



ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମରେ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃକ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଦ୍ଦଶ ଦିବସରେ ନେତାଜୀ ଫୁଟ୍‌ବଲ୍ କ୍ଲବ୍, ଢେଙ୍କାନାଳ ଓ ଦୁର୍ଗାପ୍ରସାଦ ଫୁଟ୍‌ବଲ୍ କ୍ଲବ୍, ଦୁର୍ଗାପ୍ରସାଦ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ୩-୦ ଗୋଲରେ ନେତାଜୀ ଫୁଟ୍‌ବଲ୍ କ୍ଲବ୍ ବିଜୟୀ ହୋଇ ସେମିଫାଇନାଲ୍‌କୁ ଉନ୍ନୀତ ହୋଇଛି ।

ସେପ୍ଟେମ୍ବର ୧ ତାରିଖ ପ୍ରଥମ ସେମିଫାଇନାଲ ମ୍ୟାଚ୍ ନେତାଜୀ ଫୁଟ୍‌ବଲ୍ କ୍ଲବ୍ ଓ ମର୍ଣ୍ଣିଂ ଫୁଟ୍‌ବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ । ରେଫରୀ ଭାବେ ଦେବରାଜ ସ୍ୱାଇଁ, ଅରୁଣ ନାୟକ, ଅନିଲ୍ ନନ୍ଦ ଓ ମନୋଜ ସେଠୀ ପ୍ରମୁଖ ମ୍ୟାଚ ପରିଚାଳନା କରିଥିବାବେଳେ ମାୟାଧର ସାହୁ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅନ୍ତର୍ଜାତୀୟ କ୍ରୀଡ଼ା ଘୋଷକ ଅମୀୟ ଚାନ୍ଦ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା ଚେସ୍ ଆସୋସିଏସନ୍‌ର ପୂର୍ବତନ ସଭାପତି ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ଓଡ଼ିଶା ପୁଲିସର ପୂର୍ବତନ ରାଜ୍ୟ ଫୁଟ୍‌ବଲ୍ ଖେଳାଳି ଗଙ୍ଗାଧର ରାଉତ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । କମିଟି ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ତଥା ସାଂଗଠନିକ ସମ୍ପାଦକ ସଞ୍ଜୟ କୁମାର ଭଞ୍ଜ, ପ୍ରେମାନନ୍ଦ ବିହାରୀ, ଉପସଭାପତି ସୌଭାଗ୍ୟ ସାହୁ, ମନୋଜ ପଟ୍ଟନାୟକ, ସରୋଜ ପାଢ଼ୀ, ଅଜୟ ବାରିକ, ବାବୁ ପାଢ଼ୀ, ସୁଶାନ୍ତ ଜେନା, ପର୍ଶୁରାମ ମିଶ୍ର, ସରୋଜ ମହାନ୍ତି, ଅଭିଜିତ ମିଶ୍ର, ପ୍ରତାପ କୁମାର ମହାନ୍ତି, ଶ୍ୟାମସୁନ୍ଦର ମହାପାତ୍ର, ଅଜୟ କୁମାର ପଟ୍ଟନାୟକ, ବସନ୍ତ ବେହେରା, ପ୍ରତୀକ ଭଞ୍ଜ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ମନୋଜ ଦାସ, ଶିବପ୍ରସାଦ ଦାଶ, ସଚ୍ଚିଦାନନ୍ଦ ସାହୁ, ରାଜେନ୍ଦ୍ର ପାଣି, ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ସହଯୋଗ କରିଥିଲେ ।

## ଶିଶୁଗୃହରେ ସାମୂହିକ ଜନ୍ମଦିନ ଓ ରକ୍ଷାବନ୍ଧନ ଉତ୍ସବ




ଢେଙ୍କାନାଳ,୨୯ ।୮ (ସମିସ): ରକ୍ଷାବନ୍ଧନ ଅବସରରେ ସ୍ଥାନୀୟ 'ଆଦୃତା' ଶିଶୁଗୃହ ଅନ୍ତେବାସୀମାନଙ୍କ ସାମୂହିକ ଜନ୍ମଦିନ ଓ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି । ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବ ପ୍ରଥମେ ଅନ୍ତେବାସୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଜିଲ୍ଲା ଦୌରା ଜଜ୍ ପ୍ରଣବ କୁମାର ରାଉତରାୟ, ଉଦ୍‌ଘାଟକ ଭାବେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏବଂ ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଉପଜିଲ୍ଲାପାଳ ପଦ୍ମଚରଣ ସାହୁ ଯୋଗଦେଇଥିଲେ । "ଆଦୃତା" ପରିବାରର ଏହି ନିଆରା କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ ତଥା ଶୁଭେଚ୍ଛୁ, ପୃଷ୍ଠପୋଷକମାନଙ୍କ ସ୍ନେହ ଓ ଆଶୀର୍ବାଦ ଏହି ଶିଶୁମାନଙ୍କ ମୁହଁରେ ହସ ଫୁଟାଇବ ଏବଂ ସେମାନଙ୍କ ଉଜ୍ୱଳ ଭବିଷ୍ୟତ ଗଠନ କରିବାରେ ସହାୟ ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ ।

ଅନ୍ତେବାସୀ ଶିଶୁମାନେ ସାମୂହିକ କେକ୍ କାଟିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ଓ ମୋନା ଷଡ଼ଙ୍ଗୀ ଶିଶୁମାନଙ୍କୁ ଖିରି ଖୁଆଇଥିଲେ । ଏହି ଅବସରରେ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା ତଥା ନୃତ୍ୟ, ସଙ୍ଗୀତ, ଶୃଙ୍ଖଳା, ସ୍ୱଚ୍ଛତା, କ୍ରୀଡ଼ା, ଚିତ୍ରାଙ୍କନ ଆଦି ବିଭିନ୍ନ କ୍ଷେତ୍ରର ସଫଳତା ପାଇଁ, "ବିଶ୍ୱ ଚେତନା" ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ତେବାସୀ ରାଇମୋହନ ଚାକିରି ପାଇଥିବାରୁ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଯୋଗଗୁରୁ ମାନସ୍ୱିନୀଙ୍କ ଦ୍ୱାରା ସାମୂହିକ ଯୋଗାଭ୍ୟାସ କରାଯାଇଥିଲା । ଜାଗୃତି ଡାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ପରେ ମହମ୍ମଦ ନାସିମଙ୍କ ନିର୍ଦ୍ଦେଶନାରେ ଶିଶୁମାନେ ପଞ୍ଜାବୀ ଓ ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ । ପରେ ସାମୂହିକ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ରୋଟାରିଆନ୍ ରାଜକିଶୋର ବେହେରା ଆଦ୍ୟ କଥନ ପ୍ରଦାନ କରିଥିବା ବେଳେ ପରେଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅବନୀ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଗୋଲକ ବିହାରୀ ପାଣିଗ୍ରାହୀ, ସଦସ୍ୟ ଜିତେନ୍ଦ୍ର ପାଣି, ଭାନୁମତୀ ପାଣି ଓ ପ୍ରଶାନ୍ତ ଦାଶ ଉପସ୍ଥିତ ଥିଲେ ।

## କାପୁଡ଼ିଆ ସମାଜ ତରଫରୁ ବଳଦେବଜୀଉଙ୍କ ଜନ୍ମୋତ୍ସବ



ଭୁବନ,୨୯ ।୮ (ସମିସ): ଭୁବନରେ ସର୍ବାଧିକ ତଥା ଜନବହୁଳ ଜାତି ସମ୍ପ୍ରଦାୟ କାପୁଡ଼ିଆ ସମାଜ ତରଫରୁ ଉତ୍ସାହ ଉଦ୍ଦୀପନାର ସହ ବଳଦେବଜୀଉଙ୍କ ଜନ୍ମୋତ୍ସବ, ରକ୍ଷାବନ୍ଧନ ଓ ଗୋପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି । ବେହେରାସାହିସ୍ଥିତ ମନ୍ଦିରରେ ପ୍ରଭୁ ବଳଦେବଙ୍କ ପୂଜାର୍ଚ୍ଚନା କରାଯାଇ ଗୋପୂଜନ ଅନୁଷ୍ଠିତ ହୋଇଥିଲା । ମନ୍ଦିରରୁ ପ୍ରଭୁ ବଳଦେବଜୀଉ ଓ ରାଧାକୃଷ୍ଣଙ୍କୁ ସୁସଜ୍ଜିତ ବିମାନରେ ବସାଇ ପାରମ୍ପରିକ ବାଦ୍ୟ, ଶିଙ୍ଗବାଜା, ଭାଙ୍ଗଡ଼ା ବାଜା, ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ବାଜି ଛକ, ବଡ଼ହାଟ, ଅରାସାହି, ନୂଆବଜାର, ଗୁଜୁରି ହାଟ ଦେଇ ସହର ପରିକ୍ରମା କରାଯାଇଥିଲା । ବିଭିନ୍ନ ଛକରେ ମହିଳାମାନେ ବନ୍ଦାପନା କରିଥିଲେ । କାପୁଡ଼ିଆ ସମାଜ ଭୁବନ, ସଭାପତି ରାମଚନ୍ଦ୍ର ରାଉତ, ରାଜ୍ୟ ସଭାପତି ନବକିଶୋର ଗୁରୁ, ରାଜ୍ୟ ସଂଗଠନ ସମ୍ପାଦକ ଦିଲୀପ କୁମାର ଦାସଙ୍କ ତତ୍ତ୍ୱାବଧାନରେ ୨୦ ଜଣ ବେହେରା, ୨୦ ଜଣ ପରିମାଣିକ ଏବଂ କାପୁଡ଼ିଆ ଯୁବକ ସଂଘ କର୍ମକର୍ତ୍ତା ଯାତ୍ରାର ନେତୃତ୍ୱ ନେଇଥିଲେ । ୩ ହଜାରରୁ ଊର୍ଦ୍ଧ୍ୱ କାପୁଡ଼ିଆ ସମାଜ ବ୍ୟକ୍ତି ଯାତ୍ରାରେ ସାମିଲ ହୋଇ ଅନ୍ୟ ଜାତି/ସମ୍ପ୍ରଦାୟର ବ୍ୟକ୍ତିଙ୍କ ହାତରେ ରାଖି ବାନ୍ଧି ଭାଇଚାରା ସୃଷ୍ଟି କରିଥିଲେ ।

## ହିନ୍ଦୋଳ ମହାବିଦ୍ୟାଳୟରେ ସୁପୋଷିତ ଓଡ଼ିଶା ମିଶନ କାର୍ଯ୍ୟକ୍ରମ




ଖଜୁରିଆକଟା,୨୯ ।୮ (ସମିସ): ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ସ୍ମାର୍ଟ କ୍ଲାସରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏନ୍‌ଏସ୍‌ଏସ୍ ଶାଖା ଏବଂ ମହିଳା ଶିଶୁ ବିଭାଗ ମିଳିତ ଆନୁକୂଲ୍ୟରେ ହିନ୍ଦୋଳ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ସୁପୋଷିତ ଓଡ଼ିଶା ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ଏଥିରେ ପୌରୋହିତ୍ୟ କରି ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଆଗ୍ରହ ପ୍ରକାଶ କରି ବିଭିନ୍ନ ଅଙ୍ଗନାବାଡ଼ି କେନ୍ଦ୍ର ପରିଦର୍ଶନ କରି ଅଭିଭାବକମାନଙ୍କୁ ଶିଶୁମାନଙ୍କ ଉପଯୁକ୍ତ ସେବା, ଶିଶୁର ସଠିକ୍ ଓଜନ, ଉଚ୍ଚତା ଏବଂ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଉତ୍ତମ ମାନର ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ଅବଗତ କରିବା ପାଇଁ ପରାମର୍ଶ ଦେଇଥିଲେ । ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, କ୍ରୀଡ଼ା ଶିକ୍ଷକ ସତ୍ୟବ୍ରତ ଜେନାମଣି, କର୍ମଚାରୀ ସନ୍ଦୀପ କୁମାର ଦେବତା ଓ ଡେମୋନଷ୍ଟ୍ରେଟର ବିଶ୍ୱରଞ୍ଜନ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏନ୍‌ଏସ୍‌ଏସ୍ ପୋଗ୍ରାମ ଅଫିସର ବ୍ରଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଶବର ଜନଜାତି ପକ୍ଷରୁ ଗହ୍ମାପୂର୍ଣ୍ଣିମାରେ ଘୁମୁରା ନାଚ

ଢେଙ୍କାନାଳ,୨୯ ।୮ (ସମିସ): ଶବର ଜନଜାତିର ପ୍ରମୁଖ ପର୍ବ ଗହ୍ମାପୂର୍ଣ୍ଣିମା ପାଳିତ ହୋଇଛି । ଢେଙ୍କାନାଳ ସଦର ବ୍ଲକ ସମେତ ଗଁଦିଆ, କମାକ୍ଷାନଗର, ପରଜଙ୍ଗ



ଆଦି ବ୍ଲକରେ ରହୁଥିବା ଶବର ଜନଜାତି ଏହାକୁ ନିଷ୍ଠାର ସହ ପାଳନ କରିଛନ୍ତି । ପୂର୍ବରୁ ଘର ଲିପାପୋଛା କରିଥିବା ବେଳେ ଗୁରୁବାର ସକାଳୁ ପୂଜାର୍ଚ୍ଚନା କରିଥିଲେ । ଶବରଙ୍କ ଇଷ୍ଟ ଦେବତା ନୀଳମଧବଙ୍କୁ ଦେହୁରୀମାନେ ପୂଜା କରିଥିଲେ । ଫସଲକୁ ଖରାପ ପ୍ରଭାବରୁ ରକ୍ଷା କରିବା ପାଇଁ ଜଙ୍ଗଲରୁ କାଟି ଆଣିଥିବା କେନ୍ଦୁ ଗଛର ଡାଳ ପୂଜା କରାଯାଇଥିଲା । ଅପରାହ୍ନରେ ପୁରୁଷମାନେ ଭକ୍ତ ଡାଳକୁ ନେଇ ନିଜ ନିଜ ଜମିରେ ପୋତିଥିଲେ । ଅଣଲେଉଟା ଚିତଉ ଓ ମହୁଲି ସନ୍ଧ୍ୟାରେ ଡାଳି ପୂଜା କରିଥିଲେ । ପାରମ୍ପରିକ ଘୁମୁରା ନୃତ୍ୟ ପରିବେଷଣ ହୋଇଥିଲା । ଘୁମୁରା ବାଦ୍ୟ ସହ ସେମାନଙ୍କ ପାରମ୍ପରିକ ବେଶଭୂଷାରେ ଡାଲୁଆ ଗୀତରେ ନୃତ୍ୟ କରିଥିଲେ । ପରେ ସାହି, ଗାଁରେ ଘୁମୁରା ବଜାଇ ବୁଲିଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ନୃତ୍ୟ କରି ଉତ୍ସବ ମନାଇଥିଲେ । ଏହି ଘୁମୁରା ନୃତ୍ୟ ଆସନ୍ତା ଜନ୍ମାଷ୍ଟମୀ ପର୍ଯ୍ୟନ୍ତ ଚାଲିବ । ଗାଁ ଗାଁ ବୁଲି ଘୁମୁରା ନୃତ୍ୟ କରିବା ପରମ୍ପରା ରହିଛି । ଗଁଦିଆ ବ୍ଲକ ଝିଲିଠାରେ ଥିବା ନୀଳମାଧବ ମନ୍ଦିରରେ ଶନିବାର ପୂଜାର୍ଚ୍ଚନା ପାଇଁ ଭିଡ଼ ଲାଗିଥିଲା । କାଇମାଟି ଗାଁରେ ରହୁଥିବା ଶବର ଜନଜାତି ପକ୍ଷରୁ ସନ୍ଧ୍ୟାରେ ନୃତ୍ୟ ଦଳ ବାହାରି କାଇମଟି ବଜାର ସମେତ ପାଖ ଗାଁଗୁଡ଼ିକ ବୁଲିଥିଲେ । ଗଁଦିଆ ନୂଆକଷ୍ଟିପାଳରେ ରହୁଥିବା ଶହେରୁ ଅଧିକ ଶବର ପରିବାର ମଧ୍ୟ ଗହ୍ମାପୂର୍ଣ୍ଣିମା ପାଳନ କରିଥିଲେ ।

## ରାଜ୍ୟ ବିଜେଡି ଏସ୍‌ସି ସେଲ୍ ଅଧ୍ୟକ୍ଷଙ୍କ ଢେଙ୍କାନାଳ ଗସ୍ତ



ଢେଙ୍କାନାଳ,୨୯ ।୮ (ସମିସ): ରାଜ୍ୟ ବିଜେଡି ଏସ୍‌ସି ସେଲ ଅଧ୍ୟକ୍ଷ ପୂର୍ବତନ ସାଂସଦ ମହେଶ ସାହୁ ଶନିବାର ଢେଙ୍କାନାଳ ଗସ୍ତ କରିଛନ୍ତି । ସେ ଦଳୀୟ ପଦାଧିକାରୀ ଓ କର୍ମକର୍ତ୍ତାଙ୍କ ଗହଣରେ ଢେଙ୍କାନାଳ ସହର ରଥଗଡ଼ାସ୍ଥିତ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ସାହୁ କହିଥିଲେ ଯେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଦଳୀୟ କର୍ମକର୍ତ୍ତାଙ୍କୁ ସାଥୀରେ ନେଇ ଏସ୍‌ସି ସେଲ ସଂଗଠନକୁ ଅଧିକ ସୁଦୃଢ଼ କରାଯିବ । ଢେଙ୍କାନାଳ ସମେତ ସମଗ୍ର ଓଡ଼ିଶାର ନିଷ୍ପେସିତ, ଅବହେଳିତ ଓ ଦଳିତ ବର୍ଗର ଲୋକଙ୍କ ଉନ୍ନତି ଏବଂ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଦିଗରେ ଏସ୍‌ସି ସେଲ କାର୍ଯ୍ୟ କରିବ । ଦଳୀୟ କର୍ମକର୍ତ୍ତାମାନେ ତୃଣମୂଳ ସ୍ତରରେ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ସମାଧାନ ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ମହିଳା ସଭାପତି ସାଗରିକା ମିଶ୍ର, ଛାତ୍ର ସଭାପତି ଆର୍ଯ୍ୟନ ଦାସ, ପ୍ରତାପ ଦାସ, ରୁଦ୍ରାନ୍ତ ଦଳେଇ, କାଉନସିଲର ସାଗିର ମହମ୍ମଦଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ସ୍ୱଭାବ କବିଙ୍କ ଜୟନ୍ତୀ ପାଳିତ

ଢେଙ୍କାନାଳ,୨୯ ।୮ (ସମିସ): ସ୍ଥାନୀୟ ମହିଷାପାଟସ୍ଥିତ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତପନ ଶତପଥୀଙ୍କ ବାସଗୃହରେ କବିଭୂଷଣ ରାଜକିଶୋର ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି । ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ କାମାକ୍ଷାନଗର




ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଦୁର୍ଗାଚରଣ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଆ ଭାଷା ସାହିତ୍ୟର ଗଣତାନ୍ତ୍ରୀକରଣରେ ମେହେର ସାହିତ୍ୟର ଅବଦାନ ଅନସ୍ୱୀକାର୍ଯ୍ୟ । ସରଳ ଭାଷା, ସ୍ୱାଭାବିକ ଭାବାବେଗ ଓ ମାନବିକ ଦୃଷ୍ଟିକୋଣ ତାଙ୍କ ସାହିତ୍ୟର ପ୍ରମୁଖ ବୈଶିଷ୍ଟ୍ୟ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ କବି ଅବନୀ ମିଶ୍ର ଯୋଗଦେଇ ତାଙ୍କର ସରଳ ଜୀବନ, ଅସାଧାରଣ ପ୍ରତିଭା ଓ ମାନବିକ ସାହିତ୍ୟ ଆଜି ମଧ୍ୟ ଓଡ଼ିଆ ଜାତିକୁ ପ୍ରେରଣା ଦେଉଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ନୃସିଂହ ଚରଣ ନାୟକ, ତପନ କୁମାର ଶତପଥୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସମୀର କୁମାର ସାହୁ, ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ନିବନ୍ଧ ପାଠ ସହ ଗଙ୍ଗାଧରଙ୍କ ସମ୍ପର୍କରେ ସାରଗର୍ଭକ ତଥ୍ୟାବଳୀ ପ୍ରଦାନ କରିଥିଲେ । ଆଲୋଚନା ସଭାରେ କବିଭୂଷଣ ସ୍ମୃତି ସଂସଦ ସଭାପତି ଶଙ୍କର୍ଷଣ ଶତପଥୀ ଅଧ୍ୟକ୍ଷତା କରିଥିଲେ । ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ରଘୁନାଥଜୀଉଙ୍କ ଝୁଲଣ ପର୍ବ ଉଦଯାପିତ

ଢେଙ୍କାନାଳ,୨୯ ।୮ (ସମିସ): ସ୍ଥାନୀୟ କୈବଲବଜାରସ୍ଥିତ ଯାଉଁଳି ପୋଖରୀ ମଠ ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କର ଝୁଲଣ ପର୍ବ ସୋମବାରଠାରୁ ଆରମ୍ଭ ହୋଇ ଗହ୍ମା ପୂର୍ଣ୍ଣିମା ଦିନ ଉଦଯାପିତ ହୋଇଛି । ପ୍ରତ୍ୟହ ସନ୍ଧ୍ୟାରେ ଶ୍ରୀଜୀଉଙ୍କୁ ଝୁଲଣ ମଣ୍ଡପକୁ ବିଜେ କରି ଆଳତୀ ଓ ଅସ୍ତୁତି ଅନୁଷ୍ଠିତ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ଓ କୀର୍ତ୍ତନ ପରିବେଷଣ କରାଯାଇଥିଲା । ଉଦଯାପନୀ ଦିବସ ଅବସରରେ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା । ମଠ ମହନ୍ତ ଶ୍ରୀ ପ୍ରଭୁପାଦ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । କମିଟି ସଦସ୍ୟମାନେ ସହଯୋଗ କରିଥିଲେ ।

## ଦୁର୍ଦ୍ଦିନରେ ମୂର୍ତ୍ତି କାରିଗର
### ପ୍ରୋତ୍ସାହନ ଯୋଗାଇ ଦେବାକୁ ନିବେଦନ

ଢେଙ୍କାନାଳ,୨୯ ।୮ (ସମିସ)



ପାଖେଇ ଆସିଛି ପାର୍ବଣ ଋତୁ । ଏହି ଋତୁରେ କାରିଗର ଆୟ ଋତୁ କହିଲେ ଅତ୍ୟୁକ୍ତି ହେବନାହିଁ । ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜାଠାରୁ ପାର୍ବଣ ଋତୁ ଆରମ୍ଭ ହୋଇ ମାର୍ଗଶିର ମାସ ମଣବସା ଲକ୍ଷ୍ମୀପୂଜା ଯାଏଁ ଚାଲିଥାଏ । ହେଲେ ସରକାରଙ୍କଠାରୁ ଅବଶ୍ୟକ ପ୍ରୋତ୍ସାହନ ମିଳୁ ନ ଥିବାରୁ ମୂର୍ତ୍ତି କାରିଗରଙ୍କ ବୃତ୍ତି ବୁଡ଼ିବାରେ ଲାଗିଛି । ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ମୂର୍ତ୍ତି କାରିଗରମାନେ ନିଜ କାରିଗରଶାଳାରେ ଭଳିକି ଭଳି ଗଣେଶଙ୍କ ମାଟି ମୂର୍ତ୍ତି ତିଆରିରେ ମଗ୍ନ ରହିଛନ୍ତି । ଜିଲ୍ଲାର ବିଭିନ୍ନ ବ୍ଲକର ଅଧିକାଂଶ ଅଞ୍ଚଳ ଓ ଢେଙ୍କାନାଳ ସହରରେ ଥିବା ମୂର୍ତ୍ତି କାରିଗରଙ୍କ ଉପରେ ନିର୍ଭର କରିଥାନ୍ତି । ହେଲେ ପରିଶ୍ରମ ତୁଳନାରେ ସେମାନଙ୍କ ଆୟ କମ୍ ରହୁଥିବା କାରିଗରମାନେ କହିଛନ୍ତି । ପାର୍ବଣ ଋତୁ ପାଇଁ ଏବେ ଅନେକ କଳାକାର ପରିବାର ରୋଜଗାର ଆଶାରେ ଧାରକରଜ ଆଣି ମୂର୍ତ୍ତି ତିଆରିରେ ଲାଗିଛନ୍ତି । ଖୁଦୁରୁକୁଣୀ, ଗଣେଶ ପୂଜା ପରେ ବିଶ୍ୱକର୍ମା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା, କାର୍ତ୍ତିକେଶ୍ୱର ପୂଜା ଆଦି ଆସୁଛି । ବୃତ୍ତିରେ ଉପୁଜିଥିବା ଅସୁବିଧା ବିଷୟରେ ଭାପୁର ଛଦେଶ ଅଞ୍ଚଳର ଭାପୁର, ଶଙ୍କରପୁର, ମଧୁସାହୁପାଟଣା, ବାଲ୍ୟାମ୍ବା, ଅଉଖମା, ରାଇଡିହି, ଶିମିଳିପାଟଣା, ହରିଡ଼ାପଶି, ବୃନ୍ଦାବନପୁର, ବାଲିଗୁରେଇ, ଗୋବିନ୍ଦପ୍ରସାଦ, ଓସ୍ତପାଳ ଏବଂ କଳାଙ୍ଗ ଆଦି ବିଭିନ୍ନ ଅଞ୍ଚଳର ମୂର୍ତ୍ତିକାରିଗରମାନେ ତାଙ୍କ ପରିବାରରେ ବାପା, ଜେଜେଙ୍କ ପରେ ସେମାନେ ମୂର୍ତ୍ତି ତିଆରି କରିବା ସହ ବିଭିନ୍ନ କାରିଗରୀକୁ ପେସା ଭାବେ ଗ୍ରହଣ କରିଛନ୍ତି । ପୂର୍ବାପେକ୍ଷା ମୂର୍ତ୍ତି ବିକ୍ରି ବହୁଗୁଣରେ ବୃଦ୍ଧି ପାଇଛି । ହେଲେ ସେ ତୁଳନାରେ ଆୟ ହେଉନାହିଁ । କାରଣ ମାଟି, ନଡ଼ା, ଅଧିକ ଦାମରେ କିଣିବାକୁ ପଡୁଛି । ରଙ୍ଗ ସହ ବିଭିନ୍ନ ଉପକରଣ ଦାମ ଅହେତୁକ ମହଙ୍ଗା ରହିଥିବାରୁ ପରିଶ୍ରମ ଅନୁଯାୟୀ ଲାଭ ମିଳୁନାହିଁ । ତେଣୁ ଯୁବଗୋଷ୍ଠୀ ଏହି କଳାଠାରୁ ଦୂରେଇ ଗଲେଣି । ବହାରକୁ ଯାଇ କାମଧନ୍ଦା କରୁଛନ୍ତି । ସରକାର ମୂର୍ତ୍ତିକଳାକୁ ବଞ୍ଚାଇ ରଖିବା ପାଇଁ ବିଭିନ୍ନ ସଚେତନତା ମେଳା ଆୟୋଜନ କରୁଛନ୍ତି । ହେଲେ ଋଣ ପାଇଁ ଗଲେ ବ୍ୟାଙ୍କ ବିଭିନ୍ନ କାଗଜପତ୍ର ମାଗୁଛନ୍ତି । ତେଣୁ ନା ଋଣ ମିଳୁଛି ନା ସରକାରୀ ପ୍ରୋତ୍ସାହନ । ସେସବୁ କେବଳ ସଚେତନତା ମେଳାରେ ସୀମିତ ବୋଲି ଅଭିଯୋଗ କରୁଛନ୍ତି । ବିଭାଗୀୟ ଅଧିକାରୀମାନେ ମୂର୍ତ୍ତି କାରିଗରଙ୍କ ନିକଟକୁ ପହଞ୍ଚି ସହାୟତା ଯୋଗାଇଦେଲେ ଆଗାମୀ ପିଢ଼ି ଏହି କଳା ପ୍ରତି ଆକୃଷ୍ଟ ହେବେ ବୋଲି ଜିଲ୍ଲାର ବିଭିନ୍ନ ସ୍ଥାନରୁ ମୂର୍ତ୍ତି କାରିଗର ଦାବି କରିଛନ୍ତି ।

## ହୃଦ୍‌ଘାତରେ ଯୁବକଙ୍କ ପରଲୋକ

ଭୁବନ,୨୯ ।୮ (ସମିସ): ଭୁବନ ବ୍ଲକ ବାରୁଆଁ (ବି) ପଞ୍ଚାୟତ ମଠଖୋକସା ଗ୍ରାମର ଗୋକୁଳ ଧୀରଙ୍କ ପୁଅ ମନୋଜ କୁମାର ଧୀର (୪୬)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଛି । ସେ ସୁକିନ୍ଦା ମାଇନିଂ ଅନ୍ତର୍ଗତ ଓଡ଼ିଶା ଖଣି ନିଗମ ଓଏମ୍‌ସିକୁ ଡ୍ୟୁଟି କରିବାକୁ ଯାଉଥିବା ସମୟରେ ଅସୁସ୍ଥତା ଅନୁଭବ କରି ରାସ୍ତା କଡ଼ରେ ବସି ପଡ଼ିଥିଲେ । ଖବର ପାଇ ପରିବାର ଲୋକେ ତାଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହୃଦଘାତରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି । ମନୋଜଙ୍କ ବିୟୋଗରେ ତାଙ୍କ ପତ୍ନୀଙ୍କ ସମେତ ଦୁଇ ନାବାଳିକା ଝିଅ ସମ୍ପୂର୍ଣ୍ଣ ବେସାହାରା ହୋଇଯାଇଛନ୍ତି । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି ।

# ମହିଳାଙ୍କ ରୁଟି



ମୂଳ ହିନ୍ଦୀ - ପ୍ରଫେସର ରଣଯୋଧ ସିଂହ
ଅନୁବାଦ: ପ୍ରଭାତ କୁମାର ମହାପାତ୍ର

ସାରା ମଞ୍ଚ ଦର୍ଶକ କିମ୍ବା କହିବାକୁ ଗଲେ ଭକ୍ତମାନଙ୍କ ଦ୍ୱାରା ପରିପୂର୍ଣ୍ଣ ଥିଲା। ସ୍ୱାମୀଜୀ ଶ୍ୱେତ ବସ୍ତ୍ର ପରିଧାନ କରି, କପାଳରେ ଚନ୍ଦନ ତିଳକ ଲଗାଇ, ଜୀବନର ଗୂଢ଼ ରହସ୍ୟ ଉପରେ ଆଲୋକପାତ କରୁଥିଲେ। ଶ୍ରୋତାମାନେ ନିଶ୍ୱାସ ଚାପି ଧରି ସ୍ୱାମୀଜୀଙ୍କ ଉପଦେଶକୁ ଏପରି ଗ୍ରହଣ କରୁଥିଲେ, ଯେପରି ସ୍ୱର୍ଗର ଦ୍ୱାର ସେମାନଙ୍କ ପାଇଁ ମାଗଣାରେ ଖୋଲିଯାଇଛି। ହଠାତ୍ ସ୍ୱାମୀଜୀ ଭକ୍ତମାନଙ୍କୁ ଏକ ଅଦ୍ଭୁତ ପ୍ରଶ୍ନ ପଚାରିଲେ ଯେ, ରୁଟି କେତେ ପ୍ରକାର ହୋଇଥାଏ। ଯେତେବେଳେ ଭକ୍ତମାନଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିଲା ନାହିଁ, ସେତେବେଳେ ସେ ହସି ହସି କହିଲେ, “ରୁଟି ଚାରି ପ୍ରକାରର ହୋଇଥାଏ। ପ୍ରଥମ ରୁଟି ହେଉଛି ମା’ଙ୍କ ହାତର, ଯାହାର ତୁଳନା ଇହଲୋକ କିମ୍ବା ପରଲୋକରେ କେହି କରିପାରିବେ ନାହିଁ। ଏହାକୁ ଗ୍ରହଣ କରିବା ଦ୍ୱାରା କେବଳ ପେଟ ପୂରି ନଥାଏ, ବରଂ ମନ ମଧ୍ୟ ତୃପ୍ତ ହୋଇଯାଏ। ଦ୍ୱିତୀୟ ରୁଟି ହେଉଛି ପତ୍ନୀଙ୍କ ହାତର, ଯେଉଁଥିରେ ମା’ଙ୍କ ଭଳି ମମତା ନ ମିଳିଲେ ମଧ୍ୟ ଜଣେ ସମର୍ପିତ ପତ୍ନୀ ନିଜ ସ୍ୱାମୀଙ୍କୁ ଅତି ସୁସ୍ୱାଦୁ ଖାଦ୍ୟ ଖୁଆଇବାକୁ ଚାହିଁଥାଏ। ତୃତୀୟ ପ୍ରକାରର ରୁଟି ହେଉଛି ବୋହୂଙ୍କ ହାତର, ଯାହା ସମସ୍ତଙ୍କ ଭାଗ୍ୟରେ ନ ଥାଏ। ଭଲ ବୋହୂ ମିଳିଗଲେ ଖାଦ୍ୟ ମିଳିପାରେ, ନଚେତ୍ ଏହା ଈଶ୍ୱରଙ୍କ ଇଚ୍ଛା। କିନ୍ତୁ ବୋହୂ ପାଇଁ ପ୍ରଥମେ ନିଜ ସ୍ୱାମୀ, ସନ୍ତାନ ଏବଂ ତା’ପରେ ଆପଣ ଆସନ୍ତି। ଚତୁର୍ଥ ପ୍ରକାରର ରୁଟି ହେଉଛି ସେହି ରୁଟି, ଯାହା ଚାକରାଣୀ ହାତରେ ତିଆରି ହୋଇଥାଏ। ମନେ ରଖିବେ, ଏହି ରୁଟି ଦ୍ୱାରା ନା’ ମନ ତୃପ୍ତ ହୁଏ ନା’ ପେଟ ପୂରେ ! ସେଥିରେ ସ୍ନେହ-ଆଦରର ଅଂଶ ମଧ୍ୟ ତିଳେମାତ୍ର ନ ଥାଏ।”

ସ୍ୱାମୀଜୀ ବୁଝାଇଲେ ଯେ, ଈଶ୍ୱର ନ କରନ୍ତୁ ଯେ ଆପଣଙ୍କୁ ଚତୁର୍ଥ ରୁଟି ଖାଇବାକୁ ପଡୁ, ତେଣୁ ଏହା ପୂର୍ବରୁ ଆପଣ ନିଜ ପତ୍ନୀ କିମ୍ବା ବୋହୂଙ୍କ ସହିତ ସମ୍ପର୍କ ଭଲ ରଖନ୍ତୁ, ଯଦ୍ୱାରା ଚତୁର୍ଥ ପ୍ରକାରର ରୁଟିର ଆବଶ୍ୟକତା ହିଁ ପଡ଼ିବ ନାହିଁ। ସ୍ୱାମୀଜୀଙ୍କ କଥାରେ ଶତ-ପ୍ରତିଶତ ସତ୍ୟତା ଥିଲା। ସାରା ମଞ୍ଚ କରତାଳିରେ ଗୁଞ୍ଜରିତ ହୋଇଉଠିଲା। ସମସ୍ତେ ତାଙ୍କ ଜ୍ଞାନର ପ୍ରଶଂସକ ହୋଇଗଲେ। ଠିକ୍ ସେହି ସମୟରେ ଜଣେ ଯୁବତୀ କେଜାଣି କାହିଁକି ନିଜ ସ୍ଥାନରୁ ଉଠି ଛିଡ଼ା ହୋଇଗଲେ ଏବଂ ସ୍ୱାମୀଜୀଙ୍କୁ ପଚାରିବାକୁ ଲାଗିଲେ, “ସ୍ୱାମୀଜୀ, ଆପଣ ଯେଉଁ ରୁଟିର ପ୍ରକାରଗୁଡ଼ିକ କହିଲେ, ମୋତେ ଲାଗୁଛି ଏହା କେବଳ ପୁରୁଷମାନଙ୍କ ପାଇଁ ଅଟେ। ଆପଣ ତ ଏହା ସ୍ପଷ୍ଟ କରିନାହାନ୍ତି ଯେ ମହିଳାମାନଙ୍କ ପାଇଁ ରୁଟି କେତେ ପ୍ରକାରର ହୋଇଥାଏ?” ଯୁବତୀ ଜଣକର ଏହି ସିଧାସଳଖ ପ୍ରଶ୍ନରେ ଉପଦେଶକ ଜଣକ ପ୍ରଥମେ ଅବାକ୍ ହୋଇଗଲେ, କିନ୍ତୁ ପର ମୁହୂର୍ତ୍ତରେ ନିଜକୁ ସମ୍ଭାଳି ନେଇ କଠୋର ସ୍ୱରରେ କହିଲେ, “ରୁଟି, ରୁଟି ହୋଇଥାଏ ଏବଂ ଏହା ସମସ୍ତଙ୍କ ପାଇଁ ସମାନ। ଭୋକ ପୁରୁଷ ଏବଂ ମହିଳା ମଧ୍ୟରେ କୌଣସି ପାର୍ଥକ୍ୟ କରେ ନାହିଁ।”

ସେଠାରେ ବସିଥିବା ଭକ୍ତମାନଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ, ଯେତେବେଳେ ସେହି ଯୁବତୀ ଜଣକ ପୂରା ଉତ୍ସାହ ଓ ଆତ୍ମବିଶ୍ୱାସ ସହିତ କହିଲେ, “ନା ସ୍ୱାମୀଜୀ, ପୁରୁଷର ରୁଟି ଏବଂ ମହିଳାର ରୁଟି ମଧ୍ୟରେ ପାର୍ଥକ୍ୟ ଅଛି। ଆପଣ ମା’ ହାତର ରୁଟିକୁ ସର୍ବଶ୍ରେଷ୍ଠ ଶ୍ରେଣୀରେ ରଖିଛନ୍ତି। ପୁରୁଷକୁ ଏହି ରୁଟି ସେତେବେଳ ପର୍ଯ୍ୟନ୍ତ ମିଳିପାରିବ ଯେତେବେଳ ପର୍ଯ୍ୟନ୍ତ ମା’ ବୁଢ଼ୀ କିମ୍ବା ଅକ୍ଷମ ନ ହୋଇଯାଆନ୍ତି, କିନ୍ତୁ ମହିଳାଙ୍କ ଭାଗ୍ୟରେ ଏହି ରୁଟି ସେତେବେଳ ପର୍ଯ୍ୟନ୍ତ ହିଁ ମିଳେ ଯେତେବେଳ ପର୍ଯ୍ୟନ୍ତ ତାଙ୍କର ବିବାହ ହୋଇନଥାଏ।” ସେ କିଛି ସମୟ ଅଟକି ଗଲେ ଏବଂ ତା’ପରେ ମୁରୁକି ହସି କହିଲେ, “ଆପଣ ପତ୍ନୀଙ୍କ ହାତର ରୁଟିକୁ ଅନ୍ୟ ପ୍ରକାରର ରୁଟି ବୋଲି କହିଛନ୍ତି। ମହିଳାଙ୍କ ଭାଗ୍ୟରେ ତ ଏହି ରୁଟି ଲେଖା ହିଁ ନଥାଏ, ବିବାହ ପରେ ତାଙ୍କୁ ସାରା ଜୀବନ ସ୍ୱାମୀ, ପିଲାମାନେ ଏବଂ ଘରର ଅନ୍ୟ ସଦସ୍ୟମାନଙ୍କ ପାଇଁ ରୁଟି ତିଆରି କରିବାକୁ ପଡ଼ିଥାଏ। ଅତି କମ୍‌ରେ ଭାରତବର୍ଷରେ ତ ପୁରୁଷମାନେ ନିଜ ସ୍ତ୍ରୀଙ୍କ ପାଇଁ ରୁଟି କରି ହି ନ ଥାନ୍ତି।”

ସ୍ୱାମୀଜୀ କିଛି କହିପାରିଲେ ନାହିଁ, ଯେତେବେଳେ କି ଭକ୍ତଗଣ ନିଶ୍ୱାସ ରୁଦ୍ଧ କରି ସ୍ୱାମୀଜୀଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କରିଥିଲେ। ଯୁବତୀ ଜଣକ କିଛି ସମୟ ଅଟକି, ପୁଣି ଦୃଢ଼ତାର ସହ କିନ୍ତୁ ବିନମ୍ରତାର ସହିତ କହିଲେ, “ତୃତୀୟ ପ୍ରକାରର ରୁଟି, ଅର୍ଥାତ୍ ବୋହୂ ହାତର ରୁଟି କୌଣସି ଭାଗ୍ୟବତୀ ମହିଳାଙ୍କୁ ହିଁ ମିଳିଥାଏ। ଯଦି ସଠିକ୍ ଭାବରେ ସବୁ କିଛି ସାଧାରଣ ହୋଇଥାନ୍ତା, ତେବେ ଆମ ଦେଶରେ ବୃଦ୍ଧାଶ୍ରମର ଆବଶ୍ୟକତା ପଡ଼ିନଥାନ୍ତା। ଚତୁର୍ଥ ପ୍ରକାରର ରୁଟି, ଅର୍ଥାତ୍ ଚାକରାଣୀ ହାତର ରୁଟି କେବଳ ପୁରୁଷମାନଙ୍କ ଭାଗ୍ୟରେ ହିଁ ମିଳିଥାଏ, କାରଣ ରୁଟି ତିଆରି ପାଇଁ ଚାକର ସେତେବେଳେ ହିଁ ଘରକୁ ଆସିଥାଏ ଯେତେବେଳେ ଘରେ ରୋଷେଇ କରିବା ପାଇଁ କୌଣସି ମହିଳା ନଥାନ୍ତି।” ଏହା ଶୁଣିବା ମାତ୍ରେ ସ୍ୱାମୀଜୀ ନିରୁତ୍ତର ହୋଇ ସେହି ଯୁବତୀଙ୍କ ମୁହଁକୁ ଅନାଇ ରହିଲେ ଏବଂ ମଞ୍ଚରେ ବସିଥିବା ଜନତା ଜୋର୍‌ସୋରରେ ତାଳି ବଜାଇବାକୁ ଲାଗିଲେ...। ■



ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ
କୋରାପୁଟ
ମୋ: ୭୮ ୯୪୦୦୫୪୫୫

## ପୁସ୍ତକ ପରିଚୟ

### ସମୟ ସହ ସମ୍ବାଦ

ଭାସ୍କର ପରିଚ୍ଛା

ସମ୍ବାଦପତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ପୃଷ୍ଠା ହେଉଛି ସଂପାଦକୀୟ। ସଂପାଦକୀୟରେ ସଂପାଦକ ସାଂପ୍ରତିକ ଘଟଣାବଳୀ, ରାଜନୈତିକ ଓ ସାମାଜିକ ପ୍ରସଙ୍ଗ ଉପରେ ନିଜସ୍ୱ ଆଭିମୁଖ୍ୟ ସ୍ପଷ୍ଟ କରିଥାନ୍ତି। ଏଭଳି କିଛି ରାଜନୈତିକ ଓ ସାମାଜିକ ବିଶ୍ଳେଷଣ ସଂପାଦକୀୟକୁ ନେଇ ପ୍ରକାଶ ପାଇଛି ଭାସ୍କର ପରିଚ୍ଛାଙ୍କ ‘ସମୟ ସହ ସମ୍ବାଦ’ ପୁସ୍ତକ। ଏହି ପୁସ୍ତକରେ ସ୍ଥାନିତ ସଂପାଦକୀୟଗୁଡ଼ିକରେ ରାଜନୀତି, ସାହିତ୍ୟ, ସାମାଜିକ ନ୍ୟାୟ, ସଂସ୍କୃତି, ଅର୍ଥନୀତି, ସରକାରୀ ଓ ପ୍ରଶାସନିକ ଦୋଷ ଦୁର୍ବଳତା, ଜାତୀୟ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ‘ଆଜୀବନ ବିଚାରପତି’, ‘କଳାଧନ ଖୋଜ୍’, ‘ବଳକା ଖାଦ୍ୟ’, ‘ମୋଦୀଙ୍କ ମଡେଲ୍’, ‘ନିରକ୍ଷରତା ବ୍ୟାଧି’, ‘ନ୍ୟାୟପାଳିକାର କ୍ଷମତା’, ‘ସାଇବର ଅପରାଧ’ ଆଦି ଲେଖାଗୁଡ଼ିକରେ ସାଂପ୍ରତିକ ସମାଜର ସମସ୍ୟା, ଦେଶର ସୁରକ୍ଷା, ସାମାଜିକ ମୂଲ୍ୟବୋଧ ଉପରେ ଆଲୋଚନା କରାଯାଇଛି। ଏହି ପୁସ୍ତକର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■





ଆଦିତ୍ୟ ଭାରତ
ସେକ୍ଟର -୬, ସିଡିଏ
କଟକ-୭୫୩୦୧୪
ପ୍ରଥମ ପ୍ରକାଶନ - ୨୦୨୬
ମୂଲ୍ୟ : ୨୦୦ ଟଙ୍କା

### ନୟାଗଡ଼ ଜିଲ୍ଲାର ସାରସ୍ୱତ ମହକ

ପ୍ରମୋଦ ପଟ୍ଟନାୟକ/ଲଳିତ ମୋହନ ମିଶ୍ର

୧୯୯୩ ମସିହାରେ ପୁରୀ ଜିଲ୍ଲାରୁ ବିଭାଜିତ ହୋଇ ନୟାଗଡ଼ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଲା। କଳା, ସାହିତ୍ୟ ଓ ସଂସ୍କୃତିର ମାଟି ନୟାଗଡ଼ ଜିଲ୍ଲାର ସାରସ୍ୱତ ପରମ୍ପରା ସୁଦୀର୍ଘ ଓ ସୁସମ୍ପନ୍ନ। ନୟାଗଡ଼ ଜିଲ୍ଲାର ଅତୀତ ଓ ବର୍ତ୍ତମାନର ୨୭୬ ଜଣ ସାରସ୍ୱତ ସ୍ରଷ୍ଟାମାନଙ୍କ ସଂକ୍ଷିପ୍ତ ପରିଚୟକୁ ନେଇ ପ୍ରକାଶ ପାଇଛି ପ୍ରମୋଦ ପଟ୍ଟନାୟକ ଓ ଲଳିତ ମୋହନ ମିଶ୍ରଙ୍କ ଦ୍ୱାରା ସଂକଳିତ ଓ ସମ୍ପାଦିତ ‘ନୟାଗଡ଼ ଜିଲ୍ଲାର ସାରସ୍ୱତ ମହକ’ ପୁସ୍ତକ। ଏହି ଜିଲ୍ଲାର ଅନେକ ସାରସ୍ୱତ ସତୀର୍ଥ ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ନାଟକ, ଶିଶୁ ସାହିତ୍ୟ, ପ୍ରବନ୍ଧ, ସମାଲୋଚନା ଆଦି ସାହିତ୍ୟର ବହୁବିଧ କ୍ଷେତ୍ରରେ ନିଜ ନିଜର ସ୍ୱାକ୍ଷର ଛାଡ଼ି ଯାଇଥିବା ଏହି ସ୍ରଷ୍ଟାଗଣ ଆଜି ସାହିତ୍ୟ ଆକାଶର ଧ୍ରୁବତାରା। ସେମାନଙ୍କ କୃତିର ଆଲୋକ ସର୍ବଦା ବର୍ତ୍ତମାନ ପିଢ଼ିକୁ ମାର୍ଗଦର୍ଶନ କରିବ ନିଶ୍ଚୟ। ନୟାଗଡ଼ ଜିଲ୍ଲାର ସାହିତ୍ୟିକଙ୍କ ସଂପର୍କିତ ଏହି ପୁସ୍ତକ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■





ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର
ଭୁବନେଶ୍ୱର
ପ୍ରଥମ ପ୍ରକାଶନ - ୨୦୨୬
ମୂଲ୍ୟ: ୩୫୦ ଟଙ୍କା

### ସାରା ଆକାଶ ତୁମର

ବିରଞ୍ଚି ନାରାୟଣ ଦରୱାନ

ପ୍ରିୟ ମଣିଷର ମଧୁର ସ୍ମୃତି ସର୍ବଦା ହୃଦୟରେ ଉଦ୍‌ବେଳନ ସୃଷ୍ଟି କରେ। ପୁଣି ବିଚ୍ଛେଦ ସ୍ମୃତି ମନ ଭିତରେ ବିରହ ଭାବନା ଜାଗ୍ରତ କରେ। ଏମିତି ପ୍ରେମ, ବିରହ, ମାନବୀୟ ଭାବାବେଗକୁ ନେଇ ରଚିତ ହୋଇଛି ବିରଞ୍ଚି ନାରାୟଣ ଦରୱାନଙ୍କ ‘ସାରା ଆକାଶ ତୁମର’ କାବ୍ୟ ପୁସ୍ତକ। ଏହି କାବ୍ୟକୁ ୧୩୦ଟି ଭାଗରେ ବିଭକ୍ତ କରାଯାଇଛି। ଦେହାତୀତ ପ୍ରେମ, ପ୍ରିୟ ମଣିଷ ପାଖକୁ ନିଜକୁ ସମର୍ପିତ କରିବାର ଭାବନା ଅନେକ ପଦପଂକ୍ତିରେ ପ୍ରତିଫଳିତ। ଜୀବନ ଜୀଇଁବାର ନିଆରାପଣ କବିଙ୍କ କାବ୍ୟଧାରାକୁ ଅଧିକ ମାର୍ଜିତ କରିଛି। ପ୍ରେମ, ବିରହ, ସ୍ମୃତି, ଆଶା, ଆକାଂକ୍ଷା, ପ୍ରକୃତି ପ୍ରୀତି, ଈଶ୍ୱରୀୟ ଚେତନାର ପରିପ୍ରକାଶ ଏହି ପୁସ୍ତକରେ ଅତ୍ୟନ୍ତ ମାର୍ମିକ ଭାବେ ପ୍ରତିଫଳିତ ହୋଇଛି। କବି କେତେବେଳେ ପୁରୁଣା ଦିନକୁ ମନେ ପକାଇ ବିଭୋର ହୋଇଉଠିଛନ୍ତି ତ ପୁଣି କେତେବେଳେ ବର୍ତ୍ତମାନରେ ତଲ୍ଲୀନ ହୋଇପଡୁଛନ୍ତି। ମଣିଷ, ପ୍ରକୃତି, ଈଶ୍ୱର, ସମାଜ ଆଦି ବିବିଧ ଚିନ୍ତାଧାରାକୁ ନେଇ ରଚିତ କବିତାଗୁଡ଼ିକ ବେଶ୍ ମନଛୁଆଁ ହୋଇଛି। ‘ସାରା ଆକାଶ ତୁମର’ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■




ଇଙ୍କଡିଉ ପବ୍ଲିକେଶନ୍ସ
ପୂଜାରୀଗୁଡ଼ା, ଚଣ୍ଡାହାଣ୍ଡି
ନବରଙ୍ଗପୁର
ପ୍ରଥମ ପ୍ରକାଶନ - ୨୦୨୫
ମୂଲ୍ୟ : ୨୯୯ ଟଙ୍କା

## ଗୁଲାବ



ମୂଳ ଭୋଜପୁରୀ : କନକ କିଶୋର
ଅନୁବାଦ: ଚିରଶ୍ରୀ ଇନ୍ଦ୍ରସିଂ

ସେ ଦେହ ବିକେନାହିଁ
ବିକେ ପ୍ରେମ
ସେତ ସେଇଦିନ ମରିଯାଇଥିଲା
ଯେଉଁଦିନ
ପୁରୁଷ ସଜେଇଥିବା
ଏଇ ବଜାରରେ
ସେ ପାଦ ରଖିଥିଲା ।

ସେ ବି ଡାକିଥିଲା
କୃଷ୍ଣ କହ୍ନେୟାକୁ
ସେ ବି ଗୁହାରି କରିଥିଲା,
ବ୍ୟସ୍ତ ବିକଳ
କିନ୍ତୁ ନିଲାମୀର ବୋଲିରେ
ଲୁଚି ଯାଇଥିଲା ତା’ର ସ୍ୱର

କୃଷ୍ଣ ଶୁଣି ପାରିଲେ ନାହିଁ
କି ଶୁଣିବାକୁ ଚାହିଁଲେ ନାହିଁ
କିଏ କହିପାରିବ
ଏବଂ ସେଦିନ ସେବାସଦନର ଖାତାରେ
ଚଢ଼ିଗଲା ତା’ର ନାଁ
ମୁନିଆଁ ଜାଗାରେ ଗୁଲାବ ।

ସୁନ୍ଦରତାର ବଜାରରେ
ଗୁଲାବର ନାଁ ଅଛି
ଦେହର ବଜାରରେ ସେ
ବିକ୍ରି କରେ ପ୍ରେମ
ପ୍ରେମ ପାଇବାର ଆଶାରେ
ସେ ବାଟ ଚାହିଁ ବସିଥାଏ
ଜଣେ ଶୁଦ୍ଧ ପ୍ରେମିକର ।

ପଦ୍ମର ମଧୁ ପି’ ଦେଇ
ଉଡ଼ିଯାଏ ଭ୍ରମର
ଖୋଜି ଖୋଜି ଅଲଗା ଫୁଲର ଠିକଣା
ଫୁଲର ପ୍ରେମ କାହାଣୀ
ରହିଯାଏ ଅଧା ଅଧୁରା
ତଥାପି ଉଦାସ ହୁଏନା ଫୁଲ
କାହିଁକିନା ସେ ଜାଣେ
କ’ଣ ତା’ର ଧର୍ମ ।

ହୀରାମଣ୍ଡିର ଚମକ ଗୁଲାବ
ଦେହପ୍ରତି ଅନାସକ୍ତ
ଦେହର ଶୋଷ ନେଇ
ଆସିଥିବା ଭଅଁରକୁ
ସେ ବାଢ଼ି ଦିଏ ଫୁଲର ପ୍ରେମ ।

ଭଅଁରମାନଙ୍କର ଏହି ଦୁନିଆରେ
ପ୍ରେମର ବଣିଜ କରି
ଏବେ ଖୁସିରେ ଅଛି ଗୁଲାବ । ■



## ଅନ୍ଧ ବିକାଶ

କାଲି ଏଠି ନଦୀ ଥିଲା
ପାହାଡ଼ ଥିଲା,
ଜଙ୍ଗଲ ଥିଲା,
ଥିଲା ଆଦିବାସୀଙ୍କର ଗାଁ
ସେ ସବୁକୁ ଯେ ଗିଳି ଦେଇଛି
ମାଟି କି ଆକାଶ,
ଏମିତି ନୁହେଁ
ସେ ସବୁକୁ ଗିଳି ଦେଇଛି
ଅନ୍ଧ ବିକାଶ । ■

ଅଧ୍ୟକ୍ଷା, ଡିଜିବିକେ ମହାବିଦ୍ୟାଳୟ
କସର୍ଦ୍ଦା, କଟକ
ମୋ: ୮୦୧୮୪୨୦୫୧୭

# ଇଲିୟାସ୍‌ଙ୍କ ସାହିତ୍ୟରେ ବିକ୍ଷୁବ୍ଧ ଜନତାର ସ୍ୱର



ପ୍ରଦୀପ୍ତ କୁମାର ଶ୍ରୀଚନ୍ଦନ

ବୁଲଗେରିୟାରେ ଜନ୍ମିତ ଜଣେ ବିଶିଷ୍ଟ ଔପନ୍ୟାସିକ, ନାଟ୍ୟକାର ଓ ପ୍ରାବନ୍ଧିକ ଭାବେ ଇଲିୟାସ୍ କାନେଡ୍ଡି ପ୍ରସିଦ୍ଧ। ୧୯୨୭ ମସିହା ବେଳକୁ କାନେଡ୍ଡିଙ୍କ ବୟସ ବାଇଶ ବର୍ଷ। ଦିନେ ସିଏ ଦେଖିଲେ, ହଠାତ୍ ଦଳେ ଉନ୍ମତ୍ତ ଜନତା ଭିଏନାର ‘ପ୍ୟାଲେସ୍ ଅଫ୍ ଜଷ୍ଟିସ୍’ରେ ନିଆଁ ଲଗେଇ ଦେଲେ। କ୍ରୋଧାନ୍ୱିତ ଜନତାର ଏହି ଆଚରଣ ଏବଂ ଅଗ୍ନିର ଧ୍ୱଂସ ଲୀଳା ସେଇ ମୁହୂର୍ତ୍ତରେ ତାଙ୍କ ମନରେ ଯେଉଁ ଗଭୀର ପ୍ରତିକ୍ରିୟା ସୃଷ୍ଟି କରିଥିଲା, ତନ୍ମଧ୍ୟରୁ ତାଙ୍କର ବିଚାରବୋଧ ଓ ସାହିତ୍ୟକର୍ମ କେବେ ବି ମୁକ୍ତ ହୋଇପାରିନାହିଁ। ତେଣୁ କେଉଁ ରହସ୍ୟ ଜଣେ ସାଧାରଣ ସଂସାରୀ ମଣିଷକୁ ‘ଜନତା’ରେ ରୂପାନ୍ତରିତ କରିଥାଏ, ସେ ସମ୍ପର୍କରେ କାନେଡ୍ଡି ଦୀର୍ଘ ତିରିଶବର୍ଷ କାଳ ଗବେଷଣା କରିଥିଲେ। ସେଇଥିପାଇଁ ୧୯୮୧ ମସିହାରେ ନୋବେଲ ପୁରସ୍କାର ପ୍ରଦାନ କରିବାକୁ ନିର୍ବାଚିତ କରି ନୋବେଲ କମିଟି କାନେଡ୍ଡିଙ୍କ ସଂପର୍କରେ କହିଥିଲେ, “ତାଙ୍କର ରଚନା ବୈଚିତ୍ର୍ୟମୟ। ଲେଖକର ଦୃଢ଼ ବ୍ୟକ୍ତିତ୍ୱ ଏ ଅନନ୍ୟ ଜୀବନଦର୍ଶନର ବନ୍ଧନରେ ଦୃଢ଼-ନିବଦ୍ଧ। କାନେଡ୍ଡିଙ୍କର ମୂଳ ଭାବନା ସହିତ, ଜନତା ଓ ଅଗ୍ନିର ରହସ୍ୟ ପ୍ରତ୍ୟକ୍ଷ ବା ପରୋକ୍ଷ ରୂପରେ ତାଙ୍କର ରଚନା ସମଗ୍ର ମଧ୍ୟରେ ବିଚ୍ଛୁରିତ।”

ଦୀର୍ଘ ବର୍ଷକାଳ ଜନତାର ମନସ୍ତତ୍ତ୍ୱ ସମ୍ପର୍କରେ ଗବେଷଣା କରି ଅନେକ ଗ୍ରନ୍ଥ ରଚନା କରିଥିବା ଏହି ତତ୍ତ୍ୱବିତ୍ ସ୍ରଷ୍ଟା ବୁଲଗେରିୟାର ଦାନିୟୁବ ନଦୀ ତୀରରେ ଅବସ୍ଥିତ ଏକ ଛୋଟ ସହର ରୁଷେରେ ୧୯୦୫ ମସିହା ଜୁଲାଇ ୨୫ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ପିତା ଜାକ୍ ଥିଲେ ଜଣେ ବ୍ୟବସାୟୀ। କାନେଡ୍ଡିଙ୍କର ବୟସ ଯେତେବେଳେ ଛ’ ବର୍ଷ, ସେତିକିବେଳେ ତାଙ୍କ ପରିବାରକୁ ବୁଲ୍‌ଗେରିୟା ତ୍ୟାଗ କରି ଇଂଲଣ୍ଡରେ ଆଶ୍ରୟ ନେବାକୁ ପଡ଼ିଥିଲା। ମାଞ୍ଚେଷ୍ଟରଠାରେ ତାଙ୍କର କେତେକ ଆତ୍ମୀୟସ୍ୱଜନ ବାସ କରୁଥିଲେ। ସେଇମାନଙ୍କ ସହାୟତାରେ ନୂଆ କରି ଜୀବନ ଆରମ୍ଭ କଲେ ଜାକ୍। କିନ୍ତୁ, ଜୀବନରେ ପ୍ରତିଷ୍ଠିତ ହେବା ଆଗରୁ ଦିନେ ସକାଳ ଚା’ ଟେବୁଲ ପାଖରେ ଅକସ୍ମାତ ତାଙ୍କର ମୃତ୍ୟୁ ହେଲା। ତା’ପରେ ଘର-ସଂସାରର ଦାୟିତ୍ୱ ଗ୍ରହଣ କଲେ ଇଲିୟାସ୍‌ଙ୍କର ମା’ ମାତିଲଦା। ସିଏ ଥିଲେ ଜଣେ ବୁଦ୍ଧିମତୀ ବ୍ୟକ୍ତିତ୍ୱ ସଂପନ୍ନା ମହିଳା। ପିଲାମାନଙ୍କୁ ଧରି ମାତିଲଦା ଭିଏନା ଚାଲି ଆସିଲେ। କାନେଡ୍ଡି ଇଂଲଣ୍ଡ, ଅଷ୍ଟ୍ରିଆ, ସୁଇଜରଲ୍ୟାଣ୍ଡ ଓ ଜର୍ମାନ ଆଦି ଭାଷାଭାଷୀ ସ୍କୁଲ ଗୁଡ଼ିକରେ ଅଧ୍ୟୟନ କଲାପରେ ଭିଏନା ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ଡକ୍ଟରେଟ୍ ଉପାଧି ଲାଭ କରିଥିଲେ। ଅଧ୍ୟୟନ ଶେଷ ପରେ କାନେଡ୍ଡି କୌଣସି ନିର୍ଦ୍ଦିଷ୍ଟ ବୃତ୍ତିରେ ବାନ୍ଧି ହୋଇ ଜୀବନ ବିତେଇ ନଥିଲେ। ସ୍ୱାଧୀନ ଆଉ ନିର୍ଭୀକ ସାମ୍ବାଦିକତା, ଅଭିଭାଷଣ ସାଙ୍ଗକୁ ଭିନ୍ନ ଭିନ୍ନ ଧରଣର ଲେଖାଲେଖି ଥିଲା ତାଙ୍କର ଉପାର୍ଜନର ମୂଳ ଉତ୍ସ।

ପିତା ଜାକ୍ ହିଁ ସାହିତ୍ୟ ଜଗତରେ ତାଙ୍କର ପ୍ରବେଶର ପଥ ସୁଗମ କରି ଦେଇଥିଲେ। ସେତେବେଳେ ସେମାନେ ଇଂଲଣ୍ଡରେ ରହୁଥାନ୍ତି। ଜାକ୍ ପ୍ରତି ସପ୍ତାହରେ ଇଲିୟାସ୍‌ଙ୍କୁ ଖଣ୍ଡିଏ ଲେଖାଁଏ ବହି ଉପହାର ଦେଉଥାନ୍ତି। ଇଂରାଜୀ ଭାଷା-ସାହିତ୍ୟର ଉଚ୍ଚକୋଟୀର ଗ୍ରନ୍ଥଗୁଡ଼ିକର କିଶୋର ସଂସ୍କରଣ, ଯଥା- ସେକ୍‌ସପିୟର, ସୁଇଫଟ୍, ଡିଫୋ, ସାର୍ଭେଣ୍ଟିସ୍, ଦାନ୍ତେ ଆଦି ମହାନ୍ ସ୍ରଷ୍ଟାମାନଙ୍କର ରଚନା ସେଇସବୁ ଉପହାରରେ ସାମିଲ ଥିଲା। ଖାଲି ଯେ ପୁସ୍ତକ ଆଣି ଦେଇ ଦେଉଥିଲେ, ସେକଥା ନୁହେଁ। ପୁଅ ସେଇସବୁ ଗ୍ରନ୍ଥ ପଢୁଛି କି ନାହିଁ, ଯଦି ପଢୁଛି ତେବେ ବୁଝି ପାରୁଛି କି ନାହିଁ, ତାହା ଜାଣିବା ପାଇଁ ପରୀକ୍ଷାମୂଳକ ଭାବରେ ଧନ୍ଦା ପରି ଛୋଟ ଛୋଟ କୌତୁକିଆ ପ୍ରଶ୍ନ ମଧ୍ୟ ପଚାରିଥାନ୍ତି। ଫଳରେ କାନେଡ୍ଡି ପଢ଼ିବାକୁ ଉତ୍ସାହିତ ହେଉଥିଲେ ଏବଂ ତାଙ୍କର ସାରା ଜୀବନ ଗ୍ରନ୍ଥ ଅଧ୍ୟୟନରେ ବିତିଥିଲା। ଏହି ସବୁ ଅଧ୍ୟୟନରୁ ଆହୃତ ଭାବନା ଏବଂ ସମକାଳୀନ ୟୁରୋପୀୟ ଜୀବନର ଉଦ୍‌ବେଳ-ଅଭିଜ୍ଞତା କାନେଡ୍ଡିଙ୍କୁ ଲେଖିବାକୁ ଉଦ୍‌ବୁଦ୍ଧ କରିଥିଲା। ୧୯୨୯ ମସିହାରେ ବର୍ଲିନ୍‌ରେ କିଛି କାଳ କଟାଇ ସେଠାକାର ‘ଅର୍ଜାମିର’ ଉନ୍ମାଦନାରେ କ୍ଷୁବ୍ଧ ହୋଇ ସ୍ଥିର କଲେ ଆଠଖଣ୍ଡ ବିଶିଷ୍ଟ ଗୋଟିଏ କାହାଣୀ ଲେଖିବେ। ଯେଉଁ ଧାରାବାହିକ ରଚନାରେ ସିଏ ଚିତ୍ରଣ କରିବାକୁ ଚାହୁଁଥିଲେ କିଭଳି ବାଲଜାକ୍ ଯୁଗ ସହିତ ସେହି ସମୟର ସମାଜ ଆଉ ମଣିଷର ପ୍ରବୃତ୍ତି ମଧ୍ୟରେ ଥିଲା ଅନେକ ପ୍ରଭେଦ। ବିଶ୍ୱ ସେତେବେଳେ ହିଂସାର ହୁତାଶନରେ ଉନ୍ମତ୍ତ, ସମାଜ ବିଦ୍ୱେଷର ସଂଘାତରେ ବିତ୍ରସ୍ତ। ଆଉ ସେଇ କ୍ଷୁଦ୍ର ଛିଦ୍ର ମଧ୍ୟ ଦେଇ ପ୍ରବେଶ କରିଛି ଯୁକ୍ତିହୀନ ଉନ୍ମତ୍ତତା। ମଣିଷର ଶୁଭବୁଦ୍ଧି ସଂପୂର୍ଣ୍ଣ ଅନ୍ତର୍ହିତ। କିନ୍ତୁ ଇଲିୟାସ ଶେଷ ପର୍ଯ୍ୟନ୍ତ ପ୍ରଥମ ଆଠ ଖଣ୍ଡ ମଧ୍ୟରୁ କେବଳ ପ୍ରଥମ ଖଣ୍ଡଟି ସମ୍ପୂର୍ଣ୍ଣ କରିପାରିଥିଲେ।

କାନେଡ୍ଡିଙ୍କର ପ୍ରଥମ ରଚନା ଗୋଟିଏ ନାଟକ। ଏହି ନାଟକଟି ବ୍ୟତୀତ ସିଏ ଆଉ କେତୋଟି ନାଟକ ମଧ୍ୟ ରଚନା କରିଥିଲେ, ଯାହା ଜର୍ମାନ୍ ତଥା ଇଂଲଣ୍ଡରେ ମଞ୍ଚସ୍ଥ ହୋଇଥିଲା। ତାଙ୍କର ପ୍ରତିଟି ନାଟକ ଥିଲା ମୁଖ୍ୟତଃ ବ୍ୟଙ୍ଗ ଧର୍ମୀ। ତାଙ୍କର ଅନ୍ୟତମ ଶ୍ରେଷ୍ଠ ସାହିତ୍ୟକୀର୍ତ୍ତି ଥିଲା De’e Blending ବା ‘ଛଳନା’। ଏହି ଉପନ୍ୟାସଟି ୧୯୩୫ ମସିହାରେ ପ୍ରକାଶିତ ହୋଇଥିଲା। ଏଇ ପୁସ୍ତକକୁ ବିଚାରକୁ ନେଇ ପ୍ୟାରିସର ଆନ୍ତଃୟୁରୋପୀୟ ସାହିତ୍ୟ ପୁରସ୍କାର କାନେଡ୍ଡିଙ୍କୁ ପ୍ରଦାନ କରାଯାଇଥିଲା।

ସେହିପରି ‘Auto da fe’ ର ନାୟକ ଡକ୍ଟର କିୟେନ୍ ପୁସ୍ତକର ଜଗତରେ ବନ୍ଦୀ। ବାହାର ଜଗତରେ କଣ ସବୁ ଘଟୁଛି ତା’ର କୌଣସି ଖବର ରଖନ୍ତି ନାହିଁ। ସମାଜଠାରୁ ବିଚ୍ଛିନ୍ନ ଧୀମାନ୍ ବୁଦ୍ଧିଜୀବୀମାନଙ୍କର ପ୍ରତୀକ ସିଏ। କାନେଡ୍ଡିଙ୍କର ଶ୍ରେଷ୍ଠ ଗ୍ରନ୍ଥ ହେଉଛି- “The Tongue Set Free”। ଏହା ତାଙ୍କର ଆତ୍ମଜୀବନୀର ପ୍ରଥମ ଖଣ୍ଡ। ଜୀବନର ଷୋହଳ ବର୍ଷ ପର୍ଯ୍ୟନ୍ତର ଇତିହାସ ସେ ଏଇ ଖଣ୍ଡରେ ଲେଖିଛନ୍ତି। ଏହି ଗ୍ରନ୍ଥଟିର ପ୍ରଧାନ ଚରିତ୍ର ମା’ ମାତିଲଦା।

‘Auto da fe’ ର ଲେଖକ ଇଲିୟାସ୍ କାନେଡ୍ଡି ଜଣେ ଔପନ୍ୟାସିକ ଭାବରେ ଯେଉଁ ଶକ୍ତିର ପରିଚୟ ଦେଇଛନ୍ତି, ତା’ର ପୂର୍ଣ୍ଣ ବିକାଶର ସୁଯୋଗ ପାଇଥିଲେ, ବିଶ୍ୱର ଆଗଧାଡ଼ିର ଔପନ୍ୟାସିକମାନଙ୍କ ମଧ୍ୟରେ ସ୍ଥାନ ପାଇ ପାରିଥାଆନ୍ତେ। କିନ୍ତୁ ସିଏ କଥା ସାହିତ୍ୟ ତ୍ୟାଗ କରି ପ୍ରବେଶ କଲେ ଗବେଷଣା ଜଗତ ମଧ୍ୟରେ। ଜନତାର ଇତିହାସ ଓ ମନସ୍ତତ୍ତ୍ୱର ଗବେଷଣା। ଯେଉଁ ଜନତାକୁ ସେ ନ୍ୟାୟାଳୟର ଅଟ୍ଟାଳିକାରେ ଅଗ୍ନି ସଂଯୋଗ କରିବାର ଦେଖିଥିଲେ, ତାହାରି ଛବି ମନରୁ ଲିଭିଯାଇନି କେବେବି। ଜନତା ହିଁ ଇତିହାସ ରଚନା କରେ, ବିପ୍ଳବ ସୃଷ୍ଟି କରେ, ନେତାମାନଙ୍କୁ ଗଢ଼େ, ପୁନଶ୍ଚ ଆବଶ୍ୟକ ପଡ଼ିଲେ ନେତାକୁ ପଦବିରୁ ପାଦ ତଳକୁ ଟାଣି ଆଣେ।

‘ଜନତା’ର ସକଳ ଦିଗକୁ ବିଚାର କରି, ସେ ତାଙ୍କର ବହୁ ଅଭିଳକ୍ଷିତ ଗ୍ରନ୍ଥ ‘Crowds and Power’ କୁ ୧୯୬୦ ମସିହାରେ ସଂପୂର୍ଣ୍ଣ କରିପାରି ଥିଲେ। କାନେଡ୍ଡିଙ୍କର ଏହି ଦୃଷ୍ଟିକୋଣ ଆଶ୍ରିତ ତତ୍ତ୍ୱ-ଚିନ୍ତନ ସଂପର୍କରେ ତେଣୁ ନୋବେଲ କମିଟି ପୁରସ୍କାର ପ୍ରଦାନ କରି କହିଥିଲେ “For writings, marked by a broad out – looks, wealth of ideas and artistic power’. ଦୃଷ୍ଟିରୁ ବିଶିଷ୍ଟ ସାହିତ୍ୟ ସ୍ରଷ୍ଟା ଇଲିୟାସ୍ କାନେଡ୍ଡିଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଉଛି। ■

ଅବସରପ୍ରାପ୍ତ ନିର୍ଦ୍ଦେଶକ
ଆକାଶବାଣୀ, ପ୍ରସାର ଭାରତୀ
ମୋ: ୮୫୯୪୯୫୦୩୨୪

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ତେଲ ଟାଙ୍କିରେ...

ନିରାପତ୍ତା ଉପରେ କି ପ୍ରକାର ପ୍ରଭାବ ପଡୁଛି, ତାହା ଅନୁଧ୍ୟାନ କରିବା ପାଇଁ ଏକ ସ୍ୱାଧୀନ ବିଶେଷଜ୍ଞ କମିଟି ଗଠନ କରିବାକୁ ମଧ୍ୟ ଆବେଦନରେ ଅନୁରୋଧ କରାଯାଇଛି । ପୁରୁଣା ଏବଂ ଅଣ-ସୁସଙ୍ଗତ ଗାଡ଼ିଗୁଡ଼ିକ ପାଇଁ ଏକ ସ୍ପଷ୍ଟ ପରିବର୍ତ୍ତନ ଯୋଜନା ପ୍ରସ୍ତୁତ କରିବାକୁ ମଧ୍ୟ ଏଥିରେ ଦାବି କରାଯାଇଛି । ସମ୍ଭବ ହେଲେ କମ୍ ଇଥାନଲ ମିଶ୍ରିତ ପେଟ୍ରୋଲର ଉପଲବ୍ଧତା ନିଶ୍ଚିତ କରିବା ନେଇ ମଧ୍ୟ ବଚାର କରିବାକୁ କୁହାଯାଇଛି ।

## ଆସିଲା ସିମ୍‌ଯୁକ୍ତ...

ହେଉଥିବା ବାର୍ତ୍ତାଳାପକୁ ରେକର୍ଡ କରିପାରିବ ବୋଲି କମ୍ପାନୀ ଦାବି କରୁଛି । ରେକର୍ଡ କରାଯାଇଥିବା କଥାବାର୍ତ୍ତାକୁ ପ୍ଲଡ୍ ଇଣ୍ଟେଲିଜେନ୍ସ ଟ୍ରାନ୍ସକ୍ରାଇବ କରିଥାଏ । ଏହାପରେ ଏଆଇ ସେହି କଣ୍ଟେଣ୍ଟରୁ ସାରାଂଶ, ଡକ୍ୟୁମେଣ୍ଟ, ପ୍ରେଜେଣ୍ଟେସନ, ସ୍ପ୍ରେଡସିଟ୍ ଓ ଟୁ-ଡୁ ଲିଷ୍ଟ ପ୍ରସ୍ତୁତ କରିପାରିବ । କମ୍ପାନୀ ଜି-ମେଲ୍, ଗୁଗଲ କ୍ୟାଲେଣ୍ଡର, ଗୁଗଲ୍ ଡ୍ରାଇଭ, ସ୍ଲାକ୍ ଓ ନୋସନ ଭଳି ସେବା ସହିତ ସମନ୍ୱୟ ମଧ୍ୟ ଦେବ । କିଛି ଫିଚର ଏବେ ବେଟାରେ ଅଛି ଓ ଭବିଷ୍ୟତର ଅପଡେଟ୍‌ରେ ଆସିବ । ଇୟରଫୋନରେ ୧୨ ଏମ୍‌ଏମ୍ ଡ୍ରାଇଭର, ୪୦ ଡିବି ପର୍ଯ୍ୟନ୍ତ ଆଡପ୍ଟିଭ ଆକ୍ଟିଭ ନୟେଜ କ୍ୟାନସଲେସନ୍, ଟ୍ରାନ୍ସପରେନ୍ସି ମୋଡ ଓ ଏଲ୍‌ଡିଏସି କୋଡେକ୍ ସପୋର୍ଟ ମଧ୍ୟ ମିଳୁଛି । କନେକ୍ଟିଭିଟି ପାଇଁ ବ୍ଲୁଟୁଥ୍ ୫.୪ ଦିଆଯାଇଛି । ରେକର୍ଡିଂ କାଳରେ ଇୟରଫୋନ୍ ପାଖାପାଖି ୬ ଘଣ୍ଟା ଓ ଚାର୍ଜିଂ କେସ୍ ୨୫ ଘଣ୍ଟା ପର୍ଯ୍ୟନ୍ତ କାମ କରିପାରିବ । ତେବେ ଏହି ଇୟରବଡ୍‌ର ପ୍ରି-ଅର୍ଡର ଏବେ ଆମେରିକା, କାନାଡା, ବ୍ରିଟେନ ଓ କିଛି ଇୟୁରୋପୀୟ ଦେଶରେ ଉପଲବ୍ଧ ।

## ଓଡ଼ିଶାର ସ୍ୱାର୍ଥ ପାଇଁ...

ସୁରକ୍ଷା କରିବା ସହ ତାହାକୁ ଆଗକୁ ବଢ଼ାଇବେ । ଏହା ଅତ୍ୟନ୍ତ ଚିନ୍ତାର ବିଷୟ ଯେ ଆପଣମାନେ ଏପରି ଏକ ଅତ୍ୟନ୍ତ ଏକତରଫା ଆଇନକୁ ସମର୍ଥନ କରି ଭୋଟ ଦେଇଛନ୍ତି, ଯାହାର ଦୂରଗାମୀ ଏବଂ ଓଡ଼ିଶାବାସୀଙ୍କ ପାଇଁ ପ୍ରତିକୂଳ ପ୍ରଭାବ ପଡ଼ିବ । ନବୀନ କହିଛନ୍ତି ଯେ ଅଗଷ୍ଟ ୧୩ ତାରିଖରେ ଆପଣମାନଙ୍କ ସମର୍ଥନରେ ଲୋକସଭାରେ ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬ ପାରିତ ହେବା ଓଡ଼ିଶା ପାଇଁ ଏକ କଳା ଦିବସ ଥିଲା । ଓଡ଼ିଶାର ଲୋକମାନଙ୍କ ଉପରେ ଦୂରଗାମୀ ପ୍ରଭାବ ପକାଇବାକୁ ଥିବା ବ୍ୟବସ୍ଥା ଏହି ବିଲ୍‌ରେ ରହିଥିବା ସତ୍ତ୍ୱେ ଲୋକସଭାରେ ୧୦ ମିନିଟ୍‌ରୁ କମ୍ ସମୟ ଆଲୋଚନା ପରେ ଏହାକୁ ପାରିତ କରାଯାଇଥିଲା । ଏହା କୌଣସି ସାଧାରଣ ଆଇନ ପ୍ରଣୟନ ନଥିଲା । ଏହି ଆଇନ ଦ୍ୱାରା ଓଡ଼ିଶା ନିଶ୍ଚିତ ଭାବେ ସବୁଠାରୁ ଅଧିକ ପ୍ରଭାବିତ ହେବ । ଆପଣମାନେ ଭଲ ଭାବରେ ଜାଣନ୍ତି ଯେ ଭାରତର ମୋଟ ଖଣିଜ ସମ୍ପଦର ପ୍ରାୟ ୪୪ ପ୍ରତିଶତ ଓଡ଼ିଶାରେ ରହିଛି । ଦଶନ୍ଧି ଦଶନ୍ଧି ଧରି ଓଡ଼ିଶା ନିଜର ଖଣିଜ ସମ୍ପଦକୁ ଭାରତର ଇସ୍ପାତ, ବିଦ୍ୟୁତ, ଖଣି ଓ ଭିତ୍ତିଭୂମି କ୍ଷେତ୍ରର ନିର୍ମାଣରେ ଅବଦାନ ଦେଇ ଆସିଛି । ଆଜି ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ବିପୁଳ ଅବଦାନ ଯୋଗୁଁ ଭାରତ ଶକ୍ତିଶାଳୀ ଭାବେ ଠିଆ ହୋଇଛି । ମାତ୍ର ଏହି ସଂଶୋଧିତ ଆଇନ କାରଣରୁ ପ୍ରତିବର୍ଷ ୧୨ ହଜାର କୋଟି ଟଙ୍କାରୁ ଅଧିକ ଆର୍ଥିକ କ୍ଷତି ହେବାର ଆକଳନ କରାଯାଉଛି, ଯାହା ସମୟକ୍ରମେ ଲକ୍ଷ ଲକ୍ଷ କୋଟି ଟଙ୍କାର କ୍ଷତିର କାରଣ ହୋଇପାରେ । ଏତେବଡ଼ ଅନ୍ୟାୟ ଆପଣମାନଙ୍କର ଗୋଚରରେ ହିଁ ଘଟିଛି । ଆପଣମାନଙ୍କ ଗୋଚରରେ ହିଁ ଆମ ଖଣି ଓ ଖଣି ଅଞ୍ଚଳ ଉପରୁ ଆମର ନିୟନ୍ତ୍ରଣ ଛଡ଼ାଇ ନିଆଯାଇଛି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି । ଏହି ଆଇନ ଓଡ଼ିଶାର ଶିଶୁ ଓ ଯୁବପିଢ଼ିଙ୍କ ପ୍ରତି ଏକ ଅନ୍ୟାୟ, ଯେଉଁମାନଙ୍କ ଭବିଷ୍ୟତ ଏହି ରାଜ୍ୟର ସମ୍ପଦ ଓ ସୁଯୋଗ ସହ ଜଡ଼ିତ । ଏହା ସେହି ଓଡ଼ିଶାବାସୀଙ୍କ ପ୍ରତି ମଧ୍ୟ ଏକ ଅନ୍ୟାୟ, ଯେଉଁମାନେ ଖଣି ଖନନର ପ୍ରଦୂଷଣ, ବିସ୍ଥାପନ, ପରିବେଶ ଅବକ୍ଷୟ, ବିପଦ ଏବଂ ଅନେକ କଷ୍ଟ ସହିଆସୁଛନ୍ତି । ସର୍ବୋପରି ଏହା ଏକ ସଶକ୍ତ ଓଡ଼ିଶା ଗଠନର ସ୍ୱପ୍ନ ପ୍ରତି ଏକ ବଡ଼ ଅନ୍ୟାୟ ତଥା ଆଘାତ ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି । ମୁଁ ଆପଣମାନଙ୍କୁ ଆନ୍ତରିକ ଭାବେ ଅନୁରୋଧ କରୁଛି, ନିଜ ବିବେକର କଥା ଶୁଣନ୍ତୁ ଏବଂ ଓଡ଼ିଶାର ଭବିଷ୍ୟତ ପିଢ଼ି ବିଷୟରେ ଚିନ୍ତା କରନ୍ତୁ । ମୁଁ ଆପଣମାନଙ୍କୁ ଆହ୍ୱାନ କରୁଛି ଯେ ଏମଏମଡିଆର ଆଇନରେ କରାଯାଇଥିବା ସେହି ସଂଶୋଧନକୁ ଚ୍ୟାଲେଞ୍ଜ କରନ୍ତୁ ଏବଂ ତାହାର ପ୍ରତ୍ୟାହାର ଦାବି କରନ୍ତୁ; ଯାହା ରାଜ୍ୟ ସରକାରଙ୍କ କ୍ଷମତା ଓ ଅଧିକାରକୁ ଛଡ଼ାଇ ନେଉଛି ।

ନବୀନ କହିଛନ୍ତି ଯେ ଇତିହାସ ସେହି ଲୋକମାନଙ୍କୁ ମନେ ରଖେ ଏବଂ ସମ୍ମାନ କରେ, ଯେଉଁମାନେ ନିଜ ଲୋକ ଓ ସେମାନଙ୍କ ସମ୍ପଦ ପ୍ରତି ଅନ୍ୟାୟ ହେଲେ ସ୍ୱର ଉଠାନ୍ତି । ଇତିହାସ ଆପଣମାନଙ୍କୁ ଏହା ଦେଖି ବିଚାର କରିବ ନାହିଁ ଯେ, ଆପଣମାନେ କେଉଁ ଦଳ ସହିତ ଠିଆ ହୋଇଥିଲେ; ବରଂ ଦଳ ଅପେକ୍ଷା ଓଡ଼ିଶାର ସ୍ୱାର୍ଥ ପାଇଁ କିଏ ଠିଆ ହୋଇଥିଲା, ଇତିହାସ ତାହା ବିଚାର କରିବ । ଶେଷରେ ନବୀନ କହିଛନ୍ତି ଯେ ଆପଣମାନେ ଏକ ଐତିହାସିକ ସନ୍ଧିକ୍ଷଣରେ ଠିଆ ହୋଇଛନ୍ତି । ଆପଣମାନଙ୍କ ସମ୍ମୁଖରେ ଏକ ବିକଳ୍ପ ରହିଛି ଯେଉଁ ରାଜ୍ୟ ଓ ଲୋକମାନେ ନିଜ ସ୍ୱାର୍ଥର ସୁରକ୍ଷା ପାଇଁ ଆପଣମାନଙ୍କୁ ଲୋକସଭାକୁ ଏକ ଜନାଦେଶ ସହ ପଠାଇଛନ୍ତି, ସେହି ରାଜ୍ୟ ଓ ଲୋକମାନଙ୍କ ପାଇଁ ଠିଆ ହୋଇ ସଂଗ୍ରାମ କରିବେ କି ନାହିଁ ବୋଲି ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ।

## ଯେତେ ଖୋଜିଲେ...

ଦୁଇଟି ନୂଆ ହ୍ରଦ ସୃଷ୍ଟି ହୋଇଥିବାରୁ ଏହା ଭାଙ୍ଗି ପୁଣି ଆକସ୍ମିକ ବନ୍ୟା ଆଣିପାରେ ବୋଲି ଆଶଙ୍କା କରାଯାଉଛି ।

ବନ୍ୟାର ଚାରି ଦିନ ପରେ ଚୀନ୍‌ର ଉଦ୍ଧାରକାରୀ ଦଳ ଆଜି ଗିରୋଙ୍ଗ ସୀମା ଯାଞ୍ଚ କେନ୍ଦ୍ରରେ ପହଞ୍ଚିଛି । ମାତ୍ର ସେଠାରେ ସେମାନଙ୍କୁ ମିଳିଛି ଧ୍ୱଂସାବଶେଷ ଓ କାଦୁଅର ମୋଟା ଆସ୍ତରଣ । ଏହି ଇମିଗ୍ରେସନ୍ କୋଠା ସଦ୍‌ଗୁରୁଙ୍କ ଅସ୍ଥାୟୀ କ୍ୟାମ୍ପ ଥିଲା ବୋଲି କୁହାଯାଉଛି । ତେବେ ବନ୍ୟାରେ ଏହି କୋଠା ଭାସିଯାଇଛି । ସେଠାରେ ଏବେ କେବଳ ଧ୍ୱଂସାବଶେଷ ପଡ଼ି ରହିଛି । ବନ୍ୟା ସମୟରେ ଅନେକ ଭାରତୀୟ ତୀର୍ଥଯାତ୍ରୀଙ୍କ ସମେତ ସଦ୍‌ଗୁରୁଙ୍କ ୮୦ ଜଣିଆ ଟିମ୍ ମଧ୍ୟ ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରୁ କାହାରି ପତ୍ତା ମିଳୁନାହିଁ ।

ଅଗଷ୍ଟ ୨୫ର ଭୟଙ୍କର ବନ୍ୟା ଓ କାଦୁଅର ସ୍ରୋତ ଗିରୋଙ୍ଗ ସୀମା କେନ୍ଦ୍ରକୁ ମାଡ଼ି ଆସିଥିଲା । ଏହାର ପ୍ରଭାବରେ ଘର, ଗାଡ଼ି, ରାସ୍ତା ଓ ବ୍ରିଜ୍ ସମେତ ବ୍ୟାପକ ଭିତ୍ତିଭୂମି ନଷ୍ଟ ହୋଇଛି । ୨୧ ଜଣିଆ ଚୀନ୍‌ର ଉଦ୍ଧାରକାରୀ ଦଳ ଏକ ସନ୍ଧାନୀ କୁକୁର ସହ ପାହାଡ଼, ଉପତ୍ୟକା ଓ ଜଙ୍ଗଲ ଅତିକ୍ରମ କରି ଆଜି ଘଟଣାସ୍ଥଳରେ ପହଞ୍ଚିଛନ୍ତି । ବନ୍ୟାରେ ମୁଖ୍ୟ ରାସ୍ତା ଧୋଇଯାଇଥିବାରୁ ଉଦ୍ଧାରକାରୀମାନେ ଦଉଡ଼ି ସାହାଯ୍ୟରେ ପାହାଡ଼ ଓ ଜଙ୍ଗଲ ମଧ୍ୟ ଦେଇ ଯାତ୍ରା କରିଥିଲେ । ଉଦ୍ଧାରକର୍ମୀଙ୍କ କହିବା ଅନୁସାରେ, ସେଠାକୁ ଯିବା ପାଇଁ ରାସ୍ତା ନଥିଲା । ଚାରିଆଡ଼ ଜଙ୍ଗଲ ଓ ପାହାଡ଼ ଥିଲା । ସୀମା କେନ୍ଦ୍ରରେ ପହଞ୍ଚିବା ପରେ ଦୃଷ୍ଟି ଯାଏଁ କେବଳ ଧ୍ୱଂସାବଶେଷ ହିଁ ଦେଖାଯାଇଥିଲା । ବନ୍ୟା ସମୟରେ ଆଧ୍ୟାତ୍ମିକ ଗୁରୁ ସଦ୍‌ଗୁରୁଙ୍କ ଈଶା ଫାଉଣ୍ଡେସନ୍‌ର ୮୦ ଜଣିଆ ଦଳ ଏହି କେନ୍ଦ୍ରରେ ଥିଲା । ଏଥିରେ ୪୬ ଜଣ ମହିଳା ଓ ୩୪ ଜଣ ପୁରୁଷ ଥିବା ବେଳେ ସେମାନେ ୧୯ଟି ଦେଶର ନାଗରିକ ଥିଲେ । ।

ସଦ୍‌ଗୁରୁ ଏକ ଭାବବିହ୍ୱଳ ଭିଡିଓରେ କହିଥିଲେ ଯେ, ତାଙ୍କ ଦଳ ବିପର୍ଯ୍ୟୟର କିଛି ମିନିଟ୍ ପୂର୍ବରୁ ଏହି କେନ୍ଦ୍ରରେ ପହଞ୍ଚିଥିଲା । କୈଳାସ-ମାନସରୋବର ଯାତ୍ରା ପାଇଁ ଏହି ରାସ୍ତା ବହୁଳ ଭାବେ ବ୍ୟବହୃତ ହୁଏ । ବନ୍ୟା ସମୟରେ ସୀମା କାର୍ଯ୍ୟାଳୟ ନିକଟରେ ୫୦ରୁ ଅଧିକ ଭାରତୀୟ ତୀର୍ଥଯାତ୍ରୀ ଥିବା ଜଣାପଡ଼ିଛି । ଏହାଛଡ଼ା ଆମେରିକାର ଏକ ଯାତ୍ରା ସଂସ୍ଥାର ପ୍ରାୟ ୪୦ ଜଣ ଯାତ୍ରୀ ମଧ୍ୟ ତିବ୍ବତ ଯିବା ପାଇଁ ଏହି ସୀମା କେନ୍ଦ୍ର ଦେଇ ଯିବାର ଯୋଜନା କରିଥିଲେ ।

## ପଦାରେ ପଡ଼ିଲା...

ପରେ ଜିତେନ ମାନ୍‌ଝୀଙ୍କ ପୁଅ ତଥା ବିହାରର ମନ୍ତ୍ରୀ ସନ୍ତୋଷ କୁମାର ସୁମନ୍ କହିଛନ୍ତି ଯେ ସଂରକ୍ଷଣ ସୁବିଧା ମାତ୍ର କିଛି ଗୋଷ୍ଠୀକୁ ମିଳୁଛି । ଯେଉଁମାନେ ଏହି ସୁବିଧା ପାଇବା କଥା ସେମାନେ ବଞ୍ଚିତ ହେଉଛନ୍ତି । ତେଣୁ ସଂରକ୍ଷଣ କୋଟା ମଧ୍ୟରୁ ବଞ୍ଚିତ ଗୋଷ୍ଠୀକୁ ସଂରକ୍ଷଣ ସୁବିଧା ଦେବାଲାଗି ସେ ଦାବି କରିଛନ୍ତି । କେବଳ ଏତିକି ନୁହେଁ, ଯେଉଁ ଏସ୍‌ସି/ଏସ୍‌ଟି ଲୋକ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ (କ୍ରିମି ଲେୟର) ସେମାନଙ୍କୁ ସଂରକ୍ଷଣ ସୁବିଧାରୁ ବାଦ୍ ଦିଆଯାଉ । ପୁଅର ଯୁକ୍ତିକୁ ତାଙ୍କ ପିତା ତଥା କେନ୍ଦ୍ରମନ୍ତ୍ରୀ ଜିତନ ମାଞ୍ଝୀ ସମର୍ଥନ ଜଣାଇଛନ୍ତି । ସେମାନଙ୍କ ଏଭଳି ଯୁକ୍ତିକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଅନ୍ୟତମ କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ । କୋଟା ଭିତରେ କୋଟା ଏବଂ କ୍ରିମି ଲେୟର ଯୁକ୍ତିକୁ ବିରୋଧ କରି ପାଶ୍ୱାନ କହିଛନ୍ତି ଯେ ଆର୍ଥିକ ଦୃଷ୍ଟିରୁ ସଂରକ୍ଷଣ ବ୍ୟବସ୍ଥା ପାଇଁ ସମ୍ବିଧାନରେ କୌଣସି ବ୍ୟବସ୍ଥା ନାହିଁ । ଏହାଦ୍ୱାରା ସାମାଜିକ ନ୍ୟାୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ । ଏସ୍‌ସି/ଏସ୍‌ଟି ମଧ୍ୟରେ ବିଭାଜନ ପାଇଁ ଉଦ୍ୟମ କରାଯିବା ଠିକ୍ ନୁହେଁ । ସେ କହିଲେ ଯେ ଜିତନ ମାଞ୍ଝୀ ଓ ତାଙ୍କ ପୁଅ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ । ତେଣୁ ସେମାନେ କ୍ରିମି ଲେୟର କଥା ଉଠାଇବା ପୂର୍ବରୁ ନିଜ ନିଜ ପଦରୁ ଇସ୍ତଫା ଦିଅନ୍ତୁ । ପାଶ୍ୱାନଙ୍କ ଏଭଳି ମନ୍ତବ୍ୟରେ ବିରକ୍ତି ପ୍ରକାଶ କରିଛନ୍ତି ଜିତନ ମାନ୍‌ଝୀ । ସେ କହିଛନ୍ତି ପାଶ୍ୱାନ ସାମାଜିକ ନ୍ୟାୟ ବ୍ୟବସ୍ଥାକୁ ବିରୋଧ କରୁଥିବାରୁ ସେ କେନ୍ଦ୍ର ମନ୍ତ୍ରୀ ପରିଷଦରେ ରହିବାକୁ ଯୋଗ୍ୟ ନୁହନ୍ତି । ତେଣୁ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ମାନ୍‌ଝୀ ଦାବି କରିଛନ୍ତି । ଏହି ଦୁଇ କେନ୍ଦ୍ର ମନ୍ତ୍ରୀ ଏପରି କଳି କରିବା ଘଟଣା ଜାତୀୟ ରାଜନୈତିକ ମହଲରେ ଆଲୋଡ଼ନ ସୃଷ୍ଟି କରିଛି ।

## ୨୦୨୯ ସୁଦ୍ଧା...

ଗୁରୁତ୍ୱ ଦେଇଛନ୍ତି । ଥାନାକୁ ଆସୁଥିବା ପ୍ରତ୍ୟେକ ଅଭିଯୋଗକାରୀ ଜଣେ ପୀଡ଼ିତ, ତେଣୁ ସେମାନଙ୍କ ସହ ସହାନୁଭୂତିପୂର୍ଣ୍ଣ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ରାଜ୍ୟକୁ ୨୦୨୯ ସୁଦ୍ଧା ସମ୍ପୂର୍ଣ୍ଣ 'ନିଶାମୁକ୍ତ ଓଡ଼ିଶା'ରେ ପରିଣତ କରିବା ପାଇଁ ସରକାର ସଂକଳ୍ପବଦ୍ଧ । କେବଳ ଜବତ ଓ ଗିରଫଦାରୀରେ ସୀମିତ ନରହି, ନିଶାଦ୍ରବ୍ୟ ଓ ବେଆଇନ ଚାଲାଣର ମୂଳ ଯୋଗାଣ ଶୃଙ୍ଖଳା ଏବଂ ଆର୍ଥିକ ସିଣ୍ଡିକେଟକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦିଆଯାଇଛି । ନିଶା କାରବାର ବନ୍ଦ ହେଲେ ରାଜ୍ୟରେ ଅପରାଧ ହାର ଯଥେଷ୍ଟ ହ୍ରାସ ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ମହିଳାଙ୍କ ପ୍ରତି ହେଉଥିବା ହିଂସା ଏବଂ ସଂଗଠିତ ଅପରାଧ ବିରୋଧରେ ସରକାର 'ଜିରୋ ଟଲରେନ୍ସ' ନୀତି ଆପଣାଇଛନ୍ତି । ମହିଳା ହିଂସାର ସଜା ହାର ୪୦ ପ୍ରତିଶତରୁ ଅତି କମରେ ୭୫ ପ୍ରତିଶତକୁ ନେବାକୁ ଲକ୍ଷ୍ୟ ରଖାଯାଇଛି । ପାର୍ବଣ ଋତୁ ଆଗତ ହେଉଥିବାରୁ "ଦାଦା ବଟି" ଓ ବେଆଇନ ଜୋର-ଜବରଦସ୍ତି ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସମୁଦ୍ରପଥରେ ଅନୁପ୍ରବେଶକୁ ରୋକିବା ପାଇଁ ପୁଲିସ ଗ୍ରହଣ କରିଥିବା ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ଆଲୋଚନା କରି କହିଥିଲେ ଭୁବନେଶ୍ୱରଠାରେ କମାଣ୍ଡ ୧୦ଟି ଡ୍ରୋନ୍, ୫ଟି ଟ୍ରଲର୍, ୧୦ଟି ଆଧୁନିକ ଇଣ୍ଟରସେପ୍ଟର ବୋଟ୍ କ୍ରୟ ପ୍ରକ୍ରିୟା ଏବଂ ଅଲ୍ ଟେରେନ୍ ଭେଇକିଲ୍ ମାଧ୍ୟମରେ ବେଳାଭୂମି ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯାଇଛି । ସାଇବର ଅପରାଧ ଓ ଆର୍ଥିକ ଠକେଇ ରୋକିବା ପାଇଁ ବ୍ୟାପକ ସଚେତନତା ସହ ନୂତନ ଟେକ୍ନୋଲୋଜି ଓ 'ଡାର୍କ ୱେବ୍' ଉପରେ ନଜର ରଖିବାକୁ ପୁଲିସକୁ ପରାମର୍ଶ ଦିଆଯାଇଛି । ରାଜ୍ୟରେ ମାଓ ହିଂସା ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଛି । ଏହାସହ ଗତ ଦୁଇ ବର୍ଷ ମଧ୍ୟରେ ପୁଲିସ ବିଭାଗରେ ୧୭,୭୯୪ଟି ନୂତନ ପଦବୀ ସୃଷ୍ଟି ଏବଂ ୫,୮୧୭ଟି ପଦବୀ ପୂରଣ କରାଯାଇଥିବା ନେଇ ସେ ସୂଚନା ଦେଇଛନ୍ତି । ଥାନାଗୁଡ଼ିକର ଆଧୁନିକୀକରଣ ପାଇଁ ୫୦ କୋଟି ଟଙ୍କାର ସ୍ୱତନ୍ତ୍ର ତଦନ୍ତ ଫଣ୍ଡ ସହ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯାଇଛି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓଡ଼ିଶା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ଏବଂ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ସଫଳ ଓ ଶାନ୍ତିପୂର୍ଣ୍ଣ ପରିଚାଳନା ପାଇଁ ପୁଲିସ ବାହିନୀର ପ୍ରଶଂସା କରିଥିଲେ । ସମ୍ମିଳନୀରେ ପୁଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଅସାମାଜିକ କାର୍ଯ୍ୟକଳାପ ରୋକିବା, ସମ୍ବେଦନଶୀଳ ଓ ସୁରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ପୁଲିସ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରିବା ଏବଂ ନିଶାଦ୍ରବ୍ୟ ବେଆଇନ କାରବାର ବିରୋଧରେ ବିଶେଷ ଅଭିଯାନକୁ ଆହୁରି ଶକ୍ତିଶାଳୀ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୁଇନ୍ଦା ନିର୍ଦ୍ଦେଶକ ତଥା ପୁଲିସ ମହାନିର୍ଦ୍ଦେଶକ ଆରପି କୋଚେ, ପୁଲିସ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅଭିଯାନ) ସଂଜୀବ ପଣ୍ଡା ସମେତ ରାଜ୍ୟର ସମସ୍ତ ଡିଜିପି ଓ ଆଇଜିପି ଉପସ୍ଥିତ ଥିଲେ ।

## 'ସୁଭଦ୍ରା' ଟଙ୍କା...

ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜେସିବି ସାହାଯ୍ୟରେ ମୃତଦେହ ଉଦ୍ଧାର କରିଥିଲା । ଏସଡିପିଓ, ଅତିରିକ୍ତ ଏସପିଙ୍କ ସମେତ ପୁଲିସ୍‌ର ଏକ ଟିମ୍ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ । ତେବେ ଏହି ସମୟରେ ଗିରୀଶ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ତାଙ୍କୁ ଗାଁ ନିକଟ ପଡ଼ିଆ ପାଖରୁ ଗିରଫ କରିଛି । ପଚରାଉଚରା ପରେ ଗିରୀଶ ପୁଲିସ ଆଗରେ ସବୁ କଥା ସ୍ୱୀକାର କରିଛନ୍ତି । ପୁଲିସ ଗିରୀଶଙ୍କୁ ଗିରଫ କରି କ୍ରାଇମ୍ ସିନ୍ ରିକ୍ରିଏଟ କରିବା ସହ ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳ ଓ ବାଡ଼ି ଜବତ କରିଛି ।

## ମୁଣ୍ଡ ନେଲା...

ପ୍ରକାଶ ପାଇଛି । ଜନସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଘରକୁ ଘର ଯାଇ ରକ୍ତ ନମୁନା ସଂଗ୍ରହ କରିବା ସହ ଯାଞ୍ଚ କରିଛି । ବର୍ତ୍ତମାନ ସୁଦ୍ଧା ୬୦ରୁ ଊର୍ଦ୍ଧ୍ୱ ସନ୍ଦିଗ୍ଧଙ୍କ ରକ୍ତ ନମୁନା ପରୀକ୍ଷା ପରେ ୧୦ ଜଣଙ୍କ ପଜିଟିଭ ଥିବା ଡାକ୍ତରୀ ଦଳ ସ୍ପଷ୍ଟ କରିଛନ୍ତି । ଆକ୍ରାନ୍ତମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଯିବ ବୋଲି ଡିପିଏଚ୍‌ଓ ମନୋଜ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି । ଡାକ୍ତରୀ ଦଳରେ ୫ ଡାକ୍ତରଙ୍କ ସମେତ ରକ୍ତ ପରୀକ୍ଷା ପାଇଁ ୪ ଟେକ୍ନିସିଆନ, ସ୍ଥାନୀୟ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ପାଲଲହଡ଼ାରୁ ସ୍ୱାସ୍ଥ୍ୟକର୍ମୀ ମଧ୍ୟ ରହିଛନ୍ତି । ରୋଗର ସ୍ଥିତି ଓ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଟିମ୍ ପକ୍ଷରୁ ତଥ୍ୟ ସଂଗ୍ରହ କରାଯାଇଛି । ଜିଲ୍ଲାରୁ ଡାକ୍ତରୀ ଟିମ ପହଞ୍ଚିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି ।

# ଯୁବକଙ୍କ ଗୋଡ଼ କାଟିଦେଲେ ଦୁର୍ବୃତ୍ତ

କଣ୍ଟାବାଞ୍ଜି,୨୯ ।୮ (ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଥାନା ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେତେଜଣ ଦୁର୍ବୃତ୍ତ ଜଣେ ଯୁବକଙ୍କ ଗୋଡ଼ କାଟି ଦେଇଛନ୍ତି । କଣ୍ଟାବାଞ୍ଜି ଥାନା ଡଙ୍ଗାମରା ଗାଁର ବଳଦେବ ବନଛୋର ଏହି ଆକ୍ରମଣର ଶିକାର ହୋଇଛନ୍ତି । ବଳଦେବ କୌଣସି କାମରେ ନିଜ ଗାଁ ଡଙ୍ଗାମରାରୁ କଣ୍ଟାବାଞ୍ଜି ଆସୁଥିଲେ । ଚଟୁଅନକା ନିକଟ ଅଟା ମିଲ୍ ପାଖରେ ପୂର୍ବରୁ ଛକି ରହିଥିବା ସେହି ଗାଁର ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ଥିଲେ । ସେଠାରେ ପୂର୍ବ ଶତ୍ରୁତାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଦୁର୍ବୃତ୍ତମାନେ ହଠାତ୍ ବଳଦେବଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ସେମାନେ ଏତେ ନୃଶଂସ ହୋଇଯାଇଥିଲେ ଯେ ତାଙ୍କ ଗୋଡ କାଟି ଦେଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ରାସ୍ତା ଉପରେ ପଡି ରହିଥିଲେ । ଘଟଣା ଦେଖି ସ୍ଥାନୀୟ ଲୋକେ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଛି । ଏ ନେଇ କଣ୍ଟାବାଞ୍ଜି ପୁଲିସ ତଦନ୍ତ ଆରମ୍ଭ କରିଛି । ପୂର୍ବ ଶତ୍ରୁତା ହିଁ ଏହି ଆକ୍ରମଣର ମୁଖ୍ୟ କାରଣ ବୋଲି ପୁଲିସ ସନ୍ଦେହ କରୁଛି । ଅଭିଯୁକ୍ତମାନେ ଘଟଣା ପରେ ଫେରାର ହୋଇଯାଇଛନ୍ତି । ପୁଲିସ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ତଦନ୍ତ ଜାରି ରଖିଛି । ଏହି ଘଟଣା ପରେ ଡଙ୍ଗାମରା ଗାଁରେ ଉତ୍ତେଜନା ଦେଖା ଦେଇଛି ।

# ମାଂସ ଦୋକାନୀଙ୍କୁ ଗୁଳିକରି ହତ୍ୟା

ସମ୍ବଲପୁର, ୨୯।୮ (ସମିସ) : ସମ୍ବଲପୁର ବୁର୍ଲା ଥାନା ଅଞ୍ଚଳରେ ଆଜି ପୂର୍ବାହ୍ନରେ ଗୁଳିକାଣ୍ଡ ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ବ୍ୟକ୍ତିଗତ ବିବାଦ ଏବଂ ଦୀର୍ଘକାଳୀନ ଅଭିଯୋଗରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ କହିଛି ।

ପୁଲିସର ସୂଚନା ଅନୁଯାୟୀ, ବୁର୍ଲା ଥାନା ଅଧୀନ ବ୍ୟସ୍ତବହୁଳ କିର୍ବା ଛକରେ ଆଜି ପୂର୍ବାହ୍ନରେ ମାଂସ ଦୋକାନୀ ମହମ୍ମଦ ଅନିଶ (୩୬)ଙ୍କୁ ଗୁଳି କରି ହତ୍ୟା କରାଯାଇଛି । ମଙ୍ଗଳ ବଜାରର ଅଭିଯୁକ୍ତ ରାଜା ସ୍ୱାମୀଙ୍କୁ ବୁର୍ଲା ଥାନାରେ ଅଟକ ରଖି ପଚରାଉଚୁରା କରିବା ସହ ଅପରାଧରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଜବତ କରିଛି ପୁଲିସ । ସମ୍ବଲପୁର ଅତିରିକ୍ତ ଏସ୍‌ପି ଅଜୟ ମିଶ୍ରଙ୍କ ସୂଚନା ଅନୁସାରେ ଅନିଶଙ୍କ ଦୋକାନରେ କାମ କରୁଥିବା ଅଭିଯୁକ୍ତ ରାଜା ସ୍ୱାମୀ ଏହି ଗୁଳିମାଡ଼ କରିଛି । ଏକ ଦେଶୀ ବନ୍ଧୁକରୁ ଅତି ନିକଟରୁ ଗୁଳି ଚଳାଯାଇଛି । ଗୁରୁତର ଅବସ୍ଥାରେ ଅନିଶଙ୍କୁ ବୁର୍ଲା ଭିମସାର ଡାକ୍ତରଖାନାକୁ ନିଆଯାଇଥିଲା; ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବୁର୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ ରାଜା ସ୍ୱାମୀକୁ ଅଟକ ରଖି ଅଧିକ ତଦନ୍ତ ଜାରି ରହିଥିବା ବୁର୍ଲା ଥାନା ଅଧିକାରୀ ବଳିଆର ସିଂହ ସୂଚନା ଦେଇଛନ୍ତି ।

**ଅଭିଯୁକ୍ତ ଅଟକ**

### ଚୌଦ୍ୱାର ଜେଲ୍ ଅଧୀକ୍ଷକ ସୁଜିତ ରାଉଳଙ୍କ ଅଡୁଆ ବଢ଼ିଲା

# ଆଗୁଆ ଜାମିନ ଆବେଦନ ଖାରଜ

କଟକ, ୨୯ ।୮ (ସମିସ): ଚୌଦ୍ୱାର ସର୍କଲ ଜେଲ୍‌ର ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ପାଇଁ ବଢ଼ିଛି ଅଡୁଆ । ଜେଲ୍ ରେକର୍ଡ ଜାଲିଆତି ଏବଂ ବିଚାରାଧୀନ ବିହାରୀ କଏଦୀ ଫେରାର୍ ଘଟଣାରେ ସମ୍ପୃକ୍ତି ଅଭିଯୋଗ ନେଇ ଚୌଦ୍ୱାର ଥାନାରେ ରୁଜୁ ମାମଲାରେ ଶ୍ରୀ ରାଉଳଙ୍କ ଆଗୁଆ ଜାମିନ ଆବେଦନକୁ ଆଜି ହାଇକୋର୍ଟ ଖାରଜ କରିଛନ୍ତି । ଜଷ୍ଟିସ ଭି. ନରସିଂହ ଏହି ଆବେଦନର ଶୁଣାଣି ଶେଷ କରି ଗତ ୨୪ ତାରିଖରେ ରାୟ ସଂରକ୍ଷିତ ରଖିଥିବା ବେଳେ ଆଜି ଏହାର ରାୟ ପ୍ରକାଶ କରିଛନ୍ତି । ଅଭିଯୁକ୍ତଙ୍କୁ ବର୍ତ୍ତମାନ ସ୍ଥିତିରେ ଆଗୁଆ ଜାମିନ ପ୍ରଦାନ କଲେ ମାମଲାର ନିରପେକ୍ଷ ତଦନ୍ତ ବାଧାପ୍ରାପ୍ତ ହେବ ବୋଲି ହାଇକୋର୍ଟ କହିବା ସହ ପୂର୍ବରୁ ରହିଥିବା ଅନ୍ତରୀଣ ସୁରକ୍ଷାକୁ ହଟାଇଦେଇଛନ୍ତି । ଫଳରେ ଶ୍ରୀ ରାଉଳଙ୍କ ଗିରଫଦାରୀ ଆଶଙ୍କା ବଢ଼ିଛି । ମାମଲାରୁ ପ୍ରକାଶ ଯେ ଚୌଦ୍ୱାର ଜେଲରୁ ଦୁଇଜଣ ବିଚାରାଧୀନ ବିହାରୀ କଏଦୀ ଖସି ପଳାଇବା ପରେ ଏହାର ତଦନ୍ତ ଚାଲିଥିଲା । ନିଜର ଦାୟିତ୍ୱହୀନତାକୁ ଲୁଚାଇବା ପାଇଁ ଏବଂ ତଦନ୍ତକୁ ବିଭ୍ରାନ୍ତ କରିବା ଲାଗି ଶ୍ରୀ ରାଉଳ ଜେଲର ସରକାରୀ 'ମିନିଟ୍ ବୁକ୍'ରେ ଅସାଧୁ ଉପାୟରେ ପରିବର୍ତ୍ତନ ଓ ପୂର୍ବତନ ଜେଲରଙ୍କ ଜାଲ୍ ସ୍ୱାକ୍ଷର କରିଥିବା ଅଭିଯୋଗ ହୋଇଥିଲା । ପୂର୍ବତନ ଜେଲର ସନ୍ତୋଷିନୀ ଦାଶ ଏନେଇ ଚୌଦ୍ୱାର ଥାନାରେ ଏତଲା ଦେଇଥିଲେ । ପୁଲିସ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା । କୋର୍ଟ ନିଜ ଆଦେଶରେ ଉଲ୍ଲେଖ କରିଛନ୍ତି ଯେ 'ମିନିଟ୍ ବୁକ୍' ହଜିବା ଏବଂ ଗାଏବ ହେବା ନେଇ ଆବେଦନକାରୀ ଭିନ୍ନ ଭିନ୍ନ ସମୟରେ ବଦଳୁଥିବା ମନ୍ତବ୍ୟ ଦେଇଛନ୍ତି । ପୁଲିସ ବାରମ୍ବାର ନୋଟିସ ପଠାଇବା ସତ୍ତ୍ୱେ ଅଧୀକ୍ଷକ ମୂଳ ଜେଲ୍ ରେକର୍ଡ ତଥା ମିନିଟ ବୁକ ପ୍ରଦାନ କରି ନଥିଲେ । ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଅଭିଯୁକ୍ତ ଯଦି ନିମ୍ନ ଅଦାଲତ (କଟକ ଜେଏମଏଫସି-୨)ରେ ଆତ୍ମସମର୍ପଣ କରି ନିୟମିତ ଜାମିନ ପାଇଁ ଆବେଦନ କରନ୍ତି, ତେବେ ତାହାକୁ ଆବେଦନର ମେରିଟ ଆଧାରରେ ବିଚାର କରାଯିବ ।

### ମଧ୍ୟସ୍ଥତା ମାମଲା ପରିଚାଳନାରେ ଅବହେଳା ନେଇ ହାଇକୋର୍ଟଙ୍କ ଉଦବେଗ

# ଦକ୍ଷ ଆଇନଜୀବୀ ପ୍ୟାନେଲ ପ୍ରସ୍ତୁତ ପାଇଁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ

କଟକ,୨୯ ।୮ (ସମିସ): ରାଜ୍ୟ ସରକାର ଓ ଏହାର ବିଭିନ୍ନ ବିଭାଗ ଦ୍ୱାରା ପରିଚାଳିତ ମଧ୍ୟସ୍ଥତା(ଆର୍ବିଟ୍ରେସନ୍) ମାମଲାଗୁଡ଼ିକ ପରିଚାଳନାରେ ଅବହେଳା, ଦକ୍ଷତାର ଅଭାବକୁ ନେଇ ହାଇକୋର୍ଟ ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ଆର୍ବିଟ୍ରେସନ୍ ଟ୍ରିବ୍ୟୁନାଲ୍ ଓ ଏମଏସଏମଇ କୋର୍ଟଗୁଡ଼ିକରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନାରେ ଦୃଶ୍ୟମାନ ହେଉଥିବା ଦୁର୍ବଳତା ଯୋଗୁଁ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କାର କ୍ଷତି ହେଉଥିବା ନେଇ ହାଇକୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି । ରାଜ୍ୟ ସରକାର କିମ୍ବା ସରକାରୀ ସଂସ୍ଥାଗୁଡ଼ିକ ପକ୍ଷରୁ ମଧ୍ୟସ୍ଥତା ମାମଲା ପରିଚାଳନା ପାଇଁ ଏକ ମାସ ମଧ୍ୟରେ ଅଭିଜ୍ଞ ତଥା ଦକ୍ଷତା ଥିବା ଓକିଲଙ୍କର ଏକ ସ୍ୱତନ୍ତ୍ର ପ୍ୟାନେଲ୍ ଗଠନ କରିବାକୁ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ପୋରେଲ ଦାସ ୱାଟର ଆଣ୍ଡ ଇଫ୍ଲୁଏଣ୍ଟ ପକ୍ଷରୁ ରୁଜୁ ଏକ ମାମଲାର ଶୁଣାଣି କରି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏହି ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି । ଏହି ପ୍ୟାନେଲ୍ ପ୍ରସ୍ତୁତି ପୂର୍ବରୁ ସମ୍ପୃକ୍ତ ଆଇନଜୀବୀଙ୍କ ଯୋଗ୍ୟତା, ଅଭିଜ୍ଞତା ଓ ପୂର୍ବ ରେକର୍ଡର ସୂକ୍ଷ୍ମ ଯାଞ୍ଚ କରିବାକୁ କୁହାଯାଇଛି । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସରକାରୀ ପାଣ୍ଠି ହେଉଛି ଜନସାଧାରଣଙ୍କ କଷ୍ଟାର୍ଜିତ ଅର୍ଥ ଏବଂ ସରକାର ଏହାର ଟ୍ରଷ୍ଟି ମାତ୍ର । ଅଦକ୍ଷତା କିମ୍ବା ଅବହେଳା ଯୋଗୁଁ ଏହି ଅର୍ଥ ନଷ୍ଟ ହେବାକୁ ଦିଆଯାଇପାରିବ ନାହିଁ । ମାମଲା ପରିଚାଳନାରେ ଅସାଧୁତା କିମ୍ବା ଅବହେଳା ପ୍ରଦର୍ଶନ କରିଥିବା ସରକାରୀ ଅଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଭବିଷ୍ୟତରେ ଏଭଳି ଅଧିକାରୀଙ୍କୁ ଆର୍ବିଟ୍ରେସନ୍ ମାମଲାର ଦାୟିତ୍ୱରୁ ବଞ୍ଚିତ କରିବାକୁ କୁହାଯାଇଛି । ନୂତନ ଭାବେ ଗଠିତ ଆଇନଜୀବୀ ପ୍ୟାନେଲର ବିବରଣୀ ଏକ ମାସ ମଧ୍ୟରେ ହାଇକୋର୍ଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସରକାର ଆର୍ବିଟ୍ରେସନ୍ ମାମଲାରେ ଗୋଟିଏ ହାତ ବାନ୍ଧି ଲଢେଇ କରିପାରିବେ ନାହିଁ । ଜନସାଧାରଣଙ୍କ ଅର୍ଥ କୌଣସି ବ୍ୟକ୍ତିଗତ ପାଣ୍ଠି ନୁହେଁ । ଅବହେଳା କିମ୍ବା ଦୁର୍ବଳ ପରିଚାଳନା ଯୋଗୁଁ ହେଉଥିବା ଆର୍ଥିକ କ୍ଷତି କେବଳ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଜନସାଧାରଣଙ୍କ ବିଶ୍ୱାସପ୍ରତି ବିଶ୍ୱାସଘାତକତା ବୋଲି ଅଦାଲତ କଡ଼ା ଟିପ୍ପଣୀ ଦେଇଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୫କୁ ଧାର୍ଯ୍ୟ କରାଯାଇଛି ।

# ଗୁଟ୍‌ଖା ଓ ତମାଖୁଯୁକ୍ତ ପାନମସଲା କଟକଣା ନିର୍ଦ୍ଦେଶନାମା କାଏମ୍

କଟକ,୨୯ ।୮ (ସମିସ): ରାଜ୍ୟରେ ଚିୱିଙ୍ଗ ଟବାକୋ ବା ଗୁଟ୍‌ଖା ପ୍ରସ୍ତୁତି ଓ ବିକ୍ରି ଉପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଲଗାଯାଇଥିବା କଟକଣା ବିରୋଧରେ ଦାୟର ହୋଇଥିବା ମାମଲାଗୁଡ଼ିକୁ ହାଇକୋର୍ଟ ଖାରଜ କରିଛନ୍ତି । ଗୋପାଳ ଆରୋମାଟିକ୍ ଓ ଅନ୍ୟାନ୍ୟ କମ୍ପାନୀ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏଥିସହ ରାଜ୍ୟ ସରକାରଙ୍କ ଗତ ୨୦୨୬ ଜାନୁଆରୀ ୨୧ ତାରିଖର ବିଜ୍ଞପ୍ତିକୁ ଆଇନସମ୍ମତ ଘୋଷଣା କରିଛନ୍ତି । ସମ୍ବିଧାନର ଧାରା ୪୭ ଅନୁଯାୟୀ ଜନସ୍ୱାସ୍ଥ୍ୟର ସୁରକ୍ଷା କରିବା ରାଜ୍ୟର ମୌଳିକ କର୍ତ୍ତବ୍ୟ । ବ୍ୟବସାୟିକ ସ୍ୱାର୍ଥ ଅପେକ୍ଷା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ଜୀବନର ଅଧିକାର (ଧାରା ୨୧) ଅଧିକ ଗୁରୁତ୍ୱପୂର୍ଣ୍ଣ । ଅଦାଲତ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଏହି ନିର୍ଦ୍ଦେଶନାମା ଏଫଏସଏସଏ ଆଇନ ଓ ନିୟମାବଳୀର କାର୍ଯ୍ୟକାରିତା ପାଇଁ ଲାଗୁ ହେବ ଏବଂ ଜିଏସଟି କର୍ତ୍ତୃପକ୍ଷଙ୍କ ଦ୍ୱାରା ଆରମ୍ଭ ହୋଇଥିବା କାର୍ଯ୍ୟାନୁଷ୍ଠାନଗୁଡ଼ିକ ଆଇନ ଅନୁଯାୟୀ ସ୍ୱତନ୍ତ୍ର ଭାବେ ବିଚାର କରାଯିବ । ଏଫଏସଏସଏ(ଫୁଡ ସେଫଟି ଆଣ୍ଡ ଷ୍ଟାଣ୍ଡାର୍ଡ ଆକ୍ଟ-୨୦୦୬) ଆଇନର ଧାରା ୩(୧)(ଜେ) ଅନୁଯାୟୀ ଚୋବାଇ ଫୋପାଡ଼ି ଦିଆଯାଉଥିବା ସାମଗ୍ରୀ (ଯେପରିକି ଚୁଇଙ୍ଗମ୍) ଯଦି ଖାଦ୍ୟ ହୋଇପାରେ, ତେବେ ତମାଖୁ ମଧ୍ୟ ଏହି ଆଇନ ଅଧୀନରେ ଆସୁଛି । ସରକାରଙ୍କ ଦ୍ୱାରା ଜାରି ବିଜ୍ଞପ୍ତି ଏଫଏସଏସଏ ନିୟମାବଳୀର ଅନୁପାଳନ ପାଇଁ ଉଦ୍ଦିଷ୍ଟ । କୋଟପା (ସିଗାରେଟ ଆଣ୍ଡ ଅଦର ଟବାକୋ ପ୍ରଡକ୍ଟ ଆକ୍ଟ -୨୦୦୩) ଆଇନ ତମାଖୁ ବ୍ୟବସାୟ ଓ ବିଜ୍ଞାପନ ନିୟନ୍ତ୍ରଣ କରୁଥିବା ବେଳେ ଏଫଏସଏସଏ ଆଇନ ଖାଦ୍ୟ ସୁରକ୍ଷା ସହ ଜଡ଼ିତ ବୋଲି ହାଇକୋର୍ଟ କହିଛନ୍ତି । ଏଥିସହ ଗୁଟ୍‌ଖା ଓ ତମାଖୁ ପାନମସଲା କଟକଣା ବିଜ୍ଞପ୍ତି ଉପରେ ପୂର୍ବରୁ ଦିଆଯାଇଥିବା ଅନ୍ତରୀଣ ରହିତାଦେଶକୁ ହାଇକୋର୍ଟ ପ୍ରତ୍ୟାହାର କରିଛନ୍ତି । ମାମଲାରୁ ପ୍ରକାଶ ଯେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗତ ୨୦୨୬ ଜାନୁଆରୀ ୨୧ରେ ଏକ ବିଜ୍ଞପ୍ତି ଜାରି କରି ତମାଖୁ କିମ୍ବା ନିକୋଟିନ୍ ଯୁକ୍ତ ସମସ୍ତ ଗୁଟ୍‌ଖା, ପାନ ମସଲା ବିକ୍ରି ଓ ଉତ୍ପାଦନ ଉପରେ କଟକଣା ଲଗାଇଥିଲେ ।

**AFFIDAVIT**

I, Nazifa Neelam, Aged About 51 Years, W/o- Md Belal Khan, At-Kanipadasabalanga, Po-Sabalanga Kanipada, ps-Derabish, Pin-754208, Dist-Kendrapada, Odisha, declared by this Affidavit No.987/2026 Dated.28.03.2026, hat now onwards I shall Be Known As **NAJIPHA NILAM** That for all future Purposes.

**AFFIDAVIT**

I, MOHAMMED BELAL aged about 57 years, S/O- MOHAMMED JALAL , AT-KANIPADA SABALANGA,PO-SABALANGA KANIPADA,PS-DERABISH,PIN-754208,DIST-KENDRAPADA,ODISHA, declared by this Affidavit No.988/2026 Dated.28.03.2026, hat now onwards I shall Be Known As **MD BELAL KHAN** for all future Purposes.

**AFFIDAVIT**

I, Savinder Kaur, aged 32 years, W/o- Mandeep Singh Uppal, resident of Near SBDS School, Vedvyas, Rourkela, PS: Brahmanitarang, Dist: Sundargarh, PIN-769004, Odisha declared by this affidavit No. 176, dtd- 28/08/2026 that now onwards I shall be known as **SAVINDER KOUR** for all future purposes.

GOVERNMENT OF ODISHA
19001/222/2627
**Panchayatsamiti, Kantamal**
E-Procurement Notice
Bid Identification No. PS KRLMTD-T-12/2026-27

| | | | |
|---|---|---|---|
| 1 | No. of the work | : | Patching works 2 nos. |
| 2 | Estimated cost | : | Rs. 19.10 lakh & Rs. 20.42 lakh |
| 3 | Class of Contractor | : | "C" or "D" & "E" |
| 4 | Period of completion | : | 3 months |
| 5 | Date and time of availability of bid documents in the portal | : | 11:00 hrs of 26.08.2026 to 17.00 hrs of 09.09.2026 |
| 6 | Last date / Time for receipt of bid in the portal | : | 17:00 hour of 09.09.2026 |
| 7 | Name and Address of the Officer Inviting Bid | : | Block Development Officer, Kantamal |
| 8 | Date & Venue of Opening of the Single Cover Bid and Technical Bid (Cover 1). | : | On 10.09.2026 at 11:00 AM in the Office of the Panchayatsamiti, Kantamal |

Further details can be seen from the e-procurement portal www.tendersodisha.gov.in
Block Development Officer
Kantamal
OIPR-19001/19429/1/26-27/0001

GOVERNMENT OF ODISHA
8001/286/2627
OFFICE OF THE DIVISIONAL FOREST OFFICER,
BAMRA WILDLIFE DIVISION, BAMRA, SAMBALPUR
At/PO- Bamra, Dist- Sambalpur E-mail – dfobmbwl004@gmail.com
BID IDENTIFICATION No. IF-BMB 105 / Dt.28.08.2026 (online)/2026-27

E-procurement notice

No. 195
Dated. 28.08.2026

The Divisional Forest Officer, Bamra Wildlife Division, Bamra, Sambalpur on behalf of Governor of Odisha, invites Percentage Rate bids in **single cover** System in **ONLINE** Mode.

| | | | |
|---|---|---|---|
| 1. | No. of work (Project) | :- | 07 (Seven) Nos |
| 2. | Estimated cost | :- | Rs.10,79,003/- to Rs.10,83,051 (Excluding 18% GST) |
| 3. | Tender Cost | :- | Rs.5,000/- for each project. |
| 4. | Class of Contractor | :- | "C" & "D" Class Contractors. |
| 5. | Period of completion | :- | 90 (Ninety) Calender days |
| 6. | Availability of bid document in the website. | :- | 18:00 Hours of 31.08.2026 to 17:00 Hours of 18.09.2026. |
| 7. | Date of Opening of Tenders | :- | 11:30 Hours on dt.19.09.2026. |
| 8. | The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only. | | |

OIPR-8001/8144/1/26-27/0005
Divisional Forest Officer,
Bamra Wildlife Division.

TPCODL
TP CENTRAL ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER:** NIT No: TPCODL/2026-27/NIT/10

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/2026-27/1000013102 | Rate Contract for SITC of Fire Hydrant System for DT workshop |
| 2 | TPCODL/P&S/2026-27/1000013103 | Civil Works for Construction of Residential Training Centre |
| 3 | TPCODL/P&S/2026-27/1000013120 | Rate Contract for Mobile LED Display Vehicle (Suraksha Sachtana Rath) – Safety Awareness Campaign |
| 4 | TPCODL/CCG/2026-27/1000013245 | Rate Contract for LAN Cabling Work at TP Odisha DISCOMs |
| 5 | TPCODL/CCG/2026-27/1000013246 | Rate Contract for SITC of UPS of Different Ratings at TP Odisha DISCOMs |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com.** Future communication / corrigendum to tender documents, if any, shall be available on TPCODL website.

ସକାଳ THE SAKALA



www.sakalaepaper.com

## ମାଣିକପୁର ଦଣ୍ଡାରେ ଜୁଆ ଖେଳକୁ ନେଇ ଗୁଳିକାଣ୍ଡ

କେନ୍ଦ୍ରାପଡ଼ା,୨୯।୮ (ସମିସ): ଜୁଆ ଖେଳକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ପରେ ଗୁଳିକାଣ୍ଡ ଘଟିଥିବା ନେଇ ପାଟକୁରା ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମାଣିକପୁର ମୁଣ୍ଡିକାଣ୍ଡି ଦଣ୍ଡା ନିକଟରେ ଥିବା ଏକ ନିଛାଟିଆ ସ୍ଥାନରେ ଏଭଳି ଘଟଣା ଘଟିଛି। ଏ ସ୍ଥାନରେ କିଛି ଲୋକ ଜୁଆ ଖେଳୁଥିବାବେଳେ କୌଣସି କଥାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା ଓ ପରେ ଗଣ୍ଡଗୋଳ ହୋଇଥିବା କୁହାଯାଉଛି। ଗଣ୍ଡଗୋଳ ବଢ଼ିବା ପରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ଗୁଳି ଫୁଟାଯାଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଖବର ପାଇ ପାଟକୁରା ପୁଲିସ ପହଞ୍ଚି ଛାନଭିନ ଆରମ୍ଭ କରିଛି। ଘଟଣାରେ କେତେଜଣ ସମ୍ପୃକ୍ତ ଓ ଗୁଳିକାଣ୍ଡ ପଛର ପ୍ରକୃତ କାରଣ କ'ଣ, ତାହା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ଏଭଳି ଘଟଣାର ପୁନରାବୃତ୍ତି ରୋକିବା ସହ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ପାଇଁ ପୁଲିସର ତଦନ୍ତ ଓ ପରବର୍ତ୍ତୀ ପଦକ୍ଷେପ ଉପରେ ଏବେ ସମସ୍ତଙ୍କ ନଜର ରହିଛି।

### ବିପଦ ସଙ୍କେତ ଉପରେ ବନ୍ୟା ଜଳ

# ଲୁଣାନଦୀ ବନ୍ଧ ୮୦ ଫୁଟ ଧସିଲା; ନଦୀକୂଳିଆ ଲୋକ ଭୟଭୀତ

କେନ୍ଦ୍ରାପଡା,୨୯।୮ (ସମିସ)

ଲୁଣାନଦୀରେ ଦ୍ୱିତୀୟ ଥର ବନ୍ୟା ଆସିଥିବାବେଳେ ମାର୍ଶାଘାଇ ବ୍ଲକ ବଡ଼ପାଳ ଅଞ୍ଚଳରେ ନଦୀବନ୍ଧ ଧସିଯିବା ଘଟଣା ନଦୀକୂଳିଆ ଲୋକଙ୍କ ଚିନ୍ତା ବଢ଼ାଇଦେଇଛି। ଶୁକ୍ରବାର ସକାଳେ ବଡ଼ପାଳ ଘେରିବନ୍ଧର ପ୍ରାୟ ୮୦ ଫୁଟ ଅଂଶ ଧସିଯାଇଥିବା ଜଣାପଡ଼ିଛି। ଏହି ସମୟରେ ଲୁଣାନଦୀରେ ବନ୍ୟାଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଦେଖାଦେଇଛି।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ନଦୀରେ ପ୍ରବଳ ସ୍ରୋତ ଥିବାରୁ ଘେରିବନ୍ଧର ଏହି ଅଂଶ ଧସିଯାଇଛି। ବନ୍ଧର ଅବସ୍ଥା ଦୁର୍ବଳ ଥିବାରୁ ଆଗକୁ ଅଧିକ ଅଂଶ ଧସିବା ଆଶଙ୍କା ମଧ୍ୟ ପ୍ରକାଶ ପାଇଛି। ବନ୍ଧ ଭାଙ୍ଗିଲେ ବ୍ୟାପକ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିବା ସମ୍ଭାବନା ଥିବାରୁ ତୁରନ୍ତ ସ୍ଥାୟୀ ପଦକ୍ଷେପ ନେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ବନ୍ଧ ସୁଦୃଢ଼ୀକରଣ ଓ ମରାମତି ନାମରେ ବିଗତ ବର୍ଷଗୁଡ଼ିକରେ ଅନିୟମତା ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ ଉଠାଇଛନ୍ତି। କାମ ନ ହୋଇ ମଧ୍ୟ ଫଲ୍ସ ବିଲ୍ କରାଯାଇଥିବା ନେଇ ଅଭିଯୋଗ ରହିଛି। ଏହି ଅଭିଯୋଗର ସତ୍ୟତା ସରକାରୀ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ବନ୍ଧ ଧସିବା ଖବର ପାଇ ନୂଆ କରି ଯୋଗଦେଇଥିବା ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ତାଙ୍କ ଉପସ୍ଥିତିରେ ବହ୍ଲା, ବାଉଁଶ ଓ ବାଲିବସ୍ତା ବ୍ୟବହାର କରି ଧସିଥିବା ବନ୍ଧକୁ ତୁରନ୍ତ ମରାମତି କରିବା କାର୍ଯ୍ୟ ଚାଲିଥିଲା। ବନ୍ୟାଜଳର ଚାପ ମଧ୍ୟରେ ଏଭଳି ବ୍ୟବସ୍ଥା କେତେଦୂର ସୁରକ୍ଷା ଦେଇପାରିବ, ତାହାକୁ ନେଇ ମଧ୍ୟ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ବନ୍ଧ ଧସିବା ସମ୍ପର୍କରେ ପାଟକୁରା ଜଳସମ୍ପଦ କାର୍ଯ୍ୟାଳୟକୁ ଫୋନ୍ ଯୋଗେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ କେହି ଫୋନ୍ ରିସିଭ୍ କରି ନ ଥିଲେ। ବନ୍ୟା ପରିସ୍ଥିତିରେ ବନ୍ଧ ଧସିବା ଘଟଣାକୁ ନେଇ ଏବେ ପ୍ରଶାସନର ତ୍ୱରିତ ପଦକ୍ଷେପ ଉପରେ ନଜର ରହିଛି। ଧସିଥିବା ଅଂଶର ସ୍ଥାୟୀ ମରାମତି ସହ ବନ୍ଧର ସମ୍ପୂର୍ଣ୍ଣ ସୁଦୃଢ଼ୀକରଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ହୋଟେଲ ମ୍ୟାନେଜରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦାଦା ବଟି ମାଗିବା ଘଟଣାରେ ୨ ଗିରଫ

ପଟ୍ଟାମୁଣ୍ଡାଇ,୨୯।୮ (ସମିସ): ପଟ୍ଟାମୁଣ୍ଡାଇ ବଜାରରେ ଥିବା ମା' ମଙ୍ଗଳା ହୋଟେଲ ମ୍ୟାନେଜରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦାଦା ବଟି ମାଗୁଥିବା ୨ ଅଭିଯୁକ୍ତଙ୍କୁ ସ୍ଥାନୀୟ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଶନିବାର ପଟ୍ଟାମୁଣ୍ଡାଇ ବଜାରରେ ଥିବା ମା' ମଙ୍ଗଳା ହୋଟେଲରେ ୨ ଜଣ ଅଚିହ୍ନା ଯୁବକ ପହଞ୍ଚି ଦାଦା ବଟି ମାଗିଥିଲେ। ମ୍ୟାନେଜର ଦାଦା ବଟି ଦେବାକୁ ମନା କରିବାରୁ ୨ ଅଭିଯୁକ୍ତ ଯୁବକ ଗାଳିଗୁଲଜ କରିବା ସହିତ ତାଙ୍କ ମୁଣ୍ଡରେ



ବନ୍ଧୁକ ଲଗାଇ ଗୁଳି କରିଦେବାକୁ ଧମକ ଦେଇଥିଲେ। ଏ ସମୟରେ ହୋଟେଲ ମାଲିକ ଅନୁପସ୍ଥିତ ଥିଲେ। ମ୍ୟାନେଜରଙ୍କ ପାଖରୁ ଖବର ପାଇ ହୋଟେଲ ମାଲିକ ଅନମୋଲ ରାଉତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ପଟ୍ଟାମୁଣ୍ଡାଇ ପୁଲିସ ଏହି ମାମଲାରେ ସଂପୃକ୍ତ ପ୍ରଭଞ୍ଜନ ମଲିକ ଓ ଆକାଶ ମଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଏକ ବନ୍ଧୁକ ଜବତ କରିଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବ୍ରାଉନସୁଗର, ଗଞ୍ଜେଇ ଓ ଚୋରାମଦ ଜବତ; ୪ ଗିରଫ

କେନ୍ଦ୍ରାପଡ଼ା,୨୯।୮ (ସମିସ): ନିଶା କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ଜୋରଦାର କରାଯାଇଛି। ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ସଦର, ପାଟକୁରା ଓ ମହାକାଳପଡ଼ା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ହରିଅଙ୍କ ଗ୍ରାମର ଦୋଳଗୋବିନ୍ଦ ମଲିକ, ରାମଚନ୍ଦ୍ରପୁର ଗ୍ରାମର ଅକ୍ଷୟ ରାଉତ, ବଡ଼ପାଳ ଗ୍ରାମର ଘନଶ୍ୟାମ ବେହେରା, ବାସଘର ଗ୍ରାମର ଜୟଜିତ ମଲିକଙ୍କୁ ଗିରଫ କରାଯାଇ ବ୍ରାଉନସୁଗର, ଗଞ୍ଜେଇ ଓ ଚୋରାମଦ ଜବତ ହୋଇଛି।

## ବାଇକ୍ ଚୋର ଗିରଫ

ରାଜନଗର,୨୯।୮ (ସମିସ): ରାଜନଗରବ୍ଲକ ରାଜନଗର ଗ୍ରାମରୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଚନ୍ଦନ ମଲ୍ଲିକଙ୍କ ବାଇକ୍ ଚୋରି ହୋଇଥିବା ନେଇ ଶନିବାର ଦିନ ଚନ୍ଦନ ଲିଖିତ ଅଭିଯୋଗ ରାଜନଗର ଥାନାରେ କରିଥିଲେ। ଅଭିଯୋଗ ପାଇ ଇନ୍ସପେକ୍ଟର ରତିରଞ୍ଜନ ନାୟକ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବାଇକ ଜବତ କରିବା ସହିତ ରାଜନଗର ଗ୍ରାମର ବିଶ୍ୱଜିତ ମଲ୍ଲିକ, ସାବବଡ଼ ଗୋପାଳପୁର ଗ୍ରାମର ମନୋଜ ରାଉତଙ୍କୁ ଗିରଫ କରି କାର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ନଦୀରେ ବୁଡ଼ି ନାବାଳିକା ମୃତ

ପଟ୍ଟାମୁଣ୍ଡାଇ,୨୯।୮ (ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ତନୁପୁର ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ବ୍ରାହ୍ମଣୀ ଶାଖା ନାଳରେ ଗାଧୋଇବା ସମୟରେ ବୁଡ଼ିଯାଇ ଜଣେ ୧୩ ବର୍ଷୀୟା ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳିକା ତନୁପୁର ଗ୍ରାମର ସନ୍ତୋଷ ମଲିକଙ୍କ ଝିଅ ଅଞ୍ଜଳି (୧୩) ବୋଲି ଜଣାପଡିଛି। ଶନିବାର ମଧ୍ୟାହ୍ନରେ ଅଞ୍ଜଳି ଘର ପାଖ ନାଳକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ସମୟରେ ଅଞ୍ଜଳି ଅସାବଧାନତାବଶତଃ ଗଭୀର ପାଣିକୁ ଚାଲି ଯାଇ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଠିକ୍ ସମୟରେ ପହଞ୍ଚି ନ ପାରିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗ୍ରାମର କେତେକ ଯୁବକ ଜୀବନକୁ ବାଜି ଲଗାଇ ଅଣ୍ଟାରେ ରସି ବାନ୍ଧି ନଦୀର ପ୍ରଖର ସ୍ରୋତରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଅଞ୍ଜଳିଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ସେଠାରେ ଥିବା ଡାକ୍ତର ମୃତ ଘୋଷଣା କରିଥିଲେ।

## ଦୁର୍ଘଟଣାରେ ଦୁଇ ଆହତ, ଜଣେ କେନ୍ଦ୍ରାପଡ଼ା ରେଫର

ରାଜକନିକା,୨୯।୮ (ସମିସ): ବରିପଡା-ସିହପଡା ରାସ୍ତାର ସାନପାଟ ପୋଲ ପାଖରେ ଦୁର୍ଘଟଣା ଘଟି ଦୁଇଜଣ ଆହତ ହୋଇଛନ୍ତି। ଆଜି ସନ୍ଧ୍ୟାରେ ବରିପଡା ଗ୍ରାମର ପରମେଶ୍ୱର ବାରିକଙ୍କ ପୁଅ କୈଳାସ ବାରିକ ଓ ଗଙ୍ଗାଧର ଜେନାଙ୍କ ପୁଅ ସୁଶାନ୍ତ ଜେନା ଓଳାଭର ବଜାରକୁ ସ୍କୁଟି ନେଇ ଆସୁଥିବାବେଳେ ନୂତନ କରି ନିର୍ମିତ ହେଉଥିବା ପୋଲରେ ଦିଆଯାଇଥିବା ବାଉଁଶରେ ପିଟି ହୋଇଯାଇଥିଲେ। ସେମାନଙ୍କୁ ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କୈଳାସଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ସ୍ଥାନାନ୍ତର କରାଯାଇଥିଲା। ସାନପାଟ ପୋଲ ପାଖରେ ସୁରକ୍ଷା ପାଇଁ ଦିଆଯାଇଥିବା ବାଉଁଶ ଦୁର୍ଘଟଣାର କାରଣ ହେଉଛି। ଗତକାଲି ମଧ୍ୟ ଦୁଇ ଭାଇଭଉଣୀ ସେହି ବାଟ ଦେଇ ଆସୁଥିବାବେଳେ ବାଉଁଶରେ ପିଟିହୋଇ ଗାତରେ ପଡ଼ିଥିଲେ।

## ପଟ୍ଟାମୁଣ୍ଡାଇ ପୁଲିସ ଓ କଲେଜ ପକ୍ଷରୁ ନିଶାମୁକ୍ତ ଅଭିଯାନ

ପଟ୍ଟାମୁଣ୍ଡାଇ,୨୯।୮ (ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଓ ପଟ୍ଟାମୁଣ୍ଡାଇ କଲେଜ ପକ୍ଷରୁ ନିଶାମୁକ୍ତ ଅଭିଯାନ ଶୋଭାଯାତ୍ରା କରାଯାଇଛି। ଆଇଆଇସି ମାନସ ରଞ୍ଜନ ମଲ୍ଲିକ ଓ କଲେଜ ଅଧ୍ୟକ୍ଷ ପ୍ରଫେସର ଗୌରପ୍ରସାଦ ଷଡଙ୍ଗୀଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀ, କଲେଜ ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ




ନିଶା ନିବାରଣ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ। ପରେ ନିଶାମୁକ୍ତ ଅଭିଯାନକୁ ସଫଳ କରିବା ପାଇଁ ସମୂହ ଶପଥ ପାଠ କରାଯାଇଥିଲା।

## ନିର୍ମାଣ ଶ୍ରମିକ ସଂଘ କାର୍ଯ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ




ଡେରାବିଶ, ୨୯।୮ (ସମିସ): ଚାନ୍ଦୋଳସ୍ଥ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ମହିଳା ଶ୍ରମିକ ବାହାଲି ଟୁଡ୍ଡୁ, ଉଷାରାଣୀ ସ୍ୱାଇଁ, ଝୁନି ସୋରେନ୍, ଡୁବୁଲି ଟୁଡ୍ଡୁ, ଗୀତା ମର୍ମୁ, ସୁମ୍ବରି ଟୁଡ୍ଡୁ ପ୍ରମୁଖଙ୍କ ନେତୃତ୍ୱରେ ଅନେକ ମହିଳା ସଂଘର ମୁଖ୍ୟ କାର୍ଯ୍ୟାଳୟରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀଙ୍କ ହାତରେ ରଖିବାନ୍ଧି ମିଷ୍ଟାନ୍ନ ଖୁଆଇଥିଲେ।

## ନିଶା ମୁକ୍ତ ଓ ମହିଳା ଅଧିକାର ସମ୍ପର୍କିତ ଆଲୋଚନାଚକ୍ର




ଗରଦପୁର,୨୯।୮ (ସମିସ) କୋରୁଆ ମହିଳା ସ୍ନାତକ ମହାବିଦ୍ୟାଳୟରେ ନିଶା ଦ୍ରବ୍ୟର ଅପବ୍ୟବହାର ଓ ମହିଳା ଅଧିକାର ସଂପକିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶକ୍ତିଶ୍ରୀ ସଶକ୍ତିକରଣ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅମୀୟ ବେହେରା ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବେ ସମାଜସେବୀ ବିରଜା ପ୍ରସାଦ ପତି ଯୋଗଦେଇ ନିଶା ଦ୍ରବ୍ୟର ଅପବ୍ୟବହାର ଓ ମହିଳା ଅଧିକାର ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶୁଭେନ୍ଦ୍ର ସାମନ୍ତରାୟ, ଭାବଗ୍ରାହୀ ନାୟକ, ଅଧ୍ୟାପିକା ସୁମିତ୍ରା ବେହେରା ଯୋଗଦେଇ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଏ ଅବସରରେ ଛାତ୍ରୀମାନେ ନିଶା ଦ୍ରବ୍ୟଠାରୁ ଦୂରେଇ ରହିବା ସହ ନିଜ ଅଧିକାର ବିଷୟରେ ଅବଗତ ହେବା ପାଇଁ ଶପଥ ଗ୍ରହଣ କରିଥିଲେ।

## ନାଗମଣି ବିଦ୍ୟାଳୟରେ ସଂସ୍କୃତ ଦିବସ

ଗରଦପୁର,୨୯।୮ (ସମିସ): ହରିଦାସପୁର ପଞ୍ଚାୟତ ନାଗମଣି ଉଚ୍ଚବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଛି। ଏ ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ରାଲି ଓ ପ୍ରଥପାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ପରେ ବିଦ୍ୟାଳୟର ସଭାଗୃହରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତ ଲୋକକଥନ, ଗୀତା ଆବୃତ୍ତି, ସଂସ୍କୃତ ଗଳ୍ପ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଦେବେନ୍ଦ୍ର ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ସୁରେଶ ପାଣି ବେଦପାଠ ସହ ସଂସ୍କୃତ ଦିବସ ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ରୂପେ ଶିକ୍ଷୟତ୍ରୀ ନିୟତି ପ୍ରଧାନ ସଂସ୍କୃତ ଭାଷାର ସୁରକ୍ଷା ଓ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଶିକ୍ଷକ ବଟକୃଷ୍ଣ ଖୁଣ୍ଟିଆ, ଦାମୋଦର ପ୍ରଧାନ, ପ୍ରଶାନ୍ତ ପରିଡା, ଯୋଗେନ୍ଦ୍ର ସାହୁ, ସନ୍ତୋଷୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆସନ୍ତା ମାସ ୬ ତାରିଖରେ ବଳଦେବଜୀଉ ଉଚ୍ଚବିଦ୍ୟାଳୟରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଗୀତା ଆବୃତ୍ତିରେ ଭାଗନେବାକୁ ଛାତ୍ରଛାତ୍ରୀଙ୍କ ନାମ ଘୋଷଣା କରାଯାଇଥିଲା। ସଂସ୍କୃତ ଶିକ୍ଷକ ସୁରେଶ ପାଣି ଧନ୍ୟବାଦ ଦେଇଥିଲେ।

## ବାୟାବାବା କଲେଜରେ ନିଶା ନିବାରଣ ସଚେତନତା

ମହାକାଳପଡ଼ା,୨୯।୮ (ସମିସ): ନିଶାମୁକ୍ତ ସମାଜ ଗଠନ ଓ ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟରେ ମହାକାଳପଡ଼ାସ୍ଥ ବାୟାବାବା ମହାବିଦ୍ୟାଳୟ ପରିସରରେ ନିଶା ବିରୋଧୀ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ପୁଲିସ୍ ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଅଧ୍ୟକ୍ଷ ରଂଜିତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ ଅଧ୍ୟାପକ ସୁଶୀଲ ସାହୁ, ଅଧ୍ୟାପକ ଫକୀର ସାହୁ, ରାଜେନ୍ଦ୍ର ମହାପାତ୍ର, ନରେନ୍ଦ୍ର ଦାସ, ଚିତ୍ତରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମହାକାଳପଡ଼ା ଥାନା ପକ୍ଷରୁ ଥାନା ଅଧିକାରିଣୀ ବନ୍ଦନା ପାତ୍ର, ଏଏସ୍ଆଇ ବିଦ୍ୟାଧର ସ୍ୱାଇଁ, ଏଏସ୍ଆଇ ଦଶରଥ ମହାରଣା, ହାବିଲଦାର ନିହାର ନାୟକ, ଅରୁଣ ମହାପାତ୍ର ଓ ରତିକାନ୍ତ ସିଙ୍ଗି ପ୍ରମୁଖ ଯୋଗଦେଇ ନିଶା ସେବନର କୁପ୍ରଭାବ, ଏହାର ସାମାଜିକ ପରିଣାମ ଓ ନିଶା ସମ୍ପର୍କିତ ଆଇନଗତ ବ୍ୟବସ୍ଥା ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ସ୍ଥାନୀୟ ସରପଞ୍ଚ ରତିକାନ୍ତ ପଣ୍ଡା ଯୋଗ ଦେଇଥିଲେ। ଏ ଅବସରରେ ଛାତ୍ରଛାତ୍ରୀ ନିଶା ସେବନ ନ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ନିଶାଠାରୁ ଦୂରେଇ ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ।



## ପକ୍ଷାଘାତ ରୋଗୀଙ୍କୁ ଆର୍ଥିକ ସହାୟତା

ରାଜକନିକା,୨୯।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ୍ ପ୍ରଧାନପଡ଼ା ପଞ୍ଚାୟତ ପ୍ରଧାନପଡା ଗ୍ରାମର ପ୍ରଦୀପ ଜେନା (୪୨) ୫ ବର୍ଷ ଧରି ପକ୍ଷାଘାତ ରୋଗରେ ପୀଡିତ ହୋଇ ଦୁର୍ଦ୍ଦିନରେ କାଳାତିପାତ କରୁଥିବା ସମ୍ପର୍କରେ ଜାଣି କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି ସଭାପତି ପ୍ରମୋଦ ସାହୁଙ୍କ ନିର୍ଦ୍ଦେଶକ୍ରମେ ଆଜି ଏହି ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି।



ରାଜକନିକା ଶାଖା ପରିଚାଳକ ପ୍ରଫୁଲ୍ଲ ସାହୁ, କର୍ମଚାରୀ ବଳରାମ ଦାସ, ତୁଷାର ଜେନା, ଦୈନିକ ଜମା ସଂଗ୍ରହକାରୀ ଏଜେଣ୍ଟ କ୍ଷିତୀଶ ସାହୁ ପ୍ରମୁଖ ଆଜି ଅପରାହ୍ନରେ ପ୍ରଦୀପଙ୍କ ପରିବାର ନିକଟରେ ପହଞ୍ଚି ୫ ହଜାର ଓ ତାଙ୍କର ବଡ଼ଝିଅ ଜେକିବିଆର ସାଇନ୍ସ କଲେଜ ହାଟସାହିର ଛାତ୍ରୀଙ୍କୁ କଲେଜ ଯିବାକୁ ସାଇକଲ ନ ଥିବାରୁ ସାଇକଲ କିଣିବାକୁ ୫ ହଜାର ଟଙ୍କାର ସହାୟତା ଯୋଗାଇ ଦେଇଛନ୍ତି। ପ୍ରଦୀପ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ପକ୍ଷାଘାତର ଶିକାର ହୋଇଛନ୍ତି। ଯାହା ସମ୍ବଳ ଥିଲା ତାଙ୍କ ଚିକିତ୍ସାରେ ଖର୍ଚ୍ଚ ହେବା, ଆୟୁଷ୍ମାନ କାଡର୍‌ର ସବୁ ଅର୍ଥ ଖର୍ଚ୍ଚ ସରିବା ପରେ ଅର୍ଥାଭାବରୁ ଚିକିତ୍ସିତ ହୋଇପାରୁ ନ ଥିବା ଖବର ପାଇ ସୋସାଇଟି ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ପ୍ରଦୀପଙ୍କ ସ୍ତ୍ରୀ କୁନି ଜେନା ମୁଖଗହ୍ୱର କର୍କଟ ରୋଗରେ ପୀଡିତ ଥିବା ଭଳି ଖବର ମଧ୍ୟ ବେଡି ଉପରେ କୋରଡ଼ା ସାଜିଛି।

### ବିଧାୟକଙ୍କ ପଟ୍ଟାମୁଣ୍ଡାଇ ପୌର ପରିଷଦ ୩ ଓ ୪ ୱାର୍ଡ ପରିଦର୍ଶନ

## ସ୍ଥିତି ପରଖିଲେ ଓ ରିଲିଫ ବାଣ୍ଟିଲେ

ପଟ୍ଟାମୁଣ୍ଡାଇ,୨୯।୮ (ସମିସ): ଚଳିତ ବ୍ରାହ୍ମଣୀ ନଦୀର ତୃତୀୟ ବନ୍ୟାରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛି। ଏହି ପୌରାଞ୍ଚଳର ୩ ଓ ୪ନଂ ୱାର୍ଡ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଦୀର୍ଘ ୧ ମାସ ହେବ ଜଳବନ୍ଦୀ ହୋଇରହିଛି। ବାରମ୍ବାର ବନ୍ୟା ଯୋଗୁଁ ବ୍ୟାପକ ଫସଲହାନି ଘଟିଛି। ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବନ୍ୟାରେ ବହୁ ଲୋକଙ୍କ ଘର ଭାଙ୍ଗିଥିବାରୁ ବାସହରା ହୋଇ ବିଭିନ୍ନ ସ୍ଥାନରେ ମୁଣ୍ଡ ଗୁଞ୍ଜିଛନ୍ତି। ରାଜନଗର ବିଧାୟକ ଚଳିତ ବନ୍ୟାରେ ପୌର ପରିଷଦର ବନ୍ୟା ବିପନ୍ନ ୱାର୍ଡକୁ ଯାଇ ଅବସ୍ଥା ଅନୁଧ୍ୟାନ କରିଥିବାବେଳେ ସମ୍ପ୍ରତି ବ୍ରାହ୍ମଣୀ ନଦୀର ତୃତୀୟ ବନ୍ୟାରେ ପଟ୍ଟାମୁଣ୍ଡାଇ ପୌର ପରିଷଦର ୩ନଂ ଓ ୪ନଂ ୱାର୍ଡକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।



ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢା ଲେଙ୍କା, କାଉନସିଲର ପ୍ରଶାନ୍ତ ବାରିକ, ତୁଷାର ରଞ୍ଜନ ବେହେରା, ଶଙ୍କର୍ଷଣ ନାୟକ, ଯୁବ ବିଜେଡି ସଭାପତି ଅଶୋକ ଧଳଙ୍କ ସହିତ ବନ୍ୟା ବିପନ୍ନ ତନୁପୁର, ନନ୍ଦିନୀନଗର ଗ୍ରାମକୁ ଯାଇ ସ୍ଥିତି ପରଖିବା ସହିତ ରିଲିଫ ବଣ୍ଟନ କରିଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦର ସମସ୍ତ ବନ୍ୟା ବିପନ୍ନଙ୍କୁ ୧୫ ଦିନ ରିଲିଫ, ରନ୍ଧା ଖାଦ୍ୟ, ପାଲ, ପର୍ଯ୍ୟାପ୍ତ ଗୋଖାଦ୍ୟ, ପାନୀୟଜଳ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

## ଧାନ ପଞ୍ଜୀକରଣରୁ ବାଦ୍; ଥାନାରେ ଅଭିଯୋଗ

ରାଜନଗର,୨୯।୮ (ସମିସ): ବନ୍ଧପଡ଼ା ପଞ୍ଚାୟତ ଫିରିକିଦାଣ୍ଡି ଗ୍ରାମର ଦାମୋଦର ମହାନ୍ତିଙ୍କ ପୁଅ ଅମୂଲ୍ୟ ମହାନ୍ତି ନିଜ ପିତାଙ୍କ ନାମରେ ଥିବା ଗୁପ୍ତି ରାଜସ୍ୱ ସର୍କଲର କନକପୁର ମୌଜାରେ ଜମି ଅଛି। ଅମୂଲ୍ୟ ଧାନମଣ୍ଡି ପଞ୍ଜୀକରଣ କରିବା ପାଇଁ ଗୁପ୍ତି ସର୍କଲର ଗୋପାଳପୁର ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ଯାଇଥିଲେ। ସେଠାରେ ଜାଣିବାକୁ ପାଇଲେ ଯେ, ତାଙ୍କ ପିତାଙ୍କ ନାମରେ ଥିବା କନକପୁର ମୌଜାର ଖାତା ନଂ-୭, ପ୍ଲଟ ନଂ-୧୦୦, ରକବା- ୪ଏକର ୨୫ ଡିସିମିଲ ଜମି ମଧ୍ୟରୁ ୩ ଏକର ୨୫ ଡିସିମିଲ ଜମିକୁ ଅନ୍ୟ ଜଣେ କେହି ପଞ୍ଜୀକରଣ କରିଛି। ଏ ନେଇ ସେ ରାଜନଗର ଥାନାରେ ଗୋପାଳପୁର ସେବା ସମବାୟ ସମିତି ସମ୍ପାଦକଙ୍କ ନାମରେ ଅଭିଯୋଗ କରିବା ସହ ପଞ୍ଜୀକରଣ କରି ନ ପାରିଲେ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗୋପାଳପୁର ସମବାୟ ସମିତି ସଂପାଦକ ଭୀଷ୍ମକୁମାର ନାୟକଙ୍କୁ ପଚାରିବାରୁ ଅମୂଲ୍ୟ ମହାନ୍ତି ସମିତିକୁ ଧାନମଣ୍ଡି ପଞ୍ଜୀକରଣ କରିବାକୁ ଆସିଥିଲେ। ତାଙ୍କ ଜମିକୁ ପଞ୍ଜିକୃତ କରିବା ପାଇଁ ଚେଷ୍ଟା କଲା ବେଳେ ୩ ଏକର ୨୫ ଡିସିମିଲ ଜମି ଅନ୍ୟତ୍ର ପଞ୍ଜିକୃତ ହୋଇଥିବାରୁ ୧ ଏକର ଜମି ପଞ୍ଜିକୃତ ହୋଇପାରିବ ବୋଲି କହିଥିଲି। ପରେ ଅମୂଲ୍ୟଙ୍କ ନାମରେ ୧ ଏକର ଜମି ପଞ୍ଜିକୃତ କରିଥିଲି ବୋଲି କହିଥିଲେ। କେନ୍ଦ୍ରାପଡା ଏଆରସିଏସ ଜୋଗେନ୍ଦ୍ର ବିଶ୍ୱାଳଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଯେଉଁ ସର୍କଲର ଜମି ସେହି ସର୍କଲ ଅଧୀନସ୍ଥ ପ୍ରାଥମିକ କୃଷି ସମବାୟ ସମିତିରେ ପଞ୍ଜିକୃତ ହେବା କଥା। ଏପରି ଅନିୟମିତତା ହେବା କଥା ନୁହେଁ। ଅଭିଯୋଗ ପାଇବା ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅମୂଲ୍ୟଙ୍କ ପିତା ଦାମୋଦର ମହାନ୍ତିଙ୍କ ନାମରେ ଥିବା ଜମିକୁ ଧନେଶ୍ୱର ମହାନ୍ତିଙ୍କ ପୁଅ ଶରତ ମହାନ୍ତି ନାମକ ବ୍ୟକ୍ତି ଓସ୍ତିଆ ପ୍ରାଥମିକ କୃଷି ସେବା ସମବାୟ ସମିତିରେ ପଞ୍ଜୀକରଣ କରିଥିବା ଜଣାପଡ଼ିଛି।

## ପଟ୍ଟାମୁଣ୍ଡାଇ କଲେଜରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ପଟ୍ଟାମୁଣ୍ଡାଇ,୨୯।୮ (ସମିସ): ପଟ୍ଟାମୁଣ୍ଡାଇ କଲେଜ ଶକ୍ତିଶ୍ରୀ ଯୋଜନା ପକ୍ଷରୁ ବାଳିକା ଆତ୍ମରକ୍ଷା କୌଶଳ ଶିବିର ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଗୌରପ୍ରସାଦ ଷଡଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ବରିଷ୍ଠ ପ୍ରାଧ୍ୟାପକ କ୍ୟାପଟେନ ମନୋଜ ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବାଳିକାଙ୍କ ଆତ୍ମରକ୍ଷା ସହିତ ସୁସ୍ଥ ଓ ସୁରକ୍ଷିତ ସମାଜ ଗଠନ ଉପରେ ଆଲୋଚନା କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ ପୃଥ୍ୱୀରାଜ ବିଶ୍ୱାଳ ସାଇବର ଅପରାଧ ଓ ଏହାର ସୁରକ୍ଷା ଉପରେ ଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଶକ୍ତିଶ୍ରୀ ଯୋଜନା ସଂଯୋଜିକା ତଥା ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପିକା ନିବେଦିତା ନାୟକ ଛାତ୍ରୀଙ୍କୁ ସ୍ୱାବଲମ୍ବୀ ହେବା ସହିତ ସୁରକ୍ଷିତ ଓ ସଶକ୍ତ ରହିବାକୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷିକା ବର୍ଷାଶ୍ରୀ ଓ ସୌଦାମିନୀ ବେହେରା ଛାତ୍ରୀଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଶକ୍ତିଶ୍ରୀ ଯୋଜନା ସଂଯୋଜିକା ଅଧ୍ୟାପିକା ସୀମାଙ୍ଗିନୀ ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ ସାଥୀ ସମେତ ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ଯୋଗ ଦେଇଥିଲେ।




## ପଟ୍ଟାମୁଣ୍ଡାଇ କଲେଜରେ ମହିଳା ସୁରକ୍ଷା ଓ ସଶକ୍ତୀକରଣ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୨୯।୮ (ସମିସ): ପଟ୍ଟାମୁଣ୍ଡାଇ କଲେଜ ଶକ୍ତିଶ୍ରୀ ସଶକ୍ତୀକରଣ ସେଲ ପକ୍ଷରୁ ମହିଳା ସୁରକ୍ଷା ଓ ସଶକ୍ତୀକରଣ କାର୍ଯ୍ୟକ୍ରମ କଲେଜ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଗୌରପ୍ରସାଦ ଷଡଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜ୍ଞାନପ୍ରଭା ମିଶନର ବ୍ରହ୍ମଚାରିଣୀ ମା କୃଷ୍ଣାମୟୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ଓ ଛାତ୍ରୀଙ୍କୁ ସଶକ୍ତ କରିବା, ସେମାନଙ୍କ ଆଇନଗତ ଅଧିକାର ସୁରକ୍ଷା ଓ ଆତ୍ମନିର୍ଭରଶୀଳତା ଉପରେ ଆଲୋଚନା କରିଥିଲେ। ଶକ୍ତିଶ୍ରୀ ସଂଯୋଜିକା ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପିକା ନିବେଦିତା ନାୟକ ଓ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ସୀମାଙ୍ଗିନୀ ଦାସ ମହିଳା ଓ ଛାତ୍ରୀ ସଶକ୍ତୀକରଣ ଓ ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ଅଧ୍ୟାପକ ପୃଥ୍ୱୀରାଜ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଡ୍ରାଇଭରଙ୍କ ଉନ୍ମତ୍ତ କାଣ୍ଡ, ପୁଲିସ ନାକେଦମ୍

କେନ୍ଦ୍ରାପଡ଼ା,୨୯।୮ (ସମିସ): ଜାତୀୟ ରାଜପଥ ମଝିରେ କାର୍ ରଖି ଡୋର୍ ଲକ୍ କରି ଶୋଇପଡ଼ିଲେ ଡ୍ରାଇଭର। ଡ୍ରାଇଭର ମଦ୍ୟପାନ କରିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିଲା। ଫଳରେ ଦୀର୍ଘ ସମୟ ଧରି ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇ ଉଭୟ ପାର୍ଶ୍ୱରେ ଗାଡ଼ି ଜମା ହୋଇଯାଇଥିଲା। ଶେଷରେ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି କାର୍‌ର କାଚ ଭାଙ୍ଗି ଡ୍ରାଇଭରଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି। ଏଭଳି ଅଭାବନୀୟ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ କୁସୁନୁପୁର ଛକ ନିକଟରେ ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥରେ ଘଟିଛି।

ସୂଚନା ମୁତାବକ, ଏକ କାର୍‌ର ଡ୍ରାଇଭର ଜାତୀୟ ରାଜପଥ ମଝିରେ ଗାଡ଼ି ରଖି ଡୋର୍ ଲକ୍ କରି ଭିତରେ ଶୋଇପଡ଼ିଥିଲେ। ଦୀର୍ଘ ସମୟ ଧରି କାର୍‌ଟି ଗୋଟିଏ ସ୍ଥାନରେ ରହିବାରୁ ରାସ୍ତାରେ ଯାଉଥିବା ଲୋକଙ୍କ ସନ୍ଦେହ ହୋଇଥିଲା। କେତେକ ଲୋକ କାର୍ ନିକଟକୁ ଯାଇ ଗାଡ଼ିକୁ ବାଡ଼େଇବା ସହ ଡ୍ରାଇଭରଙ୍କୁ ଡାକିଥିଲେ। ମାତ୍ର ସେ କୌଣସି ପ୍ରତିକ୍ରିୟା ନ ଦେବାରୁ ପରିସ୍ଥିତି ଅଧିକ ଚିନ୍ତାଜନକ ହୋଇଥିଲା। ପ୍ରାୟ ଏକ ଘଣ୍ଟା ଧରି ଡ୍ରାଇଭର ନ ଉଠିବାରୁ ସ୍ଥାନୀୟ ଲୋକେ ମାର୍ଶାଘାଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚିଥିଲେ। କାର୍ ଭିତରୁ ଲକ୍ ହୋଇଥିବାରୁ ଡ୍ରାଇଭରଙ୍କୁ ବାହାର କରିବା ପାଇଁ ଗାଡ଼ି କାଚ ଭାଙ୍ଗିବାକୁ ପଡ଼ିଥିଲା। ପରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲ ନିଆଯାଇଥିଲା। ଉଦ୍ଧାର ପରେ ଡ୍ରାଇଭରଙ୍କ ଆଚରଣକୁ ନେଇ ମଧ୍ୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମଦ୍ୟପାନ କରି ଗାଡ଼ି ଚଳାଇବା



- ରାସ୍ତା ମଝିରେ କାର୍ ଲକ୍ କରି ଶୋଇପଡ଼ିଲେ ଡ୍ରାଇଭର
- ଘଣ୍ଟାଏ ଧରି ଜାତୀୟ ରାଜପଥ ଜାମ୍

କେବଳ ନିଜ ଜୀବନ ପାଇଁ ନୁହେଁ, ରାସ୍ତାରେ ଯାତାୟାତ କରୁଥିବା ଅନ୍ୟମାନଙ୍କ ଜୀବନ ପାଇଁ ମଧ୍ୟ ବିପଦ ସୃଷ୍ଟି କରିପାରେ। ଜାତୀୟ ରାଜପଥ ଭଳି ରାସ୍ତା ମଝିରେ ଏଭଳି ଭାବେ ଗାଡ଼ି ରଖିବା ଘଟଣାକୁ ନେଇ ପୁଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ କି ନାହିଁ, ତାହାକୁ ନେଇ ଏବେ ନଜର ରହିଛି।

## ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ

# ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

ଜଗତସିଂହପୁର,୨୯।୮ (ସମିସ)



ଜଗତସିଂହପୁର ଜିଲ୍ଲାରେ ମହାନ ହକି ଖେଳାଳି ତଥା 'ହକିର ଯାଦୁକର' ମେଜର ଧ୍ୟାନଚାନ୍ଦଙ୍କ ସ୍ମୃତିରେ ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ଅଗଷ୍ଟ ୨୮ରୁ ୩୦ ପର୍ଯ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ମେଜର ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଶ୍ରୀ ରାୟ କହିଥିଲେ ଯେ ଏହି ବର୍ଷର ଜାତୀୟ କ୍ରୀଡ଼ା ଦିବସର ବିଷୟବସ୍ତୁ "ଖେଳିବ ଭାରତ, ଜିତିବ ଭାରତ' ଏକ ସ୍ଲୋଗାନ ନୁହେଁ ଏହା ଏକ ଆନ୍ଦୋଳନ। ଏହି କ୍ରୀଡ଼ା ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲାର ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ବୃଦ୍ଧି କରିବା, ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଜିଲ୍ଲା, ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ସୁଯୋଗ ଦେବା। ମେଜର ଧ୍ୟାନଚାନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜଗତସିଂହପୁର ଜିଲ୍ଲାକୁ ଏକ ସୁସ୍ଥ, ସକ୍ରିୟ ଓ କ୍ରୀଡ଼ା ପ୍ରତିଭା ସମୃଦ୍ଧ ଜିଲ୍ଲା ଭାବେ ଗଢ଼ି ତୋଳିବାର ସଂକଳ୍ପ ନେବା ବୋଲି କହିଥିଲେ। ପରେ ଉପସ୍ଥିତ ସମସ୍ତଙ୍କୁ ଦୈନନ୍ଦିନ ଜୀବନରେ କ୍ରୀଡ଼ାର ଉପଯୋଗିତା ଓ ଫିଟ୍ ରହିବାର ଶପଥ ପାଠ କରାଇଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଜିଲ୍ଲା ପାଇଁ ଖ୍ୟାତି ଅର୍ଜନ କରିଥିବା କ୍ରୀଡାବିତ୍ ଏବଂ କ୍ରୀଡ଼ା ପ୍ରଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ସେମାନେ ତାଙ୍କ ଯାତ୍ରାର ସଫଳ କାହାଣୀ ଉପସ୍ଥାପନ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ, ଡେପୁଟି କଲେକ୍ଟର ଭରତ ଚନ୍ଦ୍ର ପରିଡ଼ା, ଜିଲାସ୍ତରୀୟ ଅଧିକାରୀ, ଡେପୁଟି କଲେକ୍ଟର, ରାଜ୍ୟ ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଦୋଳଗୋବିନ୍ଦ ଦାଶ, ଜିଲ୍ଲା ହ୍ୟାଣ୍ଡବଲ ସଂଘ ସମ୍ପାଦକ ସାରଦା ପ୍ରସାଦ ଦାସ, ଜିଲ୍ଲା ହ୍ୟାଣ୍ଡବଲ ସଂଘ ଉପ ସଭାପତି ବିଜୟ କୁମାର ରାଉତ, ପ୍ରସନ୍ନ ମହାନ୍ତି, ଜିଲ୍ଲା କ୍ରୀଡା ସଂସଦ ଯୁଗ୍ମ ସମ୍ପାଦକ, ସାଧୁ ଚରଣ ମହାନ୍ତି, ଜିଲ୍ଲାକ୍ରୀଡା ସଂସଦ ଉପସଭାପତି, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମକର୍ତ୍ତା, ନେହେରୁ ଯୁବ କେନ୍ଦ୍ରର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ, ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ପରିଚାଳନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ଶିଖରଘାଟ ସେତୁରୁ ଡେଇଁଥିଲେ

## ଦେବୀ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ନାଉଗାଁ,୨୯।୮ (ସମିସ): ନାଉଗାଁ ଥାନା ଅନ୍ତର୍ଗତ ଦେବୀନଦୀର ଶିଖରଘାଟ ସେତୁ ଉପରୁ ଶୁକ୍ରବାର ଭୋର ସମୟରେ ନାଉଗାଁ ଥାନା ଅଞ୍ଚଳ ତିହୁଡା ଗ୍ରାମର ଶିଖର ପାଢ଼ୀଙ୍କ ଏକ ମାତ୍ର ୨୨ ବର୍ଷୀୟ ପୁଅ ଶୈଳେଶ ପାଢ଼ୀ ନିଜ ସ୍କୁଟି ଗାଡ଼ିକୁ ରଖି ଦେବୀ ନଦୀକୁ ଡେଇଁ ପଡ଼ିଥିଲେ। ତେବେ ଦୀର୍ଘ ସମୟ ଧରି ଏହି ସ୍କୁଟିଟି ପୋଲ ଉପରେ ରହିଥିବା ଦେଖି ସ୍ଥାନୀୟ ଲୋକେ ନାଉଗାଁ ଥାନାକୁ ଖବର ଦେଇଥିଲେ। ଖବର ପାଇ ନାଉଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ନାଉଗାଁ ଓ ବାଲିକୁଦା ଅଗ୍ନିଶମ ବାହିନୀ ସହାୟତାରେ ନଦୀ ଭିତରେ ଖୋଜାଖୋଜି ଜାରି ରଖିଥିବା ବେଳେ ଯୁବକ ଜଣଙ୍କର କୌଣସି ପତ୍ତା ମିଳିପାରି ନଥିଲା। ତେବେ ଉକ୍ତ ଘଟଣାର ୨୬ ଘଣ୍ଟା ପରେ ଉକ୍ତଯୁବକଙ୍କ ମୃତ ଦେହ ଉକ୍ତ ବ୍ଲକର ଓଷକଣା ପଞ୍ଚାୟତ ନୟାସୀଙ୍ଗଡା ନିକଟରେ ନଦୀରେ ଭାସୁଥିବା ଦେଖି ମୃତ ଦେହକୁ ଅଗ୍ନିଶମ ବିଭାଗ ପକ୍ଷରୁ ନଦୀରୁ ଉଦ୍ଧାର କରାଯାଇଛି। ଏଥିସହିତ ନାଉଗାଁ ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ମୃତ ଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

## ଲେ-ଲେକ୍‌ଚରର ହେଲେ ଶିକ୍ଷକ



ନାଉଗାଁ,୨୯।୮ (ସମିସ): ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ଉଚ୍ଚସ୍ତରୀୟ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣରେ ନାଉଗାଁ ବ୍ଲକ ଓଡ଼ପଏଙ୍ଗାସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ହିମାଂଶୁ କୁମାର ମହାନ୍ତି ସଫଳତା ହାସଲ କରିଛନ୍ତି। ପ୍ରାଥମିକ ଚିକିତ୍ସା କ୍ଷେତ୍ରରେ ସର୍ବୋଚ୍ଚ ଯୋଗ୍ୟତା "ଲେ-ଲେକ୍‌ଚରର' ସମ୍ପୂର୍ଣ୍ଣ କରି ସେ ଗୌରବ ଆଣିଛନ୍ତି। ଦୀର୍ଘ ୫ ବର୍ଷର ନିରନ୍ତର ସାଧନା ଏବଂ ଅଧ୍ୟୟନ ପରେ ହିମାଂଶୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଦେଇ ସଫଳ ହୋଇଛନ୍ତି। ସଡ଼କ ଦୁର୍ଘଟଣା, ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ସେ ଜଣେ ମାଷ୍ଟର ଟ୍ରେନର ଭାବେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସାଧାରଣ ଜନତାଙ୍କୁ ପ୍ରଶିକ୍ଷଣ ଦେବେ। ଏନେଇ ପ୍ରଧାନଶିକ୍ଷକ, ସହକର୍ମୀ, ରେଡକ୍ରସର ବରିଷ୍ଠ ଅଧିକାରୀ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ▶▶ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

## ଶିବିର ଆୟୋଜନ ପାଇଁ ଦିନ ଧାର୍ଯ୍ୟ

ଜଗତସିଂହପୁର,୨୯।୮ (ସମିସ): ଜଗତସିଂହପୁର ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଜିଲ୍ଲାର ସମସ୍ତ ୮ ଟି ବ୍ଲକ୍ ଓ ୨ ମ୍ୟୁନିସିପାଲଟିରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜିତ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ତିର୍ତ୍ତୋଲ ବ୍ଲକ୍ ନିମନ୍ତେ ସେପ୍ଟେମ୍ବର ୧ ତାରିଖରେ ମଣିଚରଣ ସାରଳା ଏକାଡେମୀ ତିର୍ତ୍ତୋଲରେ, ବିରିଡ଼ି ବ୍ଲକ୍ ନିମନ୍ତେ ୩ ତାରିଖେର ବ୍ଲକ୍ କ୍ୟାମ୍ପସରେ, ବାଲିକୁଦା ବ୍ଲକ୍ ନିମନ୍ତେ ୭ ତାରିଖରେ ଆମ୍ବଶାଳ ହାଇସ୍କୁଲରେ, ଜଗତସିଂହପୁର ବ୍ଲକ୍ ଓ ମ୍ୟୁନିସିପାଲଟି ନିମନ୍ତେ ୯ ତାରିଖରେ ଏସ୍‌କେ ଏକାଡେମୀ, ନାଉଗାଁ ବ୍ଲକ୍ ନିମନ୍ତେ ୧୧ ତାରିଖରେ ନାଉଗାଁ ହାଟ ହାଇସ୍କୁଲ୍, ଏରସମା ବ୍ଲକ୍ ନିମନ୍ତେ ୧୮ ତାରିଖରେ ବ୍ଲକ୍ କ୍ୟାମ୍ପସ, ରଘୁନାଥପୁର ବ୍ଲକ ନିମନ୍ତେ ୧୯ ତାରିଖରେ ପିସି ବିଦ୍ୟାମନ୍ଦିର, କୁଜଙ୍ଗ ବ୍ଲକ୍ ଓ ପାରାଦୀପ ମ୍ୟୁନିସିପାଲଟି ନିମନ୍ତେ ୨୩ ତାରିଖରେ ବନବିହାରୀ ହାଇସ୍କୁଲ୍ କୁଜଙ୍ଗରେ ଏହି ଶିବିର ଆୟୋଜିତ କରାଯିବ। ଏହି ଅଭିଯାନରେ ସାମିଲ ହୋଇ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୁବିଧା ସୁଯୋଗର ଲାଭ ଉଠାଇବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ପୁନଃ ସମସ୍ତ ଭିନ୍ନକ୍ଷମ ଭାଇ ଓ ଭଉଣୀ କ୍ୟାମ୍ପକୁ ଆସିବା ପୂର୍ବରୁ ୟୁଡିଆଇଡି ପୋର୍ଟାଲରେ ନାମ ପଞ୍ଜିକୃତ କରିବା ଜରୁରୀ ଅଟେ ବୋଲି ସୂଚନା ଦିଆଯାଇଛି।

## ଆଦର୍ଶ ବିଦ୍ୟାଳୟ ନିକଟରୁ ମଦ ଜବତ

କୁଜଙ୍ଗ,୨୯।୮ (ସମିସ): କୁଜଙ୍ଗ ବ୍ଲକ ଅଗପାଳ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ନିକଟରେ ଏକ ଦୋକାନ ଘରେ ଦୀର୍ଘ ଦିନ ଧରି ଚୋରା ମଦ କାରବାର ହେଉଥିଲା। କୌଣସି ସୂତ୍ରରୁ କୁଜଙ୍ଗ ପୁଲିସ ସୂଚନା ପାଇ ଏହି ଦୋକାନ ଉପରେ ଚଢ଼ଉ କରିବା ସହ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତରେ ଦୋକାନ ସିଲ୍ କରିଛି। ଏହି ଘଟଣାରେ ଦୋକାନୀ ଅଗପାଳର ଅଭୟ କୁମାର ନାଥଙ୍କ ସହ ତାଙ୍କ ଦୁଇ ସାବାଳକ ପୁଅ ଗିରଫ ହୋଇଛନ୍ତି।

## ଚୋରା ମଦ ଜବତ, ମହିଳା ଅଟକ

କୁଜଙ୍ଗ,୨୯।୮ (ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଥୁରିଆ ଅଞ୍ଚଳରେ ଦୀର୍ଘ ଦିନ ଧରି ଚୋରା ମଦ କାରବାର ହେଉଥିବା ଅଭିଯୋଗ ହେଉଛି। ଏହି ମର୍ମରେ କୁଜଙ୍ଗ ପୁଲିସ ଚଢ଼ଉ କରି ଚୋରା ମଦ କାରବାର ମାମଲାରେ ଗୀତାଞ୍ଜଳି ସେଠୀଙ୍କୁ ଅଟକ ରଖିବା ସହ ୮୩ଟି ବୋତଲ ଜବତ କରିଛି।

## ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ କ୍ରୀଡ଼ା ଦିବସ



ଜଗତସିଂହପୁର,୨୯।୮ (ସମିସ): ଆଜି ପୂର୍ବାହ୍ନରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ଠାରେ କିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ମୁଖ୍ୟଅତିଥି, ଜିଲ୍ଲା କ୍ରୀଡା ସଂପାଦକ ଦୋଳଗୋବିନ୍ଦ ଦାସ ଓ ଜିଲ୍ଲା କ୍ରୀଡା ଅଧିକାରୀ ଯୋଗ ଦେଇଥିଲେ। କୋଚ ଗୋବିନ୍ଦ ଚନ୍ଦ୍ର ସାହୁ, ଶାରୀରିକ ଶିକ୍ଷକ/ଶିକ୍ଷୟତ୍ରୀ, କ୍ରୀଡ଼ାବିତ, ସ୍ଥାନୀୟ ଜନସାଧାରଣ ମଧ୍ୟ ଉପସ୍ଥିତ ରହି ହକିର ମହାନାୟକଙ୍କୁ ସମ୍ମାନ ଜଣାଇଥିଲେ। ଏହି ଅବସରରେ ଏକ ଭଲିବଲ୍ ମ୍ୟାଚ୍ ଆୟୋଜିତ ହୋଇଯାଇଛି। ତାଙ୍କର ଜନ୍ମଦିନ ଅଗଷ୍ଟ ୨୯କୁ ଜାତୀୟ ଦିବସଭାବେ ପାଳନ ଅବସରେ କ୍ରୀଡ଼ାବିତମାନଙ୍କ ମଧ୍ୟରେ '୨୯ ଚ୍ୟାଲେଞ୍ଜ ' ମିନି ଗେମ୍ (ଖେଳ) କରାଯାଇ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବିଦ୍ୟାଳୟ ମାନଙ୍କରେ ଜାତୀୟ କ୍ରୀଡ଼ା ଦିବସ ପାଳନ ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱ ବିଜୟନି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଇଣ୍ଡୋର ଷ୍ଟାଡିୟମରେ ବ୍ୟାଡମିଣ୍ଟନ ପ୍ରତିଯୋଗିତା



ଜଗତସିଂହପୁର,୨୯।୮ (ସମିସ): ଜଗତସିଂହପୁର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ପକ୍ଷରୁ ଜଗତସିଂହପୁର ସଦରମହକୁମାସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ୧୩,୧୫ ଓ ୧୭ ବର୍ଷରୁ କମ ଖେଳାଳିଙ୍କୁ ନେଇ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ସଭାପତି ଈଶ୍ୱରୀ ପ୍ରସାଦ ଲେଙ୍କା, ସମ୍ପାଦକ ଦିପ୍ତୀ ରଞ୍ଜନ ବେହେରା ଆନୁଷ୍ଠାନିକ ଭାବେ ଏହି ପ୍ରତିଯୋଗିତାରେ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହ ଶେଷରେ କୃତି ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଶିକ୍ଷକ ସ୍ୱାଗତିକା ମହାପାତ୍ର ଓ ରାକେଶ ପାତ୍ର ଏହି ବ୍ୟାଡମିଣ୍ଟନ ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ। ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରତିଯୋଗୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ ସୁନ୍ଦରଗଡରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ସାଇ ଜ୍ଞାନ ପ୍ଲେ' ସ୍କୁଲ ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ

ଜଗତସିଂହପୁର,୨୯।୮ (ସମିସ): ପବିତ୍ର ରକ୍ଷାବନ୍ଧନ ଅବସରରେ ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଜୟବଡ଼ ସ୍ଥିତ ସାଇ ଜ୍ଞାନ ପ୍ଲେ' ସ୍କୁଲର କୁନି କୁନି ଶିଶୁମାନେ ଜଗତସିଂହପୁରର ପୁଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ



ରାକ୍ଷୀ ବାନ୍ଧି ସେମାନଙ୍କ ଅତୁଳନୀୟ ସେବା ପ୍ରତି କୃତଜ୍ଞତା ଓ ସମ୍ମାନ ଜଣାଇଛନ୍ତି। ସ୍କୁଲର ଅଧକ୍ଷା ପ୍ରଜ୍ଞା ପାରମିତା ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଏହି ନିଆରା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ପୂର୍ବକ ପୁଲିସ ଅଧିକାରୀମାନଙ୍କୁ ସମ୍ମାନ ଜଣାଇ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦିବ୍ୟରଞ୍ଜନ ନାଥ, ସଦର ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ, ଇନ୍ସପେକ୍ଟର ଏମ୍‌ଡି ସୁରଜ, ସହ ଥାନା ଅଧିକାରିଣୀ ତପସ୍ୱିନୀ କାନୁନଗୋ, ଏସ୍‌ଆଇ ବ୍ରହ୍ମାନନ୍ଦ ପଣ୍ଡା, ମିତ୍ରଭାନୁ ଓଝା, ଏଏସ୍‌ଆଇ ପ୍ରଫୁଲ୍ଲ ସାହୁ, ବନିଆ ପ୍ରଧାନ ଓ ଅନ୍ୟ ସମସ୍ତ ପୁଲିସ କର୍ମଚାରୀଙ୍କ ହାତରେ ଶିଶୁମାନେ ରାକ୍ଷୀ ବାନ୍ଧି ମିଠା ଖୁଆଇଥିଲେ।

## ରତ୍ନୁପର୍ଣ୍ଣା କଳା ସାହିତ୍ୟ ସଂସଦର ଆଲୋଚନାଚକ୍ର

ତିର୍ତ୍ତୋଲ,୨୯।୮ (ସମିସ): ରତ୍ନୁପର୍ଣ୍ଣା କଳାସାହିତ୍ୟ ସଂସଦ ଆନୁକୂଲ୍ୟରେ ତିର୍ତ୍ତୋଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀଜଗନ୍ନାଥ ସଂସ୍କୃତିରେ ବୃକ୍ଷର ମାହାତ୍ମ୍ୟ ଶୀର୍ଷକ ଆଲୋଚନାଚକ୍ର, ପୁରସ୍କାର ବିତରଣୀ, ଚାରାରୋପଣ ଓ ବଣ୍ଟନ କାର୍ଯ୍ୟକ୍ରମ ସଂସଦର ସମ୍ପାଦିକା ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁଙ୍କ ସଞ୍ଚାଳନରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅରୁଣକାନ୍ତ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପରିବେଶବିତ ଉତ୍କଳ ରଞ୍ଜନ ମହାନ୍ତି ଯୋଗଦେଇଥିଲେ। ଅତିଥିଭାବେ ସମାଜସେବୀ ବିଜୟାନନ୍ଦ ନାଥ, ସାମ୍ବାଦିକ ଶ୍ରୀକାନ୍ତ ଦାଶ ଯୋଗଦେଇଥିଲେ। ଏହି ଅବସରରେ ଉପରୋକ୍ତ ବିଷୟକୁ ନେଇ ଆନୁଷ୍ଠିତ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ବିରୂପାକ୍ଷ ମଲ୍ଲିକ, ଶୁଭଲକ୍ଷ୍ମୀ ସାହୁ, ଆଦ୍ୟାଶା ସେଣ, ଅନନ୍ୟା ସ୍ୱାଇଁ, ହିମାଂଶୁ ଦାସଙ୍କୁ ପୁରସ୍କୃତ କରାଯାଇଥିଲା କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ଚାରା ରୋପଣ ସହ ଛାତ୍ରଛାତ୍ରୀଙ୍କୁ ଚାରା ବଣ୍ଟନ କରାଯାଇଥିଲା। ଗୁରୁମା ଦୟାମୟୀ ନନ୍ଦ, ରିନୁରାଣୀ ସାହୁ, ଶିଖା ରାଉତରାୟ, ଉର୍ମିଳା, ଅନିତା, ରୀନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପରେ ସଂସଦ ପକ୍ଷରୁ ବାନାମ୍ବର ପୀଠ ଓ ଦିଗବାରିଣୀ ପୀଠରେ ଚାରାରୋପଣ ସହ ଚାରାବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ଅମରଜ୍ୟୋତି ସାହୁ, ପ୍ରୀତିମୟି ମଲ୍ଲଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। କୃତୀ ଛାତ୍ରୀ ଦୀପିକା ପ୍ରିୟଦର୍ଶିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜିଲ୍ଲାନାସୀରେ ଓଜେସି ପକ୍ଷରୁ ରିଲିଫ୍ ବଣ୍ଟନ

ଜଗତସିଂହପୁର/କୁଜଙ୍ଗ,୨୯।୮ (ସମିସ): ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ କୁଜଙ୍ଗ ବ୍ଲକ ଅନ୍ତର୍ଗତ ଜିଲ୍ଲାନାସୀ ଗ୍ରାମ ପଞ୍ଚାୟତରେ ସହାୟତା ଓ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଇଂ. ମହମ୍ମଦ ମୁକିମ୍, ରାଜ୍ୟ ଉପ-ସଭାପତି ବଦ୍ରି ନାରାୟଣ ମହାନ୍ତି, ରାଜ୍ୟ ସଂପାଦକ ତପନ ରାଉତରାୟ, ରାଜ୍ୟ ଯୁବ ଜନତା ସଭାପତି ଆର୍ଯ୍ୟବୀର ଲେଙ୍କା, ଜିଲ୍ଲା ସଭାପତି ସତ୍ୟଦୀପ ବିଶ୍ୱାଳ, ରାଜ୍ୟ ମହିଳା ସଭାନେତ୍ରୀ ଶୈଳବାଳା ଜେନା, ମହିଳା ସଭାନେତ୍ରୀ ନିରୂପମା ବିଶ୍ୱାଳ ଏବଂ ପୂଜାରିଣୀ ବେହେରା ପ୍ରମୁଖ ଯୋଗଦେଇ ବିପନ୍ନ ମାନଙ୍କୁ ରିଲିଫ ଓ ସହାୟତା ବଣ୍ଟନ କରିଥିଲେ। ଏହି ମହତ କାର୍ଯ୍ୟରେ ଜିଲ୍ଲା କୈବର୍ତ୍ତ ମହାସଂଘର ସଂଗଠନ ସମ୍ପାଦକ ଅମର ଦାସ, ଧୀରେନ୍ଦ୍ରନାଥ ବିଶ୍ୱାଳ ଏବଂ ଉମାକାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଦଳ ପକ୍ଷରୁ "ଆପଣଙ୍କ ସେବା, ଆମର ସଂକଳ୍ପ - ସେବା ହିଁ ଧର୍ମ' ବାର୍ତ୍ତା ଦିଆଯାଇଥିଲା।

## ପଣ୍ଡୁଆ ବରିଷ୍ଠ ନାଗରିକ ସଂଘର ଶ୍ରଦ୍ଧାଞ୍ଜଳି

ତିର୍ତ୍ତୋଲ,୨୯।୮ (ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ପଣ୍ଡୁଆ ପଞ୍ଚାୟତର ବରିଷ୍ଠ ନାଗରିକ ଓ ଅବସର କର୍ମଚାରୀ ସଂଘ ପକ୍ଷରୁ ଅଡାଙ୍କୁର ଗ୍ରାମର ମୁରବି ତଥା ସଂଘର ସକ୍ରିୟ ସଦସ୍ୟ ରବୀନ୍ଦ୍ର



ମହାନ୍ତିଙ୍କର ଧର୍ମପତ୍ନୀ ରେଣୁବାଳା ମହାନ୍ତିଙ୍କ ଏକାଦଶାହ ଅବସରରେ ତାଙ୍କ ବାସଭବନ ପ୍ରାଙ୍ଗଣରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସଭାପତି ତଥା ବାଲିଘର ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ଗୌରୀଶ୍ୟାମ ଦାସ ଓ ଅତିଥି ଭାବେ ଅନୁଷ୍ଠାନର ସଂପାଦକ ସୁବୋଧ ନାୟକ, ଯଦୁମଣି ଦାସ, ଗୌରାଙ୍ଗ ଚରଣ ଦାସ, କବି ଅଶୋକ କୁମାର ଲେଙ୍କା, ବିକ୍ରମ କିଶୋର ପରିଡ଼ା, ହେମନ୍ତ ସ୍ୱାଇଁ, ମୋହନ ଚରଣ ରାଉତ, ଚିତ୍ତରଞ୍ଜନ ପରିଡ଼ା, ଶିକ୍ଷାବିତ୍ ସ୍ୱର୍ଣ୍ଣଲତା ନାୟକ, ହେମନ୍ତ ବିଶ୍ୱାଳ, କିଶୋର ରାଉତ, ଖତୁ ମଲିକ, ନିକୁଞ୍ଜ କିଶୋର ସ୍ୱାଇଁ, ମଣିଚରଣ ନାୟକ, ବଡ ପୁଅ ଅର୍ଜୁନ ଚରଣ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତା ରେଣୁବାଳାଙ୍କ ଆଦର୍ଶଗତ ଜୀବନର ବିଭିନ୍ନ ଦିଗ ସଂପର୍କରେ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପୋର୍ଟ ଡିଏଭି ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ



ପାରାଦୀପ,୨୯।୮ (ସମିସ): ପାରାଦୀପ ପୋର୍ଟ ଡିଏଭି ପବ୍ଲିକ୍ ସ୍କୁଲ୍ ପକ୍ଷରୁ ସ୍କୁଲ ପରିସରରେ ଭାରତୀୟ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ତଥା ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏନ୍‌ଏସି ହାଇସ୍କୁଲର ପୂର୍ବତନ ଶାରୀରିକ ଶିକ୍ଷା ଶିକ୍ଷକ କାଳନ୍ଦୀ ଚରଣ ନାଥ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଧାନାଚାର୍ଯ୍ୟା ଗୀତାଞ୍ଜଳି ହୋତା ଭାଷଣରେ ଶିକ୍ଷା ସହିତ କ୍ରୀଡ଼ାକୁ ସମାନ ଗୁରୁତ୍ୱ ଦେଇ ଶୃଙ୍ଖଳିତ ଓ ସୁସ୍ଥ ଜୀବନ ଗଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିଥିଲେ। ଏହି ଅବସରରେ ସ୍ପୋର୍ଟସ୍ ସେକ୍ରେଟାରୀ କ୍ରୀଡ଼ାର ଗୁରୁତ୍ୱ ଓ ଛାତ୍ରଜୀବନରେ ଏହାର ଭୂମିକା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ମିନି ମାରାଥନ୍, ଇଣ୍ଟର୍-ହାଉସ୍ କୁଇଜ୍ ଏବଂ ଇଣ୍ଟର୍-ହାଉସ୍ ଟଗ୍ ଅଫ୍ ୱାର୍ ପ୍ରତିଯୋଗିତା ଆୟୋଜିତ ହୋଇ ପୁରସ୍କୃତ କରାଯାଇଥିଲା। ମିନି ମାରାଥନ୍ ସହିତ ଶ୍ଳୋକ ଉଚ୍ଚାରଣ ଓ ସାଇନ୍ସ କୁଇଜ୍ ପ୍ରତିଯୋଗିତାର ମଧ୍ୟ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ସୌଭାଗିନୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ




ବାଲିକୁଦା,୨୯।୮ (ସମିସ): ବାଲିକୁଦା ଥାନା ଅଧୀନ ତଣ୍ଡିକୁଳସ୍ଥିତ ବକ୍ରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି "ନିଶାମୁକ୍ତ ଭାରତ ଅଭିଯାନ' ଓ "ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ' ବାଲିକୁଦା ପୁଲିସ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ ଓ ଅତିରିକ୍ତ ଥାନା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କ ସମେତ ବହୁ ପୁଲିସ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କୁ ନିଶାଦ୍ରବ୍ୟ ଓ ବିଭିନ୍ନ ପ୍ରକାର ମାଦକ ସେବନର ଭୟାବହ କୁପରିଣାମ ସମ୍ପର୍କରେ ସଚେତନ କରାଇଥିଲେ। ନିଶାଠାରୁ ଦୂରେଇ ରହିବା ସହ ନିଜେ ନିଶାମୁକ୍ତ ରହିବା ଏବଂ ଏକ ନିଶାମୁକ୍ତ ଭାରତ ଗଠନରେ ଯୁବପିଢ଼ିର ଭୂମିକା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ସେହିପରି ସାଇବର ଅପରାଧ ସମ୍ପର୍କରେ ମଧ୍ୟ ବିସ୍ତୃତ ସଚେତନତା ସୃଷ୍ଟି କରାଯାଇଥିଲା। ବିଭିନ୍ନ ପ୍ରକାର ଅନଲାଇନ୍ ଠକେଇ, ସାଇବର ଅପରାଧ, ଫିସିଂ ଲିଙ୍କ୍, ଠକେଇପୂର୍ଣ୍ଣ ଫୋନ୍ କଲ୍ ଓ ସୋସିଆଲ ମିଡିଆର ଦୁରୁପଯୋଗଠାରୁ କିପରି ସୁରକ୍ଷିତ ରହିବେ, ସେନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଡିଜିଟାଲ ପ୍ଲାଟଫର୍ମ ଓ ସୋସିଆଲ ମିଡିଆକୁ ଦାୟିତ୍ୱବୋଧର ସହ ବ୍ୟବହାର କରିବା ସହ ଅଜଣା ବ୍ୟକ୍ତିଙ୍କ ସହ ବ୍ୟକ୍ତିଗତ ତଥ୍ୟ, ପାସୱାର୍ଡ କିମ୍ବା ଓଟିପି ଭଳି ଗୋପନୀୟ ସୂଚନା ଆଦାନପ୍ରଦାନ ନକରିବାକୁ ପରାମର୍ଶ ଦିଆଯାଇଥିଲା। ଛାତ୍ରଛାତ୍ରୀ ନିଶାମୁକ୍ତ ସମାଜ ଗଠନ ସହ ସାଇବର ଅପରାଧ ବିରୋଧରେ ସଚେତନତା ବୃଦ୍ଧି କରିବାକୁ ଆହ୍ୱାନ ପାଇଥିଲେ।

### ପାରାଦୀପ ମାଛ ଧରା ବନ୍ଦରରେ ଅଘଟଣ

## ନିଆଁ ଲାଗି ଜଳିଗଲା ମାଛଧରା ବୋଟ

ପାରାଦୀପ,୨୯।୮ (ସମିସ)



ପାରାଦୀପ ମାଛଧରା ବନ୍ଦର ମଧ୍ୟରେ ଆଜି ଦିନ ୨ଟା ସମୟରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡ ଘଟି ଦେବୀ ଲକ୍ଷ୍ମୀ ନାମକ ଏକ ବୋଟ ଜଳି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର ସଠିକ କାରଣ ଜଣା ପଡିନଥିଲେ ମଧ୍ୟ ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁଁ ବୋଟରେ ନିଆଁ ଲାଗିଥାଇ ପାରେ ବୋଲି ଅନୁମାନ କରାଯାଉଛି। ତେବେ ଖବର ପାଇ ପାରାଦୀପ ବନ୍ଦର ଅଗ୍ନିଶମ ବାହିନୀ, କୁଜଙ୍ଗ ଅଗ୍ନିଶମ ବାହିନୀ ଓ ଇଫକୋ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବର ଅନୁଯାୟୀ ଏହି ଦେବୀ ଲକ୍ଷ୍ମୀ ନାମକ ବୋଟଟି ଦୁଇ ଦିନ ହେବ ସମୁଦ୍ରରୁ ମାଛ ମାରିବା ପରେ ମାଛଧରା ବନ୍ଦର ମଧ୍ୟରେ ଥୁଆ ହୋଇଥିଲା। ହଠାତ ଆଜି ବୋଟରେ ପ୍ରଥମେ ନିଆଁ ଲାଗିବା ପରେ ବୋଟ୍‌ଟି ହୁତୁହୁତୁ ହୋଇ ଜଳିଥିଲା। ଅଗ୍ନିଶମ ବାହିନୀ ପହଞ୍ଚିବା ପରେ ଦୀର୍ଘ ସମୟ ପ୍ରୟାସ କରି ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁ ଅନ୍ୟ ବୋଟଗୁଡ଼ିକୁ ବ୍ୟାପିବା ପୂର୍ବରୁ ନିୟନ୍ତ୍ରଣ କରାଯାଇଥିବାରୁ ବଡ଼ ଅଘଟଣକୁ ଏଡ଼ାଇ ଦିଆଯାଇଛି। ପ୍ରାଥମିକ ଭାବେ ସର୍ଟ ସର୍କିଟରୁ ନିଆଁ ଲାଗିଥିବା କୁହାଯାଉଥିବା ବେଳେ ଘଟଣାର ପ୍ରକୃତ କାରଣ ନେଇ ଅଧିକ ତଦନ୍ତ ଜାରି ରହିଛି। ସୂଚନା ଥାଉକି ଗତ ବର୍ଷ ମାର୍ଚ୍ଚ ମାସରେ ପାରାଦୀପ ମାଛଧରା ବନ୍ଦର ମଧ୍ୟରେ ଏକ ବଡ ଧରଣର ଅଗ୍ନିକାଣ୍ଡ ଘଟି ୨୦ରୁ ଊର୍ଦ୍ଧ୍ୱ ମାଛଧରା ବୋଟ ଜଳି ପାଉଁଶ ହୋଇଯାଇଥିଲା। କ୍ଷତିଗ୍ରସ୍ତ ବୋଟ ମାଲିକଙ୍କ ଦୁଃଖ ଆଜି ପର୍ଯ୍ୟନ୍ତ ଭରଣା ହୋଇ ନଥିବା ଠିକ ବର୍ଷେ ପରେ ଆଜି ଆଉ ଏକ ବୋଟ ପୋଡିଯିବା ଘଟଣା ସମସ୍ତ ମତ୍ସ୍ୟଶିଳ୍ପ ଉପରେ ପ୍ରଭାବ ପକାଇବ ବୋଲି କୁହାଯାଇଛି।

## ଏମ୍‌ଏମ୍‌ଡିଆର ସମ୍ବନ୍ଧରେ ବିଜେପି ସାଂସଦଙ୍କୁ ନବୀନଙ୍କ ଚିଠି ପ୍ରସଙ୍ଗ

# ନବୀନଙ୍କ ଚିଠି ବିଜେପି ସାଂସଦଙ୍କ ମୁଖା ଖୋଲି ଦେଇଛି: ବିଜେଡି

ଭୁବନେଶ୍ୱର, ୨୯।୮ (ସମିସ): ବିଜେଡି ସଭାପତି ତଥା ବିଧାନସଭାର ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଓଡ଼ିଶାର ବିଜେପି ସାଂସଦଙ୍କୁ ଏମଏମଡିଆର ସଂଶୋଧନ ଆଇନ ସମ୍ବନ୍ଧରେ ଏକ ଚିଠି ଲେଖି ଓଡ଼ିଶାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିବେକର କଥା ଶୁଣିବାକୁ ଆହ୍ୱାନ ଦେଇଥିଲେ। ଏହି ଆଇନକୁ ପ୍ରତ୍ୟାହାର ପାଇଁ ବିଜେପି ସାଂସଦମାନେ ଦାବି କରିବା ପାଇଁ ପରାମର୍ଶ ଦେବାପରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ନବୀନଙ୍କ ଉପଦେଶ ବିଜେପି ସାଂସଦମାନଙ୍କୁ ଆବଶ୍ୟକ ନାହିଁ ବୋଲି ମନ୍ତବ୍ୟ ଦେଇଛନ୍ତି। ଯାହାକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ଏମଏମଡିଆର ସଂଶୋଧନ ଆଇନ ରାଜ୍ୟମାନଙ୍କୁ ନୁହେଁ ବରଂ ଖଣି ମାଲିକମାନଙ୍କୁ ସିଧାସଳଖ ଫାଇଦା ଦେଇଥିବା ବେଳେ କେଉଁ ମୁହଁରେ ସାଂସଦ ସୁକାନ୍ତ ପାଣିଗ୍ରାହୀ ଏହା ରାଜ୍ୟକୁ ଫାଇଦା ଦେବ ବୋଲି କହୁଛନ୍ତି? ଓଡ଼ିଶାର ବିଜେପି ସାଂସଦମାନଙ୍କ ଚୋରି ଧରାପଡିଯିବା ପରେ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବା ଉଦ୍ଦେଶ୍ୟରେ ଏପରି କହୁଛନ୍ତି ବୋଲି ବିଜେଡି କହିଛି।

ବିଜୁ ଜନତା ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଏମଏମଡିଆର ସଂଶୋଧନ ଆଇନ ପ୍ରସଙ୍ଗରେ ବିଜେପି ସାଂସଦମାନେ ମାଟି ନୁହେଁ ତାଙ୍କ ପାର୍ଟିକୁ ଗୁରୁତ୍ୱ ଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ୨୫ ଜୁଲାଇ ୨୦୨୪ ତାରିଖରେ ପ୍ରଦାନ କରାଯାଇଥିବା ଆଦେଶରେ ଖଣି ଉପରେ ରାଜ୍ୟ ସରକାର ମାନେ ଟିକସ ଓ ଲେଭି ଲଗାଇ ପାରିବେ ବୋଲି ନିର୍ଦ୍ଦେଶ ଦେବା ପରେ ଖଣି ଟିକସ ମାଧ୍ୟମରେ କେବଳ ବକେୟା ବାବଦକୁ ଓଡ଼ିଶାକୁ ଏକ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଓ ପ୍ରତି ବର୍ଷ ପ୍ରାୟ ୧୨ ହଜାର କୋଟି ଟଙ୍କା ଅଧିକ ରାଜସ୍ୱ ମିଳିବ ବୋଲି ସ୍ପଷ୍ଟ ହୋଇଥିଲା। କିନ୍ତୁ ଏମଏମଡିଆର ସଂଶୋଧନ ଆଇନ ପାରିତ ହେବା ପରେ ଓଡ଼ିଶାର ରାଜସ୍ୱ ବୃଦ୍ଧି ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ବିଚାର ଦ୍ୱାରା ସୃଷ୍ଟି ହୋଇଥିବା ସୁଯୋଗ ନଷ୍ଟ ହୋଇଗଲା। ଏହି ଆଇନ ପାରିତ ହେବା ବେଳେ ଓଡ଼ିଶାର ବିଜେପି ସାଂସଦମାନେ ନୀରବଦ୍ରଷ୍ଟା ସାଜିଥିଲେ। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଏହି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ପରେ ଓ ବିଜେପି ସାଂସଦ ମାନଙ୍କୁ ଚିଠି ଲେଖିବା ପରେ ବିଜେପି ସାଂସଦ ସୁକାନ୍ତ ପାଣିଗ୍ରାହୀ ନବୀନଙ୍କ ଉପଦେଶର ଆବଶ୍ୟକତା ନାହିଁ ବୋଲି କହିଛନ୍ତି। ବାସ୍ତବରେ ନବୀନ ପଟ୍ଟନାୟକଙ୍କ ଚିଠି ବିଜେପି ସାଂସଦମାନଙ୍କ ମୁଖା ଖୋଲି ଦେଇଛି। ଲଜ୍ଜା ନଥାଇ ମୁହଁଟାଣ ସଦୃଶ୍ୟ, ନବୀନଙ୍କ ଉପଦେଶର ଆବଶ୍ୟକତା ନାହିଁ ବୋଲି କହୁଛନ୍ତି। ଡ. ମହାନ୍ତି କହିଛନ୍ତି ଯେ ମାଟିକୁ ପଛ ଓ ପାର୍ଟିକୁ ଆଗ କରିଥିବା ବିଜେପି ସାଂସଦ ମାନଙ୍କ ପାଇଁ ଏବେ ମୁହଁ ଲୁଚାଇବାର ବେଳ ଆସିଛି। ଡବଲ ଇଞ୍ଜିନ ସରକାର ଡବଲ ବିକାଶ ନାରା ଦେଇଥିଲା ବିଜେପି, ଯେଉଁଥିରେ ପ୍ରଭାବିତ ହୋଇ ରାଜ୍ୟବାସୀ ବିଜେପିର ୨୦ ସାଂସଦଙ୍କୁ ଜିତାଇଥିଲେ। କିନ୍ତୁ ବିଜେପି କ୍ଷମତାକୁ ଆସିବା ପରେ କେନ୍ଦ୍ରୀୟ ଅନୁଦାନ ବଢ଼ିବା ପରିବର୍ତ୍ତେ କମିଲା। ଓଡ଼ିଶାର ସ୍ୱାର୍ଥ ପାଇଁ ସଂସଦରେ ବିଜେପି ସାଂସଦ ମାନେ ମୁହଁ ଖୋଲିବା ଓଡ଼ିଶାବାସୀଙ୍କୁ ଦୃଶ୍ୟମାନ ହୋଇପାରି ନାହିଁ। ଏମଏମଡିଆର ସଂଶୋଧନ ବିଲ ପାରିତ ହେବା ସମୟରେ ବିଜେପି ସାଂସଦ ମାନେ ପଦୁଟିଏ ମଧ୍ୟ ମୁହଁ ଖୋଲିନଥିଲେ। ଏବେ ଓଡ଼ିଶାର କ୍ଷତି ହେବ ନାହିଁ ବୋଲି କହି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବାକୁ ଅପଚେଷ୍ଟା କରୁଛନ୍ତି। ଏହି ଆଇନ ପାରିତ ହେବା ପରେ ରାଜ୍ୟମାନଙ୍କର ନୁହେଁ ବରଂ ଖଣି ମାଲିକମାନଙ୍କର ସିଧାସଳଖ ଫାଇଦା ହେଲା। କିନ୍ତୁ ବିଜେପି ସାଂସଦ ଓଡ଼ିଶାକୁ ଲାଭ ମିଳିବ ବୋଲି କହୁଛନ୍ତି, ଯାହା କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି।

- ଏମ୍‌ଏମ୍‌ଡିଆର ସଂଶୋଧନ ଆଇନ ଖଣି ମାଲିକଙ୍କୁ ଫାଇଦା ଦେଇଛି
- ବିଜେପି ସାଂସଦଙ୍କ ପାଇଁ ପାର୍ଟି ଆଗ ମାଟି ପଛ

## ଜଗନ୍ନାଥ ବଲ୍ଲଭ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍; ଅଭିଯୁକ୍ତ ଗିରଫ

# ଖାଦ୍ୟ ଖାଇବାକୁ ନେଇ ବଚସାରୁ ହତ୍ୟା

ପୁରୀ,୨୯।୮ (ସମିସ): ଟାଉନ ଥାନା ଅନ୍ତର୍ଗତ ଜଗନ୍ନାଥ ବଲ୍ଲଭ ପାର୍କ ନିକଟରେ ଗତ ୨୬ ତାରିଖରେ ଘଟିଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରିଛି ପୁଲିସ। ଖାଦ୍ୟ ଖାଇବାକୁ ନେଇ ହୋଇଥିବା ବଚସାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଘଟଣାରେ ସମ୍ପୃକ୍ତ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ନୋଳିଆ ଜଗଦୀଶପୁରର ବିମଳକାନ୍ତ ଲେଙ୍କା (୩୨)ଙ୍କୁ ଗିରଫ କରାଯାଇଛି।

ପୁଲିସ ସୂଚନା ଅନୁଯାୟୀ, ବିମଳକାନ୍ତ ପ୍ରାୟ ୧୫ ବର୍ଷ ଧରି ପୁରୀରେ ରହି ଆସୁଥିଲେ। ସେ ବଡ଼ଦାଣ୍ଡସ୍ଥିତ ଏକ ଫଳ ଗୋଦାମରେ ଦୈନିକ ମଜୁରିରେ କାମ କରୁଥିଲେ। ସେ ଅବିବାହିତ ଥିବାବେଳେ ତାଙ୍କ ରୋଜଗାରର ଟଙ୍କା ଦୈନିକ ଖାଦ୍ୟ ଓ ନିଶାଦ୍ରବ୍ୟରେ ସେ ଖର୍ଚ୍ଚ କରିଦେଉଥିଲେ। ଅନ୍ୟପକ୍ଷରେ, ମୃତକ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଥିଲେ ଏବଂ ରାତି ସମୟରେ ଜଗନ୍ନାଥ ବଲ୍ଲଭ ପରିସରରେ ଆଶ୍ରୟ ନେଉଥିଲେ। ଘଟଣାର କିଛିଦିନ ପୂର୍ବରୁ ବିମଳକାନ୍ତଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ମୃତକ ନିୟମିତ ଭାବେ ରାତିର ଖାଦ୍ୟ ଯୋଗାଡ଼ କରିପାରୁ ନ ଥିବାରୁ ବିମଳକାନ୍ତ ସାଧାରଣତଃ ତାଙ୍କ ସହ ଖାଦ୍ୟ ବାଣ୍ଟି ଖାଉଥିଲେ। ଗତ ୨୬ ତାରିଖ ରାତିରେ ବିମଳକାନ୍ତ ନରେନ୍ଦ୍ରକୋଣସ୍ଥିତ ଏକ ହୋଟେଲରୁ ଭାତ ଓ ମାଛ ତରକାରୀ କିଣି ଆଣିଥିଲେ। ରାତି ପ୍ରାୟ ୧ଟା ୪୫ରେ ସେ ମୃତକଙ୍କ ସହ ମଦ୍ୟପାନ କରିଥିଲେ। ଏହି ସମୟରେ ମୃତକ ବିମଳକାନ୍ତ ରଖିଥିବା ଖାଦ୍ୟ ନେଇ ଖାଇବାକୁ ଚାହିଁଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସା ଉଗ୍ରରୂପ ନେବାରୁ ବିମଳକାନ୍ତ ତାଙ୍କୁ ଧକ୍କା ଦେବା ସହ ନିକଟରେ ପଡ଼ିଥିବା ଏକ ପଥରରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରି ନିଜ ଖାଦ୍ୟ ନେଇ ଘଟଣାସ୍ଥଳରୁ ଚାଲିଯାଇଥିଲେ।

ଘଟଣାର ତଦନ୍ତ ବେଳେ ପୁଲିସ ଅଭିଯୁକ୍ତଙ୍କ ଗତିବିଧି ଉପରେ ନଜର ରଖିଥିଲା। ଘଟଣା ରାତିରେ ବିମଳକାନ୍ତ ବାରମ୍ବାର ଘଟଣାସ୍ଥଳକୁ ଯାତାୟାତ କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ପରେ ତାଙ୍କୁ ଧରି ପଚରାଉଚରା କରାଯିବାରୁ ସେ ଘଟଣା ସମ୍ପର୍କରେ ପୁଲିସକୁ ସୂଚନା ଦେଇଥିବା କୁହାଯାଇଛି। ଅଭିଯୁକ୍ତଙ୍କ ଦେଖାଇବା ଅନୁସାରେ ପୁଲିସ ଘଟଣାରେ ବ୍ୟବହୃତ ପଥର ଖଣ୍ଡ, ରକ୍ତଦାଗ ଲାଗିଥିବା ଏକ ଗାମୁଛା ଏବଂ ମୃତକଙ୍କ ପୋଷାକ ଜବତ କରିଛି। ଏ ନେଇ ଟାଉନ ଥାନାରେ ଏକ ମାମଲା (ନଂ. ୫୭୨/୨୬) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ସୁନୀଲ ଓ ନୀଳମାଧବଙ୍କୁ ମିଳିଲା ମରଣୋତ୍ତର ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର

ଯାଜପୁର,୨୯।୮ (ସମିସ): ଡକାୟତଙ୍କ ସହ ଲଢ଼ି ଗୁଳିମାଡ଼ରେ ନିଜର ପ୍ରାଣବଳି ଦେଇଥିବା ଦୁଇ କର୍ମଚାରୀଙ୍କୁ ମରଣୋତ୍ତର ଭାବେ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଛି। ଏହି ଦୁଇ କର୍ମଚାରୀ ହେଲେ ସୁନୀଲ କୁମାର ରାୟ ଏବଂ ନୀଳମାଧବ ପଣ୍ଡା। ୨୦୨୫ ମସିହା ଜାନୁଆରୀ ୪ ତାରିଖରେ ବହୁଚର୍ଚ୍ଚିତ ପାଣିକୋଇଲିସ୍ଥିତ ପଣ୍ଡା ଅଳଙ୍କାର ଡକାୟତି ଓ ଗୁଳିକାଣ୍ଡ ଘଟଣାରେ ସୁନୀଲ ଓ ନୀଳମାଧବ ପ୍ରାଣବଳି ଦେଇଥିଲେ।

### ଡକାୟତଙ୍କ ସହ ଲଢ଼ି ପ୍ରାଣବଳି ଦେଇଥିଲେ

ଘଟଣାନୁସାରେ, ଉକ୍ତ ଦିନ ପୂର୍ବାହ୍ନ ସମୟରେ ତିନି ଜଣ ବିହାରୀ ଡକାୟତ ବନ୍ଧୁକ ଧରି ଲୁଟ୍ ଉଦ୍ଦେଶ୍ୟରେ ପଣ୍ଡା ଅଳଙ୍କାରରେ ପ୍ରବେଶ କରି ବିପୁଳ ପରିମାଣର ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିଲେ। ଦୋକାନର କର୍ମଚାରୀ ସୁନିଲ



ରାୟ ଡକାୟତମାନଙ୍କ ପିଛା କରି ପାଣିକୋଇଲି ଛକ ନିକଟରେ ସେମାନଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଡକାୟତମାନେ ନିଜ ବନ୍ଧୁକରୁ ସୁନିଲଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ସ୍ଥାନୀୟ ଗୋଳେଇପୁର ପଞ୍ଚାୟତ ସୋତି ଗାଁର ନୀଳମାଧବ ପଣ୍ଡାଙ୍କୁ ମଧ୍ୟ ଡକାୟତ ଗୁଳିମାଡ କରିଥିଲେ। ଉଭୟ ସୁନିଲ ଓ ନୀଳମାଧବଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକଙ୍କ ହାତରେ ଦୁଇ ଜଣ ଡକାୟତ ଧରାପଡିଥିଲା। ସୁନିଲ ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତ କଳସଡିହ ଗାଁର ଦେବେନ୍ଦ୍ର ରାୟଙ୍କ ପୁଅ ହୋଇଥିବା ବେଳେ ନୀଳମାଧବଙ୍କ ଘର ଗୋଳେଇପୁର ପଞ୍ଚାୟତ ସୋତି ଗ୍ରାମରେ ବୋଲି ଜଣାପଡିଛି। ଉଭୟଙ୍କ ସାହସିକତାକୁ ସମ୍ମାନ ଜଣାଇ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଉଭୟଙ୍କୁ ମରଣୋତ୍ତର ଭାବେ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରିଛନ୍ତି। ସୁନୀଲଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ରାୟ ଏବଂ ନୀଳମାଧବଙ୍କ ମାଆ ପୁରସ୍କାର ଗ୍ରହଣ କରିଥିଲେ।

# ବାପାଙ୍କ ଟଙ୍କା ପାଇଁ ଭାଇକୁ ହତ୍ୟା

ବାରିପଦା, ୨୯।୮ (ସମିସ): ସ୍ୱର୍ଗତ ବାପାଙ୍କ ଟଙ୍କାକୁ ନେଇ ଦୁଇଭାଇଙ୍କ ମଧ୍ୟରେ ଝଗଡ଼ା ଓ ମାର୍‌ପିଟ ଓ ଶେଷରେ ହତ୍ୟା। ସୂଚନା ମୁତାବକ, ବାରିପଦା ସଦର ଥାନା ଅନ୍ତର୍ଗତ ଜ୍ୟୋତିପୁର ଗାଁର ମହେନ୍ଦ୍ର ମହାନ୍ତ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିଲେ। ପରିବାରକୁ କ୍ଷତିପୂରଣ ବାବଦକୁ ୬ ଲକ୍ଷ ଟଙ୍କା ଟଙ୍କା ମିଳିଥିଲା। ଏହି ଟଙ୍କାକୁ ନେଇ ଦୁଇଭାଇ ବୀରକିଶୋର ଓ ରାଜକିଶୋରଙ୍କ ମଧ୍ୟରେ ସବୁବେଳେ ଅଶାନ୍ତି ଲାଗି ରହିଥିଲା। ଗତକାଲି ବାଇକ୍ କିଣିବା ପାଇଁ ବଡ଼ଭାଇକୁ ସାନଭାଇ ଟଙ୍କା ମାଗିବାକୁ ନେଇ ଝଗଡ଼ା ହୋଇଥିଲା। ବଡ଼ଭାଇ ରାଜକିଶୋର ଏକ ଲୁହା ପାଇପ୍ ଆଣି ବୀରକିଶୋରଙ୍କ ମୁଣ୍ଡରେ ଶକ୍ତ ଆଘାତ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସାଇବର ଥାନାର ସଫଳତା; ୨୭ ଲକ୍ଷ ଟଙ୍କା ଉଦ୍ଧାର

ପୁରୀ,୨୯।୮ (ସମିସ): ଡିଜିଟାଲ ମାଧ୍ୟମର ବ୍ୟବହାର ବଢ଼ିବା ସହ ସାଇବର ଅପରାଧ ମଧ୍ୟ ବୃଦ୍ଧି ପାଉଛି। ତେଣୁ ଏହାର ମୁକାବିଲା ଦିଗରେ ପୁରୀ ସାଇବର ପୁଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସାଇବର ଠକେଇରେ ଅପରାଧୀମାନେ ଅନ୍ୟ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଗ୍ରହଣ ଓ ସ୍ଥାନାନ୍ତର ପାଇଁ ବ୍ୟବହାର କରୁଥିବା ଦେଖାଯାଏ। ଏପରି ଆକାଉଣ୍ଟକୁ ସାଧାରଣତଃ 'ମ୍ୟୁଲ୍ ଆକାଉଣ୍ଟ' ଭାବେ ବ୍ୟବହାର କରାଯାଏ। ଏହିପରି ଆକାଉଣ୍ଟ ଚିହ୍ନଟ କରି ତାହାକୁ ଅବରୋଧ କରିବା ଦିଗରେ ପୁରୀ ସାଇବର ଥାନା ପକ୍ଷରୁ ସ୍ୱତନ୍ତ୍ର ଭାବେ ନଜର ରଖାଯାଉଛି। ଗତ ୮ ମାସ ମଧ୍ୟରେ ସାଇବର ଅପରାଧ ସହ ସମ୍ପୃକ୍ତ ୨,୧୮୪ଟି ମ୍ୟୁଲ୍ ଆକାଉଣ୍ଟ ବ୍ଲକ୍ କରାଯାଇଛି। ଏହି ମାମଲାରେ ୩୦ ଜଣ ଅଭିଯୁକ୍ତ ଗିରଫ ହୋଇ ଜେଲ୍ ହାଜତକୁ ଯାଇଛନ୍ତି। ବିଭିନ୍ନ ସାଇବର ଠକେଇ ମାମଲାରେ ଆଉ ୨୦ ଜଣଙ୍କୁ ଗିରଫ କରାଯାଇଛି। ସାଇବର ଠକେଇର ଶିକାର ଲୋକଙ୍କ ଟଙ୍କା ଉଦ୍ଧାର ଦିଗରେ ମଧ୍ୟ ପୁଲିସ ତ୍ୱରିତ ପଦକ୍ଷେପ ନେଇଛି। ଗତ ୮ ମାସରେ ପ୍ରାୟ ୨୭ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଥିବା ବେଳେ ଅପରାଧ ସମ୍ପୃକ୍ତ ଆର୍ଥିକ କାରବାରରେ ପ୍ରାୟ ୩୬ ଲକ୍ଷ ଟଙ୍କା ଜବତ ଓ ୧୮ ଲକ୍ଷ ଟଙ୍କା ଫ୍ରିଜ୍ କରାଯାଇଛି। ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା ସହ ସମନ୍ୱୟ ରଖି ସନ୍ଦିଗ୍ଧ କାରବାର ଉପରେ ନଜର ରଖାଯାଉଛି। ସେହିପରି ସାଇବର ଅପରାଧୀଙ୍କ ଦ୍ୱାରା ତିଆରି ନକଲି ୱେବ୍‌ସାଇଟ୍ ଓ ସୋସିଆଲ ମିଡିଆ ଆକାଉଣ୍ଟ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇଛି। ୧୧୦ଟି ନକଲି ୱେବ୍‌ସାଇଟ୍ ବ୍ଲକ୍ କରାଯାଇଥିବା ବେଳେ ୩୦ଟି ନକଲି ସୋସିଆଲ ମିଡିଆ ଆକାଉଣ୍ଟ ବ୍ଲକ୍ ବା ନିଷ୍କ୍ରିୟ କରାଯାଇଛି। ପୁରୀ ପୁଲିସ ଲୋକଙ୍କୁ ଅଜଣା ଫୋନ୍, ମେସେଜ୍, ଲିଙ୍କ୍ କିମ୍ବା ଆପ୍‌ରେ ବିଶ୍ୱାସ ନ କରିବା ସହ ଓଟିପି, ପିନ୍, ଏଟିଏମ୍/ଡେବିଟ୍ କାର୍ଡ ଓ ନେଟ୍ ବ୍ୟାଙ୍କିଙ୍ଗ ପାସ୍‌ୱାର୍ଡ ଭଳି ଗୋପନୀୟ ତଥ୍ୟ କାହାକୁ ନ ଦେବାକୁ ପରାମର୍ଶ ଦେଇଛି। ସାଇବର ଠକେଇର ଶିକାର ହେଲେ ତୁରନ୍ତ ୧୯୩୦ ସାଇବର ହେଲ୍ପଲାଇନ୍‌ରେ ଅଭିଯୋଗ ସହ ସମ୍ପୃକ୍ତ ବ୍ୟାଙ୍କକୁ ଜଣାଇବାକୁ କୁହାଯାଇଛି।

**୮ ମାସରେ ୨,୧୮୪ ମ୍ୟୁଲ୍ ଆକାଉଣ୍ଟ ବ୍ଲକ୍**

## ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ବିଜେପି ବିଧାୟକଙ୍କୁ ଅଣଦେଖା ଅଭିଯୋଗ

# ମନ୍ତ୍ରୀଙ୍କ ଉପସ୍ଥିତିରେ ରାଗିଗଲେ ଲକ୍ଷ୍ମଣ

ବଲାଙ୍ଗିର,୨୯।୮ (ସମିସ): ବଲାଙ୍ଗିରର ଏକ ସରକାରୀ କାର୍ଯ୍ୟକ୍ରମରେ ସରକାରୀ ଦଳର ବିଧାୟକ ଲକ୍ଷ୍ମଣ ବାଗ ନିଜର ଅସନ୍ତୋଷ ଝାଡ଼ିଛନ୍ତି। ତାହା ପୁଣି ଖୋଦ୍ ଜଣେ ମନ୍ତ୍ରୀଙ୍କ ଉପସ୍ଥିତିରେ। 'ମୋ ଫଟୋ କାହିଁକି ଲଗାଇଲ? ଯଦି ମତେ ଡାକିନାହଁ ଫଟୋ କାହିଁକି ଲାଗିବ? ବଲାଙ୍ଗିର ଆସି ବାବୁଗିରି ଚଳିବନି। ସରକାରୀ ଟଙ୍କାରେ କାର୍ଯ୍ୟକ୍ରମରେ କାମ ହେଉଛି; କିନ୍ତୁ ଜନପ୍ରତିନିଧିଙ୍କୁ କାହିଁକି ଅଣଦେଖା କରାଯାଉଛି? ଏହା ଚଳିବ ନାହିଁ। ଏହାର ପ୍ରତିଶୋଧ ନିଆଯିବ। ବିଧାନସଭାରେ କଥା ଉଠିବ। କାରଣ ଦର୍ଶାଇବାକୁ ପଡିବ।' ଏହିଭଳି କଡା ଭାଷାରେ ପ୍ରଶାସନିକ ଅଧିକାରୀଙ୍କୁ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଟ୍ୟୁସନ କରିଛନ୍ତି। ଶନିବାର ବଲାଙ୍ଗିରରେ ଅନୁଷ୍ଠିତ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗର ଅଂଶୀଦାର ପରାମର୍ଶ କର୍ମଶାଳା କାର୍ଯ୍ୟକ୍ରମରେ ଲକ୍ଷ୍ମଣଙ୍କ ଏହିଭଳି ବ୍ୟବହାର ଓ ବୟାନକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ଏହିଭଳି ଭାବେ ଅସନ୍ତୋଷ ଝାଡି ସେ ଅଧିକାରୀଙ୍କୁ ତାଗିଦ କରୁଥିଲେ ନା ବଲାଙ୍ଗିରରେ ଶକ୍ତିଭେଦ କରିବା ପାଇଁ ଉଦ୍ୟମ କରୁଥିବା ବିଜେପି ମୁଣ୍ଡିଆଳଙ୍କ ବିରୋଧରେ ବିଷୋଦଗାର କରିଥିଲେ ତାହା ପ୍ରଶ୍ନ ସୃଷ୍ଟି କରୁଛି।

ଶନିବାର ବଲାଙ୍ଗିର ନଟରାଜ ପ୍ୟାଲେସରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମଧ୍ୟ ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମ ଏଜେଣ୍ଡା ଅନୁସାରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ, କଣ୍ଟାବାଞ୍ଜି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଲକ୍ଷ୍ମଣ ବାଗ, ଟିଟିଲାଗଡ ବିଧାୟକ ନବୀନ ଜୈନ, ବଲାଙ୍ଗିର ସଦର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ସାଂସଦ ସଙ୍ଗୀତା କୁମାରୀ ସିଂହଦେଓଙ୍କ ସହ ନିର୍ଦ୍ଦେଶକ ଓ ସଚିବ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଥିଲା; କିନ୍ତୁ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଲକ୍ଷ୍ମଣ ବାଗ ନିଜ ବକ୍ତବ୍ୟ ରଖିବା ପୂର୍ବରୁ ରାଗିଯାଇ ତାଙ୍କ ଅସନ୍ତୋଷ ଝାଡିବା ଆରମ୍ଭ କରିଥିଲେ। ତାଙ୍କ କହିବା ଅନୁସାରେ ତାଙ୍କ ଫଟୋ ଲଗାଯାଇଛି। ଏଜେଣ୍ଡାରେ ନାମ ବି ରହିଛି; କିନ୍ତୁ ତାଙ୍କୁ କାହିଁକି ଏହି କାର୍ଯ୍ୟକ୍ରମକୁ ଡକାଯାଇ ନ ଥିଲା? ମନ୍ତ୍ରୀଙ୍କ ପାଖରୁ ଫୋନ ଯିବା ପରେ ସେ ଆସି ଉପସ୍ଥିତ ରହିଛନ୍ତି। ତାଙ୍କ ଅନୁମତି ନ ନେଇ କାହିଁକି ପୋଷ୍ଟରରେ ଫଟୋ ଲଗାଯାଇଛି? କାହା ଅନୁମତିରେ ବିଧାୟକଙ୍କ ପୋଷ୍ଟର ଲାଗିଛି? ସରକାରଙ୍କୁ ବଦନାମ କରିବାକୁ କାହିଁକି ଚେଷ୍ଟା କରାଯାଉଛି? ବିଭାଗୀୟ ଅଧିକାରୀଙ୍କୁ କୈଫିୟତ ଦେବାକୁ ପଡିବ ବୋଲି କହିଥିଲେ। ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ପ୍ରତିକ୍ରିୟା ଦେଇ ଶ୍ରୀ ବାଗ କହିଛନ୍ତି ଯେ ଲୋକଙ୍କ କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କ ସହାୟତା ନେଲେ ଲୋକେ ସୁବିଧା ପାଇବେ; କିନ୍ତୁ ଏହିଭଳି କରିବାକୁ ନେଇ ସେ ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ଏହି କାର୍ଯ୍ୟକ୍ରମରେ ନିଜ ବକ୍ତବ୍ୟ ରଖି କାର୍ଯ୍ୟକ୍ରମ ବାହାନାରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ କାର୍ଯ୍ୟକ୍ରମ ଅଧାରୁ ଚାଲିଯାଇଥଲେ। ସଦର ବିଧାୟକ କଳିକେଶ ସିଂହଦେଓ ଏବଂ ଟିଟିଲାଗଡ ବିଧାୟକ ନବୀନ ଜୈନ ପ୍ରମୁଖ ଅନୁପସ୍ଥିତ ରହିଥିଲେ। ତେବେ ସେମାନଙ୍କୁ ଯୋଗାଯୋଗ କରାଯାଇଥିଲା ନା ନାହିଁ ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ତେବେ ଏହା ପ୍ରଥମ ଘଟଣା ନୁହଁ; କିଛି ମାସ ପୂର୍ବରୁ ଜିଲ୍ଲାସ୍ତରୀୟ ଏକ ସମୀକ୍ଷା ବୈଠକରେ ଟିଟିଲାଗଡ ବିଧାୟକ ନବୀନ ଜୈନ ମନ୍ତ୍ରୀଙ୍କ ସମ୍ମୁଖରେ ଅସନ୍ତୋଷ ପ୍ରକାଶ କରିଥିଲେ। ତାଙ୍କୁ ସରକାରୀ ସମୀକ୍ଷା ବୈଠକକୁ ଡକା ନ ଯିବା ନେଇ ଅଭିଯୋଗ କରିଥିଲେ। ସେ ପରୋକ୍ଷରେ ସାଂସଦ ଓ ଉପମୁଖ୍ୟମନ୍ତ୍ରୀଙ୍କ ଆଡକୁ ଇଙ୍ଗିତ କରି ବୟାନ ରଖିଥିଲେ। ସରକାରୀ ଦଳର ବିଧାୟକମାନଙ୍କ ଏହିଭଳି ସର୍ବସମ୍ମୁଖରେ ଅସନ୍ତୋଷ ପ୍ରକାଶ କରିବା ଦଳ ଭିତରେ ଚାଲିଥିବା ପାୱାର ଲଢେଇ ତଥା ପ୍ରଶାସନିକ ଅଧିକାରୀମାନଙ୍କ ଅଣଦେଖାକୁ ସ୍ପଷ୍ଟ କରିଛି।

- ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଅସନ୍ତୋଷ ଝାଡ଼ିଲେ
- ବାବୁଗିରି ଚଳିବନି, ବିଧାନସଭାରେ କଥା ଉଠାଇବାକୁ ଚେତାବନୀ
- କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କୁ ସାମିଲ କରାଯାଉ ନ ଥିବା ଅଭିଯୋଗ
- ପ୍ରଶାସନ ଡାକିଲାନି, ମନ୍ତ୍ରୀଙ୍କ ଫୋନ୍ ପାଇ କାର୍ଯ୍ୟକ୍ରମକୁ ଆସିଲେ

# ଚାଷୀ ପଞ୍ଜିକରଣ ଅବଧି ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ: କଂଗ୍ରେସ

ଭୁବନେଶ୍ୱର,୨୯।୮ (ସମିସ): ଚଳିତ ଖରିଫ୍ ଋତୁରେ ଧାନ ବିକ୍ରି ପାଇଁ ପଞ୍ଜିକରଣ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ସେପ୍ଟେମ୍ବର ୩୦ ତାରିଖ ଯାଏଁ ବୃଦ୍ଧି କରିବାକୁ ଦାବି କରିଛି କଂଗ୍ରେସ। ଚାଷୀଙ୍କ ପଞ୍ଜିକରଣ ପାଇଁ ଏକାଧିକ ସମସ୍ୟା ସାମ୍ନା କରୁଥିବାରୁ ଅବଧି ବୃଦ୍ଧି କରିବାକୁ ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ପିସିସି ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଦାବି କରିଛନ୍ତି।

ସେ କହିଛନ୍ତି ଯେ ୨୦୨୬ ଖରିଫ୍ ଧାନ ବିକ୍ରୟ ପାଇଁ ସରକାର ଚାଷୀ ନାମ ପଞ୍ଜିକରଣ ପାଇଁ ଯେଉଁ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ତାହାଦ୍ୱାରା ଅନେକ ଚାଷୀ ଓ ଭାଗଚାଷୀ ଧାନ ବିକ୍ରି କ୍ଷେତ୍ରରୁ ବଞ୍ଚିତ ହେବାର ବହୁ ସମ୍ଭାବନା ରହିଛି। ସରକାରଙ୍କ ଜଟିଳ ବ୍ୟବସ୍ଥା ଫଳରେ ଚାଷୀ ଏ ପର୍ଯ୍ୟନ୍ତ ଗତ ବର୍ଷ ଅପେକ୍ଷା ଆଶାନୁରୂପକ ଭାବେ ସେମାନଙ୍କ ନାମ ପଞ୍ଜିକରଣ କରି ପାରୁନାହାନ୍ତି। ଚାଷୀ ପ୍ରତ୍ୟେକ ପ୍ୟାକ୍ସ, ଲ୍ୟାମ୍ପ୍ସରେ ଲାଇନରେ ରହି ଫେରୁଥିବା ଦେଖା ଦେଉଛି। ଗତ ଅଗଷ୍ଟ ୬ରୁ ଚାଷୀ ନାମ ପଞ୍ଜିକରଣ ବ୍ୟବସ୍ଥା ଆରମ୍ଭ କରାଯାଇ ଚଳିତ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଛି। ଏହି ସମୟସୀମା ମଧ୍ୟରେ କେଉଁଠି ଇଣ୍ଟରନେଟ୍ ଧୀମା ରହୁଛି ତ ଆଉ କେଉଁଠି ବିଜୁଳି ନାହିଁ। ଚାଷୀମାନେ ଆର.ଆଇ ଅଫିସ୍, ତହସିଲ ଅଫିସ୍ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ପଶ୍ଚିମ ଓଡ଼ିଶାର ଅନେକ ସ୍ଥାନରେ ଆଟ ଜମିଜମାରେ ନୀତିଗତ ନିଷ୍ପତ୍ତି ନିଆଯାଇ ନ ଥିବା ହେତୁ ବହୁ ଚାଷୀ ପଞ୍ଜିକରଣରୁ ବାଦ୍ ପଡୁଛନ୍ତି। ଏଗ୍ରିଷ୍ଟାକ୍ ସହିତ ଅନ୍ୟାନ୍ୟ ନିୟମାବଳୀରେ ଅନେକାଂଶରେ ତ୍ରୁଟି ରହିଛି। ଚାଷୀ ଏହାର ସଂଶୋଧନ ପାଇଁ ବାରମ୍ବାର ଦାବୀ କରୁଥିଲେ ମଧ୍ୟ ଏହାର ସରଳୀକରଣ କରାଗଲାନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

## ପ୍ରଦେଶ ଛାତ୍ର କଂଗ୍ରେସର ସ୍ୱତନ୍ତ୍ର ବୈଠକ

# ଛାତ୍ର ସଂସଦ ନିର୍ବାଚନ ପାଇଁ ଆନ୍ଦୋଳନ କରିବ କଂଗ୍ରେସ



ଭୁବନେଶ୍ୱର, ୨୯।୮ (ସମିସ): ରାଜ୍ୟରେ ଦୀର୍ଘ ବର୍ଷ ହେଲା ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି। ବିଜେପି କ୍ଷମତାକୁ ଆସିବା ପରେ ନିର୍ବାଚନ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏବେଯାଏଁ ପୂରଣ କରିପାରି ନାହିଁ। ଏଣୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବ୍ୟାପକ ଜାଗରଣ କାର୍ଯ୍ୟକ୍ରମ କରିବା ସହ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନର ପିଲାଙ୍କୁ ନେଇ ଆନ୍ଦୋଳନ କରାଯିବ ବୋଲି ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ବିଭୁତି ଭୂଷଣ ମହାପାତ୍ର କଡ଼ା ଚେତାବନୀ ଦେଇଛନ୍ତି। ସମସ୍ତ ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଛାତ୍ରନେତାଙ୍କୁ ନେଇ ଆଜି ବୈଠକ କରିବା ସହ ବିଭିନ୍ନ ପ୍ରସଙ୍ଗରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତି କରିଛନ୍ତି। ଛାତ୍ର କଂଗେସର କାର୍ଯ୍ୟଖସଡ଼ା ସମ୍ପର୍କରେ ସୂଚନା ଦେଇ ଶ୍ରୀ ମହାପାତ୍ର କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନ ଦାବିରେ ପ୍ରତି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଆନ୍ଦୋଳନ କରାଯିବ। ନିଶା ଓ ହିଂସାମୁକ୍ତ କ୍ୟାମ୍ପସ, କ୍ୟାମ୍ପସରେ ଛାତ୍ରୀ ସୁରକ୍ଷା, ର୍‌ୟାଗିଂ ଉପରେ ସମ୍ପୂର୍ଣ୍ଣ ରୋକ୍, ଭିତ୍ତିଭୂମୀ ନିର୍ମାଣରେ ବ୍ୟାପକ ଦୁର୍ନୀତିକୁ ବିରୋଧ, ଖାଲି ପଡିଥିବା ଅଧ୍ୟାପକ ଓ ଅଣ-ଶିକ୍ଷକ ପଦ ପୂରଣ, ଆବଶ୍ୟକ ଭିତ୍ତିଭୂମିର ବିକାଶ ଦାବିରେ ଛାତ୍ର କଂଗ୍ରେସ ଆନ୍ଦୋଳନ କରିବ ଓ ଦାବି ହାସଲ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିବ। ସେହିପରି ଦରଦାମ ବୃଦ୍ଧି ପ୍ରସଙ୍ଗ ବିଶେଷକରି ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦରରେ ଅହେତୁକ ବୃଦ୍ଧି ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଏକତ୍ରିତ କରିବ। ବେକାରୀ ଓ ଗରିବୀ ବଢୁଥିବାବେଳେ କେନ୍ଦ୍ର ସରକାର ଶିଳ୍ପପତି ଓ ପୁଞ୍ଜିପତିଙ୍କୁ ଋଣ ଛାଡ କରିବା ବିରୋଧରେ ଆନ୍ଦୋଳନ ହେବ। ଓଡ଼ିଶାର ଅଧିକାର ଓ ସ୍ୱାର୍ଥକୁ ଅପହରଣ କରିବା ପାଇଁ ଉଦ୍ଦିଷ୍ଟ ଏମ୍‌ଏମ୍‌ଡିଆର ନିୟମ ବିରୁଦ୍ଧରେ ଛାତ୍ର ଜାଗରଣ କରିବା ପାଇଁ ମଧ୍ୟ ପ୍ରଦେଶ ଛାତ୍ର କଂଗ୍ରେସ ସ୍ୱତନ୍ତ୍ର ପଦକ୍ଷେପ ନେବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସାହାରୁଖ୍ ଖାଁ, ଦିବ୍ୟରଞ୍ଜନ ରାଉତ, ପ୍ରଦ୍ୟୁମ୍ ସାହୁ, ଜଗଦିଶ ରାଉତ, ଭକ୍ତ ନାୟକ, ଶୁଭମ୍‌ରାଜ, ଶିବରଞ୍ଜନ ସାହୁ, ସାଇଲକ୍ଷ୍ମୀ ପ୍ରସାଦ ପଲେଇ, ମହେଶ ଗୌଉଡ, ସୁଶିଲ ବିଶ୍ୱାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ।


# ଯକ୍ଷ୍ମା ରୋଗୀଙ୍କ ପାଇଁ କାଳ ସାଜୁଛି ନିଶା ସେବନ

ଭୁବନେଶ୍ୱର,୨୯।୮ (ସୁମିତ୍ରା ସାହୁ):

ବର୍ତ୍ତମାନ ସମାଜରେ ନିଶା ସେବନ ଏକ କ୍ଷତିକାରକ ଓ ସାମାଜିକ ବ୍ୟାଧି ପାଲଟିଛି; ଯାହାକି ବ୍ୟକ୍ତିର ଶାରୀରିକ, ମାନସିକ ଏବଂ ପାରିବାରିକ ଜୀବନକୁ ନଷ୍ଟ କରିଦେଉଛି। ବିଭିନ୍ନ ପ୍ରକାର ନିଶା ସେବନ ଦ୍ୱାରା କ୍ୟାନସର ସମେତ ଲଙ୍ଗ୍‌ସ୍, ଲିଭରରେ ସସମ୍ୟା ସୃଷ୍ଟି ହେଉଛି ଏବଂ ମସ୍ତିଷ୍କକୁ ଦୁର୍ବଳ କରିପକାଉଛି। ତେବେ ନିଶା ସେବନର କୁପ୍ରଭାବ କେବଳ ଏତିକିରେ ସୀମିତ ନୁହେଁ; ଏହା ଯକ୍ଷ୍ମା ରୋଗୀଙ୍କ ପାଇଁ କାଳ ସାଜୁଛି। ଯାହାଦ୍ୱାରା ନିଶାସକ୍ତ ଯକ୍ଷ୍ମାରୋଗୀଙ୍କର ରୋଗମୁକ୍ତ ହେବାର ସମ୍ଭାବନା ଅନ୍ୟ ଯକ୍ଷ୍ମା ରୋଗୀଙ୍କ ତୁଳନାରେ କମିଯାଉଛି। କିନ୍ତୁ କେନ୍ଦ୍ର କିମ୍ବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପାଖରେ ଏନେଇ କୌଣସି ସଠିକ୍ ତଥ୍ୟ ନ ଥିବା ଜଣାପଡ଼ିଛି। ତେବେ ଏ ସଂକ୍ରାନ୍ତରେ ତୃଣମୂଳ ସ୍ତରରୁ ତଥ୍ୟ ସଂଗ୍ରହ କରାଯିବା ଅତ୍ୟନ୍ତ ଜରୁରୀ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଗୋଟେପଟେ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ (ପିଏମ୍‌ଟିବିଏମ୍‌ବିଏ) ଅଧୀନରେ ଏକ ପ୍ରମୁଖ ସାମୁଦାୟିକ ଅଂଶଗ୍ରହଣ ଆନ୍ଦୋଳନ 'ନିକ୍ଷୟ ମିତ୍ର' ପଦକ୍ଷେପ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ ହେଉଥିବା ବେଳେ ନିଶା ସେବନକାରୀ ଯକ୍ଷ୍ମା ଆକ୍ରାନ୍ତଙ୍କ ସଂଖ୍ୟାର ପରିସଂଖ୍ୟାନ ରହିଲେ ତା'ର ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ସହଜ ହେବ ବୋଲି ଟିବି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସେହିପରି ଏଚ୍‌ଆଇଭି, ଗର୍ଭବତୀ ମହିଳା ଓ କୁପୋଷଣ ଜନିତ କାରଣରୁ ଯକ୍ଷ୍ମାରେ ଆକ୍ରାନ୍ତ ହେଉଥିବା ଶିଶୁମାନଙ୍କ ତଥ୍ୟ ବି ସରକାର ସଂଗ୍ରହ କରିବାରେ ବିଫଳ ହୋଇଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ରିପୋର୍ଟ



ଅନୁସାରେ, ଭାରତରେ ପ୍ରତିବର୍ଷ ୧୩.୫ ଲକ୍ଷ ଲୋକେ ତମାଖୁ ଜନିତ ରୋଗରେ ମୃତ୍ୟୁବରଣ କରୁଛନ୍ତି। ସେମାନଙ୍କ ମଧ୍ୟରେ ମୁଖଗହ୍ୱର, ଫୁସଫୁସ୍ କ୍ୟାନସର, ରୋଗୀଙ୍କ ସହ ଯକ୍ଷ୍ମା ରୋଗୀ ମଧ୍ୟ ରହିଛନ୍ତି। ହେଲେ ପ୍ରତିବର୍ଷ ଭାରତରେ ନିଶା ସେବନ ଦ୍ୱାରା କେତେ ଯକ୍ଷ୍ମା ରୋଗୀଙ୍କ ମୃତ୍ୟୁ ଘଟୁଛି, ତାହାର କୌଣସି ତଥ୍ୟ ଏଯାଏ ମିଳିପାରି ନାହିଁ। ସାଧାରଣତଃ ତମାଖୁଜନିତ ଦ୍ରବ୍ୟ ସେବନ ଦ୍ୱାରା ଶରୀରରେ ରୋଗପ୍ରତିରୋଧକ ଶକ୍ତି କମିଥାଏ। ବିଡ଼ି, ସିଗାରେଟ୍, ହୁକ୍କା, ଗଞ୍ଜେଇ ଭଳି ଧୂମ୍ରପାନ ସମେତ ତମାଖୁ ଜାତୀୟ ଦ୍ରବ୍ୟ ଯଥା ଖଇନି, ଗୁଟଖା, ଜର୍ଦା କିମ୍ବା ମାଦକ ଦ୍ରବ୍ୟ ମଧ୍ୟ ଶରୀରରେ ରୋଗପ୍ରତିରୋଧକ ଶକ୍ତିକୁ କମାଇ ଦେଇଥାଏ। ଫଳରେ ଉକ୍ତ ବ୍ୟକ୍ତିଙ୍କ ରୋଗପ୍ରତିରୋଧକ ଶକ୍ତି କମିଥିବାରୁ ବ୍ୟକ୍ତି ଜଣକ ଯକ୍ଷ୍ମା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିବା ମାତ୍ରେ ସଂକ୍ରମଣର ଆଶଙ୍କା ଅଧିକ ରହିଥାଏ। ଦ୍ୱିତୀୟରେ ଟିବି ମୁଖ୍ୟତଃ ଶରୀରର ବିଭିନ୍ନ ଅଙ୍ଗକୁ ଆକ୍ରାନ୍ତ କରୁଥିଲେ ମଧ୍ୟ ବିଶେଷ ଭାବେ ଫୁସଫୁସ୍‌କୁ ଆକ୍ରାନ୍ତ କରିଥାଏ। ରୋଗପ୍ରତତିରୋଧକ ଶକ୍ତି ଯୋଗୁଁ ତାହା ଯକ୍ଷ୍ମା ରୋଗରେ ପରିବର୍ତ୍ତିତ ହୋଇପାରୁ ନାହିଁ। କାରଣ ତାକୁ ରୋଗ ପ୍ରତିରୋଧକ ଶକ୍ତି ଆବଦ୍ଧ କରି ରଖିଛି। ଯକ୍ଷ୍ମା ଏକ ବାୟୁବାହିତ ହୋଇଥିବାରୁ କୌଣସି ଜନଗହଳି ସ୍ଥାନରେ ଯକ୍ଷ୍ମା ଆକ୍ରାନ୍ତ ହେବାର ସମ୍ଭାବନା ରହିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ରୋଗପ୍ରତିରୋଧକ ଶକ୍ତି କମିବା କାରଣରୁ ଯେଉଁମାନଙ୍କଠାରେ ନୂତନ ଭାବେ ରୋଗ ସୃଷ୍ଟି ହେଉଛି ତାହା ପ୍ରାରମ୍ଭିକ ପର୍ଯ୍ୟାୟରେ କୌଣସି ଲକ୍ଷଣ ପରିଲକ୍ଷିତ ହେଉ ନ ଥିବାରୁ ରୋଗ ବିଷୟରେ ଜାଣିବା କଷ୍ଟକର ହୋଇପଡୁଛି। ସେହି ସମୟରେ ସଂକ୍ରମଣ ମଧ୍ୟ ବଢ଼ିଥାଏ। ତମାଖୁଜନିତ ଦ୍ରବ୍ୟରେ ଶହଶହ ପ୍ରକାର କେମିକାଲ୍ସ ରହିଛି, ଯାହା ସେବନ କରିବା ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାର କ୍ଷତି ଏବଂ ରୋଗ ସୃଷ୍ଟି ହୋଇଥାଏ। ତେଣୁ ଏଥିପ୍ରତି ସଚେତନତା ଅବଲମ୍ବନ କରିବା ନିହାତି ଜରୁରୀ। ଏହାସହ ନିଶା ସେବନ ଦ୍ୱାରା ଆକ୍ରାନ୍ତ ହେଉଥିବା ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ସରକାରଙ୍କ ନିକଟରେ ମଧ୍ୟ ରହିବା ଉଚିତ୍। ଏହାଦ୍ୱାରା ରୋଗ ଚିହ୍ନଟ ପ୍ରକ୍ରିୟାରେ ଏହା ସହଜ ହୋଇପାରିବ ବୋଲି ଯକ୍ଷ୍ମା ବିଶେଷଜ୍ଞ ମତ ଦେଇଛନ୍ତି।

- ରୋଗପ୍ରତିରୋଧକ ଶକ୍ତି କମିବାରୁ ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା
- ନିଶାସକ୍ତ ଯକ୍ଷ୍ମାରୋଗୀଙ୍କର ରୋଗମୁକ୍ତ ହେବାର ସମ୍ଭାବନା କମୁଛି

ଯେଉଁମାନେ ନିଶା ସେବନ ସମୟରେ ଯକ୍ଷ୍ମା ଆକ୍ରାନ୍ତ ହେଉଛନ୍ତି କିମ୍ବା ଯକ୍ଷ୍ମାରେ ଆକ୍ରାନ୍ତ ହେବା ପରେ ଔଷଧ ସମତେ ନିଶା ମଧ୍ୟ ସେବନ କରୁଛନ୍ତି ସେମାନଙ୍କ ପାଇଁ ସମସ୍ୟା ଦ୍ୱିଗୁଣିତ ହୋଇଥାଏ। ଜଣେ ନନ୍‌ସ୍ମୋକର ଅବା ନିଶାସେବନ କରୁ ନ ଥିବା ବ୍ୟକ୍ତିଙ୍କ ପକ୍ଷେ ରୋଗମୁକ୍ତ ହେବା ଯେତିକି ସହଜ, ନିଶାସେବନକାରୀ ଯକ୍ଷ୍ମାଆକ୍ରାନ୍ତଙ୍କ ପାଇଁ ଏହା ତା'ଠାରୁ ଅଧିକ ଜଟିଳ ହୋଇଥାଏ। ଫଳରେ ସେମାନେ ଯକ୍ଷ୍ମାରୁ ମୁକ୍ତ ହେବା କଷ୍ଟକର ହୋଇପଡ଼େ।

ସରକାରୀ ସୂତ୍ର ଅନୁଯାୟୀ, ଏକ ତୃତୀୟାଂଶ ବ୍ୟକ୍ତିଙ୍କ ଶରୀରରେ ଯକ୍ଷ୍ମା ଜୀବାଣୁ ଥିଲେ ମଧ୍ୟ ଉତ୍ତମ

# ବଲିଉଡ୍‌ରୁ ଅମାଲଙ୍କ ବ୍ରେକ୍



ବଲିଉଡ୍‌ର ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ମ୍ୟୁଜିକ୍ କମ୍ପୋଜର ଅମାଲ ମଲିକ ବଲିଉଡ୍‌ରୁ ବ୍ରେକ୍ ନେବା କଥା ଘୋଷଣା କରିଛନ୍ତି। ଏନେଇ ସେ ସାମାଜିକ ଗଣମାଧ୍ୟମରେ ଏକ ଭାବୁକ ପୋଷ୍ଟ ବି ସେୟାର୍ କରିଛନ୍ତି। ସେ ଏବେ ମାନସିକ, ଶାରୀରିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ତେଣୁ ଆସନ୍ତା ବର୍ଷ ସୁଦ୍ଧା ସେ ଫିଲ୍ମ ପାଇଁ କୌଣସି ନୂଆ ଗୀତ କମ୍ପୋଜ କରିବେ ନାହିଁ। ତେବେ ପୂର୍ବରୁ ରେକର୍ଡ କରାଯାଇଥିବା ଗୀତ ତାଙ୍କର ଆଗାମୀ ଦିନରେ ଆସିପାରେ। ତାଙ୍କର ଏଭଳି ଘୋଷଣା ପରେ ତାଙ୍କ ପ୍ରଶଂସକମାନେ ଉଦାସ ହେବା ସହିତ ଅମାଲଙ୍କୁ ବିଶ୍ରାମ କରିବା ସହିତ ସ୍ୱାସ୍ଥ୍ୟକୁ ପ୍ରାଥମିକତା ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି। ଅମାଲଙ୍କ ଏଭଳି ନିଷ୍ପତ୍ତି ପଛରେ ହେଲଥ ଓ ହିଲିଂ ଥିବା କୁହାଯାଇଛି। ଅମାଲ କିଛି ଦିନ ପାଇଁ ନିଜ ମନ, ଶରୀର ଓ ଆତ୍ମାକୁ ଆରାମ ଦେବାକୁ ଚାହୁଁଛନ୍ତି। ଅନ୍ୟପଟେ ନିକଟରେ ସେ 'ଆୱାରପନ-୨'ର ଗୀତକୁ ନେଇ ଚର୍ଚ୍ଚାରେ ଥିଲେ। ସେହିପରି ଏହି ବ୍ରେକ୍ ତାଙ୍କ ପାଇଁ ସଫଳ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ■

# 'ଏ ରାକ୍ଷୀ ରହିଲା ସାକ୍ଷୀ ଆମର' ମ୍ୟୁଜିକ୍ ଭିଡିଓ ରିଲିଜ

ଆମ ଓଡ଼ିଆ ସଂସ୍କୃତିର ପ୍ରତ୍ୟେକ ପର୍ବପର୍ବାଣିରେ ନିର୍ଦ୍ଦେଶକ ବାବୁ ବାବୁ ଓଡ଼ିଆ ଦର୍ଶକଙ୍କୁ ସୁନ୍ଦର ମ୍ୟୁଜିକ ଭିଡ଼ିଓଟିଏ ଉପହାର ଦେଇଥାନ୍ତି। ସେ ରାକ୍ଷୀ ପୂର୍ଣ୍ଣିମାରେ 'ଏ ରାକ୍ଷୀ ରହିଲା ସାକ୍ଷୀ ଆମର' ନାମରେ ଏକ ସୁନ୍ଦର ମ୍ୟୁଜିକ ଭିଡ଼ିଓ ଉପହାର ଦେଇଛନ୍ତି। ଶଙ୍କର କ୍ରିଏସନ୍ ପ୍ରସ୍ତୁତ ଏହି ଭିଡିଓକୁ ବଳରାମ ସେଠି ପ୍ରଯୋଜନା କରିଛନ୍ତି। ତପୁ ନାୟକଙ୍କ ଗୀତକୁ ସନ୍ତୋଷ କୁମାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ କୁମାର ବାପି ଓ ଅସୀମା ପଣ୍ଡା କଣ୍ଠଦାନ କରିଛନ୍ତି। ଟେଲିଭିଜନ ପରଦାର ସୁପରିଚିତା ନାୟିକା ସ୍ମୃତିରେଖା ମୁଖ୍ୟ ନାୟିକା ଭୂମିକାରେ ଅଭିନୟ କରିଛନ୍ତି। ନାୟକ ଭାବେ ସୁଶୀଲ ଅଭିନୟ କରିଛନ୍ତି। ସୁନୟନା, ମେଘା ଏବଂ ବ୍ରିଜେଶ ସହ କଳାକାର ଭାବେ ଅଭିନୟ କରିଛନ୍ତି। ଭାଇ ଭଉଣୀଙ୍କ ପବିତ୍ର ସମ୍ପର୍କକୁ ନେଇ ଚିତ୍ରିତ ହୋଇଥିବା ଏହି ମ୍ୟୁଜିକ ଭିଡିଓଟି ସାମାଜିକ ବାର୍ତ୍ତା ଦେଉଥିବାବେଳେ ଏହା ନିଶ୍ଚିତ ଭାବେ ଲୋକାଦୃତ ହେବ ବୋଲି ପ୍ରଯୋଜକ ଆଶା ରଖିଛନ୍ତି। ■



# 'ଚକ୍ରବୀର'ର ଟାଇଟଲ୍ ଗୀତ ରିଲିଜ୍



ସୂର୍ଯ୍ୟା ଫିଲ୍ମ ୱାର୍ଲଡ୍ ବ୍ୟାନର ପ୍ରସ୍ତୁତ 'ଚକ୍ରବୀର' ସିନେମାର ଟାଇଟଲ୍ ଗୀତ ମୁକ୍ତିଲାଭ କରିଛି। ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଏହି ଫିଲ୍ମର ଗୀତ ମୁକ୍ତିଲାଭ ଉତ୍ସବ ପାଳିତ ହୋଇଥିଲା। ଏହି ଅବସରରେ 'ଚକ୍ରବୀର' ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ ସୁରେନ୍ ମହାପାତ୍ର, ପ୍ରଯୋଜକ ସଚ୍ଚିକାନ୍ତ ଜେନା, ଅତୀଶ ରାଉତ, ରୋଟାରୀଆନ୍, ବିକାଶ ଗରାବଡୁ, କେ ବଦ୍ରୀ ନାରାୟଣ ସୁବୁଦ୍ଧି, ଫିଲ୍ମର ପ୍ରଚାର ଓ ପ୍ରସାର ମୁଖ୍ୟ ପ୍ରଣୟ ଜେଠୀ, କୋରିଓଗ୍ରାଫର ବିଦ୍ୟୁତ ସେଠୀ, ଅଭିନେତା ମିଟୁ ମିଥୁନ ପ୍ରମୁଖ ଯୋଗଦେଇଥିଲେ। ଶୀର୍ଷକ ସଂଗୀତ ମୁକ୍ତିଲାଭ ସହିତ ଆଉ ଦୁଇଟି ଗୀତ ମଧ୍ୟ ମୁକ୍ତିଲାଭ କରିଛି। ଚକ୍ରବୀର ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ନାୟିକା ସୁପ୍ରିୟା ନାୟକ। ଟାଇଟଲ୍ ଗୀତଟି ତାଙ୍କ ନୃତ୍ୟାଭିନୟକୁ ନେଇ ଗତିଶୀଳ ହୋଇଛି। ଉନ୍ନତ ଜ୍ଞାନ କୌଶଳ ଭିଏଫ୍ଏକ୍ସ ମାଧ୍ୟମରେ ଗୀତଟି ତିଆରି ହୋଇଛି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଏସ୍‌ବି ସ୍ମୃତି ଏବଂ ସାଇ ପ୍ରଜ୍ଞା କଣ୍ଠଦାନ କରିଥିବା ବେଳେ ସୁଶାନ୍ତ ମଣି ଗୀତ ରଚନା କରିଛନ୍ତି। ଏହି ଚଳଚ୍ଚିତ୍ରକୁ ତ୍ରିଭାଷୀରେ ମୁକ୍ତିଲାଭ କରାଯାଉଛି। ଏହା ତେଲୁଗୁ, ମରାଠୀ ଏବଂ ଓଡ଼ିଆ ଭାଷାରେ ମୁକ୍ତିଲାଭ କରିବା ପାଇଁ ପ୍ରସ୍ତୁତ ହୋଇଛି। ସେହିପରି ପ୍ରଯୋଜନା, ନିର୍ଦ୍ଦେଶନା ସହିତ ମୁଖ୍ୟ ନାୟକ ଭୂମିକାରେ ସୁରେନ୍ ମହାପାତ୍ର ନଜର ଆସୁଛନ୍ତି। ଏହି ଚଳଚ୍ଚିତ୍ର ଏକ ସାମାଜିକ ବାର୍ତ୍ତା ନେଇ ଆସୁଥିବା ସୁରେନ୍ ପ୍ରକାଶ କରିଛନ୍ତି। ■



ତାରକା ବହୁଳ ସିନେମା

# 'ଦଣ୍ଡକାଳୀ'

ଗଞ୍ଜାମ ପ୍ରସିଦ୍ଧ ମା' ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ଉପରେ ଆଧାରିତ ନୂଆ ଓଡ଼ିଆ ସିନେମା 'ଦଣ୍ଡକାଳୀ' ଗଣେଶ ପୂଜା ଅବସରରେ ପ୍ରେକ୍ଷାଳୟକୁ ଆସିବ। ତେବେ ସିନେମାଟିକୁ ତାରକା ବହୁଳ ବୋଲି କୁହାଯାଉଛି। କାରଣ ସିନେମାର ବିଭିନ୍ନ ଚରିତ୍ରରେ ବହୁ ଲୋକପ୍ରିୟ କଳାକାରଙ୍କୁ ଦେଖିବାକୁ ମିଳିବ। ଏଥିରେ ମହାଶ୍ୱେତା, ସିଦ୍ଧାନ୍ତ, ସୂର୍ଯ୍ୟମୟୀ, ଚିତ୍ରସେନ ଘୋଷ, ତୃପ୍ତି ମୀରାମ୍ବିକା, ଉଷସୀ ମିଶ୍ର, କ୍ରିଷ୍ଟା କର, ଏଲି ପାଢ଼ି, ଚୌଧୁରୀ ଜୟ ପ୍ରକାଶ, ପ୍ରୀତି ରଂଜନ ପ୍ରଧାନ, ମଧୁସୂଦନ ମିଶ୍ର, ଶ୍ରୀଧର ମହାନ୍ତ, ଅମର ମହାପାତ୍ର, ନିହାର ସାମଲ, ରଜନୀ ପ୍ରମୁଖ ଅଭିନୟ କରିଛନ୍ତି। ସେହିପରି ଶିଶୁ କଳାକାର ଭାବେ ହଂସରାଜ ଓ ଧୁନଙ୍କୁ ଦେଖିବାକୁ ମିଳିବ। 'ରାଜଶ୍ରୀ ସିନେ କ୍ରାଫ୍ଟ' ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ପ୍ରଯୋଜନାରେ ଅଛନ୍ତି ରାଜଶ୍ରୀ ଘୋଷ। ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ରଚନା କରିଛନ୍ତି ଅଭିସିକ୍ତ ମିଶ୍ର। ସଂଳାପ ଓ ଚିତ୍ରନାଟ୍ୟରେ ଦିଲ୍ଲୀପ ଚୌଧୁରୀ ଥିବା ବେଳେ ସଂଗୀତରେ ଅଛନ୍ତି ପ୍ରେମ ଆନନ୍ଦ। ସିନେମାର ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ନିର୍ମଳ ନାୟକ। ଏଥିରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ନାୟକ ଓ ଦିବ୍ୟା ସାମଲ। 'ଦଣ୍ଡକାଳୀ' ଦର୍ଶକଙ୍କ ହୃଦୟ ଜିଣିବାରେ ସଫଳ ହେବ ବୋଲି ପ୍ରଯୋଜନା ସଂସ୍ଥା ଆଶା କରୁଛନ୍ତି। ■



# ମନ ମୋହିବ 'ମଧୁମାଳତୀ'

ଭଲପାଇବା ହୁଏତ ସମସ୍ତଙ୍କ ଭାଗ୍ୟରେ ଥାଏ। ହେଲେ ନିଜ ଭଲପାଇବାକୁ ପାଇବା ସମସ୍ତଙ୍କ ଭାଗ୍ୟରେ ନ ଥାଏ। ସମୟ ଆଉ ସମାଜର ସର୍ତ୍ତ ଆଉ ସୀମାରେଖାକୁ ଡେଇଁ ନିଜ ପ୍ରେମକୁ ଖୋଜିପାଇଥିବା ଦୁଇଟି ହୃଦୟର କାହାଣୀ 'ମଧୁମାଳତୀ।' ନିକଟରେ 'ଔରୋଶ୍ରୀ ଫିଲ୍ମସ' ପକ୍ଷରୁ ସିନେମାର ଶୀର୍ଷକ 'ମଧୁମାଳତୀ' ଘୋଷଣା କରାଯାଇଥିବା ବେଳେ ଏହାର ମୁଖ୍ୟ ଭୂମିକାରେ ପ୍ରଥମଥର ପାଇଁ ବଲିଉଡ୍ ଅଭିନେତା ସଞ୍ଜୟ ମିଶ୍ରା ଓ ମହାଶ୍ୱେତା ରାୟଙ୍କୁ ଦେଖିବାକୁ ମିଳିବ। ଅନ୍ୟାନ୍ୟ ଭୂମିକାରେ ଆକାଶ, ଭୂମିକା, ପ୍ରଜ୍ଞା, ସନୋଜ୍,କେକେ, ଶୁଭ୍ରାଂଶୁ, ପ୍ରଶାନ୍ତ , ଭାସ୍ୱତୀ ପ୍ରମୁଖ ରହିଥିବା ବେଳେ ସିନେମାର ପ୍ରଯୋଜକ ରହିଛନ୍ତି ଅଶୋକ ପାଢ଼ୀ ଓ ବ୍ରଜକିଶୋର ମିଶ୍ର। ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ ଓ ସିନେମାର ନିର୍ଦ୍ଦେଶନାର ଦାୟିତ୍ୱ ତୁଲାଇଛନ୍ତି ମୃତ୍ୟୁଞ୍ଜୟ ସାହୁ। ଏହି ସିନେମାର ଗୀତଗୁଡ଼ିକରେ ଅସୀମା, ଅନ୍ତରା, ଜ୍ୟୋତିର୍ମୟୀ, ସତ୍ୟଜିତ୍‌ଙ୍କ ସହ କଣ୍ଠଦାନ କରୁଛନ୍ତି ବର୍ଷୀୟାନ୍ ଗାୟିକା ତୃପ୍ତି ଦାସ। ଏକ ନିଆରା ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ 'ମଧୁମାଳତୀ' ସିନେମା ଦଶହରାରେ ମୁକ୍ତିଲାଭ କରିବାକୁ ପ୍ରସ୍ତୁତ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ■

## ପରଦା ପଛର କାହାଣୀ

# ଅଭିନୟ ନୁହେଁ, ସତରେ ଝରି ଥିଲା ଆଖିରୁ ଲୁହ

'ହମାରି ଅଧୁରୀ କାହାନୀ' ଫିଲ୍ମରେ ଇମ୍ରାନ୍ ହାସମୀଙ୍କୁ ଭିନ୍ନ ଏବଂ ଭାବପ୍ରବଣ ଚରିତ୍ରରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମରେ ସେ ରୋମାଣ୍ଟିକ୍ ଅନ୍ଦାଜ ଛାଡ଼ି ଏକ ଗମ୍ଭୀର ସମ୍ବେଦନଶୀଳ ଚରିତ୍ରରେ ଅଭିନୟ କରିଥିଲେ। ନିକଟରେ ତାଙ୍କ ପତ୍ନୀ ପରବିନ୍ ହାସମୀ ଏହି ଫିଲ୍ମ ସହ ଜଡ଼ିତ ଭାବପ୍ରବଣ ଦୃଶ୍ୟ ସଂପର୍କରେ ପ୍ରକାଶ କରିଥିଲେ। ଏହି ସିନେମାର ଏକ ଦୃଶ୍ୟରେ ସତରେ ଇମ୍ରାନ୍ କାନ୍ଦି ପକାଇ ଥିଲେ। ପରବିନ୍‌ଙ୍କ କହିବାନୁଯାୟୀ ଇମ୍ରାନ୍ ଏହି ଫିଲ୍ମ ସୁଟିଂ କରିବା ସମୟରେ ବ୍ୟକ୍ତିଗତ ଜୀବନରେ ଅନେକ ଦୁଃଖ କଷ୍ଟ ଯନ୍ତ୍ରଣା ଦେଇ ଗତି କରୁଥିଲେ। ସାମାଜିକ ଗଣମାଧ୍ୟମରେ ସେ 'ହମାରି ଅଧୁରୀ କାହାନୀ' ଫିଲ୍ମ ଗୀତ ସେୟାର୍ କରି ସେହି ଦୁଃଖଦ ସମୟର ଘଟଣାକୁ ବ୍ୟକ୍ତ କରିଥିଲେ। ଇମ୍‌ରାନ୍ ଏହି ଫିଲ୍ମ ସୁଟିଂ ପାଇଁ ଯିବା ସମୟରେ ପୁଅ ଆୟାନର କ୍ୟାନସର୍ ଟ୍ରିଟମେଣ୍ଟ ଜାରି ରହିଥିଲା। ଅନିଚ୍ଛା ସତ୍ତ୍ୱେ ଇମ୍ରାନ୍ ନିଜ ରୋଗାକ୍ରାନ୍ତ ପୁଅକୁ ଘରେ ପରିବାର ଲୋକଙ୍କ ସହ ଛାଡ଼ି ସୁଟିଂ କରିବାକୁ ଯାଉଥିଲେ। ଅନ୍‌ସ୍କ୍ରିନ୍‌ରେ ମଧ୍ୟ ସେ ନିଜେ ଅନେକ ଦୁଃଖକଷ୍ଟ ଦେଇ ଗତି କରୁଥିଲେ। ଏପରିକି ପରଦାରେ କାନ୍ଦୁଥିବା ଦୃଶ୍ୟ ମଧ୍ୟ ଅଭିନୟ ନଥିଲା। ଅନେକ ସମୟରେ ଏହି ଭାବପ୍ରବଣ ଦୃଶ୍ୟ ମାଧ୍ୟମରେ ମନ ଭିତରେ ଚାପି ରହିଥିବା ଦୁଃଖ, କଷ୍ଟ ଯନ୍ତ୍ରଣା ବାହାରି ଆସିଥିଲା। ମୋହିତ ସୁରୀଙ୍କ ନିର୍ଦ୍ଦେଶିତ ଏହି ସିନେମା ୨୦୧୫ ମସିହାରେ ମୁକ୍ତିଲାଭ କରିଥିଲା। ଏଥିରେ ଇମରାନ୍ ହାସ୍‌ମୀଙ୍କ ସହ ବିଦ୍ୟାବାଲନ୍, ରାଜକୁମାର ରାଓ ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ। ମହେଶ ଭଟ୍ଟ ଏହାର ପ୍ରଯୋଜନା ଦାୟିତ୍ୱ ବହନ କରିଥିଲେ। ଏହାର କାହାଣୀ ମହେଶ ଭଟ୍ଟଙ୍କ ପିତାମାତାଙ୍କ ରିଅଲ୍ ଲାଇଫ୍ ଲଭ୍ ଷ୍ଟୋରୀ ଉପରେ ଆଧାରିତ। ଜଣେ ସିଙ୍ଗଲ୍ ମଦର ଏବଂ ଧନୀ ବ୍ୟବସାୟୀ ଆରବଙ୍କୁ ନେଇ ଏହାର କାହାଣୀ ଗତିଶୀଳ ହୋଇଛି। ଏହି ଫିଲ୍ମକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ■



## ସାକ୍ଷାତକାର

# "ମଡେଲିଂ ଓ ଅଭିନୟ ମୋ ଜୀବନର ଅବିଚ୍ଛେଦ୍ୟ ଅଂଶ"

**ହନି ଏସ୍.ସିଂ, ଅଭିନେତ୍ରୀ-ମଡେଲ୍**

ଓଡ଼ିଆ ସିନେ ଜଗତରେ ନିଜର ଚମତ୍କାର ଅଭିନୟ ମାଧ୍ୟମରେ ଦର୍ଶକଙ୍କ ହୃଦୟ ସେ ଜିତିଥିଲେ। ଅଭିନୟ, ବିଜ୍ଞାପନ, ମଡେଲିଂ କ୍ଷେତ୍ରରେ ନିଜକୁ ପ୍ରମାଣିତ କରିବା ପରେ ଏବେ ସେ ଜାତୀୟସ୍ତରର ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ଆଣିଛନ୍ତି ଗୌରବ। ଢେଙ୍କାନାଳର ହନି ଏସ୍.ସିଂ ପେସାରେ ଜଣେ ବ୍ୟବସାୟୀ। ହେଲେ ନିଶା ତାଙ୍କର ମଡେଲିଂ କରିବା। ଓଡ଼ିଆ ଝିଅ ହିସାବରେ ନିଜ ମାଟି ପାଇଁ କିଛି ଭିନ୍ନ କରିବା ଉଦ୍ଦେଶ୍ୟରେ ସେ ପୁଣେର ହାୟାତରେ ଆୟୋଜିତ 'ମିସେସ୍ ଇଣ୍ଡିଆ ଇମ୍ପ୍ରେସ୍ ଅଫ୍ ଦ ନେସନ୍' ପ୍ରତିଯୋଗିତାରେ ଭାଗ ନେଇ 'ଗୋଲ୍ଡ କ୍ୟାଟେଗୋରି ମିସେସ୍ ଗ୍ଲାମର ଆଣ୍ଡ ମିସେସ୍ ଇଣ୍ଡିଆ'ର ସେକେଣ୍ଡ ରନର୍ସ ଅପ୍ ହୋଇଛନ୍ତି। ତେବେ ଗ୍ଲାମର ଦୁନିଆରେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିବା ହନିଙ୍କ ଯାତ୍ରା କେତେ ସହଜ ଥିଲା ଜାଣିବା ତାଙ୍କ ମୁହଁରୁ...।




**ଅଭିନୟ ଦୁନିଆକୁ କେମିତି ଆସିଲେ?**

- ପିଲାଦିନରୁ ଅଭିନେତ୍ରୀ ହେବାକୁ ସ୍ୱପ୍ନ ଦେଖିଥିଲି। ଏଥିପାଇଁ କୋର୍ସ ବି କରିଛି। ଏକ ଧାରାବାହିକ ଜରିଆରେ ମୁଁ ରଙ୍ଗିନ ଦୁନିଆରେ ପାଦ ଥାପିଥିଲି। ପରେ ପରେ ଏକାଧିକ ବିଜ୍ଞାପନ, ମ୍ୟୁଜିକ୍ ଭିଡିଓରେ କାମ କରିଛି। 'ସୁନାଝିଅ', 'ଅଦିନ ବରଷା' ଆଦି ମ୍ୟୁଜିକ୍ ଭିଡିଓ ମୋର ବେଶ୍ ହିଟ୍ ହୋଇଛି। କେବଳ ସେତିକି ନୁହେଁ, ଭଗବାନଙ୍କ ଆଶୀର୍ବାଦରୁ 'ମନେ ରହିବ ଏ ପ୍ରେମ କାହାଣୀ' ଓ 'ସନ୍ଦେହୀ ପ୍ରିୟତମା' ପରି ସିନେମାରେ ମଧ୍ୟ କାମ କରିଛି। ଏହି ଦୁଇଟି ସିନେମାରେ ସେକେଣ୍ଡ ଲିଡ୍ ଚରିତ୍ରକୁ ବେଷ୍ଟ ଦେଇଥିଲି। ଏହା ଦର୍ଶକୀୟ ଆଦୃତି ହୋଇଛି।

**ଅଭିନୟ ସହିତ ମଡେଲିଂକୁ କାହିଁକି ବାଛିଲେ?**

- ଅଭିନୟ କରିବା ସହିତ ମୋର ନିଜସ୍ୱ ବ୍ୟବସାୟ ରହିଛି। ଅଭିନେତ୍ରୀ ଭାବେ ଦର୍ଶକଙ୍କ ଭଲପାଇବା ପାଇବା ପରେ ସୌଭାଗ୍ୟବଶତଃ ମୋତେ ମଡେଲିଂ କରିବାକୁ ସୁଯୋଗ ମିଳିଥିଲା।

**ଜାତୀୟସ୍ତରରେ 'ଗୋଲ୍ଡ କ୍ୟାଟେଗୋରି ମିସେସ୍ ଗ୍ଲାମର ଆଣ୍ଡ ମିସେସ୍ ଇଣ୍ଡିଆ' ସଫଳତା ହାସଲ କରିବାରେ ଆପଣଙ୍କ ଅନୁଭୂତି?**

- 'ଡିଭା ପେଜେଣ୍ଟ' ତରଫରୁ 'ମିସେସ୍ ଇଣ୍ଡିଆ ଇମ୍ପ୍ରେସ୍ ଅଫ୍ ଦ ନେସନ'ର ସିଜନ-୭ର 'ଗୋଲ୍ଡ କ୍ୟାଟେଗୋରି ମିସେସ୍ ଗ୍ଲାମର ଆଣ୍ଡ ମିସେସ୍ ଇଣ୍ଡିଆ'ରେ ସେକେଣ୍ଡ ରନର୍ସ ଅପ୍ ହେବା ବହୁତ ଗର୍ବର ବିଷୟ। କାରଣ ଜାତୀୟସ୍ତରରେ ଆୟୋଜିତ ଏହି ପ୍ରୋଗ୍ରାମରେ ବିଭିନ୍ନ ରାଜ୍ୟର ପ୍ରତିଯୋଗୀଙ୍କ ସହିତ ଓଡ଼ିଶା ତରଫରୁ ମୁଁ ପ୍ରତିନିଧିତ୍ୱ କରିଥିଲି। ଏଥିପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିଥିଲା। ସାଧାରଣତଃ ବିବାହ ପରେ ଅନେକ ମହିଳା ସାଂସାରିକ ଜୀବନରେ ନିଜ ପ୍ରତିଭାକୁ ଲୋକଲୋଚନକୁ ଆଣିପାରନ୍ତିନି। ଏହା ମୋତେ ଗଭୀର ଭାବେ ଦୁଃଖ ଦେଉଥିଲା। ସେମିତି ବି ମିସେସ୍‌ଙ୍କ ପାଇଁ ଓଡ଼ିଶାରେ ସେମିତି କିଛି ସୁଯୋଗ ନାହିଁ। ତେଣୁ ଏପରି ଏକ ପ୍ରତିଯୋଗିତାରେ ଭାଗ ନେବାକୁ ମନସ୍ଥ କରି କଠିନ ପରିଶ୍ରମ କରିଥିଲି। ଆଉ ଟାଇଟଲ୍ ହାସଲ କରିଥିଲି। ଏହା ମୋ ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ। ମହିଳାମାନେ ନିଶ୍ଚିତ ଏଥିରୁ ପ୍ରେରଣା ପାଇବେ।

**ମଡେଲିଂ ସହିତ ଅଭିନୟ ଜାରି ରହିବ?**

- ନିଶ୍ଚିତ। ଭବିଷ୍ୟତରେ ଯେଉଁ ବି ଚରିତ୍ର ମିଳିବ ତାହାକୁ ଜୀବନ୍ତ କରିବାକୁ ଆପ୍ରାଣେ ଚେଷ୍ଟା କରିବି। ତା' ସହିତ ଆଗାମୀ ଦିନରେ ମୁଁ ଅନ୍ତର୍ଜାତୀୟସ୍ତରରେ ମିସେସ୍ ପେଜେଣ୍ଟ ପ୍ରତିଯୋଗିତାରେ ଭାଗ ନେବାକୁ ଲକ୍ଷ୍ୟ ରଖିଛି। ତେବେ ମଡେଲିଂ ଓ ଅଭିନୟ ମୋ ଜୀବନର ଅବିଚ୍ଛେଦ୍ୟ ଅଂଶ ହୋଇରହିବ।

**ଆପଣଙ୍କ ସୌନ୍ଦର୍ଯ୍ୟର ରାଜ୍ କ'ଣ?**

- ମୋ ମତରେ 'ବାହ୍ୟ ରୂପ ଅପେକ୍ଷା ମନର ପବିତ୍ରତା ଏବଂ ଭଲ ଚିନ୍ତାଧାରା ହିଁ ପ୍ରକୃତ ସୌନ୍ଦର୍ଯ୍ୟ। କାରଣ ମନରେ ସକାରାତ୍ମକ ଚିନ୍ତାଧାରା ହିଁ ଜଣଙ୍କୁ ସୁନ୍ଦର କରିଥାଏ। ତେଣୁ ମୋର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ମୁଁ ସକାଳୁ କିଛି ସମୟ ଧ୍ୟାନ କରେ। ସକାରାତ୍ମକ ଚିନ୍ତାଧାରା ଓ ନିଜ ଉପରେ ବିଶ୍ୱାସ ରଖି ମୋର କର୍ମ କରେ।

**ଫୁରସତ୍ ସମୟରେ କ'ଣ କରନ୍ତି?**

- ଅଭିନୟ ଓ ମଡେଲିଂକୁ ବାଦ୍ ଦେଲେ ମୁଁ ଜଣେ ବ୍ୟବସାୟୀ। ବ୍ୟବସାୟକୁ କିପରି ଆଗକୁ ବଢ଼ାଇବି ତାହାକୁ ଗୁରୁତ୍ୱ ଦିଏ। ଏହା ସହିତ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ରୁହେ।

**ଅଭିନୟ କି ମଡେଲିଂ କ୍ଷେତ୍ରକୁ ଆସୁଥିବା ବ୍ୟକ୍ତିଙ୍କୁ କ'ଣ କହିବେ?**

- ନିଜ ଭିତରେ ଆତ୍ମବିଶ୍ୱାସ ରଖିବା ସହ ଆଧ୍ୟାତ୍ମିକତାକୁ ଯୋଡ଼ିବା ଦରକାର। ଏହା ସହିତ ସଫଳତା ହାସଲ କରିବାକୁ ଶୃଙ୍ଖଳିତ ରହିବା ନିହାତି ଆବଶ୍ୟକ। ■

ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍‌ରେ ପ୍ରତିଶୋଧ

# ନେଦରଲ୍ୟାଣ୍ଡସକୁ ହରାଇ ଆର୍ଜେଣ୍ଟିନା ଚାମ୍ପିଅନ



ଆମଷ୍ଟଲଭିନ୍,୨୯।୮ (ଏଜେନ୍ସି)

ଗତ ୩ଥରର ଚାମ୍ପିଅନ ତଥା ଆୟୋଜକ ନେଦରଲ୍ୟାଣ୍ଡସକୁ ହରାଇ ଆର୍ଜେଣ୍ଟିନା ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଶନିବାର ଏଠାରେ ଅନୁଷ୍ଠିତ ଫାଇନାଲ ମୁକାବିଲାର ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ସମାନ ସ୍ତରରେ ରହିଥିଲା। ଫଳାଫଳ ନିର୍ଣ୍ଣୟ ଲାଗି ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଆର୍ଜେଣ୍ଟିନାର ଗୋଲରକ୍ଷକ କ୍ରିଷ୍ଟିନା କୋସେଣ୍ଟିନା ୩ଟି ପେନାଲ୍ଟି ସଟ୍‌କୁ ସେଭ୍ କରି ଦଳର ହିରୋଇନ୍ ସାବ୍ୟସ୍ତ ହେବା ସହ ଦଳକୁ ଚାମ୍ପିଅନ କରାଇଥିଲେ। ଆର୍ଜେଣ୍ଟିନା ପେନାଲ୍ଟି ସୁଟ୍‌ଆଉଟରେ ଫାଇନାଲ ମୁକାବିଲାକୁ ୩-୧ ଗୋଲରେ ଜିତିନେଇଥିଲା। ଏହି ବିଜୟ ସହ ଆର୍ଜେଣ୍ଟିନା ଗତଥରର ବିଶ୍ୱକପ୍ ଫାଇନାଲରେ ନେଦରଲ୍ୟାଣ୍ଡସଠାରୁ ୩-୧ ଗୋଲରେ ପରାଜୟ ବରଣ କରିବାର ପ୍ରତିଶୋଧ ନେଇଛି। ଏହି ବିଜୟ ସହ ଆର୍ଜେଣ୍ଟିନା ୬ଥର ଫାଇନାଲରେ ପ୍ରବେଶ କରି ତୃତୀୟଥର ଚାମ୍ପିଅନ ହୋଇଛି। ଅନ୍ୟପକ୍ଷରେ ନେଦରଲ୍ୟାଣ୍ଡସ ୧୪ଥର ଫାଇନାଲରେ ପ୍ରବେଶ କରି ୫ମଥର ରନର୍ସ ଅପ୍ ହୋଇଛି। ପୂର୍ବରୁ ଅନୁଷ୍ଠିତ ମୁକାବିଲାରେ ଅଷ୍ଟ୍ରେଲିଆକୁ ୧-୦ ଗୋଲରେ ହରାଇ ଯୁଗ୍ମ ଆୟୋଜକ ବେଲଜିୟମ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ଜର୍ମାନୀକୁ ୩-୧ ଗୋଲରେ ହରାଇ ଭାରତ ୫ମ ସ୍ଥାନରେ ରହିଛି। ନେଦରଲ୍ୟାଣ୍ଡସ ଜିବି ଜାନ୍‌ସେନ୍ ୮ଟି ଗୋଲ ଦେଇ ଟୁର୍ଣ୍ଣାମେଣ୍ଟର ଟପ୍ ଗୋଲ ସ୍କୋରର ହୋଇଛନ୍ତି।

**ମହିଳା ହକି ବିଶ୍ୱକପ୍ ଚୂଡାନ୍ତ ସ୍ଥାନ**

୧-ଆର୍ଜେଣ୍ଟିନା, ୨-ନେଦରଲ୍ୟାଣ୍ଡସ, ୩- ବେଲଜିୟମ, ୪-ଅଷ୍ଟ୍ରେଲିଆ, ୫-ଭାରତ, ୬-ଜର୍ମାନୀ, ୭- ସ୍ପେନ୍, ୮-ଚୀନ୍, ୯-ଇଂଲଣ୍ଡ, ୧୦-ଆମେରିକା, ୧୧-ଜାପାନ, ୧୨-ସ୍କଟଲାଣ୍ଡ, ୧୩-ଆୟର୍ଲାଣ୍ଡ, ୧୪- ଦକ୍ଷିଣ ଆଫ୍ରିକା, ୧୫-ନ୍ୟୁଜିଲାଣ୍ଡ, ୧୬- ଚିଲି।

## ମହିଳା ହକି ବିଶ୍ୱକପ୍: ପ୍ରତ୍ୟେକ ଭାରତୀୟ ଖେଳାଳିଙ୍କୁ ୨ ଲକ୍ଷ ପୁରସ୍କାର

ନୂଆଦିଲ୍ଲୀ,୨୯।୮ (ଏଜେନ୍ସି): ନେଦରଲ୍ୟାଣ୍ଡସ ଓ ବେଲଜିୟମରେ ଚାଲିଥିବା ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ରେ ଜର୍ମାନୀକୁ ୩-୧ ଗୋଲରେ ପରାସ୍ତ କରି ଭାରତୀୟ ମହିଳା ଦଳ ୫ମ ସ୍ଥାନ ଅଧିକାର କରିଛି। ୧୯୭୪ରେ ଅନୁଷ୍ଠିତ ପ୍ରଥମ ବିଶ୍ୱକପ୍‌ରେ ଭାରତ ଚତୁର୍ଥସ୍ଥାନ ଅଧିକାର କରିଥିଲା। ଏହା ପରେ ଦଳ ଆଉ ସେମିଫାଇନାଲରେ ପ୍ରବେଶ କରିପାରିନାହିଁ। ଏହି ୫୧ ବର୍ଷ ମଧ୍ୟରେ ଭାରତ ଏଥର ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଏହି ସଫଳତା ଲାଗି ହକି ଇଣ୍ଡିଆ ପକ୍ଷରୁ ପ୍ରତ୍ୟେକ ଖେଳାଳିଙ୍କୁ ୨ ଲକ୍ଷ ଲେଖାଏଁ ଟଙ୍କା ପୁରସ୍କାର ପ୍ରଦାନ କରିବାକୁ ସଭାପତି ଦିଲୀପ ତିର୍କୀ ଘୋଷଣା କରିଛନ୍ତି। ଖେଳାଳିଙ୍କ ବ୍ୟତୀତ ଅନ୍ୟ ସମସ୍ତ ସପୋର୍ଟ ଷ୍ଟାଫ୍‌ଙ୍କୁ ୧ ଲକ୍ଷ ଲେଖାଏଁ ଟଙ୍କା ଦେବାକୁ ମଧ୍ୟ ତିର୍କୀ ଘୋଷଣା କରିଛନ୍ତି।

ଏହି ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳ ୬ଟି ମ୍ୟାଚ୍ ଖେଳି କେବଳ ନେଦରଲ୍ୟାଣ୍ଡସ ନିକଟରୁ ଗୋଟିଏ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଏହା ବ୍ୟତୀତ ଶକ୍ତିଶାଳୀ ଦଳ ଚୀନ୍, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ୍ ଡ୍ର ରଖିଥିଲା। ପୁଲ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକାକୁ ହରାଇଥିବା ଭାରତ ଶେଷ ମୁକାବିଲାରେ ଜର୍ମାନୀକୁ ପରାସ୍ତ କରି ୫ମ ସ୍ଥାନ ଅଧିକାର କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସେମିଫାଇନାଲ ପ୍ରବେଶର ନିକଟତର ହୋଇଥିଲା। କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ୍ ଜିତି ନ ପାରି ସେମିଫାଇନାଲକୁ ଯାଇ ପାରି ନ ଥିଲା।

● ପୁରୁଷ ହକି ବିଶ୍ୱକପ ଫାଇନାଲ ଆଜି

## କଳିଙ୍ଗ ସଫଳତା ଦୋହରାଇବା ଲକ୍ଷ୍ୟରେ ଜର୍ମାନୀ

ୱାଭରେ, ୨୯।୮ (ଏଜେନ୍ସି): ପୁରୁଷ ହକି ବିଶ୍ୱକପର ଷୋଡ଼ଶ ସଂସ୍କରଣର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ଦୁଇ ୟୁରୋପୀୟ ପାୱାର ହାଉସ ତଥା ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ଓ ସ୍ପେନ ମଧ୍ୟରେ ରବିବାର ଟାଇଟଲ୍ ପାଇଁ ଲଢ଼େଇ ହେବ। ଗତକାଲି ଖେଳାଯାଇଥିବା ଦୁଇଟିଯାକ ସେମିଫାଇନାଲରେ ସ୍ପେନ ଓ ଜର୍ମାନୀ ବିଜୟୀ ହୋଇ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଆମଷ୍ଟେଲଭିନରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସ୍ପେନ ୪-୩ ଗୋଲରେ ସହ-ଆୟୋଜକ ତଥା ଘରୋଇ ନେଦରଲ୍ୟାଣ୍ଡସକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ନେଦରଲ୍ୟାଣ୍ଡସ ଏକଦା ତୃତୀୟ କ୍ୱାର୍ଟର ପର୍ଯ୍ୟନ୍ତ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। କିନ୍ତୁ ବିଶ୍ୱର ୫ମ ମାନ୍ୟତା ଦଳ ସ୍ପେନ ଶେଷ ୨୦ ମିନିଟରେ ୪ଟି ଗୋଲ୍ ଦେଇ ମ୍ୟାଚକୁ ବାଜିମାତ୍ କରିନେଇଥିଲା। ଜୋଶ ମାରିଆ ବାଷ୍ଟେରା ହ୍ୟାଟ୍ରିକ ଗୋଲ୍ ଦେଇ ସ୍ପେନକୁ ଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ଜର୍ମାନୀ ଅନ୍ୟ ଏକ ସେମିଫାଇନାଲରେ ୨-୧ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିଥିଲା। ଜର୍ମାନୀ ଫାଇନାଲରେ ବିଜୟୀ ହେଲେ କ୍ରମାଗତ ଦ୍ୱିତୀୟ ଓ ମୋଟ୍ ଉପରେ ଚତୁର୍ଥଥର ଲାଗି ଚାମ୍ପିଅନ ହେବ। ୨୦୨୩ରେ ଭୁବନେଶ୍ୱରରେ ଅନୁଷ୍ଠିତ ଗତ ସଂସ୍କରଣ ଫାଇନାଲରେ ବେଲ୍‌ଜିୟମକୁ ସୁଟଆଉଟରେ ହରାଇ ଜର୍ମାନୀ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ଭାରତୀୟ ପୁରୁଷ ହକି ଦଳ ଗତକାଲି ବେଲ୍‌ଜିୟମଠାରୁ ହାରି ୯ମ ସ୍ଥାନ ହାସଲ କରିଥିଲା।

| ଆଜିର ଚୂଡାନ୍ତ ମୁକାବିଲା |
| --- |
| **ତୃତୀୟ ସ୍ଥାନ** |
| ନେଦରଲ୍ୟାଣ୍ଡସ-ଆର୍ଜେଣ୍ଟିନା |
| ୱାଭରେ, ଅପରାହ୍ଣ ୫ଟା ୩୦ |
| **ଫାଇନାଲ** |
| ସ୍ପେନ୍-ଜର୍ମାନୀ |
| ୱାଭରେ, ରାତି ୮ଟା |
| **ପ୍ରସାରଣ** |
| ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓହଟ୍‌ଷ୍ଟାର |

● ଏସୀୟ କ୍ରୀଡ଼ା ପୂର୍ବରୁ ଭାରତକୁ ବଡ଼ ଝଟ୍‌କା

## ଆଘାତ ଲାଗି ଓହରିଲେ ନୀରଜ

ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ଏସିଆ ମହାଦେଶର ସବୁଠୁ ବଡ଼ କ୍ରୀଡ଼ା ପ୍ରତିଯୋଗିତା ଏସୀୟ କ୍ରୀଡ଼ାର ୨୦ତମ ସଂସ୍କରଣ ସେପ୍ଟେମ୍ବର ୧୯ରୁ ଜାପାନରେ ଆରମ୍ଭ ହେବାକୁ ଯାଉଛି। ତେବେ ଏହାର ୩ ସପ୍ତାହ ପୂର୍ବରୁଭ ଭାରତକୁ ବଡ଼ ଝଟକା ଲାଗିଛି। ଭାରତର ଷ୍ଟାର ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ଆଘାତଜନିତ ସମସ୍ୟା ଲାଗି ଏହି ସମ୍ମାନଜନକ ମହାଦେଶୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ। ଡିଫେଣ୍ଡିଂ ଚାମ୍ପିଅନ ନୀରଜ ନିଜେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶନିବାର ଏହା ସ୍ପଷ୍ଟ କରିଛନ୍ତି। ସେ ମଧ୍ୟ ଡାଇମଣ୍ଡ ଲିଗ୍ ଫାଇନାଲରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ନୀରଜ ତାଙ୍କ ଆଘାତ ଏବଂ ସିଜନର ଅବଶିଷ୍ଟ ପ୍ରତିଯୋଗିତାରୁ ଓହରିଯାଇଥିବା ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩ ଏସୀୟ କ୍ରୀଡ଼ାରେ ନୀରଜ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଚୀନ୍‌ର ହାଙ୍ଗଝୁରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସେ ୮୮.୮୮ ମିଟର ଜାଭେଲିନ ଫିଙ୍ଗିଥିଲେ। ଏଥିରେ କିଶୋର ଜେନା ରୌପ୍ୟ ପଦକ ଜିତିଥିଲେ। ଫଳରେ ପୁରୁଷ ଜାଭେଲିନ୍ ପ୍ରତିଯୋଗିତାରେ ଭାରତ ଡବଲ ପୋଡିୟମ୍ ଫିନିଶ୍ ହାସଲ କରିଥିଲା।

## କାରିବୀୟାନ ପ୍ରିମିୟର ଲିଗ୍ ଖେଳିବେ ୪ ଭାରତୀୟ

ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ମହିଳା କାରିବୀୟାନ ପ୍ରିମିୟର ଲିଗ୍ (ଡବ୍ଲ୍ୟୁସିପିଏଲ୍) ଖେଳିବାକୁ ୪ଜଣ ଭାରତୀୟ କ୍ରିକେଟର୍ ଚୁକ୍ତି କରିଛନ୍ତି। ସେମାନେ ହେଲେ ଅଲ୍‌ରାଉଣ୍ଡର ପୂଜା ବସ୍ତ୍ରାକାର, ବ୍ୟାଟର୍ କିରନ ନାଭଗିରେ, ୱିକେଟ୍‌କିପର ୟସ୍ତିକା ଭାଟିଆ ଓ ଦ୍ରୁତ ବୋଲର ଶିଖା ପାଣ୍ଡେ। ଡବ୍ଲ୍ୟୁସିପିଏଲର ଫ୍ରାଞ୍ଚାଇଜଗୁଡ଼ିକ ସିଜନ ଆରମ୍ଭ ପୂର୍ବରୁ ସେମାନଙ୍କର ବିଦେଶୀ ଖେଳାଳି ତାଲିକା ପ୍ରକାଶ କରିବା ପରେ ଏହା ସ୍ପଷ୍ଟ ହୋଇଛି। ପୂଜା ଓ କିରନ ଡିଫେଣ୍ଡିଂ ଚାମ୍ପିଅନ୍ ବାର୍ବାଡୋସ୍ ଟ୍ରାଇଡେଣ୍ଟସ୍ ପକ୍ଷରୁ ଖେଳିବାକୁ ଚୁକ୍ତି କରିଛନ୍ତି। ସେହିଭଳି ଶିଖା ଓ ୟସ୍ତିକା ତ୍ରିନବାଗୋ ନାଇଟ୍ ରାଇଡର୍ସ (ଟିକେଆର୍) ଫ୍ରାଞ୍ଚାଇଜ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଗତ ସିଜନରେ ମଧ୍ୟ ଶିଖା ସେହି ସମାନ ଦଳ ପକ୍ଷରୁ ଡବ୍ଲ୍ୟୁସିପିଏଲ୍ ଖେଳିଥିଲେ। କିନ୍ତୁ ୟସ୍ତିକା ପ୍ରଥମଥର ନାଇଟ୍ ରାଇଡର୍ସ ଦଳରେ ସାମିଲ ହୋଇଛନ୍ତି। ସେପ୍ଟେମ୍ବର ୫ରୁ ମହିଳା କାରିବୀୟାନ ପ୍ରିମିୟର ଲିଗ୍ ଆରମ୍ଭ ହେବ। ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଲିଗ୍‌ର ସମସ୍ତ ମ୍ୟାଚ୍ ବାରବାଡୋସର କେନସିଂଟନ୍ ଓଭାଲ୍‌ରେ ଖେଳାଯିବ।

ଏସିଆ କପ୍ ମହିଳା କ୍ରିକେଟ

## ଭାରତର ଅଭିଯାନ ଆଜିଠାରୁ

ଦୁବାଇ,୨୯।୮ (ଏଜେନ୍ସି): ଏଠାରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଏସିଆ କପ୍ ମହିଳା ଟି-୨୦ କ୍ରିକେଟ ପ୍ରତିଯୋଗିତାରେ ଆସନ୍ତାକାଲି ବା ରବିବାର ଥାଇଲାଣ୍ଡ ସହ ମୁକାବିଲାରୁ ଭାରତ ଅଭିଯାନ ଆରମ୍ଭ କରିବ। ଏସିଆ ମହାଦେଶରେ ସବୁଠାରୁ ଶକ୍ତିଶାଳୀ କ୍ରିକେଟ ଦଳ ହୋଇଥିଲେ ମଧ୍ୟ ଭାରତ ଗତଥର ଟାଇଟଲ ଜିତିପାରି ନ ଥିଲା। ଶ୍ରୀଲଙ୍କା ସମସ୍ତଙ୍କୁ ମାତ୍ ଦେଇ ଏହି ଟ୍ରଫି ଜିତିନେଇଥିଲା। ଏବେ ଭାରତର ଖେଳରେ ଯଥେଷ୍ଟ ଉନ୍ନତି ହୋଇଛି, କିନ୍ତୁ ଦଳ ସ୍ଥିର ଖେଳ ପ୍ରଦର୍ଶନ କରିପାରୁ ନାହିଁ। ଏଠାରେ ଏବଂ ଏହା ପରେ ଖେଳାଯିବାକୁ ଥିବା ଏସିଆନ ଗେମ୍ସରେ ସଫଳତା ପାଇବାକୁ ହେଲେ ଭାରତକୁ ସ୍ଥିର ଖେଳ ପ୍ରଦର୍ଶନ କରିବାକୁ ହେବ। ନଚେତ ଦଳ ସେଭଳି କିଛି ସଫଳତା ପାଇବ ବୋଲି ଆଶା କରାଯାଇ ପାରୁ ନାହିଁ। ଜେମିମା ରୋଡ୍ରିଗ୍ସେଜ୍‌ଙ୍କ ପରି ମ୍ୟାଚ୍ ବିଜେତା ଦଳରେ ନାହାନ୍ତି। ଏହା ସତ୍ତ୍ୱେ ଦଳରେ ଏପରି ଅନେକ ଖେଳାଳି ଅଛନ୍ତି, ଯେଉଁମାନେ କି ଏକା ଏକା ମ୍ୟାଚ୍ ଜିତାଇବାର ଦକ୍ଷତା ରଖିଛନ୍ତି। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଦଳ ଏକ ଦଶନ୍ଧି ଧରି ଖେଳିଆସୁଛି। ଏହା ସତ୍ତ୍ୱେ ଦଳ ସ୍ଥିର ଖେଳ ପ୍ରଦର୍ଶନ କରିବାରେ ସମର୍ଥ ହୋଇନାହିଁ। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲାବେଳେ ଏମାନଙ୍କୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି ଓ ଗ୍ରୁପ୍-ଏ'ରେ ଭାରତ ସ୍ଥାନ ପାଇଛି। ଆସନ୍ତାକାଲି ଥାଇଲାଣ୍ଡ ସହ ମୁକାବିଲାରୁ ଭାରତ ଏସିଆ କପ୍ ଟାଇଟଲ ବିଜୟ ଅଭିଯାନ ଆରମ୍ଭ କରିବ। ଏହା ପରେ ସେପ୍ଟେମ୍ବର ୨ରେ ହଂକଂ ଚାଇନା ଓ ସେପ୍ଟେମ୍ବର ୫ରେ ପଡୋଶୀ ପାକିସ୍ତାନ ସହ ଖେଳିବ।

## ବର୍ଷା ଯୋଗୁଁ ତୃତୀୟ ଦିନ ଖେଳ ବାଧାପ୍ରାପ୍ତ

ଲର୍ଡ୍ସ,୨୯।୮ (ଏଜେନ୍ସି): କ୍ରମାଗତ ବର୍ଷା ଲାଗିରହିବାରୁ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟର ତୃତୀୟ ଦିନ ଖେଳ ବାଧାପ୍ରାପ୍ତ ହୋଇଛି। କ୍ରମାଗତ ବର୍ଷା ହେବା ଫଳରେ ତୃତୀୟ ଦିନ ଲଞ୍ଚ ସୁଦ୍ଧା ଗୋଟିଏ ବଲ ବୋଲିଂ ହୋଇ ପାରି ନ ଥିଲା। ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ଇଂଲଣ୍ଡ ୨୯୦ ରନ୍ କରିଥିଲାବେଳେ ଦ୍ୱିତୀୟ ଦିନ ଖେଳରେ ପାକିସ୍ତାନ ୧୧୦ ରନ୍‌ରେ ଅଲଆଉଟ ହୋଇଥିଲା। ଏହା ଫଳରେ ଇଂଲଣ୍ଡ ପ୍ରଥମ ଇନିଂସରେ ୧୮୦ ରନ୍‌ରେ ଆଗୁଆ ରହିଥିଲା। ଲଞ୍ଚ ପରେ ଖେଳ ଆରମ୍ଭ ହୋଇଥିଲା। ଏଥିରେ ଇଂଲଣ୍ଡ ଦ୍ୱିତୀୟ ଇନିଂସର ଅସମାପ୍ତ ସ୍କୋର ୩ ୱିକେଟରେ ୮୧ ରନ୍‌ରୁ ଖେଳ ଆରମ୍ଭ କରିଥିଲା। ପୁନର୍ବାର ବର୍ଷା ଯୋଗୁ ଖେଳ ବନ୍ଦ ରହିବାକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୭ ୱିକେଟ ହରାଇ ୧୭୭ ରନ୍ ସଂଗ୍ରହ କରିନେଇଥିଲା।

● ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ସ୍ନୁକର

## ସୋଏବ୍ ଚାମ୍ପିଅନ, ରୋହିତ ରନର୍ସଅପ୍



ଭୁବନେଶ୍ୱର,୨୯।୮ (ସମିସ): ପଶ୍ଚିମବଙ୍ଗ ତଥା ରେଲୱେ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡର ସୋଏବ ଖାନ୍ ଓ ରୋହିତ ମାଲହୋତ୍ରା ଆଜି ଶେଷ ହୋଇଥିବା ଚତୁର୍ଥ ପ୍ରିୟବ୍ରତ ସ୍ମାରକୀ ପୂର୍ବାଞ୍ଚଳ ଓପନ ୧୦ ରେଡ୍ ସ୍ନୁକର ଚାମ୍ପିଅନସିପରେ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ଆଜି ଅନୁଷ୍ଠିତ ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲରେ ସୋଏବ ୫-୪ ଫ୍ରେମ୍‌ରେ ରୋହିତଙ୍କୁ ପରାସ୍ତ କରିଥିଲେ। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲରେ ସୋଏବ ୪-୧ରେ ଝାଡଖଣ୍ଡର ସୁଶାନ୍ତ ସିହ୍ନାଙ୍କୁ ଓ ରୋହିତ ୪-୦ରେ କଟକର ସିଦ୍ଧାର୍ଥ ସେନଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ପୁରସ୍କାର ବାବଦରେ ଚାମ୍ପିଅନ ସୋଏବଙ୍କୁ ଟ୍ରଫି ସହ ୫୦,୦୦୦ ଟଙ୍କା, ରନର୍ସ ଅପ୍ ରୋହିତଙ୍କୁ ଟ୍ରଫି ସହ ୨୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତା ଶେଷରେ ଆୟୋଜକ ଭୁବନେଶ୍ୱର କ୍ଲବ୍‌ର ସଭାପତି ପ୍ରଦରପ ଜେନା, ସମ୍ପାଦକ ଲଳିତ ଦାସ, କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ତଥା ସ୍ୱର୍ଗତ ପ୍ରିୟବ୍ରତ ପଟ୍ଟନାୟକଙ୍କ ପତ୍ନୀ ଲିପ୍‌ସା ମିଶ୍ର, ଯୁଗ୍ମ ଆୟୋଜକ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ସଂଘ ସମ୍ପାଦକ ସମୀର ଅଲି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଗୋବିନ୍ଦ ଶର୍ମା ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ଆଜିଠୁ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍

ନ୍ୟୁୟର୍କ, ୨୯।୮ (ଏଜେନ୍ସି): ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ର ୧୪୬ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବାକୁଯାଉଛି। ଡିଫେଣ୍ଡିଂ ଚାମ୍ପିଅନ କାର୍ଲୋସ ଆଲ୍‌କାରାଜ, ରେକର୍ଡ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍‌ଙ୍କ ସମେତ ୧୨୮ଜଣ ଖେଳାଳି ପୁରୁଷ ସିଙ୍ଗଲ୍ସରେ ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ସେହିଭଳି ମହିଳା ସିଙ୍ଗଲ୍ସରେ ଡିଫେଣ୍ଡିଂ ଚାମ୍ପିଅନ ଆରିନା ସାବାଲେଙ୍କା'ଙ୍କ ସହ ଦ୍ୱିତୀୟ ସିଡ୍ ଏଲିନା ରବାକିନା, ତୃତୀୟ ସିଡ୍ ଜେସିକା ପେଗୁଲା, ଚତୁର୍ଥ ସିଡ୍ କୋକୋ ଗଫ୍, ପଞ୍ଚମ ସିଡ୍ ମାରିଆ ଆନ୍ଦ୍ରିଭା ପ୍ରମୁଖ ଟାଇଟଲ୍ ଦୌଡ଼ରେ ରହିଛନ୍ତି। ଦୀର୍ଘ ବର୍ଷର ବ୍ୟବଧାନ ପରେ ଟେନିସକୁ ନିକଟରେ ପ୍ରତ୍ୟାବର୍ତ୍ତନ କରିଥିବା ୪୬ ବର୍ଷୀୟା ଭେନସ୍ ୱିଲିୟମ୍ସ ସାଥୀ ଆମେରିକୀୟ ଖେଳାଳି ସୋଫିଆ କେନିନଙ୍କ ସହ ଖେଳି ଅଭିଯାନ ଆରମ୍ଭ କରିବେ। ତେବେ ଏଥର ୟୁଏସ୍ ଓପନ୍‌ର ସିଙ୍ଗଲ୍ସ ମୁଖ୍ୟ ପର୍ଯ୍ୟାୟକୁ ଜଣେ ହେଲେ ଭାରତୀୟ ଖେଳାଳି ଯୋଗ୍ୟତା ଅର୍ଜନ କରି ନ ପାରିବା ନିରାଶ କରିଛି।

ଚଳିତ ବର୍ଷ ୟୁଏସ୍ ଓପନ୍‌ରେ ରେକର୍ଡ ମୋଟ୍ ୧୦୮ ମିଲିୟନ ଡଲାର ପୁରସ୍କାର ରାଶି ପ୍ରଦାନ କରାଯିବ। ଯାହାକି ଭାରତୀୟ ମୁଦ୍ରାରେ ୧୦୩୦ କୋଟି ୬୯ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଟେନିସ କ୍ରୀଡ଼ା ଇତିହାସରେ ଏତେ ବିଶାଳ ପରିମାଣର ପୁରସ୍କାର ରାଶି ପ୍ରଦାନ କରାଯିବାରେ ଏହା ରେକର୍ଡ ହୋଇଛି। ୨୦୨୫ ସଂସ୍କରଣଠାରୁ ଏଥର ମୋଟ୍ ପୁରସ୍କାର ରାଶିରେ ୨୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏଥର ୟୁଏସ୍ ଓପନ୍‌ରେ ପୁରୁଷ ଓ ମହିଳା ସିଙ୍ଗଲ୍ସ ଚାମ୍ପିଅନ ହେବାକୁ ଥିବା ଖେଳାଳିଙ୍କୁ ୫.୫ ମିଲିୟନ ଡଲାର (୫୨ କୋଟି ୪୮ ଲକ୍ଷ ଟଙ୍କା) ଲେଖାଏ ମିଳିବ। ସେହିଭଳି ରନର୍ସଅପ୍ ହୋଇଥିବା ଖେଳାଳି ୨୬ କୋଟି ୭୨ ଲକ୍ଷ ଟଙ୍କା ପାଇବେ।

**ଇତିହାସରେ ରେକର୍ଡ ୧୦୩୦ କୋଟି ପୁରସ୍କାର**

## ଆଜିଠୁ ଦୁଲୀପ୍ ଟ୍ରଫି ସେମିଫାଇନାଲ

ବେଙ୍ଗାଲୁରୁ, ୨୯।୮ (ଏଜେନ୍ସି): ସମ୍ମାନଜନକ ଦୁଲୀପ୍ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୬୩ତମ ସଂସ୍କରଣର ସେମିଫାଇନାଲ ପର୍ଯ୍ୟାୟ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ରଜତ ପାଟିଦାରଙ୍କ ନେତୃତ୍ୱାଧୀନ ଡିଫେଣ୍ଡିଂ ଚାମ୍ପିଅନ କେନ୍ଦ୍ରାଞ୍ଚଳ ଓ ପୂର୍ବାଞ୍ଚଳ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିଭଳି ଗତ ସଂସ୍କରଣର ଉପବିଜେତା ଦକ୍ଷିଣାଞ୍ଚଳ ଦ୍ୱିତୀୟ ସେମିଫାଇନାଲରେ ଉତ୍ତରାଞ୍ଚଳକୁ ଭେଟିବ। ତିଳକ ବର୍ମା ଦକ୍ଷିଣାଞ୍ଚଳ ଦଳର ଅଧିନାୟକ ରହିଛନ୍ତି। ଦୁଇଟି ଯାକ ସେମିଫାଇନାଲ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସିରେ ଖେଳାଯିବ। ଗତ ସଂସ୍କରଣରେ ଫାଇନାଲିଷ୍ଟ ହୋଇଥିବାରୁ ଉଭୟ କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ଏଥର ସିଧାସଳଖ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

## କ୍ରୀଡ଼ା ଦିବସରେ କ୍ରୀଡ଼ା ସାମ୍ବାଦିକ ସମ୍ବର୍ଦ୍ଧିତ




ଭୁବନେଶ୍ୱର,୨୯।୮ (ସମିସ): ଉତ୍କଳ କରାଟେ ସ୍କୁଲର ୪୬ତମ ପ୍ରତିଷ୍ଠା ଦିବସ ଓ ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟର କ୍ରୀଡ଼ା ଓ ଅନ୍ୟ ସାମ୍ବାଦିକମାନଙ୍କ ସହ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍କଳ କରାଟେ ସ୍କୁଲ ପରିସରରେ ଶନିବାର ଆୟୋଜିତ ଉତ୍ସବରେ ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକ ଓ ରାଜନେତା ସମୀର ମହାନ୍ତି ଅତିଥିଭାବେ ଯୋଗ ଦେଇଥିଲେ। ପୁରସ୍କାର ବିଜେତାମାନଙ୍କୁ ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। କ୍ରୀଡ଼ା ସାମ୍ବାଦିକ ତୁଷାର ସେନାପତି, ପ୍ରଫୁଲ୍ଲ ପଟ୍ଟନାୟକ, ଚକ୍ରଧର ମାଝୀ, ଶିବ ମହାନ୍ତି, ଗୌରପ୍ରସାଦ ରାଜଗୁରୁଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏମାନଙ୍କ ସହ କ୍ରୀଡ଼ାବିତ୍‌ମାନଙ୍କୁ ମଧ୍ୟ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

■ ୨୩ ବର୍ଷରୁ କମ୍ ସିଏଚେମ୍ ଟ୍ରଫି

## ଓଡ଼ିଶାର ଉମେଶ ଗୌତମଙ୍କ ଶତକ



ଭୁବନେଶ୍ୱର,୨୯।୮ (ସମିସ): ପୁଡୁଚେରୀରେ ଆଜି ଖେଳାଯାଇଥିବା ୨୩ ବର୍ଷରୁ କମ୍ ସିଏଚେମ୍ ଟ୍ରଫିର ବେଙ୍ଗଲ ବିପକ୍ଷ ମୁକାବିଲାରେ ଓଡ଼ିଶାର ଉମେଶ କୁମାର ଗୌତମ ଶତକ ହାସଲ କରିଛନ୍ତି। ଏହା ଫଳରେ ପ୍ରଥମଦିନ ଖେଳ ଶେଷ ବେଳକୁ ଓଡ଼ିଶା ପ୍ରଥମ ଇନିଂସରେ ୩ ୱିକେଟ ହରାଇ ୧୫୮ ରନ୍ କରିଛି। ଗୌତମ ୧୧୭ ରନ୍‌ରେ ବ୍ୟାଟିଂ କରୁଛନ୍ତି। ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ବେଙ୍ଗଲ ମାତ୍ର ୧୫୪ ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଚନ୍ଦ୍ରହାସ ଦାଶ ୪୧ ଓ ମିଲିନ୍ଦ ମଣ୍ଡଳ ୪୦ ରନ୍ କରିଥିଲେ। ଓଡ଼ିଶାର ସାର୍ଥକ ପଣ୍ଡା ଓ ସାଇଦୀପ ମହାପାତ୍ରଙ୍କୁ ୪ଟି ଲେଖାଏଁ ୱିକେଟ ମିଳିଥିଲା।

# ଲୋମା, ଗୋପାଳ ଓ ପ୍ରଣତିଙ୍କୁ ମିଳିଲା ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର




ଭୁବନେଶ୍ୱର,୨୯।୮ (ସମିସ)

ମୂକ ଓ ବଧୀର ଅଲିମ୍ପିକ୍ସ ପଦକ ବିଜେତା ଲୋମା ସ୍ୱାଇଁ ଏବଂ ବିଶିଷ୍ଟ ଭାରୋତ୍ତୋଳନ ପ୍ରଶିକ୍ଷକ ଗୋପାଳକୃଷ୍ଣ ଦାସଙ୍କୁ ଚଳିତବର୍ଷର ରାଜ୍ୟର ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଆଜୀବନ ଅବଦାନ ନିମନ୍ତେ ଆଥଲେଟ୍ ପ୍ରଣତି ମିଶ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ଜାତୀୟ କ୍ରୀଡ଼ା ଦିବସ ଅବସରରେ ଆଜି ଲୋକସେବା ଭବନରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମୁଖ୍ୟ ଅତିଥିଭାବେ ଯୋଗ ଦେଇ କୃତୀ କ୍ରୀଡ଼ାବିତ୍, ପ୍ରଶିକ୍ଷକଙ୍କୁ ସ୍ମୃତି ଫଳକ, ଉତ୍ତରୀୟ ଓ ଅର୍ଥରାଶି ସହ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ସ୍ୱାଗତ ଭାଷଣ ଦେଇଥିଲାବେଳେ ନିର୍ଦ୍ଦେଶକ ୟେଦୁଲା ବିଜୟ ଧନ୍ୟବାଦ ଅର୍ପଣ କରିଥିଲେ। ଉପରୋକ୍ତ ବ୍ୟକ୍ତିବିଶେଷଙ୍କ ବ୍ୟତୀତ କ୍ରୀଡ଼ା ପ୍ରୋତ୍ସାହନ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଅବଦାନ ନିମନ୍ତେ ସମଲେଶ୍ୱରୀ ସ୍ପୋର୍ଟିଂକୁ, ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡ଼ାବିତ୍ ଭାବେ ସୁଚିତ୍ରା ପରିଡ଼ାଙ୍କୁ, ଶ୍ରେଷ୍ଠ ଉଦୀୟମାନ କନିଷ୍ଠ କ୍ରୀଡ଼ାବିତ୍‌ଭାବେ ପ୍ରତୀକ ମହାରଣା ଓ ପାୟଲ ନାଗଙ୍କୁ ମିଳିତଭାବେ, ଶ୍ରେଷ୍ଠ ବୈଷୟିକ କ୍ରୀଡ଼ା ଅଧିକାରୀ ଭାବେ ପ୍ରବୋଧ କୁମାର ମହାନ୍ତିଙ୍କୁ ଏବଂ କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ ଅବଦାନ ନିମନ୍ତେ ଶକ୍ତି ପ୍ରକାଶ ନନ୍ଦଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରିଥିଲେ। ସମଲେଶ୍ୱରୀ ସ୍ପୋର୍ଟିଂ ପକ୍ଷରୁ ବିଧାୟକ ତଥା ସ୍ପୋର୍ଟିଂର ଅଧ୍ୟକ୍ଷ ଜୟନାରାୟଣ ମିଶ୍ର ପୁରସ୍କାର ଗ୍ରହଣ କରିଥିଲେ।



## ମୁମ୍ବାଇ ଇନିଂସ ଅଗ୍ରଣୀ

ଭୁବନେଶ୍ୱର,୨୯।୮ (ସମିସ): ସିଏଚେମ୍ ଟ୍ରଫିର ସିନିଅର ମୁକାବିଲାରେ ଓଡ଼ିଶା ବିପକ୍ଷରେ ମୁମ୍ବାଇ ପ୍ରଥମ ଇନିଂସ ଅଗ୍ରଣୀ ନେଇଛି। ପ୍ରଥମ ଇନିଂସରେ ମୁମ୍ବାଇ ୧୯୨ ରନ୍ କରିଥିଲା। ଏହା ପରେ ଅଥର୍ବ ଭୋସ୍‌ଲେ ୫ଟି ଓ ମ୍ୟାକ୍ସୱେଲ ସ୍ୱାମୀନାଥନ ୪ଟି ୱିକେଟ ନେବା ଫଳରେ ଓଡ଼ିଶାର ପ୍ରଥମ ଇନିଂସ ୧୭୭ ରନ୍‌ରେ ସୀମିତ ରହିଥିଲା। ଦଳ ପକ୍ଷରୁ ସନ୍ଦୀପ ପଟ୍ଟନାୟକ ୩୬ ଓ ଓମ୍‌ଟି ମୁଣ୍ଡେ ୩୪ରନ୍ କରିଥିଲେ। ପ୍ରଥମ ଇନିଂସରେ ୧୪ ରନ୍‌ରେ ଆଗୁଆ ରହିଥିବା ମୁମ୍ବାଇ ଦ୍ୱିତୀୟ ଇନିଂସରେ ୫ ୱିକେଟ ହରାଇ ୭୯ ରନ୍ ସଂଗ୍ରହ କରିନେଇଛି। ଦଳ ମୋଟରେ ୯୪ ରନ୍‌ରେ ଆଗୁଆ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS